

**ବିସ୍ଫୋରକ ଅଭିଷେକ**

▶ପୃଷ୍ଠା ୧୪ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-218 ◆BHUBANESWAR ◆MONDAY ◆3 FEBRUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୧୮ ◆ଭୁବନେଶ୍ୱର ◆ସୋମବାର ◆୩ ଫେବୃଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


## ମା'ର ମୃତଦେହ ସହ ୧୦ ଦିନ ରହିଲେ ୨ ଝିଅ

■ **ହାଇଦରାବାଦ, ୨।୨ (ଏଜେନ୍ସି):** ମାଆର ମୃତ୍ୟୁକୁ ସହ୍ୟ କରି ନପାରି ଏକପ୍ରକାର ମୂକ ପାଲଟି ଯାଇଥିବା ଦୁଇ ଝିଅ ମୃତଦେହ ସହ ୧୦ ଦିନ କାଟିବା ଭଳି ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି। ଏଡି ଘଟଣା ହାଇଦରାବଦର ବୌଦ୍ଧନଗର ଅଞ୍ଚଳରେ ଦେଖିବାକୁ ମିଳିଛି। ଏହି ଅଞ୍ଚଳରେ ଏକ ଭଡ଼ା ଘରେ ରହୁଥିବା ୪୫ ବର୍ଷୀୟା ସି ଲଳିତାଙ୍କ ଗତ ଜାନୁଆରୀ ୨୩ ତାରିଖରେ ହୋଇଥିଲା। କିନ୍ତୁ ଲଳିତାଙ୍କ ସହ ରହୁଥିବା ତାଙ୍କର ଦୁଇ ଝିଅ ସି ଯଶିତା (୨୨) ଏବଂ ସି ରାଭଳି(୨୫) ମାଆଙ୍କ ମୃତ୍ୟୁକୁ ନେଇ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ସେମାନେ ମାନସିକସ୍ତରରେ ଏତେ ଭାଙ୍ଗି ପଡ଼ିଥିଲେ ଯେ, ଏକପ୍ରକାର ମୂକ ପାଲଟିଯାଇଥିଲେ। ଏପରିକି ସେମାନଙ୍କ ମାଆଙ୍କ ମୃତ୍ୟୁ ସମ୍ପର୍କରେ ପଡ଼ୋଶୀ କିମ୍ବା ପୁଲିସକୁ ଜଣାଇ ନଥିଲେ। ଉଭୟ କେବଳ ପାଣି ପିଇ ମୃତଦେହ ନିକଟରେ ୧୦ ଦିନ ଜଗି ବସିଥିଲେ। ଘରୁ ଦୁର୍ଗନ୍ଧ ଆସିବାରୁ ପଡୋଶୀଙ୍କଠାରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ମାଆର ମୃତ୍ୟୁ ପରେ ଦୁଇ ଭଉଣୀ ଡିପ୍ରେସନକୁ ଚାଲି ଯାଇଥିଲେ ବୋଲି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜଣାପଡ଼ିଛି। ମାଆଙ୍କ ଅନ୍ତ୍ୟେଷ୍ଟି କାର୍ଯ୍ୟ କରିବାକୁ ଦୁଇ ଝିଅଙ୍କ ନିକଟରେ ଅର୍ଥ ନଥିଲା। ବିଧାୟକଙ୍କ ସହାୟତା ଲୋଡିବା ପରେ ପୁଲିସ ମୃତଦେହକୁ ହସ୍ପିଟାଲ ପଠାଇ ଶବ ବ୍ୟବଚ୍ଛେଦ କରିବା ସହିତ ଶବଦାହ ପାଇଁ ବ୍ୟବସ୍ଥା କରିଥିଲେ।

## ଭାରତର ପ୍ରଥମ ରାଜ୍ୟ | କର୍ଣ୍ଣାଟକରେ ଇଚ୍ଛାମୃତ୍ୟୁକୁ ସ୍ୱୀକୃତି

■ **ବେଙ୍ଗାଲୁରୁ, ୨।୨ (ଏଜେନ୍ସି):** କର୍ଣ୍ଣାଟକ ସରକାର ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ସରକାର ସମ୍ମାନଜନକ ମୃତ୍ୟୁ ତଥା ଇଚ୍ଛାମୃତ୍ୟୁ ଅଧିକାର ପ୍ରଦାନ କରିଛନ୍ତି। ଏଭଳି ଆବେଦନ ପାଇଁ ରାଜ୍ୟରେ ଥିବା ହସ୍ପିଟାଲଗୁଡିକରେ ମେଡିକାଲ ବୋର୍ଡ ଗଠନ କରାଯିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଦିନେଶ ଗୁଣ୍ଡୁ ରାଓ ଘୋଷଣା କରିଛନ୍ତି। ୨୦୨୩ରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ଅନୁସାରେ ଏହି ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି। ଏ ନେଇ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ମଧ୍ୟ ଜାରି କରାଯାଇଛି। ଭାରତର ପ୍ରଥମ ରାଜ୍ୟ ଭାବେ କର୍ଣ୍ଣାଟକ ସରକାର



ଏହି ପଦକ୍ଷେପ ନେଇଛନ୍ତି। ୨୦୨୩ରେ ସୁପ୍ରିମକୋର୍ଟ ସମ୍ମାନର ସହ ମୃତ୍ୟୁ ଅଧିକାରକୁ ସମ୍ବିଧାନର ଧାରା ୨୧ (ଜୀବନଧାରଣର ଅଧିକାର)ରେ ସାମିଲ କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ଦୂରାରୋଗରେ ପୀଡ଼ିତ, ଆରୋଗ୍ୟ ହେବାର ଆଶା ନ ଥିବା, ଦୀର୍ଘଦିନ ହେଲା ଶଯ୍ୟାଶାୟୀ ଥିବା ରୋଗୀ ଏହି ନିଷ୍ପତ୍ତି ଦ୍ୱାରା ଉପକୃତ ହେବେ। ଏଭଳି ରୋଗୀଙ୍କୁ ମେଡିକାଲ ଯାଞ୍ଚ ଏବଂ ଆଇନଗତ ପ୍ରକ୍ରିୟା ପରେ ଇଚ୍ଛା ମୃତ୍ୟୁ ପାଇଁ ଅନୁମତି ଦିଆଯିବ। ନୈତିକ ଏବଂ ଆଇନଗତ ସୀମା ଭିତରେ ରହି ଏହି ନିଷ୍ପତ୍ତି ନେବାକୁ ଅଧିକ ପ୍ରାଧାନ୍ୟ ଦିଆଯିବ।

## ମାଘରେ ଖରାର ହେଣ୍ଟାଳ

**୩୫° ଟପିଲା ପାରଦ**

■ **ଭୁବନେଶ୍ୱର, ୨।୨ (ସମିସ):** ଏକ ସମୟରେ ମାଘ ମାସରେ ବାଘ ପରି ଶୀତ ଭୟରେ ଲୋକେ ଘରୁ ବାହାରୁ ନ ଥିଲେ। ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଥିଲା। ମାତ୍ର ଜଳବାୟୁ ପରିବର୍ତ୍ତନ ମାଘ ମାସର ବାଘ ଶୀତକୁ ଜଙ୍ଗଲରେ ସମାଧି ଦେଇଛି। ଏବେ ମାଘ ମାସରେ ହେଣ୍ଟାଳ ମାରୁଛି ଖରା। ଫେବୃଆରୀ ଆରମ୍ଭରୁ ପାରଦ ଉପରମୁହାଁ। ଆଭ୍ୟନ୍ତରୀଣ ଓଡ଼ିଶାରେ ଦିନ ତାପମାତ୍ରା ୩୫ ଡିଗ୍ରୀ ଅତିକ୍ରମ କରିଛି। ଉପକୂଳ ଓଡ଼ିଶାରେ ମଧ୍ୟ ପୂର୍ବାପେକ୍ଷା ତାତି ବୃଦ୍ଧି ପାଇଛି। ଆଗାମୀ ଦୁଇ ସପ୍ତାହରେ ତାପମାତ୍ରା ୪ ଡିଗ୍ରୀ ଯାଏ ବଢ଼ିପାରେ ବୋଲି ପାଣିପାଗବିଜ୍ଞାନୀ ପୂର୍ବାନୁମାନ କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ମେଘମୁକ୍ତ ଆକାଶ ସହ ସୂର୍ଯ୍ୟଙ୍କ ସିଧା କିରଣ ପୃଥିବୀ ଉପରେ ପଡୁଛି; ତେଣୁ ତାପମାତ୍ରା ବୃଦ୍ଧି ପାଇଛି। ଆଗକୁ ମଧ୍ୟ ତାପମାତ୍ରା ବୃଦ୍ଧି ହେବାସହ ଗୁଲୁଗୁଲି ଅସହ୍ୟ ହେବ ବୋଲି କୁହାଯାଉଛି।

ପାଣିପାଗ ବିଭାଗ ସୂଚନା ଅନୁସାରେ ଗତ ୨୪ ଘଣ୍ଟାରେ ପାରଳାଖେମୁଣ୍ଡିରେ ସର୍ବାଧିକ ୩୫.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଝାରସୁଗୁଡାରେ ୩୫.୨ ଡିଗ୍ରୀ ଏବଂ ବଲାଙ୍ଗୀରରେ ୩୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଆହୁରି ତାପମାତ୍ରା ବୃଦ୍ଧି ପାଇବ। ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ଗଜପତି, ନୂଆପଡା, ଅନୁଗୋଳରେ ତାପମାତ୍ରା ଅହେତୁକ ଭାବରେ ବୃଦ୍ଧି ପାଇବ। ତାପମାତ୍ରା ବୃଦ୍ଧି ସହ ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିବ। ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଘନ କୁହୁଡି ନେଇ ୧୦ଟି ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଖୋର୍ଦ୍ଧା ଏବଂ ନୟାଗଡରେ ଘନ କୁହୁଡି ନେଇ ସତର୍କତା ଜାରି କରାଯାଇଛି। ଏହି ସବୁ ଜିଲ୍ଲାରେ ଦୃଶ୍ୟମାନ ଦୂରତା ୫୦ ମିଟର ତଳକୁ ଖସିଯିବ। କିଛି ଅଞ୍ଚଳରେ ଜିରୋ ଭିଜିବିଲିଟି ହେବାର ସମ୍ଭାବନା ରହିଛି। ଏଥିପାଇଁ ଘାଟିରାସ୍ତା ଏବଂ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ଗାଡ଼ି ଚାଳନା ସମୟରେ ସତର୍କତା ଅବଲମ୍ବନ କରିବା ପାଇଁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।



**୨ ସପ୍ତାହରେ ତାତି ବଢ଼ିବ ୪ ଡିଗ୍ରୀ**

**୧୦ ଜିଲ୍ଲାକୁ ଘନ କୁହୁଡ଼ି ଆଲର୍ଟ ଜାରି**

## ଭାଷଣରେ ସୀମିତ ଓଡ଼ିଶାର 'ସ୍ୱାର୍ଥ' ଓ 'ଅସ୍ମିତା'

# ମହାନଦୀ କୋକେଇ ବାନ୍ଧୁଛି ଡବଲ ଇଞ୍ଜିନ୍

■ **ଭୁବନେଶ୍ୱର, ୨।୨ (ସମିସ):** ନିର୍ବାଚନ ପୂର୍ବରୁ ଡବଲ ଇଞ୍ଜିନ୍ ସରକାର ଓଡ଼ିଶାର 'ଅସ୍ମିତା'ର ସୁରକ୍ଷା କରିବ ବୋଲି ଘୋଷଣା କରିଥିଲା। ରାଜ୍ୟର ବିଜେପି ସରକାର ଓଡ଼ିଶାର 'ସ୍ୱାର୍ଥ' ସହ କୌଣସି ସାଲିସ କରାଯିବ ନାହିଁ ବୋଲି ନିଜେ ମୁଖ୍ୟମନ୍ତ୍ରୀ କହିଥିଲେ। ମାତ୍ର ବିଡ଼ମ୍ବନା ହେଉଛି ଓଡ଼ିଆ 'ଅସ୍ମିତା' ଓ ଓଡ଼ିଶାର 'ସ୍ୱାର୍ଥ' ଏବେ ବିଜେପି ସରକାର ବା ଡବଲ ଇଞ୍ଜିନ୍ ପାଇଁ କୌଣସି ଗୁରୁତ୍ୱ ବହନ କରୁନାହିଁ। ଓଡ଼ିଶାର ଜୀବନଧାରା ମହାନଦୀକୁ ମୃତ ନଦୀରେ ପରିଣତ ପାଇଁ ଛତିଶଗଡ଼ ଷଡ଼ଯନ୍ତ୍ର ବିରୋଧରେ ରାଜ୍ୟର ବିରୋଧୀଦଳଗୁଡ଼ିକ ଲଢ଼େଇ କରୁଥିବାବେଳେ ମହାନଦୀର ସତ୍କାର ପାଇଁ କୋକେଇ ସଜାଡୁଛି ଡବଲ ଇଞ୍ଜିନ୍ ସରକାର। ଆଖି ବୁଜି ଛତିଶଗଡ଼ର ମନମାନିକୁ କେନ୍ଦ୍ର ସରକାର ସମର୍ଥନ କରୁଛନ୍ତି ଓ ବିନା ପ୍ରତିବାଦରେ ରାଜ୍ୟ ସରକାର ଛତିଶଗଡ଼ର



▶ **ମାଘରୁ କମିଲାଣି ପ୍ରବାହ; ବୈଶାଖରେ ଅସମ୍ଭାଳ ଆଶଙ୍କା**

▶ **ଟ୍ରିବ୍ୟୁନାଲର ନୂଆ ଅଧ୍ୟକ୍ଷଙ୍କ ଦାୟିତ୍ୱକୁ ପୂରିଲାଣି ୫୦ ଦିନ**

▶ **ଓଡ଼ିଶା ସପକ୍ଷରେ ଅନ୍ତରୀଣ ଆଦେଶ ଦେବାକୁ କୁଣ୍ଠାବୋଧ**

ଅନ୍ୟାୟକୁ ସହ୍ୟ କରି ଚାଲିଛନ୍ତି। ଯାହାକୁ ନେଇ ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ମାଘ ମାସ ଆରମ୍ଭରୁ ମହାନଦୀରେ ଜଳ ପ୍ରବାହ କମିଲାଣି। ଚଳିତ ବର୍ଷ ପ୍ରଚଣ୍ଡ ଖରା ହେବ ବୋଲି ପାଣିପାଗ ବିଭାଗର ପୂର୍ବାନୁମାନ ଆଗାମୀ ଦିନରେ ଜଳସଙ୍କଟକୁ ଅଧିକ ତୀବ୍ର କରିବ ବୋଲି ଆଶଙ୍କା କରାଯାଉଛି। ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲର ନୂଆ ଅଧ୍ୟକ୍ଷ ଭାବେ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ବେଲା ଏମ୍ ତ୍ରିବେଦୀଙ୍କ ନିଯୁକ୍ତିକୁ ମାସେ ପୂରିଲାଣି। ମାତ୍ର ଏହା ମଧ୍ୟରେ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ଓ ରାଜ୍ୟ ଅର୍ଥନୀତି ଉପରେ ସବୁଠାରୁ ବଡ଼ ପ୍ରଭାବ ରଖୁଥିବା ଏହି ଗୁରୁତର ପ୍ରସଙ୍ଗ ଉପରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ନୂଆ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବା ପରେ ବିବାଦର ଶୁଣାଣି ପାଇଁ ତୁରନ୍ତ ପଦକ୍ଷେପ ନେବେ ବୋଲି ଆଶା କରାଯାଉଥିଲା। ମାତ୍ର ସ୍ଥିତି ପୂର୍ବରୁ ଯେମିତି ଥିଲା, ସେମିତି ହିଁ ରହିଛି। ଯାହାକୁ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ବିଶେଷଜ୍ଞ।

ଡବଲ ଇଞ୍ଜିନ ସରକାରରେ ମହାନଦୀ ବିବାଦର ତ୍ୱରିତ୍ ସମାଧାନ ନେଇ ଆଶା କରାଯାଉଥିଲା। ମାତ୍ର ଗତ ୭ ମାସ ମଧ୍ୟରେ ରାଜ୍ୟ ସରକାର ସେପରି କିଛି ଉଦ୍ୟମ କରିଥିବାର ନଜିର୍ ନାହିଁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତିପକ୍ଷ ଛତିଶଗଡ଼ର ମୁଖ୍ୟମନ୍ତ୍ରୀଙ୍କ ସହ ମହାନଦୀ ▶ପୃଷ୍ଠା-୭

## ୮ରେ ମିଳିବ ଚତୁର୍ଥ ପର୍ଯ୍ୟାୟ 'ସୁଭଦ୍ରା' ଟଙ୍କା

■ **ଭୁବନେଶ୍ୱର, ୨।୨ (ସମିସ):** ଆସନ୍ତା ଫେବୃଆରୀ ୮ ତାରିଖରେ 'ସୁଭଦ୍ରା ଯୋଜନା'ର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଯେଉଁମାନଙ୍କ ପାଖକୁ ବ୍ୟାଙ୍କରୁ ଫୋନ୍ କଲ୍ ଯିବ ସେମାନେ ୩ ଓ ୪ ତାରିଖରେ ବ୍ୟାଙ୍କକୁ ଯାଇ ନିଜର ଇକେୱାଇସି ଅପଡେଟ୍ କରିଦେଲେ ସେମାନଙ୍କୁ ବି ସୁଭଦ୍ରା ଟଙ୍କା ଦିଆଯିବ। ଯଦି ୩/୪ରେ ଏନପିସିଆଇ କ୍ଲିଅର୍ ହୋଇଯିବ, ତେବେ 'ସୁଭଦ୍ରା ଯୋଜନା'ରେ ୧କୋଟି ହିତାଧିକାରୀ ସାମିଲ ହେବେ। ଏ ପର୍ଯ୍ୟନ୍ତ ୮୦ଲକ୍ଷ ମହିଳାଙ୍କ ବ୍ୟାଙ୍କ୍ ଏକାଉଣ୍ଟକୁ ସୁଭଦ୍ରା ଟଙ୍କା ଯାଇ ସାରିଥିବା ବେଳେ ମାର୍ଚ୍ଚ ୮ ତାରିଖ ସୁଦ୍ଧା ଯେତେ ସଂଖ୍ୟକ ମହିଳାଙ୍କୁ ସମ୍ଭବ ଦିଆଯିବ। ସେହିପରି ମାର୍ଚ୍ଚ ୮ ତାରିଖରେ 'ସୁଭଦ୍ରା ଯୋଜନା'ର ଦ୍ୱିତୀୟ କିସ୍ତିର ପ୍ରଥମ ପର୍ଯ୍ୟାୟ ଟଙ୍କା ପ୍ରଦାନ କରାଯିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ସୂଚନା ଅନୁସାରେ, ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ପାଇବା ପାଇଁ ଆବେଦନକାରୀମାନେ ଅପେକ୍ଷାରେ ଅଛନ୍ତି। ▶ପୃଷ୍ଠା-୭

**୩ ଓ ୪ ତାରିଖରେ ବ୍ୟାଙ୍କରେ କେୱାଇସି ଅପଡେଟ ପାଇଁ ନିର୍ଦ୍ଦେଶ**

# ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧ ଘୋଷଣା

## ଟାର୍ଗେଟରେ ଚୀନ, କାନାଡ଼ା, ମେକ୍ସିକୋ

■ **ୱାସିଂଟନ, ୨।୨ (ଏଜେନ୍ସି):** ଦ୍ୱିତୀୟ ଥର ଲାଗି ଆମେରିକାର ରାଷ୍ଟ୍ରପତି ହେବାପରେ ଡୋନାଲ୍ଡ ଟ୍ରମ୍ପ ଗୋଟିଏ ପରେ ଗୋଟିଏ ବିବାଦୀୟ ନିଷ୍ପତ୍ତିମାନ ନେବାରେ ଲାଗିଛନ୍ତି। ଆମେରିକାରେ ବେଆଇନ ଭାବେ ରହୁଥିବା ବିଦେଶୀ ନାଗରିକମାନଙ୍କୁ ସେ ତଡ଼ିବା ଆରମ୍ଭ କରିଥିଲେ। ଏହାକୁ ନେଇ ବିଶ୍ୱବ୍ୟାପୀ ପ୍ରତିକ୍ରିୟା ଲାଗିରହିଥିବା ବେଳେ ଶୁଳ୍କ ଯୁଦ୍ଧ ଘୋଷଣା କରି ଟ୍ରମ୍ପ ବିଶ୍ୱ ବଜାରରେ ଅପ୍ରିୟ ପରିସ୍ଥିତି ସୃଷ୍ଟି କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଚୀନ, କାନାଡ଼ା ଏବଂ ମେକ୍ସିକୋରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଟ୍ରମ୍ପ ଅଧିକ ଶୁଳ୍କ ଧାର୍ଯ୍ୟ କରିଛନ୍ତି। ତାଙ୍କର ଏଭଳି ନିଷ୍ପତ୍ତିରେ ସଂପୃକ୍ତ ରାଷ୍ଟ୍ର କ୍ଷୋଭ ପ୍ରକାଶ କରିଛନ୍ତି। କାନାଡ଼ା ପାଲଟା ପଦକ୍ଷେପ ନେଇ ଆମେରିକାରୁ ଆମଦାନୀ ହେଉଥିବା



**ପ୍ରଥମ ପର୍ଯ୍ୟାୟରେ ଭାରତକୁ ଆଶ୍ୱସ୍ତି**

ସାମଗ୍ରୀ ଉପରେ ଅଧିକ ଶୁଳ୍କ ଲାଗୁ କରିଥିବା ବେଳେ ଚୀନ ମଧ୍ୟ ଏଭଳି ପଦକ୍ଷେପ ନେବାକୁ ଧମକ ଦେଇଛି।

ଏହି ତିନିଟି ଦେଶ ଉପରେ ଅଧିକ ଆମଦାନୀ ଶୁଳ୍କ ଲାଗୁ କରିବା ପଛରେ ଆମେରିକା ତିନିଟି କାରଣ ଦର୍ଶାଇଛି। ପ୍ରଥମଟି ହେଲା ଶରଣାର୍ଥୀ ସମସ୍ୟା ସମାଧାନରେ ସେମାନେ ଆମେରିକାକୁ ସହାୟତା କରୁ ନାହାନ୍ତି। ଚୀନ ଓ ଅନ୍ୟ ଦେଶରୁ ଆମଦାନୀ ହେଉଥିବା ଔଷଧରେ ଡ୍ରଗ୍ସ ପରିମାଣ ଅଧିକ ରହିଛି। ଟ୍ରମ୍ପ କହିଛନ୍ତି ଯେ ଚୀନ ଯେଉଁ ପେନ୍ କିଲର ମେଡିସିନ ପଠାଉଛି ସେଥିରେ ଡ୍ରଗ୍ସ ପରିମାଣ ଅଧିକ ରହିବାରୁ ଏହାର ସେବନ କରି ଆମେରିକାରେ ଶହ ଶହ ଲୋକଙ୍କର ଜୀବନ ଯାଉଛି। ତୃତୀୟ କାରଣଟି ହେଲା ଏହି ଦେଶ ସହିତ ଆମେରିକାର ବାଣିଜ୍ୟିକ ନିଅଣ୍ଟ (ଟ୍ରେଡ୍ ଡେଫିସିଟ୍) ଅଧିକ ରହିଛି।

ଟ୍ରମ୍ପ ପ୍ରଶାସନ କାନାଡା ଏବଂ ମେକ୍ସିକୋ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିବା ବେଳେ ଚୀନ୍ ଉପରେ ୧୦ ପ୍ରତିଶତ ଅତିରିକ୍ତ ଶୁଳ୍କ ▶ପୃଷ୍ଠା-୭

## ଜମିବିକ୍ରି ଟଙ୍କା ଭାଗବଣ୍ଟାକୁ ନେଇ ହତ୍ୟାକାଣ୍ଡ

# ଜଙ୍ଗଲରେ ଲୁଚାଇଥିଲେ ଶବ

■ **ବାରିପଦା, ୨।୨ (ସମିସ):** ଜମି ବିକ୍ରି ଟଙ୍କା ଭାଗବଣ୍ଟାକୁ କେନ୍ଦ୍ର କରି ଜଣେ ବ୍ୟବସାୟୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦେବା ଭଳି ଏକ ଜଘନ୍ୟ ଆପରାଧିକ ଘଟଣାର ପର୍ଦ୍ଦାଫାସ୍ କରିଛି ଭଞ୍ଜପୁର ଥାନା ପୁଲିସ୍। ପୁଲିସ୍ ଆଜି ସଂପୃକ୍ତ ବ୍ୟବସାୟୀଙ୍କ ଗଳିତ ମୃତଦେହ ଜବତ କରିବା ସହ ଏହି ଘଟଣାରେ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମୃତକ ହେଲେ, ବାରିପଦା ସଦର ଥାନା ଅନ୍ତର୍ଗତ ଦାମୋଦରପୁର ଅଞ୍ଚଳର ସାଲଖୁ ମାର୍ଣ୍ଡି। ବାରିପଦା ସହରଠାରୁ ୮କିମି ଦୂର ବେତନଟୀ ଥାନା ଅନ୍ତର୍ଗତ ଜାମଶୋଳ ଗ୍ରାମ କେନାଲ ପାର୍ଶ୍ୱ ସଂରକ୍ଷିତ ଜଙ୍ଗଲରୁ ପୁଲିସ୍ ଆଜି ସଂଧ୍ୟାରେ ▶ପୃଷ୍ଠା-୭



**୫ ଦିନ ପରେ ଗଳିତ ଶବ ଉଦ୍ଧାର**

**୨ ଅଭିଯୁକ୍ତ ଗିରଫ, ୫ ଅଟକ**

**ସିନ୍-ରିକ୍ରିଏସନ୍ କରାଇଲା ପୁଲିସ୍**


SIKSHA 'O' ANUSANDHAN

SAAT-2025

Empowering students for a brighter future

EMERGING B.TECH PROGRAMMES IN COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


## କ୍ରୀଡ଼ା ପ୍ରତି ପ୍ରତିବଦ୍ଧତା ଏମିତି... 'କଳିଙ୍ଗ' ପରେ 'ବିର୍ସାମୁଣ୍ଡା'

# ଦୌଡ଼ ଟ୍ରାକ୍‌ରେ ଗାଡ଼ି; ହକି ଟର୍ଫରେ ନାଚକୁଦ

■ **ଭୁବନେଶ୍ୱର, ୨।୨ (ସମିସ):** କିଛିଦିନ ତଳେ କଳିଙ୍ଗ ଷ୍ଟାଡ଼ିୟମର ଆଥଲେଟିକ୍ ଟ୍ରାକ୍‌ରେ କ୍ରୀଡ଼ାମନ୍ତ୍ରୀଙ୍କ ହାତୀପରି ଗାଡ଼ି ବୁଲିଲା। ଏହାକୁ ନେଇ ବିଭିନ୍ନ ମହଲରେ ସମାଲୋଚନା ହେଲା। କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀମାନେ ଏ ପ୍ରସଙ୍ଗରେ ସରକାରଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଲେ। ଦିନ କେଇଟା ଯାଇନାହିଁ; ରାଉରକେଲାରେ ବିଶ୍ୱର ସବୁଠୁ ବଡ଼ ହକି ଷ୍ଟାଡ଼ିୟମ ବିର୍ସା ମୁଣ୍ଡା ହକି ଟର୍ଫ ଉପରେ ସିନେ ତାରକା ଓ ତାଙ୍କ ଦଳର ନାଚଗୀତ ଆୟୋଜନ ସରକାରଙ୍କ କ୍ରୀଡ଼ା ପ୍ରତିବଦ୍ଧତା ଉପରେ ପ୍ରଶ୍ନ ଚିହ୍ନ ଆଙ୍କିଛି। ବିଡ଼ମ୍ବନା ହେଉଛି ଖୋଦ୍ ମୁଖ୍ୟମନ୍ତ୍ରୀ ଓ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ଘଟଣାକୁ ନେଇ ହକି ଖେଳାଳି ଓ କ୍ରୀଡ଼ବିତ୍‌ମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କେବଳ ସେତିକି ନୁହେଁ, ହକି ଖେଳ ସମୟରେ ଅବ୍ୟବସ୍ଥା ମଧ୍ୟ ବ୍ୟବସ୍ଥାଗତ ତ୍ରୁଟିକୁ ପଦାରେ ପକାଇଛି।

ବିଶ୍ୱର ସର୍ବ ବୃହତ ହକି ଷ୍ଟାଡିୟମ୍ ଭାବେ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ଉପରେ ଦୁନିଆ ଯାକର କ୍ରୀଡ଼ା ପ୍ରେମୀଙ୍କ ନଜର ରହିଛି। ବିଶେଷକରି ଓଡିଶା ଯେପରି ଭାବେ ସେଠାରେ ବିଶ୍ୱକପ୍ ହକି ଆୟୋଜନ କଲା ତାହା ଲୋକଙ୍କ ମଧ୍ୟରେ ଉତ୍କଣ୍ଠାକୁ ବେଶ୍ ବଢ଼ାଇ ଦେଇଛି। ପ୍ରତି ଥର ଲୋକେ ଅଧିକ ଆଶା ରଖିଛନ୍ତି। କିନ୍ତୁ ହକି ବିଶ୍ୱକପ୍ ଭଳି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଆୟୋଜନରେ ▶ପୃଷ୍ଠା-୭

**ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ରେ ଚରମ ଅବ୍ୟବସ୍ଥାକୁ ନିନ୍ଦା**



## ଷ୍ଟାଡିୟମରେ ଦଳାଚକଟା

■ **ରାଉରକେଲା, ୨।୨ (ସମିସ):** ଶନିବାର ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ପୁରୁଷ ହକି ଇଣ୍ଡିଆ ଲିଗ୍ ଉଦ୍‌ଯାପିତ ଉତ୍ସବରେ ସୃଷ୍ଟି ହୋଇଥିବା ଅ ବ ୟବ ସ୍ଥ । କ୍ରୀଡ଼ାପ୍ରେମୀଙ୍କୁ ନିରାଶ କରିଛି। ପରିଚାଳନାଗତ ତ୍ରୁଟି ଯୋଗୁଁ ଫାଟକ ଓ ବ୍ୟାରିକେଡ୍ ଭାଙ୍ଗି ଦର୍ଶକ ଭିତରେ ପଶିବା ପରେ ଯେଉଁ ଦଳାଚକଟା ଅବସ୍ଥା ସୃଷ୍ଟି ହେଲା ତାହା ରାଜ୍ୟ କ୍ରୀଡ଼ା ଇତିହାସରେ ▶ପୃଷ୍ଠା-୭

**ଭାଙ୍ଗିଲା ଫାଟକ, ବ୍ୟାରିକେଡ୍**

ଅଜବ ଗଜବ

# ପୋଷା କୁକୁର ବାହାଘରରେ ଅଜାଡ଼ିଥିଲେ କୋଟି କୋଟି



ସବୁବେଳେ ରାଜା, ମହାରାଜା, ନବାବମାନଙ୍କର ଜୀବନଶୈଳୀ ଓ ସଉକ ଚର୍ଚ୍ଚାରେ ରହିଥାଏ । ଏହି କ୍ରମରେ ଜୁନାଗଡ଼ର ନବାବ ମହାବତ ଖାନ୍ ଭାରି କୁକୁର ପ୍ରେମୀ ଥିଲେ । ତାଙ୍କ ପାଖରେ ବିଭିନ୍ନ ପ୍ରଜାତିର ପାଖପାଖି ୧୦୦୦ କୁକୁର ଥିଲେ । ଏହି କୁକୁରମାନଙ୍କ ପାଇଁ ସେ ଅଲଗା ଅଲଗା କକ୍ଷ, ଟେଲିଫୋନ୍, ଘରୋଇ ସହାୟକ ବ୍ୟବସ୍ଥା କରିଥିଲେ । ତେବେ ଏହି ତମାମ୍ କୁକୁରମାନଙ୍କ ମଧ୍ୟରେ 'ରୋଶନାରା' ନାମକ ଏକ ମାଈ କୁକୁର ନବାବଙ୍କର ଅତିପ୍ରିୟ ଥିଲା । ସେ ରୋଶନାରା ସହ ବବି ନାମକ କୁକୁରର ବିବାହ କରିବାକୁ ସ୍ଥିର କରିଥିଲେ । ଏହି ବିବାହରେ ନବାବ ଆଜିକା ବଜାରଦରରେ ପାଖାପାଖି ୨ କୋଟି ଟଙ୍କା ଖର୍ଚ୍ଚ କରିଥିଲେ । ରୋଶନାରାଙ୍କୁ ବିବାହ ସମୟରେ ସୁନା ହାର, ବ୍ରେସଲେଟ୍ ଓ ମହଙ୍ଗା ପୋଷାକ ପିନ୍ଧାଯାଇଥିଲା । ସେହିପରି ୨୫୦ କୁକୁର ରେଳ ଷ୍ଟେସନରେ ରୋଶନାରାର ସ୍ୱାଗତ କରିଥିଲେ । ଏହି ବାହାଘରରେ ଯୋଗ ଦେବା ପାଇଁ ରାଜା, ମହାରାଜାଙ୍କ ସହ ଭାଇସ୍‌ରାୟଙ୍କୁ ଆମନ୍ତ୍ରିତ କରାଯାଇଥିଲା । କିନ୍ତୁ ଭାଇସ୍‌ରାୟ ଏଥିରେ ଯୋଗ ଦେଇ ନ ଥିଲେ । ଏହି ବିବାହରେ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଅତିଥି ଯୋଗ ଦେଇଥିଲେ । କୁହାଯାଏ, ଏହି ବାହାଘର ପାଇଁ ଯେତେ ଅର୍ଥ ଖର୍ଚ୍ଚ କରାଯାଇଥିଲା, ସେଥିରେ ଜୁନାଗଡ଼ର ତତ୍କାଳୀନ ୬,୨୦,୦୦୦ ବାସିନ୍ଦାଙ୍କର ଅନେକ ଆବଶ୍ୟକତାକୁ ପୂରଣ କରାଯାଇ ପାରିଥାନ୍ତା ।

# ପର୍ଶୁରାମଙ୍କ ଭୂମିକାରେ ଭିକି



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଭିକି କୌଶଲ ଏବେ ତାଙ୍କ ଫିଲ୍ମ 'ଛାବା'କୁ ନେଇ ଚର୍ଚ୍ଚାରେ ଅଛନ୍ତି । ଇତିମଧ୍ୟରେ ତାଙ୍କ ହାତକୁ ଆଉ ଏକ ବଡ଼ ପ୍ରୋଜେକ୍ଟରୁ ଅଫର୍ ଆସିଛି । ଫିଲ୍ମର ଟାଇଟଲ୍ ରହିଛି 'ମହାବତାର' । ନୀରେନ୍ ଭଟ୍ଟ ଏହାର କାହାଣୀ ଲେଖିଛନ୍ତି । ଏହା ଏକ ପୌରାଣିକ ଫିଲ୍ମ ହେବ । ଏଥିରେ ଭିକି ଭଗବାନ ପର୍ଶୁରାମଙ୍କ ଭୂମିକାରେ ନଜର ଆସିବେ । ନିକଟରେ ଏକ ସାକ୍ଷାତକାରରେ ନୀରେନ୍ କହିଥିଲେ ଯେ, 'ଏବେ ଆମର ପୂରା ଧ୍ୟାନ 'ମହାବତାର' ଉପରେ ରହିଛି । ଏହି ଫିଲ୍ମ ପାଇଁ ଅଧିକ ପରିଶ୍ରମ କରିବାକୁ ପଡ଼ିବ । ଏଥିରେ ଭଗବାନ ପର୍ଶୁରାମଙ୍କ କାହାଣୀ ଦେଖାଯିବ ।' କିଛି ଦିନ ପୂର୍ବରୁ ମ୍ୟାଡକ୍ ଫିଲ୍ମସ୍ 'ମହାବତାର'ର ପୋଷ୍ଟର୍ ସେୟାର୍ କରି ଫିଲ୍ମ ବିଷୟରେ ସୂଚନା ଦେଇଥିଲା । ଦିନେଶ ବିଜନ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି । ଏହି ଫିଲ୍ମ ଚଳିତ ବର୍ଷ ଶେଷ ଆଡ଼କୁ ରିଲିଜ୍ ହୋଇପାରେ ।

## ଆଜିର ଇତିହାସ

- ୧୮୧୫- ବିଶ୍ୱର ପ୍ରଥମ ପନିର ପ୍ରସ୍ତୁତି କାରଖାନା ସ୍ୱିଜରଲ୍ୟାଣ୍ଡରେ ସ୍ଥାପନହେଲା ।
- ୧୯୧୬- ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ।
- ୧୯୫୪- ଆହ୍ଲାବାଦର ପ୍ରୟାଗ କୁମ୍ଭ ଅବସରରେ ଦଳାଚକଟା ଯୋଗୁଁ ୫୦୦ ଲୋକଙ୍କ ପ୍ରାଣହାନି ।
- ୧୯୮୨- ଜନ୍ ସାର୍ପେଲସ୍ ୩୭୧ ଘଣ୍ଟା ଡିସ୍କୋ ନୃତ୍ୟ କରି ରେକର୍ଡ କରିଥିଲେ ।
- ୧୯୮୮- ଆଇଏନ୍‌ଏସ୍ ଚକ୍ରକୁ ଭାରତୀୟ ନୌସେନାରେ ସାମିଲ କରାଗଲା ।
- ୨୦୧୮- ଭାରତ ଚତୁର୍ଥ ଥର ପାଇଁ ୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ୍ ଜିତିଲା ।

# ସ୍ଲିପ୍ ଟୁରିଜିମ୍ ହବ୍ ପାଲଟିଛି ସ୍ୱିଡେନ



ସାଧାରଣତଃ ପର୍ଯ୍ୟଟକମାନେ ବୁଲାବୁଲି, ମଜାମସ୍ତି, ପାର୍ଟି ତଥା ମନୋରଞ୍ଜନ ପାଇଁ ଦେଶ-ବିଦେଶ ଯାତ୍ରା କରିଥାନ୍ତି । କିନ୍ତୁ ବର୍ତ୍ତମାନ ସମୟରେ ଲୋକେ ବ୍ୟସ୍ତ ଜୀବନ ଶୈଳୀରୁ ଦୂରେଇ ଶାନ୍ତିପୂର୍ଣ୍ଣ ପରିବେଶରେ ଶୋଇବା ପାଇଁ ସ୍ୱତନ୍ତ୍ର ସ୍ଥାନକୁ ଯାଉଛନ୍ତି । ଯାହାକୁ ସ୍ଲିପ୍ ଟୁରିଜିମ୍ ବୋଲି କୁହାଯାଉଛି । ତେବେ ଏହି ପରିପ୍ରେକ୍ଷୀରେ ଏବେ ସ୍ୱିଡେନ ସ୍ଲିପ୍ ଟୁରିଜିମ୍ ପାଇଁ ବିଶ୍ୱସ୍ତରୀୟ ଗନ୍ତବ୍ୟସ୍ଥଳ ହେବାକୁ ଯାଉଛି । ଅନିଦ୍ରା ତଥା ଅବସାଦଗ୍ରସ୍ତ ଲୋକେ ଆସି ଏଠାରେ ଶାନ୍ତି ନିଦ୍ରା ଯାଉଛନ୍ତି । ପ୍ରକୃତରେ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ଥଣ୍ଡା ପରିବେଶ ଲୋକଙ୍କୁ ମାନସିକ ଶାନ୍ତି ପ୍ରଦାନ କରିଥାଏ । ଏଠାକୁ ଲୋକେ ଆସି ଅବସାଦ ଦୂର କରିବା ପାଇଁ ଜଙ୍ଗଲ ମଝିରେ ଚାଦର ବିଛାଇ ନିଘୋଡ଼ ନିଦରେ ଶୋଇ ଯାଆନ୍ତି । ତେବେ ସ୍ୱିଡେନରେ ପରିଚାଳିତ ଏହି ସ୍ଲିପ୍ ଟୁରିଜିମ୍‌ରେ କୌଣସି ବିଶେଷ ଥେରାପି ବ୍ୟବହୃତ ହୁଏ ନାହିଁ, କି ଲୋକଙ୍କୁ ଅତ୍ୟାଧୁନିକ ସୁବିଧା ଯୋଗାଇ ଦିଆଯାଏ ନାହିଁ । ଲୋକେ ନିରୁତା ପ୍ରକୃତି କୋଳରେ ନିଦ୍ରା ଯାଇଥାନ୍ତି । ସେହିପରି ଏଠାରେ ସ୍ୱାର୍ଟସୋ ନାମରେ ଏକ ଛୋଟିଆ ଗାଁ ରହିଛି । ଯେଉଁଠି ମାତ୍ର ୬୫ ଜଣ ଲୋକ ବସବାସ କରନ୍ତି । ଏହି ସ୍ଥାନର ସୁନ୍ଦରତା ତଥା ପ୍ରାକୃତିକ ପରିବେଶ ପାଇଁ ବିଶ୍ୱର ବିଭିନ୍ନ ସ୍ଥାନରୁ ଲୋକେ ଶାନ୍ତିପୂର୍ଣ୍ଣ ନିଦ୍ରା ତଥା ପ୍ରକୃତି ମଧ୍ୟରେ କିଛି ସମୟ ବିତାଇବା ପାଇଁ ଆସିଥାନ୍ତି । ସେହିପରି ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ସଫାସୁତୁରା କୋଠରି, ଚଉକି, ଖଟ ସାଙ୍ଗକୁ ଜିନିଷ ରଖିବା ପାଇଁ ଆଲମିରା ଦିଆଯାଇଥାଏ । କିନ୍ତୁ ଏଠାରେ ଟିଭି କିମ୍ବା ମନୋରଞ୍ଜନର କୌଣସି ଉପକରଣ ଦିଆଯାଏ ନାହିଁ । କେବଳ ଲୋକେ ପ୍ରାକୃତିକ ପରିବେଶରେ ରହି ପ୍ରକୃତିର ଅନୁଭୂତି ନେଇଥାନ୍ତି । ଅନ୍ୟପକ୍ଷରେ ସ୍ୱିଡେନର କିଛି ହୋଟେଲ ବ୍ଲାକ୍‌ଆଉଟ୍ ରୁମ୍, ମୋବାଇଲ୍ ମୁକ୍ତ ଶାନ୍ତ ବାତାବରଣ ସାଙ୍ଗକୁ ସ୍ଲିପ୍ – ପ୍ଲେଲିଷ୍ଟ ଭଳି ସୁବିଧା ଦେଇଥାନ୍ତି । ତେବେ ଏନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା, ସ୍ୱିଡେନର ଥଣ୍ଡା ଓ ଶୀତଳ ପରିବେଶ ମାନସିକ ଶାନ୍ତି ପ୍ରଦାନ କରିଥାଏ । ଏହା ଅନିଦ୍ରା ସମସ୍ୟା ଦୂର କରିଥାଏ ।

# ଶରୀରରୁ ବାହାରୁଛି କୋଲେଷ୍ଟ୍ରୋଲ

ଆମେରିକା ଫ୍ଲୋରିଡାରୁ ଏକ ବିଚିତ୍ର ମାମଲା ସାମ୍ନାକୁ ଆସିଛି । ଜଣେ ୪୦ ବର୍ଷୀୟ ବ୍ୟକ୍ତିଙ୍କ ଶରୀରରୁ କୋଲେଷ୍ଟ୍ରୋଲ ବାହାରୁଥିବା ଦେଖିବାକୁ ମିଳିଛି । ନିକଟରେ ସେ ଟାମ୍ପା ହସ୍‌ପିଟାଲରେ ଚିକିତ୍ସିତ ହେବାକୁ ଆସିଥିବା ବେଳେ ଏକଥା ସାମ୍ନାକୁ ଆସିଛି । ସେ ଡାକ୍ତରଖାନାକୁ ଆସିବା ପୂର୍ବରୁ ଲଗାତାର ତିନି ସପ୍ତାହ ଧରି ତାଙ୍କ ହାତ ପାପୁଲି, ତଳିପା ଏବଂ ଆଣ୍ଠୁରୁ ହଳଦିଆ ରଙ୍ଗର ଏକ ତରଳ ପଦାର୍ଥ ବାହାରୁଥିଲା । ଅବଶ୍ୟ ଏଥିଯୋଗୁଁ ତାଙ୍କୁ କୌଣସି ଯନ୍ତ୍ରଣା ହେଉ ନ ଥିଲା । ତେବେ ତାଙ୍କ ଶରୀରରେ ଏପରି ବିଲକ୍ଷଣ ଦେଖାଯିବାର ଆଠ ମାସ ପୂର୍ବରୁ ସେ ମାଂସାହାର ବା କାର୍ନିଭୋର୍ ଡାଏଟ୍ ଆପଣାଇଥିବା ଡାକ୍ତରଙ୍କୁ କହିଛନ୍ତି । ଏହି ଡାଏଟ୍ ଶୀଘ୍ର ଓଜନ ହ୍ରାସ କରିବା ଦିଗରେ ସାହାଯ୍ୟ କରେ । ତେବେ ଏହି ଡାଏଟ୍ ଦ୍ୱାରା କେବଳ ଆନିମଲ ପ୍ରୋଟିନ୍ ଖାଇବା ଉପରେ ପ୍ରାଧାନ୍ୟ ଦିଆଯାଏ । ମୁଖ୍ୟତଃ ମାଛ, ମାଂସ, ଅଣ୍ଡା, ଲହୁଣି ଆଦି । ଏପ୍ରକାର ଖାଦ୍ୟରେ ଫଳ, ପନିପରିବା, ଡାଲି, ଶସ୍ୟ ଆଦିକୁ ବାଦ୍ ଦିଆଯାଏ । ଅନ୍ୟପଟେ ବ୍ୟକ୍ତିଙ୍କ ଏଭଳି ଅବସ୍ଥାକୁ ଦେଖି ଡାକ୍ତର କହିଛନ୍ତି, ତାଙ୍କ ଡାଏଟ୍‌ରେ ୨.୭ କେଜିରୁ ଅଧିକ ଚିଜ୍, ୪.୧ କେଜି ବଟର ସାମିଲ ଥିଲା । ଏଥିଯୋଗୁଁ ତାଙ୍କ ଶରୀରରେ କୋଲେଷ୍ଟ୍ରୋଲର ମାତ୍ରା ୧୦୦୦ ମିଲିଗ୍ରାମ୍‌ରୁ ଅଧିକ ରହିଥିଲା । ଜଣେ ସୁସ୍ଥ ଲୋକର ଶରୀରରେ କୋଲେଷ୍ଟ୍ରୋଲ ମାତ୍ରା ୨୦୦ ମିଲିଗ୍ରାମ୍ ରହିବା ଆବଶ୍ୟକ । ସେହିଭଳି ବ୍ୟକ୍ତି ଜଣକ ମାଂସହାର ଆପଣାଇବା ପୂର୍ବରୁ ତାଙ୍କ ଶରୀରରେ କୋଲେଷ୍ଟ୍ରୋଲ ମାତ୍ରା ୨୧୦ ମିଲିଗ୍ରାମ୍ ରହୁଥିଲା । ଅନ୍ୟପଟେ ଏହି ବ୍ୟକ୍ତି ଜଣକ ଜାନ୍ଥେଲାଜ୍‌ମାରେ ଚିକିତ୍ସିତ ହେଉଛନ୍ତି । ଏହା ଏମିତି ଏକ ସ୍ଥିତି, ଯେଉଁଥିରେ ଶରୀରର କୋଲେଷ୍ଟ୍ରୋଲ ହଳଦିଆ ରଙ୍ଗର ପ୍ୟାଚ୍ ଭଳି ଆଖିପତାରେ ଦେଖାଦେଇଥାଏ । ତେବେ ବିଶେଷଜ୍ଞମାନେ ଏଯାଏଁ ତାଙ୍କର ଚିକିତ୍ସା ପଦ୍ଧତି ସମ୍ପର୍କରେ କିଛି କହି ନାହାନ୍ତି ।



# ୨୫୦୦ ବର୍ଷ ପୁରୁଣା ବରଗଛ



ପରିବେଶ ସୁରକ୍ଷା ହେଉ କି ପ୍ରାଣୀ ଜଗତର ଜୀବନ ରକ୍ଷା, ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ବୃକ୍ଷ ହିଁ ସର୍ବଦା ସହାୟକ ହୋଇଥାଏ । ଗାଁରୁ ସହର ଅନେକ ଛକସ୍ଥାନରେ ବର୍ଷ ବର୍ଷ ଧରି ବରଗଛଗୁଡ଼ିକ ଦଣ୍ଡାୟମାନ ହୋଇ ରହିଥାଏ । କେତେବେଳେ ବରଗଛ ମୂଳେ ନ୍ୟାୟ ନିଶାପ ବସେ ତ ଆଉ କେତେବେଳେ ପୂଜା ପାଇଥାନ୍ତି ଗ୍ରାମ ଦେବତୀ । ଏହି କ୍ରମରେ ଆନ୍ଧ୍ରପ୍ରଦେଶର କଦିରି ଗାଁରେ ଏକ ବିଶାଳକାୟ ବରଗଛ ରହିଛି । 'ଥିମ୍ମମ୍ମା ମାରିମନୁ' ନାମରେ ପରିଚିତ ଏହି ବୃକ୍ଷକୁ ବିଶ୍ୱର ସବୁଠୁ ବଡ଼ ବରଗଛ ବୋଲି କୁହାଯାଏ । ଏହି ବୃକ୍ଷ କେବଳ ଏହାର ବିଶାଳ ଆକାର ପାଇଁ ନୁହେଁ, ଐତିହାସିକ ଓ ପୌରାଣିକ ମାନ୍ୟତା ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଏହି ଲୋଟଣି ବରଟି ୨୫୦୦ ବର୍ଷ ପୁରୁଣା ବୋଲି କୁହାଯାଏ । ବରଗଛଟି ଏତେ ମାତ୍ରାରେ ବ୍ୟାପିଛି ଯେ, ଏହାକୁ ଅନେକ ଜଙ୍ଗଲ ବୋଲି ଭାବି ନିଅନ୍ତି । ୧୯,୧୦୭ ବର୍ଗ ମିଟର ପର୍ଯ୍ୟନ୍ତ ଏହା ବ୍ୟାପ୍ତ ହୋଇଛି । ଏଥିପାଇଁ ଏହା ଗିନିଜ୍ ବିଶ୍ୱ ରେକର୍ଡରେ ମଧ୍ୟ ସ୍ଥାନ ପାଇଛି । ସେହିପରି ସ୍ଥାନୀୟ ଲୋକେ ଏହି ବଟ ବୃକ୍ଷକୁ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରନ୍ତି । କୁହାଯାଏ, ଥିମ୍ମମ୍ମା ନାମ୍ନୀ ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ଏହି ସ୍ଥାନରେ ସତୀ ହୋଇଥିଲେ । ଏହି ବୃକ୍ଷ ସେହି ଘଟଣାର ପ୍ରତୀକ ଭାବେ ଜଣାଯାଏ । ତେଣୁ ଏଠାରେ ଲୋକେ ପୂଜାର୍ଚ୍ଚନା ମଧ୍ୟ କରିଥାନ୍ତି । ପ୍ରତିବର୍ଷ ଏଠାକୁ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଆସି ମନସ୍କାମନା ପୂର୍ଣ୍ଣ ହେବା ପାଇଁ ପ୍ରାର୍ଥନା କରିଥାନ୍ତି । ଏହା ଆନ୍ଧ୍ରପଦେଶର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭାବେ ଜଣାଯାଏ । ଦୂରଦୂରାନ୍ତରୁ ଲୋକେ ଏହାର ସୌନ୍ଦର୍ଯ୍ୟ ତଥା ବିଶାଳ ଆକାର ଦେଖିବାକୁ ଆସିଥାନ୍ତି । ପର୍ଯ୍ୟଟକମାନେ ଏହା ମୂଳରେ ବସି ପ୍ରକୃତି କୋଳରେ ରହିବାର ଆନନ୍ଦ ନେଇଥାନ୍ତି ।

## ବୟସ ସାୟାହ୍ନରେ କମିନି ଉତ୍ସାହ

# ସ୍ୱାବଲମ୍ବୀ ହେବାର ବାର୍ତ୍ତା ଦେଉଛନ୍ତି ଶତାୟୁ

ଆଜିକାଲି ୫୦ କି ୬୦ ବର୍ଷ ବୟସରେ ପାଦ ଥାପିବା ପରେ ମଣିଷ କୌଣସି କାମ କରିବାକୁ ସେତେଟା ସକ୍ଷମ ହେଉ ନାହିଁ । ହେଲେ ଜଣେ ୧୦୮ ବର୍ଷୀୟ ବୃଦ୍ଧ ପରିବା ବିକ୍ରି କରୁଥିବା ଦେଖାଯାଇଛି । ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ପଞ୍ଜାବ ମୋଗାର ଜଣେ ଶତାୟୁ ବୃଦ୍ଧ ରାସ୍ତାକଡ଼ରେ ପରିବା ବିକ୍ରି କରୁଛନ୍ତି । ବୟସର ଶେଷ ସମୟରେ ପହଞ୍ଚିବା ପରେ ବି ତାଙ୍କର କାମ ପ୍ରତି ଉତ୍ସାହ କମିନି । ତାଙ୍କ କାମ ଏବେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି । ଏପରିକି ସେ ଜୀବନ ଜିଇଁବା ପାଇଁ ଅନ୍ୟଲୋକଙ୍କୁ ପ୍ରୋତ୍ସାହିତ ମଧ୍ୟ କରୁଛନ୍ତି । ସମ୍ପୃକ୍ତ ବୃଦ୍ଧ ନିତିଦିନ ରାସ୍ତାକଡ଼ରେ ପରିବା ବିକ୍ରି କରନ୍ତି । ପରିବା ଠେଲାରେ ସେ ଆଳୁ, ପିଆଜ ଆଦି ବିକ୍ରି କରିଥାନ୍ତି । ସବୁଠୁ ବଡ଼ କଥା ହେଲା, ସେ ହସ ହସ ମୁହଁରେ ପରିବା ବିକ୍ରି କରନ୍ତି । ତେବେ ତାଙ୍କ ଜୀବନ ଏବେ ପରିଶ୍ରମ, ସଂକଳ୍ପର ମିଶାଲ ପାଲଟିଛି । ତାଙ୍କର ଏଭଳି ଜୀବନଶୈଳୀକୁ ଦେଖି ଲାଗୁଛି ଯେ, ଜୀବନ ପ୍ରତି ଥିବା ତାଙ୍କର ସକାରାତ୍ମକ ଦୃଷ୍ଟିଭଙ୍ଗୀ ହିଁ ତାଙ୍କୁ ପରିଣତ ବୟସରେ ବଳ ଯୋଗାଇଛି । ସମ୍ପୃକ୍ତ ବୃଦ୍ଧଙ୍କ ପରିଶ୍ରମ, ସାହସକୁ ଲୋକେ ପ୍ରଶଂସା କରୁଛନ୍ତି ।



## ଆଜିର ରାଶିଫଳ

**ମେଷ:** କାର୍ଯ୍ୟ କ୍ଷେତ୍ରରେ କୌଣସି ସାହସିକତା ପଦକ୍ଷେପ ନେଇପାରନ୍ତି । ଉଚ୍ଚ ଅଧିକାରୀଙ୍କ ପ୍ରଶଂସା ପାଇବେ । ବ୍ୟବସାୟୀଙ୍କୁ ଭାଗ୍ୟର ପୂରା ସହଯୋଗ ମିଳିବ । କୋର୍ଟକଚେରୀରୁ ବିଜୟୀ ହେବେ ।

**ବୃଷ:** ପାରିବାରିକ ଶାନ୍ତି ବଜାଇ ରହିବ । କର୍ମକ୍ଷେତ୍ରରେ ପଦୋନ୍ନତିର ଅବସର ମିଳିପାରେ । ଆଧ୍ୟାତ୍ମିକତା ପ୍ରତି ରୁଚି ବଢ଼ିବ । ବେପାରୀ ବର୍ଗଙ୍କର ଆମଦାନି ବଢ଼ିପାରେ । ଦାମ୍ପତ୍ୟଜୀବନ ସୁଖମୟ ହେବ ।

**ମିଥୁନ:** ଗୁରୁଜନଙ୍କ ଆଶୀର୍ବାଦ ପାଇବେ । ମହିଳାମାନଙ୍କ ପାଇଁ ଦିନଟି ସୁଖ ଓ ଶାନ୍ତିପୂର୍ବକ ବିତିବ । ବୈବାହିକ ଜୀବନରେ ସୁଖୀ ରହିବେ । ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି ।

**କର୍କଟ:** ଏକାଗ୍ରତା ବଳରେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ । ସନ୍ତାନଙ୍କ ସୁଖ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । ବ୍ୟବସାୟ ବୃଦ୍ଧି ପାଇବା ସହ ଖ୍ୟାତି ବଢ଼ିବ । ଆୟ ଓ ବ୍ୟୟ ସମାନ ରହିବ ।

**ସିଂହ:** ଜୀବନରେ ପରିବର୍ତ୍ତନ ଦେଖାଦେବ । କର୍ମକ୍ଷେତ୍ରରେ ସଫଳତା ପାଇବେ । ଆର୍ଥିକ ସ୍ଥିତି ମଜଭୁତ ରହିବ । ଗୁରୁଜନଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିପାରନ୍ତି । ପରୀକ୍ଷାର୍ଥୀଙ୍କ ଲାଗି ଦିନଟି ଭଲ ରହିବ ।

**କନ୍ୟା:** ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ । ଆର୍ଥିକ ସ୍ଥିତି ଭଲ ରହିବ । ପରିବାରବର୍ଗଙ୍କ ପୂରା ସହଯୋଗ ମିଳିବ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ଭିନ୍ନ ଯୋଜନା ପ୍ରସ୍ତୁତ କରିବେ ।

**ତୁଳା:** ନିଜ ଆଚରଣରେ ମଧୁରତା ଆଣିବେ । ଆର୍ଥିକ ମାମଲାରେ ଆପଣଙ୍କୁ ଲାଭ ମିଳିବ । ପରିବାର ସହ ତୀର୍ଥଯାତ୍ରା ପାଇଁ ଯୋଜନା କରିବେ । ବନ୍ଧୁମାନଙ୍କ ସହ ମିଳାମିଶା ବଢ଼ିବ ।

**ବିଛା:** ଅନୁଭବୀ ବ୍ୟକ୍ତିଙ୍କଠାରୁ ପରାମର୍ଶ ନେଇ ନୂତନ ନିବେଶ କରିବେ । ମହିଳାଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ପରିଶ୍ରମର ସନ୍ତୋଷଜନକ ଫଳ ପାଇବେ । ହାତେ ମାପି ଚାଖଣ୍ଡେ ଚାଲନ୍ତୁ ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆପଣଙ୍କ ବିଚାରକୁ ସମ୍ମାନ ମିଳିବ । ମହିଳାଙ୍କ ଦାୟିତ୍ୱ ବଢ଼ିବ ହେବ । ପାରିବାରିକ ଜୀବନ ସୁଖମୟ ହେବ । ଆବଶ୍ୟକତା ଅନୁସାରେ ଖର୍ଚ୍ଚ କରନ୍ତୁ ।

**ମକର:** କାର୍ଯ୍ୟକ୍ଷେତ୍ରରେ ନୂଆ ଅବସର ମିଳିପାରେ । ହଠାତ୍ କୌଣସି ନିଷ୍ପତ୍ତି ନେବାକୁ ପଡ଼ିପାରେ । ଜମି ଓ ଭିତ୍ତିଭୂମିରେ ନିବେଶ ପାଇଁ ଜୀବନସାଥୀଙ୍କ ପରାମର୍ଶ ଲୋଡ଼ିବେ ।

**କୁମ୍ଭ:** ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଉପୁଜିପାରେ । ମହିଳାମାନେ ଅଯଥା କଥାରେ ପଡ଼ି ମାନସିକ ଶାନ୍ତି ହରାଇବେ । ଅନ୍ୟଠାରୁ ସାହାଯ୍ୟ ଆଶା କରି ଦୁଃଖ ପାଇବେ । ଧାର୍ମିକ କାର୍ଯ୍ୟରେ ସାମିଲ ରହିପାରନ୍ତି ।

**ମୀନ:** କର୍ମକ୍ଷେତ୍ରରେ ନୂତନ କାର୍ଯ୍ୟରେ ଯୋଗଦେଇ ପାରନ୍ତି । ମହିଳାମାନଙ୍କୁ ପରିଶ୍ରମ ଅନୁସାରେ ଲାଭ ମିଳିବ । ସନ୍ତାନଙ୍କ ସମସ୍ୟାର ସମାଧାନ ପାଇଁ ସମସ୍ତ ପ୍ରକାର ଚେଷ୍ଟା କରିବେ ।



ଷୋଡ଼ଶ ଅର୍ଥ କମିଶନଙ୍କୁ ଦାବିପତ୍ର ପ୍ରଦାନ ପ୍ରସଙ୍ଗରେ ଦଳର ବରିଷ୍ଠ ନେତାଙ୍କ ସହ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ବିଚାରବିମର୍ଶ

# ଅନୁକୂଳ ହେଲା ରଥକାଠ

**ପୁରୀ,୨।୨(ସମିସ):** ଚଳିତ ବର୍ଷର ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ପ୍ରଥମ ପର୍ଯ୍ୟାୟ ରଥକାଠ ଆସି ପହଞ୍ଚିଯାଇଛି। ଆଗକୁ ମହାପ୍ରଭୁଙ୍କ ନିମନ୍ତେ ତିଆରି ହେବ ତିନି ରଥ। ପରମ୍ପରା ଅନୁଯାୟୀ, ରବିବାର ବସନ୍ତ ପଞ୍ଚମୀରେ ରଥକାଠ ଅନୁକୂଳ ହୋଇଛି। ରଥଖଳାରେ ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ପୂଜା କରାଯାଇଛି। ସନ୍ଧ୍ୟାରେ ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରଥକାଠ ଅନୁକୂଳ ପୂଜା ହୋଇଥିଲା। ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ପୂଜାର୍ଚ୍ଚନା କରିଥିଲେ। ବୈଦିକ ଶାସ୍ତ୍ରୀୟ ମତରେ ୩ଟି କାଠକୁ ପ୍ରଥମେ ଜଳ, ପଞ୍ଚାମୃତ, ଶୁଦ୍ଧଜଳ, ଚନ୍ଦନ, ସିନ୍ଦୂର, ଫୁଲ, ଶ୍ରୀଫଳ, ଧୂପ, ଦୀପ ଦିଆଯାଇ ସଂସ୍କାର କରାଯାଇଥିଲା। ଶେଷରେ ମହାପ୍ରସାଦ ସମର୍ପଣ କରାଯାଇଥିଲା। ଅନୁକୂଳ ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଓଏସ୍‌ଡି ଶୁଭ୍ରାଂଶୁ ଶେଖର ପାଢୀଙ୍କ ସମେତ ବରିଷ୍ଠ ସେବାୟତ ପ୍ରମୁଖ ଉପସ୍ଥିତ ଥିଲେ।



ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ଆବଶ୍ୟକ ପଡ଼ିଥାଏ ମୋଟ ୮୬୫ ଖଣ୍ଡ କାଠ। ଗତବର୍ଷ ଆସିଥିବା କାଠ ମଧ୍ୟରୁ ୫୧ ଖଣ୍ଡ ବଳକା ଥିବାରୁ ଚଳିତ ବର୍ଷ ୮୧୪ଖଣ୍ଡ କାଠ ଆସିବ। ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୦୧ ଖଣ୍ଡ ଅସନ ଓ ଧଉରା କାଠ ଆସି ପହଞ୍ଚିଯାଇଛି। ପରମ୍ପରା ଅନୁଯାୟୀ, ବସନ୍ତ ପଞ୍ଚମୀ ତିଥିରେ ରଥକାଠ ଅନୁକୂଳ ହୋଇଥିବା ବେଳେ ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହେବାର ବିଧି ରହିଛି। ସେହିପରି ଶ୍ରୀରାମ ନବମୀରେ କଟକସ୍ଥିତ ଖପୁରିଆ କରତ କଳରେ ରଥକାଠ ଚିରଟ ଏବଂ ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ଅନୁକୂଳ କରାଯିବ।

### ଶ୍ରୀମନ୍ଦିରରେ ବସନ୍ତ ପଞ୍ଚମୀ

**ପୁରୀ,୨।୨(ସମିସ):** ଶ୍ରୀମନ୍ଦିରରେ ରବିବାର ବସନ୍ତ ପଞ୍ଚମୀ ପର୍ବ ପାଳିତ ହୋଇଛି। ବେଢ଼ା ପରିସର ସରସ୍ୱତୀ ମନ୍ଦିରରେ ମା' ବିଦ୍ୟାଦାତ୍ରୀଙ୍କୁ ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ଏଥିପାଇଁ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ସନ୍ଧ୍ୟା ଧୂପ ପରେ ସରସ୍ୱତୀଙ୍କ ମନ୍ଦିରରେ ମାଦଳା ପାଞ୍ଜି ପୂଜା କରାଯାଇଥିଲା। ପାଞ୍ଜି ରଖାଯାଇ ପଠନି, ମାଳ ଲାଗି ହୋଇ ଶୀତଳ ଭୋଗ ଓ ବନ୍ଦାପନା ସରିଥିଲା। ଏହାପରେ ସରସ୍ୱତୀଙ୍କ ମନ୍ଦିରରେ ୨୧ଟି ନଡ଼ିଆ ଭଙ୍ଗାଯାଇଥିଲା।

## ପୂଜା ବେଳେ ବିନ୍ଧିଲେ ମହୁମାଛି; ୧୫ ଛାତ୍ରଛାତ୍ରୀ ଗୁରୁତର

**ଭବାନୀପାଟଣା, ୨।୨(ସମିସ):** ପୂଜା ଚାଲିଥିବା ବେଳେ ବିନ୍ଧି ପକାଇଲେ ମହୁମାଛି। କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହର ଉପକଣ୍ଠ ଦୁଆରଶୁଣି ଗ୍ରାମରେ ଆଜି ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଏଥିରେ ୧୫ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ସ୍କୁଲ କର୍ମଚାରୀ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସା ପରେ ସମସ୍ତଙ୍କୁ ଛାଡ଼ି ଦିଆଯାଇଛି। ସୂଚନାନୁଯାୟୀ, ଆଜି ବସନ୍ତ ପଞ୍ଚମୀ ଅବସରରେ ସ୍କୁଲରେ ମା' ସରସ୍ୱତୀଙ୍କୁ ପୂଜା କରାଯାଉଥିଲା। ପୂଜା ଚାଲିଥିବା ବେଳେ ସ୍କୁଲରେ ଥିବା ଦୁଇଟି ବଡ଼ ମହୁଫେଣାରୁ ପୁଳାପୁଳା ମହୁମାଛି ଆସି ଛାତ୍ରଛାତ୍ରୀ ଓ ସ୍କୁଲ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ।



### ଭକ୍ତକବିଙ୍କ ରଚିତ 'ବର୍ଣ୍ଣବୋଧ'ର ଅବିକଳ ସଂସ୍କରଣ ଉନ୍ମୋଚିତ

# ବର୍ଣ୍ଣବୋଧର ବିକଳ୍ପ ନାହିଁ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨।୨(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ "ବର୍ଣ୍ଣବୋଧ'ର ପୁନଃମୁଦ୍ରିତ ସଂସ୍କରଣ ଓ ଏହାର ଡିଜିଟାଲ କପିକୁ ଉନ୍ମୋଚନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପୁସ୍ତକର ଉନ୍ମୋଚନ ଅବସରରେ ସେ କହିଛନ୍ତି ଯେ ଓଡ଼ିଆ ଭାଷା ଶିକ୍ଷାଦାନ କରିବା ପାଇଁ ବର୍ଣ୍ଣବୋଧର ବିକଳ୍ପ ନାହିଁ। ପବିତ୍ର ଶ୍ରୀପଞ୍ଚମୀ

### ଚଳିତ ବର୍ଷ ଛପାଯିବ ୧୦ ହଜାର କପି

ଓ ଭକ୍ତକବି ମଧୁସୂଦନ ରାଓଙ୍କ ଜନ୍ମତିଥି ଅବସରରେ ତାଙ୍କ ରଚିତ ବର୍ଣ୍ଣବୋଧକୁ ନୂତନ ଭାବେ ପ୍ରକାଶ କରିବା, ଭକ୍ତକବିଙ୍କ ପ୍ରତି ଓଡ଼ିଆ ଜାତିର ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଆମେ ସବୁ ଏହି "ବର୍ଣ୍ଣବୋଧ' ପଢ଼ି ବଡ଼ ହୋଇଛନ୍ତି। ବର୍ଣ୍ଣବୋଧର ଭାଷା ଅତ୍ୟନ୍ତ ସହଜ ଓ ସରଳ। ପଶୁ, ପକ୍ଷୀ, ସକାଳ, ସନ୍ଧ୍ୟା, ଆଖପାଖର ଦୃଶ୍ୟ ଭଳି ସହଜ ଉଦାହରଣ ଦେଇ ଭକ୍ତକବି କୋମଳ ମନକୁ ଆକର୍ଷିତ କରିଥିଲେ। ୧୮୯୫ ରୁ ୧୯୦୧ ଭିତରେ ବହିର ଆଠଟି ସଂସ୍କରଣ



ହୋଇଥିଲା। ଚଳିତ ବର୍ଷ ଏହି ପୁସ୍ତକର ୧୦ ହଜାର କପି ଛପାଇବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କୃଷିଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବହିଟିର ନୂଆ ଶୋଭନ (ଇଲୁଷ୍ଟ୍ରେସନ୍) ସଂସ୍କରଣ ପାଇଁ ବିଶିଷ୍ଟ ଭାଷାବିତ୍ ଓ ସାହିତ୍ୟିକ କୈଳାଶ ଚନ୍ଦ୍ର ଟିକାୟତ ରାୟ, ଦାଶ ବେନହୁର, ବୈଷ୍ଣବ ଚରଣ ମହାନ୍ତି, ହରପ୍ରସାଦ ମିଶ୍ର ଓ ସନ୍ତୋଷ କୁମାର ରଥଙ୍କ ଅବଦାନକୁ ପ୍ରଶଂସା କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଆ ଭାଷା ପ୍ରତିଷ୍ଠାନକୁ ଏହି ଉଦ୍ୟମ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବର୍ଣ୍ଣବୋଧର ଡିଜିଟାଲ ସଂସ୍କରଣ, ଭାଷା ପ୍ରତିଷ୍ଠାନର ମୁଖପତ୍ର "ଭାଷାପତ୍ର', ସତ୍ୟନାରାୟଣ ବହିଦାର ଏବଂ ବାସୁଦେବ ସାହୁଙ୍କ ଜୀବନୀ ପୁସ୍ତକ ଉନ୍ମୋଚନ କରିବା ସହ ଭକ୍ତକବିଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଧାୟକ ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ବିସ୍ଫୋରକ ଜବତ, ଇନାମୀ ମାଓବାଦୀ ଗିରଫ

**ମାଲକାନଗିରି,୨।୨(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲ୍ଲାରେ ମାଓ ଦମନ ଅଭିଯାନ ବେଳେ ସୁରକ୍ଷାବାହିନୀ ଜଣେ ମାଓବାଦୀଙ୍କୁ ଗିରଫ କରିଛନ୍ତି। ପୋଲାମପାଲି ଥାନା ଅଧୀନରେ ଥିବା



ପୋଲାମପାଲି ନିକଟରେ ଯବାନ ଓ ପୁଲିସ୍ ପକ୍ଷରୁ ତଲାସୀ ଅଭିଯାନ ଚାଲିଥିବା ବେଳେ ଏକ ପୋଲ ତଳେ ଜଣେ ବ୍ୟକ୍ତି ଲୁଚି ରହିଥିବା ଦେଖି ଯବାନମାନେ କାବୁ କରିଥିଲେ। ପଚରାଉଚରା ବେଳେ ଉକ୍ତ ବ୍ୟକ୍ତି ଜଣଙ୍କ ମାଓବାଦୀ ବୋଲି ସ୍ୱୀକାର କରିଥିଲା। ସୁରକ୍ଷା ବାହିନୀକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଗୋଟିଏ ୫ କେଜି ଓଜନର ଆଇଇଡି ବୋମା ପୋଲ ତଳେ ଖଞ୍ଜିଥିବା ପ୍ରକାଶ କରିଥିଲା। ଯବାନମାନେ ତୁରନ୍ତ ଉକ୍ତ ବୋମାକୁ ନିଷ୍କ୍ରିୟ କରିବା ସହ ତାକୁ ଗିରଫ କରିଥିଲେ। ଗିରଫ ମାଓବାଦୀର ନାମ ମାଡକମ୍ ସୁକ୍କା। ତା' ନିକଟରୁ ୨ଟି ଇଲେକ୍ଟ୍ରିକ୍ ଡେଟୋନେଟର୍, ଜିଲାଟିନ୍ ରଡ୍, କର୍ଡେକ୍ସ ତାର ଆଦି ଜବତ ହୋଇଥିଲା। ଏହାପରେ ତାକୁ କୋର୍ଟ ଚାଲାଣ କରାଯାଇଛି।

## ଭିଏସ୍ଏଚ୍ଓଆର୍ଏଡିଏସ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

**ବାଲେଶ୍ୱର, ୨।୨(ସମିସ):** ଚାନ୍ଦିପୁରସ୍ଥିତ ଡିଆର୍‌ଡିଓ କ୍ଷେପଣାସ୍ତ୍ର ଘାଟିରୁ ଅତ୍ୟନ୍ତ କ୍ଷୁଦ୍ର ଦୂରଗାମୀ ବାୟୁପ୍ରତିରକ୍ଷା ପ୍ରଣାଳୀ କ୍ଷେପଣାସ୍ତ୍ର (ଭିଏସଏଚଓଆରଏଡିଏସ) ର କ୍ରମାଗତ ଭାବେ ତିନୋଟି ଉଡ଼ାଣ ସଫଳତାର ସହ ପରୀକ୍ଷଣ କରାଯାଇଛି। ଏହି ତିନୋଟି ମିସାଇଲ ଉଡ଼ାଣ ପରୀକ୍ଷଣ ସମୟରେ କମ୍ ଉଚ୍ଚତାରେ ଉଡୁଥିବା ଅନ୍ୟ ଡ୍ରୋନ୍‌ଗୁଡ଼ିକୁ ଅନୁସରଣ କରି ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ କରିଦେଇଥିଲା। ଇଣ୍ଟିଗ୍ରେଟେଡ୍ ପରୀକ୍ଷଣ ରେଞ୍ଜ, ଚାନ୍ଦିପୁର

### ଶୁଭେଚ୍ଛା ଜଣାଇଲେ ରାଜନାଥ, ନବୀନ

ଦ୍ୱାରା ନିୟୋଜିତ ଟେଲିମେଟ୍ରି, ଇଲେକ୍ଟ୍ରୋ ଅପ୍ଟିକାଲ ଟ୍ରାକିଂ ସିଷ୍ଟମ୍ ଏବଂ ରାଡାର ଭଳି ବିଭିନ୍ନ ରେଞ୍ଜ ଉପକରଣ ଦ୍ୱାରା ଏହାର ସଠିକ୍ ଲକ୍ଷ୍ୟଭେଦ କରାଯାଇଥିଲା। ଏହି ମିସାଇଲର ପରୀକ୍ଷଣକୁ ଡିଆରଡିଓ ସଶସ୍ତ୍ର ବାହିନୀ ଏବଂ ଉତ୍ପାଦନ ଅଂଶୀଦାରଙ୍କ ବରିଷ୍ଠ ଅଧିକାରୀମାନେ ନିରୀକ୍ଷଣ କରିଥିଲେ। ଏହି ଭିଏସଏଚଓଆରଏଡିଏସ ହେଉଛି ଏକ ମାନବ ପୋଟେବଲ ଏୟାର ଡିଫେନ୍ସ ସିଷ୍ଟମ ମିସାଇଲ। ଯାହାକୁ ଇମାରତର ରିସର୍ଚ୍ଚ ସେଣ୍ଟର ଏବଂ ଅନ୍ୟ ଡିଆରଡିଓ ପରୀକ୍ଷାଗାର ସହଯୋଗରେ ସ୍ୱଦେଶୀ ଭାବେ ଡିଜାଇନ ଏବଂ ବିକଶିତ କରାଯାଇଛି। ଏହି କ୍ଷେପଣାସ୍ତ୍ର ସଶସ୍ତ୍ର ବାହିନୀର ତିନୋଟି ଶାଖା ଯଥା ଭାରତୀୟ ସ୍ଥଳସେନା, ନୌସେନା ଏବଂ ବାୟୁସେନାର ଆବଶ୍ୟକତା ପୂରଣ କରିବାର କ୍ଷମତା ରଖିଛି। ଡିଆରଡିଓର ଏହି ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆରଡିଓ, ସଶସ୍ତ୍ର ବାହିନୀ ଏବଂ ଶିଳ୍ପସଂସ୍ଥାଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ପ୍ରତିରକ୍ଷା ବିଭାଗ ଗବେଷଣା ଏବଂ ବିକାଶ ସଚିବ ଏବଂ ଡିଆରଡିଓର ଅଧ୍ୟକ୍ଷ ଡ. ସମୀର ଭି କାମତ ମଧ୍ୟ ସମଗ୍ର ଡିଆରଡିଓ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



### ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୨୮.୫ | ୨୧.୮ |
| ଚାନ୍ଦବାଲି | ୩୧.୬ | ୨୨.୨ |
| କଟକ | ୩୧.୮ | ୨୦.୬ |
| ପାରାଦୀପ | ୨୯.୯ | ୨୩.୩ |
| ଭୁବନେଶ୍ୱର | ୩୩.୬ | ୨୨.୩ |
| ଗୋପାଳପୁର | ୨୯.୧ | ୨୧.୧ |
| ପୁରୀ | ୩୦.୮ | ୨୪.୨ |
| ଅନୁଗୋଳ | ୩୩.୭ | ୧୭.୬ |
| ବାରିପଦା | ୩୦.୦ | ୨୦.୬ |
| ଝାରସୁଗୁଡ଼ା | ୩୫.୨ | ୧୭.୫ |
| କେନ୍ଦୁଝର | ୩୧.୩ | ୧୮.୨ |
| ସମ୍ବଲପୁର | ୩୪.୭ | ୨୦.୪ |
| ସୁନ୍ଦରଗଡ଼ | ୩୩.୪ | ୧୮.୫ |
| ହୀରାକୁଦ | ୩୪.୭ | ୧୭.୨ |
| ତାଳଚେର | ୩୧.୮ | ୧୮.୨ |
| ଭବାନୀପାଟଣା | ୩୪.୦ | ୧୬.୬ |
| ବଲାଙ୍ଗିର | ୩୫.୦ | ୨୧.୦ |
| କୋରାପୁଟ | ୩୦.୮ | ୧୪.୦ |
| ଫୁଲବାଣୀ | ୩୨.୧ | ୧୫.୦ |
| ଟିଟିଲାଗଡ଼ | ୩୪.୫ | ୨୦.୮ |
| ମାଲକାନଗିରି | ୩୨.୫ | ୧୭.୫ |
| ସୋନପୁର | ୩୫.୧ | ୧୯.୨ |
| ଦାରିଙ୍ଗବାଡ଼ି | ୩୦.୦ | ୧୫.୫ |
| ନୟାଗଡ଼ | - | ୧୮.୫ |
| ବୌଦ୍ଧ | ୩୨.୦ | ୧୭.୫ |
| ଛତ୍ରପୁର | ୩୦.୪ | ୨୦.୮ |
| ପାରଳାଖେମୁଣ୍ଡି | ୩୫.୬ | ୧୮.୦ |
| ରାୟଗଡ଼ା | ୩୨.୬ | ୧୮.୪ |
| ଭଦ୍ରକ | ୩୧.୦ | ୧୯.୦ |
| ଯାଜପୁର | ୩୨.୦ | ୧୮.୦ |
| ଢେଙ୍କାନାଳ | ୩୨.୨ | ୨୦.୬ |
| ବରଗଡ଼ | ୩୩.୦ | ୧୮.୦ |
| ଦେଓଗଡ଼ | ୨୯.୦ | ୧୭.୫ |
| ନୂଆପଡ଼ା | ୩୩.୪ | ୧୫.୦ |
| ନବରଙ୍ଗପୁର | ୩୨.୫ | ୧୮.୦ |
| ଖୋର୍ଦ୍ଧା | ୩୦.୦ | ୧୫.୦ |
| ଜଗତସିଂହପୁର | ୩୩.୮ | ୧୭.୮ |
| କେନ୍ଦ୍ରାପଡ଼ା | ୩୦.୮ | ୧୮.୨ |
| ରାଉରକେଲା | ୩୨.୫ | ୧୭.୫ |

**୧୮ରୁ +୨ ପରୀକ୍ଷା**

## ୧୨ରୁ ହବ୍‌କୁ ଯିବ ପ୍ରଶ୍ନପତ୍ର

**ଭୁବନେଶ୍ୱର,୨।୨(ସମିସ):** ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବ +୨ ପରୀକ୍ଷା। ଏଥିପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଏକା ସମୟରେ ହେବ। ଆସନ୍ତା ୧୨ରୁ ୧୫ ତାରିଖ ମଧ୍ୟରେ ହବ୍‌ଗୁଡ଼ିକୁ ପ୍ରଶ୍ନପତ୍ର ପଠାଯିବ। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଦୁଇଟି ପର୍ଯ୍ୟାୟରେ କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ପଠାଇବାକୁ ବ୍ୟବସ୍ଥା ହୋଇଛି। ସେହିପରି ପରୀକ୍ଷା ସରିବା ମାତ୍ରେ ଖାତାଦେଖା ଆରମ୍ଭ ହେବ। ଅନ୍‌ଲାଇନ୍ ମୂଲ୍ୟାୟନକୁ ଏଥର ଗୁରୁତ୍ୱ ଦେଉଛି ପରିଷଦ। ବିଶେଷକରି କଳା ବିଭାଗର ଓଡ଼ିଆ ଓ ଇଂରାଜୀ ବିଷୟର ଖାତାଦେଖା ବହୁ ବିଳମ୍ବ ହୋଇଥାଏ। ତେଣୁ ପ୍ରଥମଥର ଏହାକୁ ଅନ୍‌ଲାଇନ୍ ମୂଲ୍ୟାଙ୍କନ କରିବା ପାଇଁ ପରିଷଦ ପ୍ରସ୍ତୁତି କରିଛି। ପୂର୍ବରୁ ୨୭ଟି ଅନ୍‌ଲାଇନ୍ ମୂଲ୍ୟାଙ୍କନ କେନ୍ଦ୍ରରେ ଖାତା ଦେଖା ହେଉଥିବା ବେଳେ ଏହାକୁ ୬୩କୁ ବଢ଼ାଯାଇଛି। ଫଳରେ କଳା, ବିଜ୍ଞାନ ଓ ବାଣିଜ୍ୟର ପରୀକ୍ଷା ଫଳ ଏକାବେଳେ ଏବଂ ରେକର୍ଡ ସମୟରେ ପ୍ରକାଶ କରିବାକୁ ପରିଷଦ ଲକ୍ଷ୍ୟ ରଖିଛି।

- ଏଥର ୬୩ ଅନ୍‌ଲାଇନ୍ ମୂଲ୍ୟାୟନ କେନ୍ଦ୍ର
- ପରୀକ୍ଷା ଦେବେ ୩, ୯୩, ୬୧୮ ଛାତ୍ରଛାତ୍ରୀ

ଚଳିତ ବର୍ଷ ମୋଟ୍ ୧୨୭୬ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ରେଗୁଲାର ଓ ଏକ୍ସ ରେଗୁଲାର ପିଲାଙ୍କୁ ମିଶାଇ ମୋଟ୍ ୩ଲକ୍ଷ ୯୩ ହଜାର ୬୧୮ ଜଣ ପିଲା ଫର୍ମ ପୂରଣ କରିଛନ୍ତି। କଳାରେ ସର୍ବାଧିକ ୨ଲକ୍ଷ ୪୭ ହଜାର ୩୯୧ ଜଣ ଫର୍ମ ପୂରଣ କରିଥିବା ବେଳେ ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୯୮୦, ବାଣିଜ୍ୟରେ ୨୫ ହଜାର ୫୨୬ ଓ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ୭୨୧ ଜଣ ପିଲା ରହିଛନ୍ତି। ପରୀକ୍ଷା ସୁପରିଚାଳନା ପାଇଁ ପ୍ରଶ୍ନପତ୍ରକୁ ସୁରକ୍ଷିତ ଭାବେ ପହଞ୍ଚାଇବାକୁ ପରିଷଦ ପ୍ରାଥମିକତା ଦେଇଛି। ଉପାନ୍ତ ତଥା ଦୂର ଜିଲ୍ଲାଗୁଡ଼ିକରେ ଥିବା ହବ୍‌କୁ ପ୍ରଥମେ ପ୍ରଶ୍ନପତ୍ର ପଠାଯିବ। ସ୍ୱତନ୍ତ୍ର ଗାଡ଼ି, ସୁରକ୍ଷା କର୍ମୀ ଓ ପରିଷଦ କର୍ମଚାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶ୍ନପତ୍ର ପଠାଯିବ। ପରୀକ୍ଷା କେନ୍ଦ୍ରରେ କେତେ ସଂଖ୍ୟକ ପ୍ରଶ୍ନପତ୍ର ଆବଶ୍ୟକ ରହିଛି, ସେ ସମ୍ପର୍କରେ ଜଣାଇବାକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷମାନଙ୍କୁ କୁହାଯାଇଛି।

**ରକ୍ତମୁଖା ଦନ୍ତାହାତୀ**

## ଘର ଭାଙ୍ଗି ବୃଦ୍ଧ ଦମ୍ପତିଙ୍କୁ ଦଳିଦେଲା

**ଲାଞ୍ଜିଗଡ଼, ୨।୨(ସମିସ):** ରାତି ଅଧରେ ଘର ଭାଙ୍ଗି ବୃଦ୍ଧ ଦମ୍ପତିଙ୍କୁ ଦଳି ମାରିବା ସହ ଶବଦ୍ୱୟକୁ ଖଣ୍ଡବିଖଣ୍ଡିତ କରି ଏଣେତେଣେ ଫିଙ୍ଗିଦେଲା ଦନ୍ତା ହାତୀ। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ସେକ୍ସନ୍ ଲାଖବାହାଲି ପଞ୍ଚାୟତ ଅନ୍ତର୍ଗତ କାଦୋମାଳିରେ ଗାଁରେ ଶନିବାର ବିଳମ୍ବିତ ରାତିରେ ଘଟିଥିବା ଏହି ଘଟଣା ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମୃତ ଦମ୍ପତି ହେଲେ, ଦୋରାସାର୍ଲି ଗାଁର ମୁଗାନା ମାଝୀ (୭୦) ଓ ତାଙ୍କ ସ୍ତ୍ରୀ ଗାଦ ମାଝୀ (୬୬)। ଏହି ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ କୋକୁଆ ଭୟ ଖେଳି ଯାଇଛି।

ସୂଚନାନୁସାରେ, ଦୋରାସାର୍ଲି ଗାଁର ଦୁଇ ପରିବାର କିଛି ବର୍ଷ ହେବ ସଂରକ୍ଷିତ ଜଙ୍ଗଲ ନିକଟସ୍ଥ କାଦୋମାଳି ଗାଁ ଚାଷ ଜମିରେ ଘର ତିଆରି କରି ରହୁଛନ୍ତି। ଶନିବାର ବିଳମ୍ବିତ ରାତିରେ ସମସ୍ତେ ଖାଇ ପିଇ ଶୋଇଥିବା ବେଳେ ଖାଦ୍ୟ ଅନ୍ୱେଷଣରେ ଆସିଥିବା ଏକ ଦନ୍ତା ହାତୀ ସେମାନଙ୍କ ଘର ଉପରେ ଆକ୍ରମଣ କରିଥିଲା। କେହି କିଛି ବୁଝିବା ପୂର୍ବରୁ ଦନ୍ତାଟି ଘର କାନ୍ଥ ଭାଙ୍ଗି ଦେଇଥିଲା।





ଏହା ଦେଖି ମୁଗାନାଙ୍କ ସାନ ଭାଇ ସାଧୁ ମାଝୀ, କୁଲୁ ମାଝୀ, ନାଥ ମାଝୀଙ୍କ ସମେତ ତାଙ୍କ ପୁଅ ଓ ଅନ୍ୟ ଦୁଇ ସଂପର୍କୀୟ ଜୀବନ ବିକଳରେ ଦୌଡ଼ି ପଳାଇଥିଲେ। କିନ୍ତୁ ବୃଦ୍ଧ ମୁଗାନା ଓ ତାଙ୍କ ପତ୍ନୀ ଗାଦ ଦନ୍ତା କବଳରେ ପଡ଼ି ଯାଇଥିଲେ। ହାତୀଟି ଦୁହିଁଙ୍କୁ ପାଦରେ ଦଳି ମାରିବା ସହ ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଏଣେତେଣେ ଫିଙ୍ଗି ଦେଇଥିଲା।

ଖବର ପାଇ ଆଜି ସକାଳେ ବିଜେପୁର ଫରେଷ୍ଟର୍ ପଦ୍ମଲୋଚନ ଶବର, ମୃଷାନାଳ ଫରେଷ୍ଟର୍ ଚିନ୍ତାମଣି ମାଝୀ, ଲାଞ୍ଜିଗଡ଼ ଫରେଷ୍ଟଗାର୍ଡ ଗିରିଧାରୀ ଗଉଡ଼ ଓ ବିଜେପୁର ଥାନାଧିକାରୀ ନୀଳାମ୍ବର ଯାନୀ, ଏସ୍ଆଇ ଶ୍ୟାମ କୁଲଶିକା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ତେବେ ବନବିଭାଗର ଅବହେଳା ଯୋଗୁଁ ବାରମ୍ବାର ହାତୀ-ମଣିଷ ମୁହାଁମୁହିଁ ହେଉଥିବା ଅଭିଯୋଗ କରି ସ୍ଥାନୀୟ ଲୋକ ପାଟିତୁଣ୍ଡ କରିଥିଲେ। ଏପରିକି, କିଛି ସମୟ ଧରି ବନ ବିଭାଗ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ପରିବାରବର୍ଗଙ୍କୁ କ୍ଷତିପୂରଣ ପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା।

**୨୫ ଦିନ ପରେ ବି ମଣ୍ଡିରୁ ଉଠୁନି ଧାନ**

# ରାସ୍ତାରେ ଧାନବସ୍ତା ରଖି ଗର୍ଜିଲେ ଚାଷୀ

**କୋଷାଗୁମୁଡ଼ା,୨।୨(ସମିସ):** ଧାନକିଣାକୁ ନେଇ ଅବ୍ୟବସ୍ଥାର ପୁଳାପୁଳା ଚିତ୍ର ପ୍ରତିଦିନ ସାମ୍ନାକୁ ଆସୁଥିବା ବେଳେ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍‌ରେ ଆଜି ପୁଣି ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ମଣ୍ଡିରେ ଧାନ ପଇଠ କରିବାକୁ ୨୫ରୁ ଊର୍ଦ୍ଧ୍ୱ ଦିନ ବିତିଯାଇଥିଲେ ହେଁ ଏଯାଏ ଧାନ ଉଠୁନାହିଁ। ଏହାର ପ୍ରତିବାଦରେ ଆଜି ଶତାଧିକ ଚାଷୀ ଧାନବସ୍ତା ରଖି ନବରଙ୍ଗପୁର-କୋଷାଗୁମୁଡ଼ା ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି। ଏଥିଯୋଗୁଁ ପୂର୍ବାହ୍ନ ୧୦ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ୩ ଘଣ୍ଟା ଧରି ମୁଖ୍ୟରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ନବରଙ୍ଗପୁରରୁ ମିଲର୍ସମାନେ ଧାରଣାସ୍ଥଳରେ ପହଞ୍ଚି ଧାନ ଉଠାଇବା ପାଇଁ ସମ୍ମତି ପ୍ରଦାନ କରିବା




ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ।

ସୂଚନାନୁଯାୟୀ, ପ୍ରାୟ ୨୫ଦିନ ତଳେ କୋଷାଗୁମୁଡ଼ା ଅଞ୍ଚଳର ଚାଷୀମାନେ କୋଷାଗୁମୁଡ଼ା ମଣ୍ଡିରେ ଧାନ ବିକ୍ରି ପାଇଁ ଜମା କରିଥିଲେ। ହେଲେ ରବିବାର ସୁଦ୍ଧା ମଣ୍ଡିରୁ ଧାନ ଉଠିନଥିଲା। ଯାହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ନିଜ ନିଜ ଟୋକେନ ଲାପ୍ସ ହେବା ଆଶଙ୍କା କରି ବ୍ଲକର ଶତାଧିକ ଚାଷୀ କୋଷାଗୁମୁଡ଼ା ବ୍ଲକ ସଦର ମହକୁମା ମୁଖ୍ୟରାସ୍ତା ଉପରେ ଧାନବସ୍ତା ରଖି ଅବରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାସ୍ତା ଅବରୋଧ ଯୋଗୁଁ ଛତିଶଗଡ଼ର ଜଗଦଲପୁର, ଉମରକୋଟ, ପାପଡ଼ାହାଣ୍ଡି, ନବରଙ୍ଗପୁରକୁ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଫଳରେ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ଏହି ଆନ୍ଦୋଳନରେ ସ୍ଥାନୀୟ ପୂର୍ବତନ ସରପଞ୍ଚ ହରିବନ୍ଧୁ ମାଝୀ, ସମିତିସଭ୍ୟ ଲକ୍ଷ୍ମଣ ପୂଜାରୀ, ମଧୁସୂଦନ ଭତ୍ରାଙ୍କ ସମେତ ଧନୁର୍ଜୟ ମାଝୀ, ପଦ୍ମରାମ ରନ୍ଧାରୀ, ଲକ୍ଷ୍ମୀଚନ୍ଦ୍ର ଭତ୍ରା, ବୈଦେବ ପୂଜାରୀ, ସହଦେବ ପୂଜାରୀ, ଡୋମୁ ତେଲି, ତ୍ରିନାଥ ବିସୋଇ, କୋମୁଲୁ ଭତ୍ରା, ତୁଳାରାମ ପୂଜାରୀ, ସଂସାଇ ରନ୍ଧାରୀ, କମଳ ଲୋଚନ ପୂଜାରୀ, ଗୋରା ମୁରିଆ, କୋମଳ ଲୋଚନ ମୁରିଆ, ରମେଶ ମାଝୀ ପ୍ରମୁଖଙ୍କ ସହ ପ୍ରାୟ ଶତାଧିକ ଚାଷୀ ସାମିଲ ହୋଇଥିଲେ। ଅପରପକ୍ଷେ, ନୂତନ ସରକାରଙ୍କ ଅପାରଗତା ଯୋଗୁଁ ବାରମ୍ବାର ଏପରି ପରିସ୍ଥିତି ଉପୁଜୁଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହୋଇଛି।

■ ପାକ୍‌ସେନା-ବଲୁଚ ବିଦ୍ରୋହୀଙ୍କ ମଧ୍ୟରେ ସଂଘର୍ଷ

# ୧୮ ସୈନିକ ମୃତ; ୧୨ ବିଦ୍ରୋହୀ ନିହତ

ଇସାଲାମବାଦ, ୨।୨ (ଏଜେନ୍ସି): ପାକିସ୍ତାନର ଅଶାନ୍ତ ବଲୁଚିସ୍ତାନ ପ୍ରଦେଶରେ ବଲୁଚ ବିଦ୍ରୋହୀ ସେନାକୁ ନିଶାଣ କରି ଆକ୍ରମଣ କରିଛନ୍ତି। ଏଥିରେ ପାକିସ୍ତାନର ୧୮ ସୈନିକ ପ୍ରାଣ ହରାଇଛନ୍ତି। ସେହିପରି ସେନାର ଜବାବୀ କାର୍ଯ୍ୟାନୁଷ୍ଠାନରେ ୧୨ ବିଦ୍ରୋହୀ ପ୍ରାଣ ହରାଇଥିବା କୁହାଯାଉଛି। ଏବେ ବି ଉଭୟ ପକ୍ଷ ମଧ୍ୟରେ ସଂଘର୍ଷ ଜାରି ରହିଛି। ସୂଚନା ଅନୁଯାୟୀ ବିଚ୍ଛିନ୍ନତାବାଦୀ ବିରୋଧୀ ଅଭିଯାନ ପାଇଁ ସୈନିକ ଶନିବାର କଲାତ ଜିଲ୍ଲାକୁ ଯାଉଥିଲେ। ଏହି ସମୟରେ ୭୦ରୁ ୮୦ ବଲୁଚ ବିଦ୍ରୋହୀ ସେନା ଗାଡ଼ି ଉପରେ ଆକ୍ରମଣ କରିଥିଲେ। ସେନା ପକ୍ଷରୁ କୁହାଯାଇଛି ଯେ ଏହି ସଂଘର୍ଷରେ ୧୨ ବିଚ୍ଛିନ୍ନତାବାଦୀ ମଧ୍ୟ ପ୍ରାଣ ହରାଇ ଥିଲେ।

# ନର୍ଦ୍ଦମା ସଫେଇ ବେଳେ ୩ ଶ୍ରମିକ ମୃତ

କୋଲକାତା,୨।୨(ଏଜେନ୍ସି): କୋଲକତା ମହାନଗର ନିଗମ ଅନ୍ତର୍ଗତ ଏକ ଗଭୀର ନର୍ଦ୍ଦମା ସଫେଇ ବେଳେ ୩ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମିଳିଥିବା ସୂଚନା ଅନୁସାରେ ଲେଦାର କମ୍ପ୍ଲେକ୍ସସ୍ଥିତ ଏକ ନର୍ଦ୍ଦମା ସଫା କରିବାକୁ ଭିତରକୁ ୩ରୁ ୪ ଜଣ ଶ୍ରମିକ ପସିଥିଲେ। ହେଲେ ନର୍ଦ୍ଦମା ଭିତର ଗ୍ୟାସକୁ ନେଇ ପ୍ରଥମେ ଜଣେ ଶ୍ରମିକ ସଂଜ୍ଞାହୀନ ହେବା ସହିତ ପରେ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଶ୍ରମିକଙ୍କୁ ଖୋଜିବାକୁ ଯାଇ ଆଉ ଦୁଇ ଶ୍ରମିକ ନର୍ଦ୍ଦମା ଜଳରେ ବୁଡି ପ୍ରାଣ ହରାଇଥିବା କୁହାଯାଇଛି। ଏହି ବିଷୟ ଜଣାପଡ଼ିବା ପରେ ଘଟଣା ସ୍ଥଳରେ ଦମକଳ ଓ ପୁଲିସ ଟିମ୍ ପହଞ୍ଚି ତିନି ଶ୍ରମିକଙ୍କ ମୃତଦେହ ଉଦ୍ଧାର କରିଛି।

# ଅଧିକ ଅର୍ଥଦାବିକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ ଅଜବ ଯୁକ୍ତି

ନୂଆଦିଲ୍ଲୀ, ୨।୨ (ଏଜେନ୍ସି): ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟରେ ନିର୍ବାଚନ ମୁହାଁ ବିହାର ଏବଂ ଦିଲ୍ଲୀକୁ ପ୍ରାଧାନ୍ୟ ଦେଇଛନ୍ତି। କେରଳ ଆଦି ରାଜ୍ୟକୁ ଅଣଦେଖା କରାଯାଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଏହି ବଜେଟ ରାଜ୍ୟ ପାଇଁ ନୈରାଶ୍ୟଜନକ ବୋଲି ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନ କହିଛନ୍ତି। ୱାଏନାଡର ପୁନର୍ବିକାଶ ପାଇଁ ଅଧିକ ପାଣ୍ଠି ଦାବି ସତ୍ତ୍ୱେ କେନ୍ଦ୍ର ଏହାକୁ ଅଣଦେଖା କରିଛି। ୨୪ ହଜାର କୋଟିର ସ୍ୱତନ୍ତ୍ର ଆର୍ଥିକ ସହାୟତା ଦାବି କରାଯାଇଥିଲେ ବି ଦିଆଯାଇ ନାହିଁ ବୋଲି କହିଛନ୍ତି। ବିଜୟନଙ୍କୁ ଜବାବ ଦେବାକୁ ଯାଇ କେନ୍ଦ୍ର ମତ୍ସ୍ୟ ସମ୍ପଦ ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଅନ ଅଜବ ଯୁକ୍ତି କରିଛନ୍ତି। ଯଦି ଅଧିକ ପାଣ୍ଠି ଚାହୁଁଛ ତେବେ କେରଳକୁ ପଛୁଆ ରାଜ୍ୟ ଘୋଷଣା କର ବୋଲି କହିଛନ୍ତି। ତାଙ୍କ ଅନୁଯାୟୀ ବିକାଶ ସୂଚକାଙ୍କରେ ପଛରେ ଥିବା ରାଜ୍ୟଗୁଡିକୁ କେନ୍ଦ୍ର ଆର୍ଥିକ ପ୍ୟାକେଜ ଆବଣ୍ଟନ କରିଥାଏ। ଯଦି ଭଲ ରାସ୍ତା, ଉତ୍ତମ ଶିକ୍ଷା ସହିତ ଅନ୍ୟାନ୍ୟ ସୁବିଧା ନାହିଁ ତେବେ ସରକାର କେରଳକୁ ପଛୁଆ ରାଜ୍ୟ ଘୋଷଣା କରନ୍ତୁ। ଯଦି ସରକାର କହିବେ ଶିକ୍ଷା, ଭିତ୍ତିଭୂମି, ସାମାଜିକ କଲ୍ୟାଣ ଆଦି କ୍ଷେତ୍ରରେ କେରଳ ଅନ୍ୟ ରାଜ୍ୟଠୁ ପଛରେ ରହିଛି ତେବେ ଅର୍ଥ କମିଶନ ଏହାର ସମୀକ୍ଷା କରି କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ। ଏହି ରିପୋର୍ଟ ଆଧାରରେ କେନ୍ଦ୍ର ନିଷ୍ପତ୍ତି ନେବେ। ବ୍ୟକ୍ତିଗତ କ୍ଷେତ୍ରରେ ଏହି ନିଷ୍ପତ୍ତି ନିଆଯାଏ ନାହିଁ। କେନ୍ଦ୍ରମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ ନେଇ ବିବାଦ ଜୋର୍ ଧରିଛି। ରାଜ୍ୟର କ୍ଷମତାସୀନ ବାମଦଳ ସରକାର ଏହାକୁ ସମାଲୋଚନା କରିଛନ୍ତି। ଏହା କେନ୍ଦ୍ର ସରକାରଙ୍କର କେରଳ ବିରୋଧୀ ଆଭିମୁଖ୍ୟକୁ ଦର୍ଶାଉଛି ବୋଲି କୁହାଯାଇଛି।

# ବ୍ୟାପୁଛି ଜିବି ସିଣ୍ଡ୍ରୋମ୍: ମହାରାଷ୍ଟ୍ରରେ ନେଲାଣି ୫ ଜୀବନ

ନୂଆଦିଲ୍ଲୀ, ୨।୨ (ଏଜେନ୍ସି): ଦେଶରେ ଗୁଲେନ-ବେରି ସିଣ୍ଡ୍ରୋମ (ଜିବିଏସ) ବ୍ୟାପିବାରେ ଲାଗିଛି। ଏହା ୫ ରାଜ୍ୟକୁ ବ୍ୟାପିଗଲାଣି। କେବଳ ମହାରାଷ୍ଟ୍ରରେ ୫ ଜଣଙ୍କ ମୃତ୍ୟୁ ହେଲାଣି। ପୁନେ, ପିମ୍ପରି ଚିଞ୍ଚୱାଡ଼ ଏବଂ ଅନ୍ୟ ଅଞ୍ଚଳରୁ ୧୪୯ ସଂକ୍ରମିତ ଚିହ୍ନଟ ହେଲେଣି। ସେହିପରି ତେଲଙ୍ଗାନରୁ ଗୋଟିଏ ମାମଲା ସାମ୍ନାକୁ ଆସିଛି। କିମ୍ବର ଭେଣ୍ଟିଲେଟରରେ ଜଣେ ୨୫ ବର୍ଷୀୟ ମହିଳାଙ୍କ ଚିକିତ୍ସା ଚାଲିଛି। ଆସାମରେ ଜଣେ ଯୁବତୀ (୧୭)ଙ୍କ ମୃତ୍ୟୁ ହୋଇଛି। ତେବେ ଏଠାରେ କୌଣସି ମାମଲା ସକ୍ରିୟ ନାହିଁ। ଗତ ୩୦ ତାରିଖ ସୁଦ୍ଧା ପଶ୍ଚିମବଙ୍ଗର ୩ ଜିବିଏସ ରୋଗୀ ପ୍ରାଣ ହରାଇଲେଣି। ଏମାନଙ୍କ ମଧ୍ୟରେ ୨ ଶିଶୁ ସାମିଲ ଅଛନ୍ତି। ଆହୁରି ୪ ଜଣ ଶିଶୁ ଚିକିତ୍ସିତ ହେଉଛନ୍ତି। ମାତ୍ର ଆନୁଷ୍ଠାନିକ ଭାବେ ଏହାର ଘୋଷଣା କରାଯାଇ ନାହିଁ। ଏହା ବ୍ୟତୀତ ଗତ ୨୮ ତାରିଖରେ ରାଜସ୍ଥାନ ଜୟପୁରର ଜଣେ ଶିଶୁଙ୍କ ମୃତ୍ୟୁ ହୋଇଥିଲା। ସେ କିଛି ଦିନ ହେଲା ଜିବିଏସ୍‌ରେ ପୀଡ଼ିତ ଥିଲେ। ଅନେକ ହସ୍ପିଟାଲରେ ଚିକିତ୍ସା କରାଇବା ସତ୍ତ୍ୱେ ପରିବାର ଲୋକେ ତାଙ୍କୁ ବଞ୍ଚାଇ ପାରି ନ ଥିଲେ।



# ସୋମାଲିଆ ଆଇଏସ୍ ଠିକଣାରେ ଆମେରିକାର ବୋମାବର୍ଷା

ୱାଶିଂଟନ,୨।୨(ଏଜେନ୍ସି): ସୋମାଲିଆର ଆଇଏସ ଆତଙ୍କବାଦୀ ସଂଗଠନ ଠିକଣା ଉପରେ ଆମେରିକା ଘନ ଘନ ବୋମା ମାଡ଼ କରିଛି। ଯେଉଁ ଆଇଏସ୍ ଗୋଷ୍ଠୀ ସଦସ୍ୟ ଯୋଗାଡ଼ କାର୍ଯ୍ୟ କରୁଥିଲେ ସେଗୁଡିକୁ ନିଶାଣ କରି ବୋମାମାଡ଼ କରାଯାଇଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜେ ସୂଚନା ଦେଇ କହିଛନ୍ତି। ସୋମାଲିଆରେ ଅଲ-କାଏଦା ଏବଂ ଅଲ-ସବାବ ଆତଙ୍କୀଙ୍କ ତୁଳନାରେ ଆଇଏସ ଆତଙ୍କବାଦୀଙ୍କ ସଂଖ୍ୟା କମ୍ ରହିଥିଲେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ନିପାତ କରିବାକୁ ଟ୍ରମ୍ପ ନିଜେ ନିର୍ଦ୍ଦେଶ ଦେଇଥିଲେ ବୋଲି କହିଛନ୍ତି। ସୋମାଲିଆରେ ଯେଉଁଠି ଆଇଏସ୍ ଆତଙ୍କୀ ଦେଖାଯିବେ ସେଠାରେ ସେମାନଙ୍କୁ ଖୋଜି ଖୋଜି ନିପାତ କରାଯିବ ବୋଲି ଟ୍ରମ୍ପ କହିଛନ୍ତି। ଶନିବାର ଏବଂ ରବିବାର ହୋଇଥିବା ଏୟାର ଷ୍ଟ୍ରାଇକ୍‌ରେ କୌଣସି ସାଧାରଣ ନାଗରିକ ଆହତ ହୋଇ ନଥିଲା ବେଳେ ବହୁ ଆଇଏସ୍ ଆତଙ୍କବାଦୀ ନିହତ ହୋଇଛନ୍ତି ବୋଲି ଆମେରିକାର ପ୍ରତିରକ୍ଷା ସଚିବ ପେଟ୍ ହେଗସେଥ କହିଛନ୍ତି।



# ଆଜି ସରିବ ଦିଲ୍ଲୀ ପ୍ରଚାର; ଆପ୍-ବିଜେପି ମୁହାଁମୁହିଁ

## ପରାଜୟ ଭୟରେ ବିଜେପିର ଗୁଣ୍ଡାଗିରି: କେଜ୍ରିୱାଲ



ନୂଆଦିଲ୍ଲୀ,୨।୨(ଏଜେନ୍ସି):

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆଉ ମାତ୍ର ଦୁଇ ଦିନ ବାକି। ଆସନ୍ତା ୫ ତାରିଖରେ ମତଦାନ ହେବାକୁ ରହିଥିଲା ବେଳେ ଆସନ୍ତାକାଲି ନିର୍ବାଚନ ପ୍ରଚାର ପାଇଁ ଶେଷ ଦିନ। ଏହାକୁ ନେଇ ସବୁ ରାଜନୈତିକ ଦଳ ଦିନ ରାତି ଏକ କରି ଭୋଟରଙ୍କୁ ମନାଇବାକୁ ଲାଗିଛନ୍ତି। ତେବେ ଏହି ନିର୍ବାଚନରେ ମୁଖ୍ୟତଃ ବିଜେପି ଏବଂ ଆମ ଆଦମୀ ପାର୍ଟି(ଆପ୍) ମଧ୍ୟରେ ଜୋରଦାର ଲଢେଇ ହେବାକୁ ଯାଉଥିବାରୁ ଏହି ଦୁଇ ଦଳ ପକ୍ଷରୁ ରବିବାର ବିଭିନ୍ନ ସ୍ଥାନରେ ପ୍ରଚାର ଅଭିଯାନ ଜୋରଦାର ରହିଥିଲା। ଏଠାକାର ପ୍ରମୁଖ ଏବଂ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନୀ ମଣ୍ଡଳୀରେ ସଭା ସମିତି ଓ ରାଲି କରାଯିବା ସହିତ ଉଭୟ ଦଳର ପ୍ରମୁଖ ନେତା ଯୋଗ ଦେଇ ଭୋଟରଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରିଛନ୍ତି। ଏହିକ୍ରମରେ ଆପ୍ ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ବିଭିନ୍ନ ସଭାରେ ଯୋଗ ଦେବା ସହିତ ଆପ୍ ନିର୍ବାଚନରେ ବିଜୟୀ ହେବ ବୋଲି ଦୃଢୋକ୍ତି କରିଛନ୍ତି। କିନ୍ତୁ ପରାଜୟ ଭୟରେ ବିଜେପି ଆପ୍ କର୍ମୀଙ୍କ ଉପରେ ଆକ୍ରମଣ କରିଚାଲିଛି ବୋଲି କହିଛନ୍ତି। ବିଗତ ଦିନରେ ଦିଲ୍ଲୀର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ବିଜେପି ଗୁଣ୍ଡାମାନେ ଆପ୍ ନେତା ଓ କର୍ମୀଙ୍କ ଉପରେ ଆକ୍ରମଣ କରିଛନ୍ତି। ଅନେକ ସ୍ଥାନରେ ନେତା ଓ କର୍ମୀଙ୍କ ଗାଡି ଭାଙ୍ଗିଛନ୍ତି। ଏନେଇ ସେ ନିର୍ବାଚନ କମିସନଙ୍କୁ ଅବଗତ କରି ତୁରନ୍ତ ପଦକ୍ଷେପ ନେବାକୁ କହିଥିଲେ ମଧ୍ୟ ଏଯାଏ କିଛି ବି ପଦକ୍ଷେପ ନିଆଯାଇ ନାହିଁ। ନିର୍ବାଚନ କମିସନ କୁମ୍ଭକର୍ଣ୍ଣ ପାଲଟିଯାଇଛନ୍ତି ବୋଲି କେଜ୍ରିୱାଲ କହିଛନ୍ତି।

**ଦଳୀୟ କର୍ମୀଙ୍କ ଉପରେ ବିଜେପିର ଆକ୍ରମଣ ଚାଲିଛି**

**କୁମ୍ଭକର୍ଣ୍ଣ ସାଜିଛି ନିର୍ବାଚନ ଆୟୋଗ**

# ବିଜେପି କେବଳ ମଧ୍ୟବିତ୍ତଙ୍କ କଥା ବୁଝିପାରିବ: ମୋଦୀ



ବିଜେପି ପକ୍ଷରୁ ମଧ୍ୟ ରବିବାର ଦିଲ୍ଲୀର ବିଭିନ୍ନ ସ୍ଥାନରେ ସଭା କରାଯିବା ସହିତ ରାଲି କରାଯାଇଛି। ଆର କେ ପୁରମରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇ କଂଗ୍ରେସ ଏବଂ ଆପ୍ ବିରୋଧରେ ବର୍ଷିବା ସହିତ କେବଳ ବିଜେପି ହିଁ ଦିଲ୍ଲୀବାସୀଙ୍କୁ ସୁଶାସନ ଦେଇପାରିବ ବୋଲି କହିଛନ୍ତି। ବିଶେଷକରି ମଧ୍ୟବିତ୍ତ ଶ୍ରେଣୀଙ୍କ ପାଇଁ ଯେଉଁସବୁ ସମସ୍ୟା ରହିଛି ବିଜେପି ତାହାର ସମାଧାନ କରିପାରିବ ବୋଲି ସେ କହିଛନ୍ତି। ଏହିକ୍ରମରେ ସେ କେନ୍ଦ୍ରୀୟ ବଜେଟରେ ୧୨ ଲକ୍ଷ ଟଙ୍କା ଆୟ ପର୍ଯ୍ୟନ୍ତ ଆୟକର ମୁକ୍ତ ବିଷୟକୁ ଉତଥାପନ କରି କଂଗ୍ରେସକୁ ନିଶାଣ କରିଥିଲେ। ଚଳିତ ବଜେଟରେ ଏଭଳି ନିଷ୍ପତ୍ତି ସ୍ୱାଧୀନତା ପରେ ପ୍ରଥମ ହୋଇଥିଲା ବେଳେ ଏହାଦ୍ୱାରା ସରକାରୀ ଚାକିରିଆ ସର୍ବାଧିକ ଭାବେ ଲାଭବାନ ହେବେ ବୋଲି କହିଥିଲେ। କିନ୍ତୁ ଆଜି ଯଦି ଇନ୍ଦିରା ସରକାର ଥାଆନ୍ତା ତେବେ ଜଣେ ବର୍ଷକୁ ୧୨ ଲକ୍ଷ ଟଙ୍କା ଆୟ କରୁଥିଲେ ସେଥିରୁ ୧୦ ଲକ୍ଷ ଟଙ୍କା ଟିକସ ଦେବାକୁ ପଡ଼ିଥାଆନ୍ତା ବୋଲି ମୋଦୀ କହିଥିଲେ। କଂଗ୍ରେସ ସରକାର ଅମଳରେ ବିପୁଳ ପରିମାଣରେ ଟିକସ ଆଦାୟ କରାଯାଉଥିଲା। ନେହେରୁଙ୍କ ସମୟରେ ଆୟର ଏକ ଚତୁର୍ଥାଂଶ ଟିକସ ଦେବାକୁ ପଡୁଥିବାବେଳେ ଇନ୍ଦିରା ଗାନ୍ଧିଙ୍କ ସମୟରେ ସ୍ଥିତି ଏପରି ହୋଇଥିଲା ଯେ ଲୋକଙ୍କୁ ୯୭.୫ ପ୍ରତିଶତ ଟିକସ ଦେବାକୁ ପଡୁଥିଲା। କିନ୍ତୁ ତାଙ୍କ ସରକାର ୧୨ ଲକ୍ଷ ପର୍ଯ୍ୟନ୍ତ ଆୟ ଉପରେ ଆୟକର ସଂପୂର୍ଣ୍ଣ ଛାଡ଼ କରିଦେଇଛନ୍ତି। ଏହା ଦ୍ୱାରା ମଧ୍ୟବିତ୍ତଙ୍କ ପକେଟକୁ ଅଧିକ ଅର୍ଥ ଆସିବ। ଦୁର୍ନୀତିରେ ବୁଡ଼ି ରହିଥିବା ଆପ୍ କଦାଚିତ ଦିଲ୍ଲୀବାସୀଙ୍କୁ ଖୁସି ଦେଇପାରିବ ନାହିଁ ବୋଲି ସେ କହିଥିଲେ।

# କଂଗ୍ରେସର 'ଇଗଲ' କମିଟି ପରଖିବ ନିର୍ବାଚନୀ ତ୍ରୁଟି

ଦେଶରେ ସ୍ୱଚ୍ଛ ଏବଂ ମୁକ୍ତ ନିର୍ବାଚନ ପରିଚାଳନା ତଦାରଖ କରିବାକୁ କଂଗ୍ରେସ ରବିବାର ଏକ ଆକ୍ସନ ଗ୍ରୁପ୍ ଗଠନ କରିଥିବା ଘୋଷଣା କରିଛି। 'ଏମ୍ପାୱର୍ଡ ଆକ୍ସନ ଗ୍ରୁପ୍ ଅଫ୍ ଲିଡର୍ସ ଆଣ୍ଡ ଏକ୍ସପର୍ଟସ(ଇଗଲ) ନାମରେ ଗଠନ କରାଯାଇଥିବା ଏହି ଗ୍ରୁପ୍‌ରେ ବରିଷ୍ଠ ନେତାଙ୍କ ସହିତ ବିଶେଷଜ୍ଞମାନେ ସାମିଲ ହେବେ। ଦେଶରେ ବିଭିନ୍ନ ସମୟରେ ହେଉଥିବା ବିଭିନ୍ନ ନିର୍ବାଚନ ପ୍ରକ୍ରିୟାକୁ ତଦାରଖ କରିବା ସହିତ ଏହାକୁ କିଭଳି ସ୍ୱଚ୍ଛ ଏବଂ ମୁକ୍ତ କରାଯାଇପାରିବ ସେ ନେଇ ଏହି ଗ୍ରୁପ୍ କାର୍ଯ୍ୟ କରିବ। ଏହି ଗ୍ରୁପ୍‌ରେ ବରିଷ୍ଠ ନେତା ଅଜୟ ମାକେନ,ଦିଗବିଜୟ ସିଂ, ଅଭିଷେକ ମନୁସିଂହଭି, ପ୍ରବୀଣ ଚକ୍ରବର୍ତ୍ତୀ, ପଓ୍ୱନ ଖେରା, ଗୁରଦୀପ୍ ସିଂ ସପ୍ପଲ, ନୀତୀନ ରାଉତ ଏବଂ ଚଲ୍ଲା ଭାମସି ଚାନ୍ଦ ରେଡ୍ଡି ପ୍ରମୁଖ ସଦସ୍ୟ ରହିବେ। ପ୍ରଥମେ ମହାରାଷ୍ଟ୍ର ନିର୍ବାଚନରେ ଭୋଟର ତାଲିକାରେ ହୋଇଥିବା ହେରଫେର ସମ୍ପର୍କରେ ଏହି ଗ୍ରୁପ୍ ତର୍ଜମା କରିବ। ପରେ ପରେ ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନ ପ୍ରକ୍ରିୟାକୁ ମଧ୍ୟ ତଦାରଖ କରିବ ବୋଲି ଦଳର ବରିଷ୍ଠ ନେତା କେ ସି ଭେନୁଗୋପାଳ କହିଛନ୍ତି।

# ଆର୍‌ଜି କର ହସ୍ପିଟାଲରୁ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

କୋଲକାତା, ୨।୨ (ଏଜେନ୍ସି): ଟ୍ରେନି ମହିଳା ଡାକ୍ତରଙ୍କ ଦୁଷ୍କର୍ମ ଓ ହତ୍ୟା ମାମଲା ପାଇଁ ବଦ୍‌ନାମ କୋଲକାତାର ଆର୍‌ଜି କର ହସ୍ପିଟାଲ ପୁଣି ଚର୍ଚ୍ଚାରେ। ଏଠାରୁ ୨୦ ବର୍ଷୀୟ ମେଡିକାଲ ଛାତ୍ରୀ ଇଭି ପ୍ରସାଦଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। କମରାହାଟି ଇଏସ୍ଆଇ ହସ୍ପିଟାଲ କ୍ୱାର୍ଟରରେ ସେ ରହୁଥିଲେ। ଇଭିଙ୍କ ମାଆ ଏହି ହସ୍ପିଟାଲର ଡାକ୍ତର ଥିବାବେଳେ ବାପା ଏକ କେନ୍ଦ୍ରୀୟ ବ୍ୟାଙ୍କର ଅଧିକାରୀ ଅଛନ୍ତି। ମାଆ ତାଙ୍କ ସହ ଯୋଗାଯୋଗ କରିବାକୁ ପ୍ରୟାସ କରିଥିଲେ। ମାତ୍ର ଝିଅ ଫୋନ୍ ଉଠାଇ ନ ଥିଲେ। ଶେଷରେ ସେ ଶୁକ୍ରବାର ରାତିରେ କ୍ୱାର୍ଟରରେ ପହଞ୍ଚି ଥିଲେ। କବାଟ ଭାଙ୍ଗିବା ପରେ ଝିଅ ଫାଶୀ ଦେଇଥିବା ଦେଖିବାକୁ ପାଇଥିଲେ।

# ତେଲଙ୍ଗାନା କଂଗ୍ରେସର ୧୦ ବିଧାୟକଙ୍କ ଗୁପ୍ତ ବୈଠକକୁ ନେଇ ଚର୍ଚ୍ଚା

ହାଇଦରାବାଦ,୨।୨(ଏଜେନ୍ସି): ତେଲଙ୍ଗାନାର ଶାସକ କଂଗ୍ରେସର ଦଳର ୧୦ ବିଧାୟକଙ୍କ ଗୁପ୍ତ ବୈଠକକୁ ନେଇ ଏବେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। କ୍ଷମତାସୀନ କଂଗ୍ରେସରେ ସବୁ ଠିକ୍‌ଠାକ୍ ଚାଲିଛି ନା କୌଣସି କାରଣକୁ ନେଇ ଅନ୍ତଃକନ୍ଦଳ ସୃଷ୍ଟି ହୋଇଛି ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବିଶେଷକରି ଏଠାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଓ ବିଧାନ ପରିଷଦ (ଏମ୍ଏଲ୍ସି) ନିର୍ବାଚନ ପୂର୍ବରୁ ଏହି ପ୍ରସଙ୍ଗ ଦଳୀୟ ନେତୃତ୍ୱ ପାଇଁ ଚିନ୍ତାର କାରଣ ହୋଇଥିବା କୁହାଯାଉଛି। ମିଳିଥିବା ସୂଚନା ଅନୁସାରେ ବିଧାୟକ ଅନିରୁଦ୍ଧ ରେଡ୍ଡିଙ୍କ ବାସଭବନରେ ବସିଥିବା ବୈଠକରେ ନୈନୀ ରାଜେନ୍ଦ୍ର ରେଡ୍ଡି, ଭୂପତି ରେଡ୍ଡି, ଲକ୍ଷ୍ମୀକାନ୍ତ ରାଓ, ଡି ମାଧବ ରେଡ୍ଡି ଓ ବୀର୍ଲା ଇଲିୟାହ ,ୱାଇ ଶ୍ରୀନିବାସ ରେଡ୍ଡି, ମୁରଲୀ ନାଏକ, କେ ରାଜେଶ ରେଡ୍ଡି, ସଞ୍ଜୀବ ରେଡ୍ଡି ଉପସ୍ଥିତ ଥିଲେ।ଏହି ବୈଠକରେ ଦୁଇ ଜଣ ମନ୍ତ୍ରୀଙ୍କ ବିଷୟରେ ଆଲୋଚନା ହୋଇଥିଲା ବୋଲି ଜଣାପଡ଼ିଛି। ଏହି ଦୁଇ ମନ୍ତ୍ରୀ ଠିକା କାମ ପାଇଁ ଲାଞ୍ଚ ମାଗୁଥିବା ଅଭିଯୋଗ ହୋଇଛି। ସେହିପରି ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ପି ଶ୍ରୀନିବାସ ରେଡ୍ଡିଙ୍କ ବିରୋଧରେ ଏହି ବିଧାୟକମାନେ ଅଧିକ ଅସନ୍ତୋଷ ପ୍ରକଟ କରିଥିଲେ। ତେବେ ଏହି ୧୦ ବିଧାୟକଙ୍କ ରୁଦ୍ଧଦ୍ୱାର ବୈଠକକୁ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡି ଗୁରୁତ୍ୱ ସହ ବିଚାର କରୁଥିବା କୁହାଯାଇଛି।

## ମହାକୁମ୍ଭରେ ଗାଡ଼ି ପ୍ରବେଶ ନିଷିଦ୍ଧ

# ଆଜି ଅମୃତ ସ୍ନାନ: ସୁରକ୍ଷା କଡ଼ାକଡ଼ି

ପ୍ରୟାଗରାଜ, ୨।୨ (ଏଜେନ୍ସି):

ବିଜ୍ଞାନ ଏବଂ ଆଧ୍ୟାତ୍ମିକତାର ସଙ୍ଗମ ସ୍ଥଳ ମହାକୁମ୍ଭ ରବିବାର ୨୧ ଦିନରେ ପହଞ୍ଚିଛି। ଶ୍ରୀ ପଞ୍ଚମୀର ଦିନକ ପୂର୍ବରୁ ପ୍ରୟାଗରାଜରେ ପ୍ରବଳ ଗହଳି ଲାଗି ରହିଛି। ଆଜି ଦେଶ ବିଦେଶ କୋଟିଏରୁ ଅଧିକ ଶ୍ରଦ୍ଧାଳୁ ସଙ୍ଗମରେ ବୁଡ଼ ପକାଇଛନ୍ତି। ଏ ପର୍ଯ୍ୟନ୍ତ ବିଶ୍ୱର ଏହି ବଡ଼ ଆଧ୍ୟାତ୍ମିକ ମେଳାରେ ୩୪.୫୭ କୋଟିରୁ ଅଧିକ ଲୋକ ବୁଡ଼ ପକାଇଲେଣି। ଏହା ମଧ୍ୟରେ ସୋମବାରର ଅମୃତ ସ୍ନାନ ପାଇଁ ପ୍ରଶାସନ ପକ୍ଷରୁ ସୁରକ୍ଷାବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଭିଡ଼କୁ ଦେଖି ରବିବାରଠୁ ମଙ୍ଗଳବାର ପର୍ଯ୍ୟନ୍ତ ପ୍ରୟାଗରାଜ ସହର ଏବଂ ମେଳା କ୍ଷେତ୍ରକୁ ଗାଡ଼ି ପ୍ରବେଶ ନିଷିଦ୍ଧ କରିଦିଆଯାଇଛି। ତେଣୁ ଶ୍ରଦ୍ଧାଳୁଙ୍କୁ ସହର ବାହାରେ ଗାଡ଼ି ପାର୍କିଂ କରିବାକୁ ପଡ଼ିବ। ବଡ଼ ଏବଂ ଛୋଟ ଗାଡ଼ି ପାଇଁ ଅଲଗା ଅଲଗା ପାର୍କିଂ ବ୍ୟବସ୍ଥା ହୋଇଛି। ପାର୍କିଂ କ୍ଷେତ୍ରରୁ ସଟଲ୍ ବସ୍ କିମ୍ବା ଚାଲି ଚାଲି ମେଳା କ୍ଷେତ୍ରକୁ ଯିବାକୁ ହେବ। ସେହିପରି ଭି ଭି ଆ ଇ ପି ପାସ୍ ବାତିଲ କରାଯାଇଛି। ପର୍ଯ୍ୟବେକ୍ଷଣ ପାଇଁ ହେଲିକପ୍ଟର ମୁତୟନ କରାଯାଇଛି। ରେଳ ଷ୍ଟେସନରେ ଅସମ୍ଭାଳ ଭିଡ଼ ହେଉଛି। ଏହାକୁ ଦେଖି ଟ୍ରାଫିକ ବ୍ୟବସ୍ଥାକୁ ଏକପାଖିଆ (ୱାନ-ୱେ) କରିଦିଆଯାଇଛି। ଶ୍ରଦ୍ଧାଳୁ ଗୋଟିଏ ପଟେ ଆସିଲେ ଆଉ ଗୋଟିଏ ପଟେ ଯିବେ। ଏହା ମଧ୍ୟରେ ମହାକୁମ୍ଭ ଦଳାଚକଟାକୁ ନେଇ ସୋସିଆଲ ମିଡିଆରେ ୨ଟି ଭିଡିଓ ଭାଇରାଲ କରାଯାଇଛି। ଏଥିରେ କୁହାଯାଉଛି ଯେ କିଡ୍‌ନୀ, ଲିଭର ବାହାର କରି ମୃତଦେହକୁ ନଦୀରେ ପ୍ରବାହିତ କର। ପୁଲିସ ଏହି ଦୁଇ ଆକାଉଣ୍ଟ ବିରୋଧରେ ମାମଲା ରୁଜୁ କରିଛି।

ଅନ୍ୟପକ୍ଷରେ ମହାମଣ୍ଡଳେଶ୍ୱର ପଦବୀକୁ ନେଇ ବିବାଦ ହେବା ସତ୍ତ୍ୱେ ମମତା କୁଲକର୍ଣ୍ଣୀ ପ୍ରଥମ ଥର ପାଇଁ ଭସ୍ମ ଶୃଙ୍ଗାର କରିଛନ୍ତି। ଏହାପରେ କିନ୍ନର ଆଖଡ଼ାର ଆଚାର୍ଯ୍ୟ ମହାମଣ୍ଡଳେଶ୍ୱର ଡ.ଲକ୍ଷ୍ମୀ ନାରାୟଣ ତ୍ରିପାଠୀଙ୍କ ଠାରୁ ସେ ଆଶୀର୍ବାଦ ନେଇଛନ୍ତି। ସୂଚନାଯୋଗ୍ୟ ଯେ ନିଜକୁ ଏହି ଆଖଡ଼ାର ପ୍ରତିଷ୍ଠାତା କହୁଥିବା ଋଷି ଅଜୟ ଦାସ ନିୟମ ଭଙ୍ଗ କରିଥିବା ଦର୍ଶାଇ ମମତା ଏବଂ ତାଙ୍କ ଗୁରୁ ଲକ୍ଷ୍ମୀ ନାରାୟଣଙ୍କୁ ପଦରୁ ବାହାର କରିଦିଆଯାଇଛି ବୋଲି ଘୋଷଣା କରିଥିଲେ। କିନ୍ତୁ ଏହି ନିଷ୍ପତ୍ତି ନେବାକୁ ଅଜୟ ଦାସ କିଏ ବୋଲି ତ୍ରିପାଠୀ କହିଥିଲେ।



ମମତା କୁଲକର୍ଣ୍ଣୀଙ୍କ ଭସ୍ମ ଶୃଙ୍ଗାର

### ମହାକୁମ୍ଭରେ ୨୦୦ରୁ ଅଧିକ ଟ୍ରେନି ଆଇପିଏସ୍ ମୁତୟନ

ସଙ୍ଗମ କ୍ଷେତ୍ରରେ ୨୦୦ରୁ ଅଧିକ ଟ୍ରେନି ଆଇପିଏସଙ୍କୁ ମୁତୟନ କରାଯାଇଛି। ଏମାନଙ୍କୁ ଗହଳି ପରିଚାଳନାର ପ୍ରଶିକ୍ଷଣ ଦିଆଯାଇଛି। ସମ୍ପୂର୍ଣ୍ଣ ମେଳା କ୍ଷେତ୍ର ଗସ୍ତ କରି ଏହି ଟ୍ରେନି ଅଧିକାରୀମାନେ ପୁଲିସ ଲାଇନକୁ ଆସି ଯାଇଛନ୍ତି। ଏଠାରେ ସମସ୍ତଙ୍କର ରହିବା ବ୍ୟବସ୍ଥା କରାଯାଇଛି।

# ୯ କୋଟି ଠକିଥିବା ବିଲ୍ଡର ହେଲା ସାଧୁ

ଆଗ୍ରାରୁ ୯ କୋଟି ଟଙ୍କା ଠକେଇ ମାମଲାରେ ଫେରାର ଥିବା ବିଲ୍ଡର ପ୍ରଖର ଗର୍ଗ ସାଧୁ ପାଲଟି ଯାଇଛି। ତାଙ୍କୁ ଗିରଫ କରିବା ପାଇଁ ପୁଲିସ ଅନେକ ସ୍ଥାନରେ ଚଢ଼ଉ କରୁଥିବା ଦାବି କରୁଛି। କିନ୍ତୁ ସେ ମହାକୁମ୍ଭରେ ସାଧୁସନ୍ଥଙ୍କ ସହ ବୁଡ଼ ପକାଉଥିବା ଦେଖିବାକୁ ମିଳୁଛି। ପ୍ରଖରଙ୍କ ସହ ମଥୁରାର ବିଜେପି ସାଂସଦ ହେମାମାଳିନୀଙ୍କୁ ମଧ୍ୟ ଦେଖା ଯାଇଥିଲା। କେବଳ ସେତିକି ନୁହେଁ, ଏହି ଅଭିଯୁକ୍ତ ପ୍ରଖର ଶନିବାର ଆଗ୍ରାର ଦେୱାନୀ କୋର୍ଟରେ ହାଜର ହୋଇଥିଲା। ଏଠାରୁ ତାକୁ ଜାମିନ ମିଳି ଯାଇଥିଲା। ପୂର୍ବରୁ ପୁଲିସ ପ୍ରଖରର ଘରେ ଜବତ ନୋଟିସ ଲଗାଇ ଥିଲା। ବର୍ଷେ ତଳେ ବୃନ୍ଦାବନ କରିଡର ପାଇଁ ୫୧୦ କୋଟି ଟଙ୍କା ଦେବାକୁ ପ୍ରଖର କହିଥିଲା। ଏହାକୁ ନେଇ ସେ ଚର୍ଚ୍ଚାକୁ ଆସି ଯାଇଥିଲା। ମାତ୍ର ଏତଲା ହେବା ପରେ ସେ ପରିବାର ସହିତ ସହର ଛାଡ଼ି ଫେରାର ହୋଇ ଯାଇଥିଲା। ଠକେଇ ମାମଲାରେ ପ୍ରଖର ଏବଂ ତାର ପତ୍ନୀଙ୍କ ବିରୋଧରେ ୨୫ ମାମଲା ରୁଜୁ ହୋଇଛି।



# 'ଚୋଲି କେ ପିଛେ' ଗୀତରେ ନାଚିଲେ ବର

## ବିବାହ ଭାଙ୍ଗିଦେଲେ କନ୍ୟା ପିତା

ନୂଆଦିଲ୍ଲୀ, ୨।୨ (ଏଜେନ୍ସି): ରାଜଧାନୀ ଦିଲ୍ଲୀରୁ ଏକ ଅଜବ ମାମଲା ସାମ୍ନାକୁ ଆସିଛି। ସାଙ୍ଗଙ୍କ ଅନୁରୋଧ ରକ୍ଷା କରି 'ଚୋଲି କେ ପିଛେ କ୍ୟା ହେ' ଗୀତରେ ନାଚିବା ବରଙ୍କ ପାଇଁ ମହଙ୍ଗା ପଡ଼ିଛି। ଏହି ନିଷ୍ପତ୍ତି ବିନାଶକାରୀ ସାବ୍ୟସ୍ତ ହୋଇଛି। ଏହି ଖୁସିର ମୁହୂର୍ତ୍ତ ଆକସ୍ମିକ ଭାବେ ଦୁଃଖ ଆଣିଦେଇଛି। ଏହି ଗୀତରେ ନାଚିବାକୁ କନ୍ୟାପିତା ନାପସନ୍ଦ କରିଛନ୍ତି। ଭାବି ଜ୍ୱାଇଁଙ୍କ ଏପରି ବ୍ୟବହାରରେ କ୍ଷୁବ୍ଧ ହୋଇ ସେ ବିବାହ କରିବାକୁ ମନା କରିଦେଇଛନ୍ତି। ବର ଏବଂ ତାଙ୍କ ସମ୍ପର୍କୀୟ ଯେତେ ବୁଝାଇଲେ ବି କନ୍ୟା ପିତା ବୁଝି ନାହାନ୍ତି। ସେ ନିଜ ଝିଅ କଥା ବି ଶୁଣିନାହାନ୍ତି। ଶେଷରେ କନ୍ୟା ଏବଂ ବର ଉଭୟେ କାନ୍ଦି କାନ୍ଦି ଘରକୁ ଫେରିଛନ୍ତି। ଗତ ୧୮ ତାରିଖର ଏହି ଘଟଣା ସାରା ଦେଶରେ ଚର୍ଚ୍ଚାରେ ରହିଛି।

ରିପୋର୍ଟ ଅନୁଯାୟୀ ବର ପକ୍ଷ ପ୍ରସେଶନରେ ନୂଆଦିଲ୍ଲୀରେ ପହଞ୍ଚି ଥିଲା। ପରେ ସାଙ୍ଗସାଥି ବରଙ୍କୁ ନାଚିବାକୁ ଅନୁରୋଧ କରିଥିଲେ। ମାତ୍ର 'ଚୋଲି କେ ପିଛେ କ୍ୟା ହେ' ଗୀତ ବାଜିବାରୁ ବର ନିଜକୁ ଅଟକାଇ ପାରି ନ ଥିଲେ। ସେ ନାଚିବାରେ ଲାଗିଥିଲେ। ଏହି ସମୟରେ ଅକସ୍ମାତ ଝଡ଼ ଆସିଥିଲା। ଅନେକ ଲୋକେ ବରଙ୍କ ନାଚକୁ ପ୍ରଶଂସା କରୁଥିବାବେଳେ କନ୍ୟା ପିତା ଏହାକୁ ହଜମ କରିପାରି ନ ଥିଲେ। ସେ ସଙ୍ଗେ ସଙ୍ଗେ ଗୀତ ବନ୍ଦ କରି ବିବାହ ରଦ୍ଦ କରିଦେଇଥିଲେ। ଏପରି ବ୍ୟବହାର ଅଗ୍ରହଣୀୟ। ଏହା ତାଙ୍କର ପରମ୍ପରା ନୁହେଁ। ବରଙ୍କ ଏଭଳି ଆଚରଣ ତାଙ୍କ ପାରିବାରିକ ମୂଲ୍ୟବୋଧକୁ ଆଘାତ ଦେଇଛି ବୋଲି କହିଥିଲେ। କନ୍ୟା, ବରଙ୍କ ସହିତ ଅନ୍ୟ ସମ୍ପର୍କୀୟମାନେ ପିତାଙ୍କୁ ବୁଝାଇବାକୁ ପ୍ରୟାସ କରିଥିଲେ। କିନ୍ତୁ ସବୁ ନିଷ୍ଫଳ ହୋଇ ଯାଇଥିଲା। ବିବାହ ଭାଙ୍ଗିବାର ଏତେ ଦିନ ପରେ ବି କନ୍ୟା ପିତା ଶାନ୍ତ ପଡ଼ି ନାହାନ୍ତି। ବର ଏବଂ ତାଙ୍କ ପରିବାର ସହ ଯୋଗାଯୋଗ ନ କରିବା ପାଇଁ ସେ ଝିଅ ସହିତ ସମସ୍ତଙ୍କୁ କହିଛନ୍ତି।



# ଚାଉଳ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ, ଡ୍ରାଇଭର ମୃତ



**ବେଲପଡ଼ା, ୨।୨ (ସମିସ):** ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଥାନା ଭରୁଆମୁଣ୍ଡା ଛକ ନିକଟରେ ଚାଉଳ ବୋଝେଇ ଟ୍ରକ୍ ଦୁର୍ଘଟଣା ଘଟିଛି। ଫଳରେ ଡ୍ରାଇଭର ଜଣକ ମୃତ୍ୟୁବରଣ କରିଛନ୍ତି। ମୃତ ଡ୍ରାଇଭର ପଦ୍ମପୁର ବୋଡେନ ଥାନା ଡ଼ଙ୍ଗାଚଛା ଗାଁର ଜନକ ହାତୀ। ସେ ରାଇପୁରର ଚମ୍ପା ଅଞ୍ଚଳରୁ ଟ୍ରକ୍ ଉ୪୦୬-ଏଗ ୮୬୧୫) ରେ ଚାଉଳ ଧରି ବିଶାଖାପାଟଣା ଯାଉଥିବା ବେଳେ ରାସ୍ତାରେ ଦୁର୍ଘଟଣା ଘଟିଛି। ମୁହାଣ ନିକଟରେ ଭରସାମ୍ୟ ହରାଇ ଦୁର୍ଘଟଣା ଟ୍ରକ୍ ଦୁର୍ଘଟଣା ହୋଇଛି।ମଧ୍ୟ ରାତ୍ରିରେ ଘଟଣା ଘଟିଥିବା ବେଳେ ଖବର ପାଇଁ ଘଟଣାସ୍ଥଳରେ ବେଲପଡ଼ା ଓପାଟଣାଗଡ଼ ଅଗ୍ନିଶମ କର୍ମଚାରୀମାନେ କସରତ କରି ଦୀର୍ଘ ୪ ଘଣ୍ଟା ପରେ ଡ୍ରାଇଭରକୁ ଉଦ୍ଧାର କରିଥିଲେ। ଉଦ୍ଧାର ଡ୍ରାଇଭରକୁ ବେଲପଡ଼ା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତିକରି ଚିକିତ୍ସା କରାଯାଉଥିବା ବେଳେ ଡ୍ରାଇଭର ତାକୁ ମୃତ୍ୟୁ ଘୋଷଣା କରିଛନ୍ତି। ପରିବାର ଲୋକ ଶବବ୍ୟବଚ୍ଛେଦ କରି ହସ୍ତାନ୍ତର କରିଥିବା ବେଳେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପଟେ ବାରମ୍ବାର ଉକ୍ତ ସ୍ଥାନରେ ଦୁର୍ଘଟଣା ଘଟୁଥିବା ଯୋଗୁଁ ବହୁ ଜୀବନ ଯାଉଛି ଯାହାକୁ ନେଇ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଧାମନଡଙ୍ଗା ଗାଁରେ ବେଆଇନ ମାଟି ଚୋରାଚାଲାଣ

# ଜିଲ୍ଲାପାଳ ପଦକ୍ଷେପ ନେବାକୁ ଦାବି



**କଣ୍ଟାବାଞ୍ଜି, ୨।୨(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ତହସିଲ ଅନ୍ତର୍ଗତ ଧାମନଡ଼ଙ୍ଗ ଗାଁରୁ ଅନେକ ଦିନ ହେଲା ରାଜସ୍ୱ ବିଭାଗର ବିନା ଅନୁମତିରେ ବେଆଇନ ଭାବେ ଚେନ ମେସିନ ଲଗାଇ ହାଇୱ ଜରିଆରେ ଜମିରୁ ମାଟି ମାଫିଆମାନେ ହଜାର ହଜାର ଟ୍ରିପ୍ ମାଟି ଚୋରାଚାଲାଣ କରୁଛନ୍ତି। ଗତ କିଛି ଦିନ ହେଲା ବେଆଇନ ମାଟି ଚୋରାଚାଲାଣକୁ ନେଇ ଗଣମାଧ୍ୟମରେ ଖବର ଲଗାତର ଖବର ପ୍ରକାଶିତ ହେଉଥିଲେ ମଧ୍ୟ କଣ୍ଟାବାଞ୍ଜି ତହସିଲ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିବା ତହସିଲ କର୍ତ୍ତୃପକ୍ଷଙ୍କ ଭୂମିକା ନେଇ ସନ୍ଦେହ ଉପୁଜିବାରେ ଲାଗିଛି। ଧାମନଡ଼ଙ୍ଗା ଗାଁରୁ କଶାମାଳ ଯିବା ରାସ୍ତା କଡ଼ ଜମିରୁ ମାଟି ଖନନ କରାଯାଇ ଧାମନଡ଼ଙ୍ଗ ଗାଁର ଜଣେ ବ୍ୟକ୍ତିଙ୍କ ଜମିକୁ ସମତଳ କରାଯାଉଛି।ଏନେଇ ବଲାଙ୍ଗିର ଜିଲ୍ଲା ଖଣି ବିଭାଗ ଅଧିକାରୀଙ୍କୁ ପଚାରିବାରୁ ତହସିଲଦାର, ରାଜସ୍ୱ ନିରୀକ୍ଷକ ଓ ଖଣି ବିଭାଗ ଅଧିକାରୀଙ୍କୁ ଏନେଇ କମିଟି ଗଠନ କରାଯାଇଛି। ପ୍ରତ୍ୟେକ ଦିନ କଣ୍ଟାବାଞ୍ଜି ଅଞ୍ଚଳକୁ ଯାଇ ଆମେ ଚଢ଼ଉ କରି ପାରୁନାହିଁ କାହିଁକି ନା ଆମ କାର୍ଯ୍ୟାଳୟ ସେଠାରୁ ୮୦ କିଲୋମିଟର ଦୂର ଜିଲ୍ଲା ମୁଖ୍ୟାଳୟ ରହିଛି। ଯଦି ଯେଉଁ ବ୍ୟକ୍ତି ପ୍ରଶାସନ ବିନା ଅନୁମତିରେ ବେଆଇନ ଭାବେ ମାଟି ଚୋରାଚାଲାଣ କରୁଥିବା ଖବର ପାଇଲେ ମାଟି ମାଫିଆଙ୍କ ବିରୋଧ କଣ୍ଟାବାଞ୍ଜି ତହସିଲଦାର ଓ ରାଜସ୍ୱ ନିରିକ୍ଷକ କାର୍ଯ୍ୟାନୁଷ୍ଠାନ ନେଇ ପାରିବେ। ରାଜ୍ୟ ସରକାରଙ୍କ ବିପୁଳ ଟଙ୍କାର ରାଜସ୍ୱହାନୀ ହେଉଥିବାରୁ ଜିଲ୍ଲାପାଳ ପଦକ୍ଷେପ ନେବାକୁ ଦାବି ହେଉଛି।

# ଆର୍ଦ୍ରଭୂମି ସଂରକ୍ଷଣ ସଚେତନତା

**ବଲାଙ୍ଗିର, ୨।୨(ସମିସ):** ବଲାଙ୍ଗିର ଜିଲ୍ଲାର ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ଛତାପିପଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଆର୍ଦ୍ର ଭୂମି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀମାନେ ଗ୍ରାମ ପରିକ୍ରମା କରିଥିଲେ। ପରେ ଗ୍ରାମର ପୋଖରୀ ତୁଠ ଠାରେ ଛାତ୍ର ଛାତ୍ରୀମାନେ ଆର୍ଦ୍ର ଭୂମିର ସୁରକ୍ଷା ପାଇଁ ଜଣେ ଜଣେ ଆର୍ଦ୍ରଭୂମି ମିତ୍ର ଭାବେ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହୋଇଥିବା କୁଇଜ, ବକ୍ତୃତା, ଚିତ୍ରାଙ୍କନ, ସ୍ଲୋଗାନ ଲିଖନ, ପୋଖରୀ ସଫେଇ ଆଦି ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।ସ୍କୁଲର ପ୍ରଧାନ ଶିକ୍ଷକ ଭାଗିରଥି ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ପଟେଲ, ଗୋବିନ୍ଦ ଥାଟି, ଜିବାନନ୍ଦ ଖମାରୀ ନିଜ ନିଜ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଇକୋକ୍ଲବ ଇନ୍ ଚାର୍ଜ ପ୍ରକୃତି ବନ୍ଧୁ ଶିକ୍ଷକ ଜୟକୃଷ୍ଣ ନାଏକ ପରିଚାଳନା କରିଥିବା ବେଳେ ଯୁଧିଷ୍ଠିର ଡାଙ୍ଗ, ଲାଲବାହାଦୁର ବାରିକ, ତୀର୍ଥରାଜ ପଧାନ, ଶ୍ରୀପତି ପାତ୍ର, ସୁନାବିର ନାଗ ପ୍ରମୁଖ ସହଯୋଗ କରିଥିଲେ।

## ବଡଟିକା ପାକ୍ସରେ ଧାନର ମିଛ ଏଣ୍ଟ୍ରି ଘଟଣା

# ମାସେ ପରେ ବି ତଦନ୍ତ କି କାର୍ଯ୍ୟାନୁଷ୍ଠାନ ନାହିଁ

**ବଲାଙ୍ଗିର, ୨।୨(ସମିସ)**

ବଲାଙ୍ଗିର ଜିଲ୍ଲାରେ ଖରିଫ ଧାନକିଣା ଅନିୟମିତତା ଓ ତାହାର ତଦନ୍ତ ପ୍ରହସନ ପାଲଟିଛି। ଘଟଣା ସାମ୍ନାକୁ ଆସିଲେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ତଦନ୍ତ ନିର୍ଦ୍ଦେଶ ଦେଉଛନ୍ତି ସତ କିନ୍ତୁ ତାହାର ରିପୋର୍ଟକୁ ଧାନ ଦେଉଛନ୍ତି ନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଯାହାର ସୁଯୋଗ ନେଇ ପାକ୍ସ ସମ୍ପାଦକ ଓ ମିଲ ମାଲିକମାନେ ଚାଷୀଙ୍କୁ ଠକି ନିଜ ଗୋଦାମ ଓ ପକେଟ ଗରମ କରୁଥିବା ଅଭିଯୋଗ ହୋଇଛି। ଯାହାର ଜ୍ୱଳନ୍ତ ଉଦାହରଣ ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ବଡଟିକା ପାକ୍ସରେ ହୋଇଥିବା ଧାନ ମିଛ ଏଣ୍ଟ୍ରି ଘଟଣା। ଯେଉଁ ଘଟଣାରେ ନିଜେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ କିନ୍ତୁ ଆଜିକୁ ପ୍ରାୟ ମାସେ ବିତିବାକୁ ବସିଲାଣି କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ଜଣାପଡ଼ିଛି।



## ଅଭିଯୋଗ ଭୁଲିଗଲେଣି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ

ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ବଡଟିକା ପାକ୍ସରେ ପ୍ରାୟ ୮ଶହ କୁଇଣ୍ଟାଲ ଧାନ ମିଛ ଏଣ୍ଟ୍ରି କରାଯାଇଥିବା ଜଣାପଡ଼ିଥିଲା। ଏହି ପାକ୍ସରେ ଧାନ ଉଠାଉଥିବା ଗୁଡଭେଲା ବ୍ଲକର ସମଲେଶ୍ୱରୀ ପେଡ଼ି ପ୍ରୋସେସିଂ ଏହି ମିଛ ଏଣ୍ଟ୍ରି କରିଥିବା ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗ ଆସିବା ପରେ ପାକ୍ସରେ ଚାଲିଥିବା କଳାକାରବାର ସାମ୍ନାକୁ ଆସିଥିବା ବେଳେ ଏହାର ତଦନ୍ତ ପାଇଁ ଦାବି ଉଠିଥିଲା। ଏହି କାରବାରକୁ ନେଇ ଯେତେବେଳେ ସମ୍ପୃକ୍ତ ପାକ୍ସ ସମ୍ପାଦକ ଜଗନ୍ନାଥ ପଧାନଙ୍କୁ ପଚରାଯାଇଥିଲା ସେହି ସମୟରେ ସେ କୌଣସି ତଥ୍ୟ ଦେବା ବଦଳରେ ଲୁଚାଇଥିଲେ। ଏହି ଘଟଣାକୁ ନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଗତ ୪ ତାରିଖରେ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଜଣେ ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ନେତୃତ୍ୱରେ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ସମ୍ପୃକ୍ତ ଅଧିକାରୀଙ୍କ ବଦଳରେ ଲୋଇସିଂହା ବ୍ଲକ ଯୋଗାଣ ଅଧିକାରୀ ସୌମ୍ୟ ମହାନନ୍ଦ ପାକ୍ସକୁ ଯାଇ ଏହାର ଯାଞ୍ଚ କରିଥିବା ଜଣାପଡ଼ିଥିଲା। ତେବେ ସେହି ଯାଞ୍ଚ ପରେ ସମ୍ପୃକ୍ତ ଅଧିକାରୀ ଜଣକ ପାକ୍ସ ଓ ମିଲ ମାଲିକଙ୍କ ସପକ୍ଷରେ ନିଜ ମତ ରଖିଥିଲେ। ପାକ୍ସରେ କିଛି ସେହିଭଳି କାରବାର ହୋଇନଥିବା କହିଥିଲେ। ଏହା ସହିତ କିଛି ସିସିଟିଭି ଫଟୋ ମଧ୍ୟ ଦେଖାଇଥିଲେ। ଯେଉଁଥିରେ ଟ୍ରକ୍ ମାନଙ୍କରେ ଧାନ ଲୋଡ ହେଉଥିବା ଦେଖାଯାଉଥିଲା କିନ୍ତୁ ଟ୍ରକ୍ର ନମ୍ବର ଦେଖାଯାଉନଥିଲା। ତେବେ ସେହି ଟ୍ରକ୍ କେଉଁ ମିଲର ତାହା କହିବା ମୁସ୍କିଲ। ସ୍ଥାନୀୟ କିଛି ଚାଷୀଙ୍କ କହିବା ଅନୁସାରେ ଏହି ପାକ୍ସରେ ବିଭିନ୍ନ ପ୍ରକାର ଅନିୟମିତତା ଚାଲିଥିବା ଅଭିଯୋଗ କରିଥିଲେ। କିନ୍ତୁ ସମ୍ପୃକ୍ତ ପାକ୍ସ ସମ୍ପାଦକ ଜଣେ କରିତକର୍ମା ସମ୍ପାଦକ ହୋଇଥିବାରୁ ମିଲ ମାଲିକଙ୍କ ସହ ମିଶି ଉକ୍ତ ଅଭିଯୋଗକୁ ଚାପି ଦେବାରେ ସଫଳ ହୋଇଛନ୍ତି। ଏହି ଘଟଣାରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ ଏହାର ରିପୋର୍ଟ ଯୋଗାଣ ଅଧିକାରୀ ଦାଖଲ କରିଛନ୍ତି ନା ନାହିଁ ତାହା ମଧ୍ୟ ସବୁଠାରୁ ବଡ ପ୍ରଶ୍ନ ହୋଇରହିଛି।ଘଟଣାକୁ ପ୍ରାୟ ମାସେ ବିତିବାକୁ ବସିଥିବା ବେଳେ ଆଜି ପର୍ଯ୍ୟନ୍ତ ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଏହି ମାମଲାକୁ ଯୋଗାଣ ବିଭାଗ ଚାପିଦେଇଥିବା ଅଭିଯୋଗ ହୋଇଛି। ଏନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଶ୍ରୀ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଭୁଲି ଯାଇଥିବା ଭଳି ଏମିତି କିଛି ହୋଇଥିଲା କି ବୋଲି ଓଲଟି ପ୍ରଶ୍ନ କରିଥିଲେ। ତତସଙ୍ଗେ ଏବିଷୟରେ ବୁଝିବା ପରେ ସେ କହିପାରିବେ ବୋଲି କହିଥିଲେ। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଏହି ପ୍ରତିକ୍ରିୟା ହିଁ ବୟାନ କରୁଛି ପ୍ରଶାସନର ଚାଷୀଙ୍କ ପ୍ରତି ଦରଦ କେତେ। ଜିଲ୍ଲାରେ ପାକ୍ସମାନଙ୍କରେ ଅନେକ ଅନିୟମିତତା ଘଟଣା ସାମ୍ନାକୁ ଆସିଛି କିନ୍ତୁ ପ୍ରଶାସନ କୌଣସି ଘଟଣାକୁ ଗୁରୁତର ସହ ନେଇ ନଥିବା ଚାଷୀ ନେତାମାନେ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଗୁରୁତର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି।

## ଚାନ୍ଦୋତରାକୁ ବ୍ଲକ୍ ମାନ୍ୟତା ପ୍ରସଙ୍ଗ

# ବିଡିଓଙ୍କୁ କ୍ରିୟାନୁଷ୍ଠାନ କମିଟିର ଦାବିପତ୍ର ପ୍ରଦାନ

**ବଙ୍ଗୋମୁଣ୍ଡା, ୨।୨(ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକର ଚାନ୍ଦୋତରାକୁ ବ୍ଲକ ମାନ୍ୟତା ଦାବି ନେଇ ବଙ୍ଗୋମୁଣ୍ଡା ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୧୯୯୩ ମସିହାରୁ ଚାନ୍ଦୋତରାକୁ ବ୍ଲକ ମାନ୍ୟତା ଦାବି ହୋଇଆସୁଛି। ବ୍ଲକ ମୁଖ୍ୟାଳୟକୁ ଆସିବା ପାଇଁ ଏହି ଅଞ୍ଚଳରୁ ୩୫/୪୦ କିଲୋମିଟର ଦୂର ହେଉଥିବାରୁ ଲୋକଙ୍କ ପାଖକୁ ସରକାରୀ ଯୋଜନା ଠିକ ଭାବରେ ପହଞ୍ଚି ପାରୁନଥିବା ଅଭିଯୋଗ ହେଉଛି। ପାହାଡ଼ପର୍ବତ ଘେରା ଭିତରେ ନଦୀ ପ୍ରତିବନ୍ଧକ ଓ ତିନୋଟି ଜିଲ୍ଲାର ସୀମାରେ ବହୁତ ଅବହେଳିତ ହୋଇ ସାମାଜିକ, ସାଂସ୍କୃତିକ, ଆର୍ଥିକ ଉନ୍ନତି ପଛରେ ଚାନ୍ଦୋତରା ଅଞ୍ଚଳ ରହିଆସିଥିବା ଅଭିଯୋଗ ହେଉଛି। ବିଚ୍ଛିନ୍ନ ଅଞ୍ଚଳ ଭାବେ ଦୀର୍ଘ ବର୍ଷ ଧରି ସରକାରୀ ସୁବିଧାରୁ ବହୁ ପଛରେ ରହିଯାଇଥିବା ଅଞ୍ଚଳର ଲୋକଙ୍କୁ ବ୍ଲକ ମୁଖ୍ୟାଳୟକୁ ଯିବା ପାଇଁ ୪୦ କିଲୋମିଟର ଦୂର ହେଉଥିବାରୁ ଏବେ ବି ଅନେକ ଲୋକ ମୁଖ୍ୟାଳୟକୁ ଯିବା ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି।ଭୌଗୋଳିକ ଦୃଷ୍ଟିରୁ ଚାନ୍ଦୋତରା ମଧ୍ୟବର୍ତ୍ତୀ ସ୍ଥାନ ହୋଇଥିବାରୁ ଚାନ୍ଦୋତରାକୁ ବ୍ଲକ ଘୋଷଣା ହୋଇଆସୁଛି। ଦୀର୍ଘ ବର୍ଷରୁ ବ୍ଲକ ମାନ୍ୟତା ଦାବି ହୋଇଆସୁଥିବା ବେଳେ ଶନିବାର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଡିଓଙ୍କ ଅନୁପସ୍ଥିତିରେ ଜିପିଡିଓ ପୁରୁଷୋତ୍ତମ ମାଝୀ ଦାବିପତ୍ର ଗ୍ରହଣ କରିଥିଲେ। ଚାନ୍ଦୋତରା ବ୍ଲକ କ୍ରିୟାନୁଷ୍ଠାନ କମିଟି ସଭାପତି ତଥା ଚାନ୍ଦୋତରା ସରପଞ୍ଚ ଜିତେନ୍ଦ୍ର ବଛା, ସମ୍ପାଦକ ତଥା ଭୁର୍ଷାଗୁଡ଼ା ସମିତି ସଭ୍ୟ ଦ୍ରୋପଦ ବାରିକ, ସହ ସମ୍ପାଦକ ଘାସିରାମ ସାହୁ, କୋଷାଧ୍ୟକ୍ଷ ତଥା ଜାମଖୁଣ୍ଟା ସରପଞ୍ଚ ଉଦ୍ଧବ ବେହେରା, ଜାମଖୁଣ୍ଟା ସମିତି ସଭ୍ୟ ଦ୍ରୋଣସେନ ବେହେରା, ସନ୍ତୋଷ କୁମାର ବେହେରା, ନରେନ୍ଦ୍ର ରଣା, ଦେବ କୁମାର ବଛା, ପ୍ରଦୀପ ଜାଲ, କୈଳାସ ବେହେରା ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ଚାନ୍ଦୋତରାକୁ ନୂତନ ବ୍ଲକ ମାନ୍ୟତା ଘୋଷଣା କରାଯିବା ପାଇଁ ଦାବି କରିଥିଲେ।ବ୍ଲକ ଘୋଷଣା ନ ହେଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।



# ପାଢ଼େଲ ଗାଁରେ ବିସ୍ଫୋରଣ ; ଦୁଇ ଶିଶୁ ଗୁରୁତର

**ପାଟଣାଗଡ଼, ୨।୨(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ପାଢ଼େଲ ଗ୍ରାମରେ ବ୍ୟାଟେରୀ ବିସ୍ଫୋରଣ ରେ ଦୁଇ ଶିଶୁ ଗୁରୁତର ହୋଇଛନ୍ତି। ଦୁଇ ଶିଶୁଙ୍କୁ ତାଙ୍କ ପରିବାର ଲୋକେ ପାଟଣାଗଡ଼ ଡାକ୍ତରଖାନା କୁ ଆଣି ପ୍ରାଥମିକ ଚିକିତ୍ସା କରିଥିଲେ। ପରେ ବଲାଙ୍ଗିର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନାନୁସାରେ ପାଢେଲ ଗ୍ରାମର ଜଗା ସରାପ (୧୦) ଓ ସଞ୍ଜୀବ ଦଳେଇ (୧୦) ତାଙ୍କ ବାରିପଟେ ଫିଙ୍ଗାଯାଇଥିବା ଏକ ପୁରୁଣା ବ୍ୟାଟେରୀକୁ ଖେଳୁଥିଲେ ଉକ୍ତ ବ୍ୟାଟେରୀକୁ ଏକ ପଥର ସାହାଯ୍ୟରେ ପିଟୁଥିବା ସମୟରେ ବିସ୍ଫୋରଣ ଘଟିଥିଲା। ଉଭୟ ଶିଶୁଙ୍କୁ ପାଟଣାଗଡ଼ ଡାକ୍ତରଖାନା ଓ ପରେ ବଲାଙ୍ଗିର ଭୀମ ଭୋଇ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଘଟଣାରେ ପାଟଣାଗଡ଼ ପୁଲିସ ପାଢେଲ ଗାଁକୁ ଓ ପାଟଣାଗଡ଼ ଡାକ୍ତରଖାନାକୁ ପହଞ୍ଚି ତଦନ୍ତ ଜାରିରଖିଛି। ଖବର ଲେଖାହେବା ପର୍ଯ୍ୟନ୍ତ ଉଭୟ ଶିଶୁ ସୁସ୍ଥ ଥିବା ଜଣାପଡ଼ିଛି।





# ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ; ନାକଟାସର ଦଳ ବିଜୟୀ

**ମୁରିବାହାଲ, ୨।୨(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ୟୁଥଓ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଦିନ ଦ୍ୱିତୀୟ ଦିବସ ମ୍ୟାଚ୍ ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମ୍ୟାଚ୍‌ରେ ନକଟାସର ଦଳ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବରେ ସେମି ଫାଇନାଲ ପ୍ରବେଶ କରିଛି। ଦ୍ୱିତୀୟ ଦିବସର ମ୍ୟାଚ୍ ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ଓ ବଲାଙ୍ଗୀର ନକଟାସର ମଧ୍ୟରେ ହୋଇଥିଲା।ଏଥିରେ ଖଡ଼ିଆଳ ଦଳ ନକଟାସର ୧/୧ ଗୋଲ ଦେଇ ବରାବର ହେବା ଯୋଗୁଁ ଟ୍ରାଇବେକର ମଧ୍ୟମରେ ନକଟାସର ଦଳ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବରେ ସେମିଫାଇନାଲ ପ୍ରବେଶ କରିଛି। ଏହି ଅବସରେ ବଲାଙ୍ଗୀର ଜିଲ୍ଲା ହସ୍ତଶିଳ୍ପ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଅଜିତ ପ୍ରସାଦ ଭୋଇ ମୁଖ୍ୟଅତିଥି, ସମ୍ମାନନିୟ ଅତିଥି ଭାବରେ ବରିଷ୍ଠ ପୁଲିସ ଅଧିକାରୀ ରବୀନ୍ଦ୍ର କୁମାର ସୁନା, ଉପବିଭାଗ ଅଧିକାରୀ ନକୁଳ ମାଝୀ, ମୋନୋବିଭାଗ ବିଭାଗ ଅଧିକାରୀ ବଲାଙ୍ଗୀର ଲିଳନ କୁମାର ପଟ୍ଟନାୟକ, ବରିଷ୍ଠ କ୍ରୀଡାବିତ ନେତ୍ର ମଣି ଭୋଇ, ସଞ୍ଜୟ ବାଗ, ଗିରିଧାରୀ ସାହୁ, ଅଭିମନ୍ୟୁ ଛୁରା ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚ୍‌କୁ ଦୁଷ୍ମନ୍ତ ସାହୁ, ଯୁବରାଜ ଭୋଇ, ଭୁଜରାଜ ଭୋଇ, ଶରତ ପଧାନ, ପରିଚାଳନା କରିଥିଲେ, ଟୁର୍ନାମେଣ୍ଟକୁ ସଫଳ କରିବାରେ ସଭାପତି ଭୋଳା ଭୋଇ, ସମ୍ପାଦକ ପ୍ରଦୀପ କୁମାର ବଘାର, ଦିବ୍ୟସୁନ୍ଦର ସାହୁ, ବିକି ମହାରଣା, ସୁଧାଂଶୁ ଶେଖର ପୋଢ଼ ଯାଦବ, ପିଣ୍ଟୁ ଭୋଇ, ସେମନ୍ତ ବାଗ, ଗୋପୀନାଥ ମାଝୀ, ପ୍ରଫୁଲ୍ଲ କୁମାର ବଘାର, ଅଜିତ କୁମାର ତରିଆ, ଜଦୁପତି ଅଗସ୍ତି, କେଦାର ବଡ଼ଜେନା, ପ୍ରକାଶ ବଘାର, ପ୍ରଶାନ୍ତ ମାହାର ପ୍ରମୁଖ ସହଯୋଗ କରିଥିଲେ, ସୁଦାମ ଚରଣ ବଘାର ଓ ଲିଲୁ ମୋହନ ପଧାନ ଧାରା ବିବରଣି ପ୍ରଧାନ କରିଥିଲେ। ସୋମବାର ଦିନ ବଲାଙ୍ଗିର ଓ କଣ୍ଟାବାଞ୍ଜି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବା ବୋଲି କମିଟି ସୂତ୍ରରୁ ପ୍ରକାଶ।



## ଋଣ ନାମରେ ଚାଷୀଙ୍କୁ ଠକେଇ

# ପୁଇଁନ୍ତଲା ବ୍ଲକ ଜାମଗାଁ ପାକ୍ସ ସମ୍ପାଦକଙ୍କ ବିରୋଧରେ ଅଭିଯୋଗ

**ବଲାଙ୍ଗିର, ୨।୨(ସମିସ)**

ବଲାଙ୍ଗିର ଜିଲ୍ଲାରେ ଚାଷୀ ଯେଉଁଭଳି ଭାବେ ଶୋଷଣର ଶୀକାର ହେଉଛି ସେହିଭଳି ଭାବେ ଠକେଇର ମଧ୍ୟ ଶୀକାର ହେଉଥିବା ଦେଖିବାକୁ ମିଳିଛି। କିଛି ନିର୍ଦ୍ଦିଷ୍ଟ ପାକ୍ସ ସମ୍ପାଦକ ସାଜିଛନ୍ତି ଶୋଷଣ ଓ ଠକେଇର ସର୍ଦ୍ଦାର। ଧାନକିଣା ସମୟରେ ଚାଷୀଙ୍କୁ ଯାହା ହଇରାଣ କରୁଛନ୍ତି ତା ଠୁ ଋଣ ଟଙ୍କାରେ ଚଞ୍ଚକତା କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ଏପରି ଘଟଣା ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ ଜାମଗାଁ ପ୍ରାଥମିକ ସମବାୟ ସମିତିରେ ଦେଖିବାକୁ ମିଳିଛି। ଏହିଭଳି ଠକେଇର ଶୀକାର ହୋଇଥିବା ଜାମଗାଁ ପାକ୍ସର ଚାଷୀ ରାଧାକାନ୍ତ କମ୍ପ ଦୁଇ ଦିନ ତଳେ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ଏହାର ତଦନ୍ତ ମଧ୍ୟ କରାଯାଇନାହିଁ।

ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ ଜାମଗାଁ ପ୍ରାଥମିକ ସମବାୟ ସମିତିର ଚାଷୀ ରାଧାକାନ୍ତ କମ୍ପ ଗତ ଦୁଇ ସପ୍ତାହ ତଳେ ସେ ଧାନ ବିକ୍ରୀ କରିବା ପରେ ଜମା ହୋଇଥିବା ଟଙ୍କା କାଢିବାକୁ ବଲାଙ୍ଗିର ସଦର ସମବାୟ ଶାଖାକୁ ଆସିଥିଲେ। ସେଠାରେ ପାସବୁକ ଅପଡେଟ୍ କଲାପରେ ତାଙ୍କ ଜମାଖାତାରୁ ତାଙ୍କ ନାମରେ ୧ ଲକ୍ଷ ୮୨ ହଜାର ୨୦୦ ଟଙ୍କାର ଲୋନ ଉଠାଯାଇଥିବା ଜାଣିବାକୁ ପାଇଥିଲେ। ଗତ ୨୦୨୪ ଫେବୃଆରୀ ୨୭ ତାରିଖରେ ଏହି ଲୋନ ଟଙ୍କା ତାଙ୍କର ଆକାଉଣ୍ଟକୁ ଆସିଥିଲା। ଏହା ପୂର୍ବରୁ ୨୦୨୩ ମାର୍ଚ୍ଚ ୨୯ ତାରିଖରେ ମଧ୍ୟ ୧ ଲକ୍ଷ ୭୩ ହଜାର ୬୭୦ ଟଙ୍କା ଜମା ହୋଇଥିଲା। ରାଧାକାନ୍ତ କୌଣସି ଲୋକ ଆବେଦନ କରିନଥିଲେ ହେଁ ତାଙ୍କର ଆକାଉଣ୍ଟକୁ ଏତେ ଲୋନ ଟଙ୍କା କେମିତି ଆସିଲା ତାହା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ଜାମଗାଁ ପାକ୍ସ ସମ୍ପାଦକ ଦାୟିତ୍ୱରେ ଥିବା ସୁଦର୍ଶନ ଭୋଇଙ୍କୁ ଏ ସମ୍ପର୍କରେ ପଚାରିଥିଲେ। ଋଣ ଟଙ୍କା ଜମା ଓ ଉଠାଣ ବିଷୟରେ ତାଙ୍କ ପାଖରେ କିଛି ସୂଚନା ନଥିବା ବେଳେ ଏହି କାରବାର କେମିତି ହେଲା ସେ ବିଷୟରେ ସନ୍ଦେହ ପ୍ରକାଶ କରିଥିଲେ। ଏବିଷୟରେ ବୁଝିବା ପାଇଁ ରାଧାକାନ୍ତ ପାକ୍ସ ସମ୍ପାଦକ ସୁଦର୍ଶନ ଭୋଇଙ୍କୁ ପଚାରିଥିଲେ।ସମ୍ପୃକ୍ତ ପାକ୍ସ ସମ୍ପାଦକ ଉତ୍ତର ରଖିବା ବଦଳରେ ତାହା ଏକ ସାଧାରଣ ଘଟଣା ରଫାଦଫା କରିଦେବାକୁ ପ୍ରସ୍ତାବ ରଖିଥିଲେ। ଯାହାକି ଏହି କାରବାର ପାକ୍ସ ସମ୍ପାଦକଙ୍କ ଏକ ଷଡଯନ୍ତ୍ର ବୋଲି ଶ୍ରୀ କମ୍ପ ସନ୍ଦେହ କରିଥିଲେ। ଗତ ଦୁଇ ସପ୍ତାହ ହେଲା ପାକ୍ସ ସମ୍ପାଦକ ଆଉ ଧରାଛୁଆଁ ଦେଉନଥିବା ବେଳେ ରାଧାକାନ୍ତ ବାଧ୍ୟ ହୋଇ କିଛି ଦିନ ପୂର୍ବରୁ ପୁଇଁନ୍ତଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେଠାରେ ପୁଲିସ ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇନଥିବାରୁ ସେ ପୁଣି ଗତ ୩୦ ତାରିଖରେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବିଭିନ୍ନ କାର୍ଯ୍ୟ ପାଇଁ ସମ୍ପାଦକ ଜଣକ ଚାଷୀମାନଙ୍କ ବିଭିନ୍ନ କାଗଜପତ୍ର ନିଜେ ରଖିଛନ୍ତି। ଯାହାକୁ ପରବର୍ତ୍ତି ସମୟରେ ଜାଲ କରି ଋଣ କରି ଟଙ୍କା ଉଠାଉଥିବା ରାଧାକାନ୍ତ ଅଭିଯୋଗ କରିଛନ୍ତି।ଏବିଷୟରେ ପଚାରିବା ପାଇଁ ପାକ୍ସ ସମ୍ପାଦକ ସୁଦର୍ଶନ ଭୋଇଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ପାକ୍ସରେ ଅନୁପସ୍ଥିତ ଥିବା ବେଳେ ଫୋନରେ ମଧ୍ୟ ଯୋଗାଯୋଗ ହୋଇପାରିନାହିଁ। ଏହି ଘଟଣାର ଭିଜିଲାନ୍ସ ତଦନ୍ତ କରାଗଲେ ପାକ୍ସମାନଙ୍କରେ ଋଣ ନାମରେ କରାଯାଉଥିବା ଜାଲିଆତି ଓ ଠକେଇ କାରବାରର ପର୍ଦ୍ଦାଫାସ ହେବ ବୋଲି ଚାଷୀମାନେ ମତ ରଖିଛନ୍ତି।

**ଥାନାରେ ଲିଖିତ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ**

# ଗୋଁଣ୍ଡି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ ଦାବି



**ବଲାଙ୍ଗିର, ୨।୨(ସମିସ):** ସ୍ଥାନୀୟ ଗୋଁଣ୍ଡୱାନା ଭବନରେ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ଓ ଆଦିବାସୀ କର୍ମଚାରୀ ସଂଘ ଆନୁକୂଲ୍ୟରେ ମହାନ ଗୋଁଣ୍ଡି ଭାଷାବିତ୍, ଗବେଷକ, ଲେଖକ, ସମାଜ ସଂସ୍କାରକ ଡା.ମୋତିରାବଣ କଙ୍ଗାଲିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କଙ୍ଗାଲି ସର୍ବ ପ୍ରାଚୀନ ଗୋଁଣ୍ଡି ଭାଷାକୁ ପୁନଃଉଦ୍ଧାର କରି, ସୈନ୍ଧବ ଲିପି କା ଗୋଁଣ୍ଡି ମେ ଉଦ୍‌ବାଚନ, ଗୋଁଣ୍ଡି ବ୍ୟାକରଣ, ବୃହତ ହିନ୍ଦୀ-ଗୋଁଣ୍ଡି ଶବ୍ଦକୋଶ, ଗୋଁଣ୍ଡି ଶବ୍ଦକୋଶ, ଗୋଁଣ୍ଡି ଲିପି ପରିଚୟ, ଗୋଁଣ୍ଡି ପୁନେମ ଦର୍ଶନ, ଇତ୍ୟାଦି ବହୁ ପୁସ୍ତକ ରଚନା କରି ଗୋଁଣ୍ଡି ଭାଷାକୁ ସମୃଦ୍ଧ କରିଛନ୍ତି। ଗୋଁଣ୍ଡି ଭାଷା ପ୍ରତି ତାଙ୍କର ମହତ୍ୱପୂର୍ଣ୍ଣ ଅବଦାନ ପାଇଁ ତାଙ୍କର ଜନ୍ମ ଦିବସକୁ ସାରା ଭାରତରେ ଗୋଁଣ୍ଡି ଭାଷା ଦିବସ ଭାବରେ ପାଳନ କରାଯାଉଛି। ଏହି ଅବସରରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଅତିଥିମାନେ ଡା.ମୋତିରାବଣ କଙ୍ଗାଲିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ବକ୍ତାମାନେ ହରପ୍ପା ସଭ୍ୟତାରେ ଲିଖିତ ଚିତ୍ରଲିପିକୁ ସର୍ବ ପ୍ରଥମରେ ଗୋଁଣ୍ଡି ଭାଷାରେ ସେ ପଢ଼ିବା ସହିତ ପୁସ୍ତକ ରଚନା କରିଥିବା ଏବଂ ଗୋଁଣ୍ଡି ଭାଷା ଦ୍ରାବିଡିୟ ଭାଷାର ଜନନୀ ବୋଲି କହିଥିଲେ। ପ୍ରାୟ ଆଠ ହଜାର ବର୍ଷର ସର୍ବ ପୂରାତନ ସାରା ଭାରତରେ ଏକ କୋଟିରୁ ଉର୍ଦ୍ଧ୍ୱ କଥିତ ଗୋଁଣ୍ଡି ଭାଷା ଅବହେଳିତ ଯାହାକୁ, ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ପାଇଁ ଦାବି ହେଉଛି। ମୋତିରାବଣ କଙ୍ଗାଲି ମହାରାଷ୍ଟ୍ର ରାଜ୍ୟର ନାଗପୁର ଜିଲ୍ଲା ଦୁଲାରା ଗ୍ରାମରେ ଛତିରାମ ଓ ରାୟତାର କଙ୍ଗାଲିଙ୍କ ସୁପୁତ୍ର ଥିଲେ। ଦହିତ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଲୋଚନା ଚକ୍ରରେ ମୁଖ୍ୟ ବକ୍ତା ଭାବେ ଗୋଁଣ୍ଡି ଭାଷା ଗବେଷକ ଗଣେଶ ମାଝୀ, ମୁଖ୍ୟ ଅତିଥି ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ଉନ୍ନୟନ ସମନ୍ୱୟ ପରିଷଦ ଜିଲ୍ଲା ସଭାପତି ମୀନକେତନ ମାଝୀ, ସମ୍ମାନୀତ ଅତିଥି ଦାମୋଦର ମାଝୀ, ରୁଦ୍ରମଣି ମାଝୀ, ବେଣୁପାଣୀ ଧରୁଆ ଯୋଗ ଦେଇଥିବା ବେଳେ ସମ୍ପାଦକ ନୃପ ଭୋଇ ସଭା ପରିଚାଳନା କରିଥିଲେ। ଧନଞ୍ଜୟ କୁଅଁର, ତାନିତ କୁମାର ମାଝୀ, ରୁଦ୍ରପ୍ରତାପ ଧରୁଆ, ପ୍ରମୋଦ ମଲ୍ଲୀକ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରଶାସନ ନିରବ: ଚିପ୍ସ ଓ ବାଲି ବେଧଡ଼କ ଚାଲାଣ





ରାଉରକେଲା, ୨।୨(ସମିସ)

ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି ନଦୀ ବାଲି ଓ ପଥର ଖାଦାନ। ଚୋରାରେ ଚିପ୍ସ ଓ ବାଲି ଚାଲାଣ ହେଉଥିବାରୁ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି ସରକାର। ଅନ୍ୟପଟେ ଚୋରା ଚାଲାଣ ଯୋଗୁଁ ବାଲି ଓ ଚିପ୍ସର କୃତିମ ଅଭାବ ଯୋଗୁଁ ଲୋକଙ୍କ ସମସ୍ୟା ବଢ଼ିଯାଇଛି। ଏହାର ସୁଯୋଗ ନେଇ ପୁଲିସ ଓ ଖଣି ଅଧିକାରୀ ମାଲାମାଲ ହେବାରେ ଲାଗିଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୪ ଜାନୁଆରୀରୁ ତହସିଲ ବିଭାଗରୁ ଖଣି ବିଭାଗ ଅଧୀନକୁ ଚାଲିଯାଇଛି ସମସ୍ତ ବାଲିଘାଟ ଓ ପଥର ଖଣି। ହେଲେ ଏପର୍ଯ୍ୟନ୍ତ କୌଣସି ବାଲିଘାଟ ଓ ପଥର ଖାଦାନକୁ ନିଲାମ କରାଯାଉ ନାହିଁ। ଏହାର ସୁଯୋଗ ନେଇ ବାଲି ଓ ଚିପ୍ସ ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ଦୈନିକ ହଜାର ହଜାର ଟ୍ରିପ୍ ଚିପ୍ସ ଓ ବାଲି ଚୋରାରେ ଚାଲାଣ ହେଉଥିବାରୁ ରାଉରକେଲା ସହରରେ ବାଲି ଓ ଚିପ୍ସର କୃତିମ ଅଭାବ ଦେଖାଦେଇଛି। ପାନପୋଷ ଉପଖଣ୍ଡ ଅଧୀନ ଲାଠିକଟା ବ୍ଲକର ଜଳଦା ଅଞ୍ଚଳରେ ରହିଥିବା ୭/୮ଟି ପଥର କ୍ୱାରିରେ ଚୋରାରେ ପଥର ଖନନ ହେଉଛି। ଲାଠିକଟା ବ୍ଲକର ଜଳଦାରେ ୮ରୁ ଊର୍ଦ୍ଧ୍ୱ ବେଆଇନ ପଥର କ୍ୱାରି ରହିଛି। ପଥର ମାଫିଆମାନେ ଦୈନିକ ଶହ ଶହ ସଂଖ୍ୟାରେ ଟ୍ରାକ୍ଟର ବୋଝେଇ କରି ପଥର ଚୋରାଚାଲାଣ କରୁଥିବା ଅଭିଯୋଗ ହୋଇଛି। ଲାଠିକଟା ବ୍ଲକର ବଲଣ୍ଡା, ଗୋଟିଧର, ଡଲାକୁଦର, ଖଇରିବନ୍ଧ ଅଞ୍ଚଳରେ ମଧ୍ୟ ୩୦ଟିରୁ ଊର୍ଦ୍ଧ୍ୱ ପଥର କ୍ୱାରି ରହିଛି, ଯେଉଁମାନଙ୍କର ଲାଇସେନ୍ସ ବହୁଦିନ ଧରି ନବୀକରଣ ହୋଇନାହିଁ। ଲାଠିକଟା ତହସିଲର ଗୋଟିଧରରେ ଦୁଇଟି ପଥର ଖଣି କାର୍ଯ୍ୟକ୍ଷମ ରହିଥିବାବେଳେ ଅନ୍ୟ ସମସ୍ତ ଖାଦାନ ବେଆଇନ ବୋଲି ଅଭିଯୋଗ ହୋଇଛି। ସେହିପରି ବିଶ୍ରା ବ୍ଲକର ଭାଲୁଲତା, କପରଣ୍ଡା, ଜରେଇକେଲା, ମହିପାଣି ଆଦି ଅଞ୍ଚଳରେ ରହିଥିବା ବେଆଇନ୍ ପଥର ଖାଦାନରୁ ପଥର ଖନନ ହେବାସହ ଦୈନନ୍ଦିନ ଟ୍ରକ୍, ଡମ୍ପର ଓ ଟ୍ରାକ୍ଟର ଯୋଗେ ବିଭିନ୍ନ ଅଞ୍ଚଳକୁ ଓ ଝାଡ଼ଖଣ୍ଡ ରାଜ୍ୟକୁ ମାଙ୍କଡ଼ାପଥର ଚାଲାଣ ହେଉଛି। କୁଆଁରମୁଣ୍ଡା ଓ ବୀରମିତ୍ରପୁର ତହସିଲ ଅଧୀନରେ ୧୦ଟି ଊର୍ଦ୍ଧ୍ୱ ପଥର କ୍ୱାରିରୁ ବେଆଇନ ଭାବେ ପଥର ଚୋରା ଚାଲାଣ ହେଉଥିବା ବେଳେ ଖଣି କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଛନ୍ତି। ପାନପୋଷ ଉପଖଣ୍ଡରେ ଥିବା ବିଭନ୍ନ ନଦୀରୁ ବେଆଇନ ଭାବେ ହଜାର ହଜାର ଟ୍ରକ ବାଲି ଖନନ ହେଉଛି, ତାହା ପୁଣି ଜେସିବି କିମ୍ବା ପୋକ୍ଲେନ ଦ୍ୱାରା। ଏହି ଚୋରା ଚାଲାଣକୁ ଖଣି ବିଭାଗ ଏବଂ ପୁଲିସ ସ୍ୱଷ୍ଟ ଦିବାଲୋକରେ ଦେଖୁଥିଲେ ମଧ୍ୟ ନ ଦେଖିଲା ପରି ନୀରବଦ୍ରଷ୍ଟା ରହିବା ଘଟଣା ସେମାନଙ୍କର ବାଲି ମାଫିଆଙ୍କ ସହ ସମ୍ପର୍କ ରହିଥିବା ସମ୍ଭାବନାକୁ ଆଦୌ ଏଡ଼ାଇ ହେଉନାହିଁ। ପାନପୋଷ ଉପଖଣ୍ଡ ଅଧୀନରେ କୋଏଲ, ଶଙ୍ଖ, ବ୍ରାହ୍ମଣୀ ନଦୀ ସମେତ ଛୋଟ ଛୋଟ ଶାଖା ନଦୀ ପ୍ରବାହିତ ଯାହାକି ସୁନ୍ଦରଗଡ଼ ଜିଲ୍ଲାର ମନୋରମ ପ୍ରାକୃତିକ ଆଭା ଓ ସୁଷମାକୁ ଶତ ଗୁଣରେ ବୃଦ୍ଧି କରିଥାଏ। ପାନପୋଷ ଉପଖଣ୍ଡ ଅଧୀନ ଲାଠିକଟା ତହସିଲର ବ୍ରାହ୍ମଣୀ ନଦୀ କୂଳରେ ଅଟାଘାଟ ଏବଂ ଟାଇଁସର ନଦୀଘାଟରୁ ଦୈନିକ ଶହ ଶହ ଟ୍ରକର ବାଲି ଚାଲାଣ ହେଉଛି। ବିଶେଷ କରି ଟାଇଁସର ନଦୀଘାଟରେ ୭ଟି ସ୍ଥାନରେ ନଦୀରୁ ବାଲି ଖନନ କରାଯାଉଛି। ଟାଇଁସର ନଦୀଘାଟରୁ ୧୪୩ ନମ୍ବର ଜାତୀୟ ରାଜପଥ ହୋଇ ଥାନା ସମ୍ମୁଖରେ ଏହି ଶହ ଶହ ସଂଖ୍ୟାରେ ବାଲି ବୋଝେଇ ଚୋରା ଚାଲାଣ କରାଯାଉଥିଲେ ମଧ୍ୟ ପୁଲିସ ନୀରବଦ୍ରଷ୍ଟା ସାଜିଛି। ସେହିପରି ରାଉରକେଲା ଖଣି ବିଭାଗ ଅଧୀନ ବ୍ରାହ୍ମଣୀ ନଦୀର ତରକେରା ବାଲିଘାଟ, କୋଏଲ ନଦୀର ସେକ୍ଟର -୧୬ ବାଲିଘାଟ, ବିଶ୍ରା ତହସିଲ ଅଧୀନ କୋଏଲ ନଦୀର ଝୀରପାଣି ବାଲିଘାଟ, ଜବାଘାଟ ନଦୀଘାଟ, ତେତରକେଲା, ନୂଆଗାଁ ବ୍ଲକ କୋଏଲ ନଦୀର ତେତରକେଲା ନଦୀଘାଟ ପୁରୁଣାପାଣି ନିକଟ ଦେଓନଦୀ ଘାଟ ଏବଂ ଖୁଣ୍ଟଗାଁ ଗୋପୁର ନଦୀଘାଟ ଆଦି ନଦୀକୂଳରୁ ଦୈନିକ ହଜାର ହଜାର ସଂଖ୍ୟାରେ ଗାଡିରେ ବାଲି ଚୋରା ଚାଲାଣ ହେଉଛି। ବିଶେଷ କରି ବିଶ୍ରାର ତେତେରକେଲା ଘାଟରୁ କୋଏଲ ନଦୀରୁ ଜେସିବି ଓ ପୋକ୍ଲନ ଦ୍ୱାରା ଦୈନିକ ଶହ ଶହ ହାଇଓ୍ୱାରେ ବାଲି ସୁନ୍ଦରଗଡ଼ ଜିଲ୍ଲା ସମେତ ବିଭିନ୍ନ ଅଞ୍ଚଳକୁ ଚୋରା ବାଲି ଚାଲାଣ ହେଉଛି। ବର୍ତ୍ତମାନ ବାଲି ଉଠାଣ ନେଇ କୌଣସି ବୈଧତା ନ ଥିବା ଜଣାପଡ଼ିଛି। ତେବେ ଏହି ବାଲି ଉଠାଣ ଦ୍ୱାରା କୋଟି କୋଟି ଟଙ୍କାର ରାଜସ୍ୱ ରାଜ୍ୟ ତହବିଲ ପାଣ୍ଠିକୁ ନ ଆସି ବାଟ ମାରଣା ହେଉଥିବା ବେଳେ ଖଣି କର୍ମଚାରୀ ତଥା ସମ୍ପୃକ୍ତ ଅଞ୍ଚଳର ପୁଲିସ ଅଧିକାରୀଙ୍କ ଏ ଘଟଣାରେ ନୀରବତା ସେମାନଙ୍କ ସମ୍ପୃକ୍ତି ନେଇ ସିଧାସଳଖ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏ ନେଇ ରାଉରକେଲା ଡିଜିଏମଙ୍କୁ ପଚାରିବାରୁ ମାତ୍ର ୨ ଜଣ ଅଫିସର ଥିବାରୁ ଏ ସବୁକୁ ତଦାରଖ କରିବାରେ ସମସ୍ୟା ସୃଷ୍ଟି ହେଉଛି ବୋଲି କହିଛନ୍ତି। ଏ ନେଇ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକଙ୍କୁ ପଚାରିବାରୁ ସେ କହିଲେ ଯେ ଖୁବ୍ ଶୀଘ୍ର ରାଜସ୍ୱ ଓ ଖଣି ବିଭାଗର ଅଧିକାରୀଙ୍କୁ ନେଇ ଏକ ଆକ୍ସନ କମିଟି ଗଠନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଯାହା ଫଳରେ ଏହି ମାଫିଆଙ୍କ ଚୋରି ଧରିବାରେ ସହଜ ହେବ। ତେବେ ଖଣି ବିଭାଗର ଉଚ୍ଚ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଉକ୍ତ ବେଆଇନ୍ ବାଲି ଚାଲାଣ ଓ ପଥର ଖଦାନ ଉପରେ ଅଚାନକ ଚଢ଼ଉ କଲେ ସରକାରଙ୍କ ବିପୁଳ ରାଜସ୍ୱ କ୍ଷତିକୁ ରୋକଯାଇପାରନ୍ତା ବୋଲି ମତ ପ୍ରକାଶ ପାଇଛି।

ମାଲାମାଲ ପୁଲିସ ଓ ଖଣି ଅଧିକାରୀ

## ବଜେଟ୍‌ରେ ମଧ୍ୟବିତ୍ତ ଖୁସ୍: ସ୍ୱଦେଶୀ ଜାଗରଣ ମଞ୍ଚ

**ରାଉରକେଲା, ୨।୨(ସମିସ):** କେନ୍ଦ୍ରୀୟ ବଜେଟ ବିକାଶକୁ ବୃଦ୍ଧି କରିବା ସହ ମଧ୍ୟବିତ୍ତ ଶ୍ରେଣୀକୁ ପ୍ରଥମ ଥର ବ୍ୟାପକ ଭାବେ ଖୁସି ରଖିବାକୁ ଚଳିତ ବଜେଟ ପ୍ରଚେଷ୍ଟା କରିଛି ବୋଲି ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ କୁହାଯାଇଛି। ବଜେଟରେ କୃଷି ଓ ଗ୍ରାମୀଣ ବିକାଶକୁ ବିଶେଷ ଧ୍ୟାନ ଦିଆଯାଇଛି। ପାଞ୍ଚ ଲକ୍ଷ ପ୍ରଥମ ଉଦ୍ୟୋଗୀ ଯଥା ମହିଳା, ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ପାଇଁ ଦୁଇ କୋଟି ଟଙ୍କା ଋଣ ବ୍ୟବସ୍ଥା କରାଯାଇଛି। ଷ୍ଟାର୍ଟଅପ୍‌କୁ କୋଡିଏ କୋଟି ଟଙ୍କା ପର୍ଯ୍ୟନ୍ତ କ୍ରେଡିଟ ଗ୍ୟାରେଣ୍ଟି ସୁବିଧା ଦିଆଯାଇଛି। ମାତ୍ର ମଧ୍ୟମ ଶିଳ୍ପରେ ପାଞ୍ଚ ଶହ କୋଟି ଟଙ୍କା ପର୍ଯ୍ୟନ୍ତ କାରବାର କରୁଥିବା ଉଦ୍ୟୋଗକୁ ସାମିଲ କରିବା ଦ୍ୱାରା ବୃହତ୍ତ ଉଦ୍ୟୋଗ ବର୍ତ୍ତମାନ୍ ମଧ୍ୟମ ଉଦ୍ୟୋଗ ଶ୍ରେଣୀରେ ଆସିଯିବ। ଯାହାଦ୍ୱାରା ଆଗାମୀ ଦିନରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ନିଜ କ୍ଷେତ୍ରରେ ବ୍ୟାପକ ପ୍ରତିଯୋଗିତାରେ ସମ୍ମୁଖୀନ ହେବେ। ବୀମା କ୍ଷେତ୍ରରେ ଶତ ପ୍ରତିଶତ ବିଦେଶୀ ପୁଞ୍ଜି ନିବେଶର କୌଣସି ଆବଶ୍ୟକତା ନାହିଁ। ଭାରତୀୟ ବୀମା କ୍ଷେତ୍ର ଓ ମଧ୍ୟମ ଉଦ୍ୟୋଗର କାରବାର ସୀମାକୁ ପାଞ୍ଚ ଶହ କୋଟି ଟଙ୍କା କରିବା ନିଷ୍ପତିକୁ ପୁର୍ନବିଚାର କରିବାର ଆବଶ୍ୟକତା ରହିଛି। ବୈଷୟିକ ଶିକ୍ଷା ଓ ଭେଷଜ ଶିକ୍ଷାକୁ ବ୍ୟାପକ ପ୍ରୋତ୍ସାହନ ଦେବା ସହ ଆଞ୍ଚଳିକ ଭାଷାକୁ ପ୍ରାଧାନ୍ୟ ଦିଆଯାଇଛି। ପରିବେଶ ସୁରକ୍ଷା ପାଇଁ ଇ- ଯାନକୁ ରିହାତି ଦେବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସ୍ୱଦେଶୀ ଜାଗରଣ ମଞ୍ଚର ପ୍ରାନ୍ତ ସଂଯୋଜକ ରମାକାନ୍ତ ପାତ୍ର ପ୍ରେସ୍ ଇସ୍ତାହାରରେ ପ୍ରକାଶ କରିଛନ୍ତି।

## ବେଦବ୍ୟାସ ବିକାଶ ମଞ୍ଚ ପକ୍ଷରୁ 'ବ୍ୟାସ ମହୋତ୍ସବ' ପ୍ରସ୍ତୁତି



**ରାଉରକେଲା, ୨।୨(ସମିସ):** ପବିତ୍ର ସରସ୍ୱତୀ ପୂଜା ତିଥିରେ ଆଗାମୀ ଜୁଲାଇ ୭ ତାରିଖରେ ହେବାକୁ ଥିବା ବ୍ୟାସ ମହୋତ୍ସବ ବା ଧର୍ମ ସଂସଦ ଆୟୋଜନ ପାଇଁ ପ୍ରସ୍ତୁତି ପର୍ବର ଶୁଭାରମ୍ଭ ହୋଇଛି। ଏଥି ନିମନ୍ତେ ବେଦବ୍ୟାସ ବିକାଶ ମଞ୍ଚର ସଭାପତି ବଦ୍ରୀନାରାୟଣ ପାଢ଼ୀ, ଉପସଭାପତି ହୃଷିକେଶ ବଳିୟାରସିଂହ, ରମାକାନ୍ତ ପାଣ୍ଡେ, ନରେନ୍ଦ୍ର କୁମାର ଦାଶ, ସାଧାରଣ ସମ୍ପାଦକ ବିଭୂତି ଭୂଷଣ ଦାସ, ସମ୍ପାଦକ ବିଜୟାନନ୍ଦ ଅଗ୍ରୱାଲ, ସୁରେଶ ଚନ୍ଦ୍ର ମହାପାତ୍ର, ଅପୂର୍ବ କୁଣ୍ଡୁ, କୋଷାଧ୍ୟକ୍ଷ ମଧୁସୂଦନ ସାହୁଙ୍କ ବ୍ୟତୀତ କେଦାରନାଥ ପାଢ଼ୀ, ଶରତ ଚନ୍ଦ୍ର ପଣ୍ଡା, ଦିବାକର ନନ୍ଦ, ଯୋଗେନ୍ଦ୍ର କୁମାର ସିହ୍ନା ଏବଂ କିଶୋର କୁମର ଓଝା ପ୍ରମୁଖ ଟ୍ରଷ୍ଟିଗଣଙ୍କ ଉପସ୍ଥିତିରେ ବେଦବ୍ୟାସ ପୀଠରେ ଥିବା ମା' ସରସ୍ୱତୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିବା ସହିତ ଭଗବାନ ବ୍ୟାସଦେବଙ୍କ ଠାରୁ ଆଜ୍ଞାମାଳପ୍ରାପ୍ତ ହୋଇଥିଲେ।

## ଏନ୍ଆଇଟି ରାଉରକେଲା କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ରାଉରକେଲା, ୨।୨ (ସମିସ):** ଏନ୍ଆଇଟି ରାଉରକେଲା ପରିସରସ୍ଥ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ରୀୟ ବିଦ୍ୟାଳୟ ଏନ୍ଆଇଟି ଅଧ୍ୟକ୍ଷା ପି. ନୀରଜାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏନ୍ଆଇଟି ରାଉରକେଲା ନିର୍ଦ୍ଦେଶକ ଅଧକ୍ଷ ପ୍ରଫେସର କେ. ଉମାମହେଶ୍ୱର ରାଓ ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଅଧ୍ୟକ୍ଷା ନୀରଜା କେନ୍ଦ୍ରୀୟ ବିଦ୍ୟାଳୟ ଏନ୍ଆଇଟି ରାଉରକେଲାର ଯାତ୍ରା ବିଷୟରେ ବାର୍ଷିକ ରିପୋର୍ଟ ଉପସ୍ଥାପନ କରି ତାଙ୍କ ଭାଷଣରେ ବିଦ୍ୟାଳୟର ଅଭିବୃଦ୍ଧି ଏବଂ ପ୍ରତିଷ୍ଠା ପାଇଁ ଏନ୍ଆଇଟି ରାରକେଲାର ପ୍ରଶାସନ ଏବଂ ସମସ୍ତ ଭିଏମ୍ସି ସଦସ୍ୟଙ୍କ ସମର୍ଥନ ଏବଂ ସହଯୋଗକୁ ସ୍ୱୀକାର କରିଥିଲେ। ଏହି ଅବସରରେ ଭିଏମ୍ସିର ମନୋନୀତ ଅଧ୍ୟକ୍ଷ ଡ. ସ୍ୱରଜିତ ଦାସ, ଏନଆଇଟି କୁଳସଚିବ ପ୍ରଫେସର ରୋହନ ଧୀମାନ, ରାଉରକେଲା କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷା ସୁଜିତ ରାୟ, କେନ୍ଦ୍ରୀୟ ବିଦ୍ୟାଳୟ ବନ୍ଧମୁଣ୍ଡାର ଅଧ୍ୟକ୍ଷା ହେମଲତା ନାୟକଙ୍କ ସମେତ ଭିଏମସିର ଅନ୍ୟ ସଦସ୍ୟ, ଡିନ, ବିଭିନ୍ନ ବିଭାଗର ମୁଖ୍ୟ ଏବଂ ଏନଆଇଟି ରାଉରକେଲା ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟର ପତ୍ରିକା 'ଶିକ୍ଷାମୃତ'କୁ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଡ. ଦାସ ସମସ୍ତ ଅଂଶୀଦାରମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଓ ଅଭିଭାବକମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଉପସ୍ଥାପକ କମ୍ପ୍ୟୁଟର ଶିକ୍ଷକ ସମ୍ବିତ ଦାସ, ଉପସ୍ଥାପିକା ବୈଷ୍ଣବୀ, ଦେବେଶ, ଆରୁଷି, ପ୍ରଣୀଶା, ଜନ୍ମଜୟ ଏବଂ ନିରାଲ୍ୟା ମନୋରଞ୍ଜନର ପରିବେଶ ସୃଷ୍ଟି କରିଥିଲେ। ସତ୍ୟପ୍ରିୟା ପାଣିଗ୍ରହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବାର୍ଷିକ ଉତ୍ସବରେ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ବ୍ୟାଟେରୀ ଚାଳିତ ଆବର୍ଜନା ବାହନ ଗାଡ଼ିକୁ ନେଇ ବିବାଦ
# ପୌରକାର୍ଯ୍ୟାଳୟ ଫାଟକରେ ତାଲା ପକାଇ ପ୍ରତିବାଦ



**ରାଜଗାଙ୍ଗପୁର, ୨।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ପୌରପାଳିକାରେ ଅଳିଆ ସଂଗ୍ରହ ପାଇଁ ବ୍ୟବହୃତ ବ୍ୟାଟେରୀ ଗାଡ଼ି (ବିଓଭି)କୁ ନେଇ ବିବାଦ ଥମିବାର ନାଁ ନେଉନାହିଁ। ଶନିବାର ପୌରପାଳିକା ଏକ ଲିଖିତ ନୋଟିସ ଜାରି କରି ବ୍ୟାଟେରୀ ଚାଳିତ ଗାଡ଼ିକୁ ଅଳିଆ ସଂଗ୍ରହ କାର୍ଯ୍ୟରୁ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲା, ଫଳରେ ବିଓଭି ଚାଳକ, ମାଲିକ ଓ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ପୌରକାର୍ଯ୍ୟାଳୟ ସମ୍ମୁଖରେ ସେମାନଙ୍କର ବ୍ୟାଟେରୀ ଗାଡି ରଖି ପ୍ରତିବାଦ ସ୍ୱରୂପ ପୌରପାଳିକାର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଯାହାଫଳରେ ପରିମଳ ବ୍ୟବସ୍ଥାରେ ଅଚଳାବସ୍ଥା ଦେଖିବାକୁ ମିଳିଥିଲା। ପୌରପାଳିକାରେ ଗେଟରେ ତାଲା ପକାଇବା ଯୋଗୁଁ ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ ସ୍ୱୟଂସହାୟକ ଗୋଷ୍ଠୀ ଓ ବିଅଭି ଗାଡ଼ି ମାଲିକଙ୍କ ନାମରେ ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ବିଜେପିର ନଗର ମଣ୍ଡଳ ସଭାପତି ରାଜେନ ସୋନୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ସମର୍ଥନ କରି କହିଛନ୍ତି ଯେ ଯଦି ଗାଡ଼ିର କାଗଜପତ୍ର ଠିକ୍ ନାହିଁ, ତେବେ କାଗଜପତ୍ର ସଂଶୋଧନ ପାଇଁ ସମୟ ଦିଆଯିବା ଉଚିତ ଏବଂ ସେଗୁଡ଼ିକୁ ସଂଶୋଧନ କରିବା ପରେ ଗାଡ଼ି ଚଲାଇବା ପାଇଁ ନିର୍ଦ୍ଦେଶ ଦିଆଯିବା ଉଚିତ, କାରଣ ସେମାନଙ୍କ ଜୀବିକା ଏହା ଉପରେ ନିର୍ଭର କରେ, ସରକାରୀ ନିୟମ ଅନୁଯାୟୀ ଗାଡ଼ିର କାଗଜପତ୍ର ସଠିକ୍ ହେବା ଦରକାର। ଏଠାରେ ଉଲ୍ଲେଖନୀୟ ଯେ ପୌରପାଳିକା ଦ୍ୱାରା ବିଭିନ୍ନ ୱାର୍ଡରୁ ଅଳିଆ ସଂଗ୍ରହ ପାଇଁ ବ୍ୟାଟେରୀ ଚାଳିତ ଯାନଗୁଡ଼ିକୁ ଡ୍ରାଇଭରମାନଙ୍କ ସହିତ ମାସିକ ୨୯, ୯୦୦ ଟଙ୍କା ଭଡ଼ା ଦିଆଯାଇଥିଲା, କିନ୍ତୁ ସରକାରୀ ନିୟମ ଅନୁଯାୟୀ ଏହି ଯାନଗୁଡ଼ିକ ୧୧ ମାସର ଚୁକ୍ତି ସତ୍ତ୍ୱେ, ଗାଡ଼ିଟି ୧୫ ମାସ ଧରି ଚାଲିଲା। ଗାଡ଼ିର ଉପଯୁକ୍ତ କାଗଜପତ୍ର ଅଭାବରୁ ବିବାଦ ବଢ଼ି ବଢ଼ି ଚାଲିଲା ଏବଂ ମାମଲା ଥାନା ପର୍ଯ୍ୟନ୍ତ ପହଞ୍ଚିଲା।

# ବିପ୍ଳବୀ ଭଗବତୀ ପାଣିଗ୍ରାହୀଙ୍କ ଜୟନ୍ତୀ ପାଳିତ



**ରାଉରକେଲା, ୨।୨(ସମିସ):** ସାମ୍ୟବାଦୀ ଚେତନାର ଭଗୀରଥ, ଓଡ଼ିଶାରେ କମ୍ୟୁନିଷ୍ଟ ଆନ୍ଦୋଳନର ଅନ୍ୟତମ ପ୍ରତିଷ୍ଠାତା ଓ ମହାନ୍ ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ୧୧୮ତମ ଜୟନ୍ତୀ ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ସେକ୍ଟର-୧୬ସ୍ଥିତ ଶ୍ରମିକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତି, ମୁଖ୍ୟବକ୍ତା ବିଶିଷ୍ଟ ଐତିହାସିକ ଡ. ପ୍ରଭାତ ମଲ୍ଲିକ, ଓଡ଼ିଆ ବିଭାଗର ପ୍ରାଧ୍ୟାପକ ଡ. ନଗେନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କର କାଳଜୟୀ ରଚନା ଜଙ୍ଗଲୀ, ଶିକାର, ହାତୁଡି ଓ ଦା, ବଞ୍ଚିବା, ଜୀବନର ସମାଧି, ଝଡ଼, ମୃତ୍ୟୁର ବିବେଚନା, ମୀମାଂସା ଓଡ଼ିଶା ପ୍ରଗତୀଶିଳ ସାହିତ୍ୟ ପାଇଁ ଏକ ଅନ୍ୟନ୍ୟ ଅବଦାନ। ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ସଭାରେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ଜିଲ୍ଲା କମିଟି ସଦସ୍ୟ ବସନ୍ତ ନାୟକ, ତାଜମୁନ ନେହାର, ଆଞ୍ଚଳିକ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଶ୍ୱଜିତ ମାଝୀ, ଯଯାତି କେଶରୀ ସାହୁ, ଭଗବାନ କୁଣ୍ଡୁ, ଚନ୍ଦ୍ରଭାନୁ ଦାସ, ଲକ୍ଷ୍ମୀଧର ନାୟକ, ଆଞ୍ଚଳିକ କମିଟି ସଦସ୍ୟ ଏନ୍ଏନ୍ ପାଣିଗ୍ରାହୀ, ସୁରେନ୍ଦ୍ର ମହାନ୍ତି, ପ୍ରଭାତ ମହାନ୍ତି, ଦିବାକର ମହାରଣା, ପ୍ରଦୀପ ସେଠୀ, ବସନ୍ତ ପାଢ଼ୀ, ସାଗର ଛୋଟରାୟ, ଏନ୍ କେ ରାଉତରାୟ, ବାସୁଦେବ ସାହୁ, ସଚିନ୍ ରାୟ, ଜ୍ୟୋତ୍ସ୍ନାମୟୀ ଧୂପାଳ, ଅଞ୍ଜଳି ଘୋଷ, ଜୟନ୍ତୀ ମୋହିନୀ, ପ୍ରମୋଦ ପରିଡ଼ା, ଗୋବିନ୍ଦ ବାରିକ୍ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ରାସ୍ତାରେ ଭାସୁଛି ମଇଳା ପାଣି

**ବଣାଇଁ, ୨।୨(ସମିସ):** ରାସ୍ତା କଡ଼ରେ ନଳକୂଅ, ହେଲେ ଡ୍ରେନ କିମ୍ବା ସକପିଟ୍‌ର ବ୍ୟବସ୍ଥା ନାହିଁ। ଫଳରେ ରାସ୍ତା ଉପରେ ଭାସୁଛି ଅଳିଆ ପାଣି। ପାଣିରେ ନୀଳ ପଡ଼ିଥିବାରୁ ସେହି ରାସ୍ତା ଦେଇ ଯିବା ଆସିବା କରିବାବେଳେ ସେଠାରେ ପଡ଼ି ଆହତ ହେଉଛନ୍ତି ଲୋକେ। ୧୫ରୁ ଊର୍ଦ୍ଧ୍ୱ ପରିବାରର ଲୋକେ ସେହି ନଳକୂଅରୁ ପାଣି ନେଇ ପ୍ରତ୍ୟେକ ଦିନ ପିଇବା, ଗାଧୋଇବା, କପଡ଼ା ଧୋଇବା ଇତ୍ୟାଦି କାମରେ ବ୍ୟବହାର କରୁଥିବାବେଳେ ବଳକା ପାଣି ନିଷ୍କାସନ ପାଇଁ କୌଣସି ସକପିଟ୍ ନ ଥିବାରୁ ତାହା ରାସ୍ତା ଉପରେ ବହିବାରେ ଲାଗିଛି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି କେନାଭେଟା ପଞ୍ଚାୟତ ଅନ୍ତର୍ଗତ ଇନ୍ଦ୍ରପୁର ପାତ୍ର ସାହିରେ। ନଳକୂପରେ ସକପିଟ୍ ନିର୍ମାଣ କରିବା ସହ ରାସ୍ତା କଡ଼ରେ



ଡ୍ରେନ ନିର୍ମାଣ କରିବା ନେଇ ସରପଞ୍ଚଙ୍କ ଠାରେ ଗୁହାରି କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉନାହାଁନ୍ତି। ଆଗକୁ ଖରାଦିନ ଆସିଲାଣି, ତେଣୁ ବିଭାଗୀୟ ଅଧିକାରୀ ସମସ୍ୟାକୁ ଦୃଷ୍ଟିରେ ରଖି ସମାଧାନ କରିବାକୁ ସ୍ଥାନୀୟଲୋକେ ଦାବି କରିଛନ୍ତି।

## ରାଉରକେଲା ପୁସ୍ତକ ମେଳା
# ଓଡ଼ିଆ ଭାଷା ବିକାଶ ମଞ୍ଚର ସାହିତ୍ୟ ସଭା

ରାଉରକେଲା, ୨।୨(ସମିସ)




ଭଞ୍ଜଭବନ ପ୍ରାଙ୍ଗଣରେ ଆଦର୍ଶ ପାଠାଗାର ଆନୁକୂଲ୍ୟରେ ଆୟୋଜିତ ପୁସ୍ତକ ମେଳାରେ ଓଡ଼ିଆ ଭାଷା ବିକାଶ ମଞ୍ଚର ସାହିତ୍ୟ ସନ୍ଧ୍ୟା ସଭାପତି ପ୍ରଶାନ୍ତ କୁମାର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାତ୍ମାଗାନ୍ଧୀଙ୍କ ତିରୋଧାନ ଏବଂ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ, କବି ରବି ସିଂହ ଦେହାବସାନ ତିଥି ପରିପ୍ରେକ୍ଷୀରେ ସ୍ମୃତି ତର୍ପଣ, ଆଲୋଚନାଚକ୍ର, ଏବଂ କାବ୍ୟ ସନ୍ଧ୍ୟାକୁ ଏହି ବୀର ଶହୀଦମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଓଡ଼ିଶାର ଖ୍ୟାତନାମା କବି ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅଶ୍ୱିନୀ କୁମାର ରାୟ 'ଭଗବତୀଙ୍କ ସାହିତ୍ୟାଦର୍ଶ' ସମ୍ପର୍କରେ ଆଲୋକପାତ କରି ଭଗବତୀ ଓଡ଼ିଆ ସାହିତ୍ୟର ନବସରଣୀର ଉନ୍ମୋଚକ ବୋଲି ଅଭିହିତ କରିଥିଲେ। ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର ତାଙ୍କର ପ୍ରାରମ୍ଭିକ ଅଭିଭାଷଣରେ ଗାନ୍ଧୀ ଓ ଭଗବତୀଙ୍କ ଜୀବନାଦର୍ଶ ଓ ସଂଗ୍ରାମ ବହୁଳ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀପତି ତାଙ୍କର ସ୍ୱାଗତ ଓ ସଭାପତୀୟ ଅଭିଭାଷଣରେ ଗାନ୍ଧୀ ସାହିତ୍ୟ, ଭଗବତୀ ସାହିତ୍ୟ ଓ ଜୀବନାଦର୍ଶ ସମ୍ପର୍କରେ ଅତିଥି ବକ୍ତାଙ୍କ ବକ୍ତବ୍ୟର ନିର୍ଯ୍ୟାସକୁ ଉପସ୍ଥାପନ ପୂର୍ବକ ମହାତ୍ମାଗାନ୍ଧୀ ମହାଭାରତୀୟଜୀବନରମହାନଭାଷ୍ୟକାରଓଭଗବତୀ ଓଡ଼ିଆ ସାହିତ୍ୟର ନବୀନ ଚେତନାର ନାନ୍ଦୀକାର ବୋଲି ଅଭିହିତ କରି ଉଭୟ ବରେଣ୍ୟ ବରପୁତ୍ରଙ୍କର ସ୍ମୃତି ତର୍ପଣ କରିଥିଲେ। କବି ସୁଶାନ୍ତ କୁମାର ନାୟକ ଓ ରାଉରକେଲା ଆକାଶବାଣୀର ଉଦଘୋଷକ ଅଶୋକ କୁମାର ରାଉତଙ୍କ ସଂଯୋଜନାରେ ମଞ୍ଚ ପରିଚାଳନା ଓ 'କବିତାରେ କବିତାରେ ଗାନ୍ଧୀ' ଶୀର୍ଷକ କବିତା ପାଠଚକ୍ରରେ ଡ.କୃପାସିନ୍ଧୁ ନାୟକ, ଡ. ଅଶ୍ୱନୀ କୁମାର ରାୟ, ବଳରାମ ରାଉଳ, ବିଜୟିନୀ ଜେନା, କାଶୀନାଥ ପାତ୍ର, ଅଧାପିକା ପ୍ରଣତି ବେହେରା, ଅସ୍ମିତା ଅନ୍ୱେଷ, ପ୍ରତାପ କୁମାର ପଣ୍ଡା, ଅଙ୍ଗୁରବାଳା ପରିଡ଼ା, ତ୍ରିନାଥ ସିଂହ, ଦେବେନ୍ଦ୍ର ଚୌଧୁରୀ, ବିଭୁ ନାୟକ, ସୁଚିତ୍ରା ଲେଙ୍କା, ମୀନକେତନ ପଶାୟତ, ଗୀତାରାଣୀ ବେହେରା, ଧୋବେଇ ବେହେରା, ବସନ୍ତ ବିଶ୍ୱକର୍ମା, ସୁଶାନ୍ତ କୁମାର ନାୟକ ପ୍ରମୁଖ କବିତା ପାଠ କରିଥିଲେ। ଗୋବିନ୍ଦ ପରିଡ଼ା, ବନପ୍ରିୟା ପରିଡ଼ା, ସଞ୍ଜୀବ ଭୋଇ, ବିଜୟ କୁମାର ସାହୁ, ପ୍ରବୀର କୁମାର ଦୁବେ, ପଦ୍ମଜା ପଟ୍ଟନାୟକ, ପର୍ଶୁରାମ ପଟ୍ଟନାୟକ, ଅଜୟ କୁମାର ନାୟକ, ବାସୁଦେବ ସାହୁ, ସାଗର ମହାନ୍ତି, ଶ୍ରୀଧର ସୁନା, ନିରୁପମା ନାୟକ, ବାବୁନ ବେହେରା, କୁଞ୍ଜବିହାରୀ ରାଉତ, ଜଗନ୍ନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କବି ବଳରାମ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଫେସର୍ ଗାୟତ୍ରୀବାଳା ପଣ୍ଡାଙ୍କ 'ଜବ୍ ଶବ୍ଦ ନହିଁ ଥେ' ଲୋକାର୍ପିତ

**ଭୁବନେଶ୍ୱର, ୨।୨ (ସମିସ):** ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଅନୁଷ୍ଠିତ ବିଶ୍ୱ ପୁସ୍ତକ ମେଳାର ପ୍ରଥମ ଦିବସରେ ପ୍ରଖ୍ୟାତ ଓଡ଼ିଆ କବି, ଶିକ୍ଷାବିତ୍, ସମ୍ପାଦକ, ସ୍ତମ୍ଭକାର ପ୍ରଫେସର୍ ଗାୟତ୍ରୀବାଳା ପଣ୍ଡାଙ୍କ କବିତା ପୁସ୍ତକ 'ଜବ୍ ଶବ୍ଦ ନହିଁ ଥେ'ର ଲୋକାର୍ପିତ ହୋଇଛି । ବିଶିଷ୍ଟ ଅନୁବାଦକ ଡ. ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କ ଦ୍ୱାରା ଅନୁଦିତ ଓ ମୁମ୍ବାଇର ପ୍ରଲେକ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ଲୋକାର୍ପଣ ଉତ୍ସବରେ ପ୍ରଫେସର ପଣ୍ଡାଙ୍କ ସହ କେନ୍ଦ୍ର ସାହିତ୍ୟ ଅକାଦେମୀ ସଚିବ ଡକ୍ଟର କେ. ଶ୍ରୀନିବାସରାଓ, ଡ. ରାଜେନ୍ଦ୍ର ପ୍ରସାଦ ମିଶ୍ର, ପ୍ରକାଶକ ଜିତେନ୍ଦ୍ର ପାତ୍ର, ପ୍ରସିଦ୍ଧ ଲେଖକ ବୁଦ୍ଧିନାଥ ମିଶ୍ର, ପ୍ରଖ୍ୟାତ ହିନ୍ଦୀ ଲେଖକ ଡ. ଓମ୍ ନିଶ୍ଚଲ, ପ୍ରସିଦ୍ଧ ହିନ୍ଦୀ କବି ତଥା ଚିତ୍ରଶିଳ୍ପୀ ଲୀଳାଧର ମଣ୍ଡଲୋଇ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ହିନ୍ଦୀ ପ୍ରଫେସର କୁସୁମଲତା ମଲ୍ଲିକ, ହିନ୍ଦୀ ସାହିତ୍ୟିକ ଭାଲଚନ୍ଦ୍ର ଯୋଶୀ, ବଶିଷ୍ଠ ଚୌଧୁରୀ, ବିନୋଦ କୁମାର ଅଗ୍ରୱାଲ, ରାଷ୍ଟ୍ରପତିଙ୍କ ଓଏସଡି (ରିସର୍ଚ୍ଚ) ତଥା ବିଶିଷ୍ଟ ହିନ୍ଦୀ ଲେଖକ ସୁନୀଲ କୁମାର ତ୍ରିବେଦୀ, ରାଷ୍ଟ୍ରପତିଙ୍କ ଅତିରିକ୍ତ ପ୍ରେସ୍ ସଚିବ ତଥା ବିଶିଷ୍ଟ ଗାଳ୍ପିକ ବିଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

'ଜବ୍ ଶବ୍ଦ ନେହିଁ ଥେ' କବିତା ସଙ୍କଳନରେ ମୋଟ ୬୧ଟି କବିତା ସ୍ଥାନିତ ହୋଇଛି ଏବଂ ଏଥିରେ ଥିବା କବିତାରେ ମହିଳାମାନଙ୍କ ସଂଘର୍ଷ, ସାମାଜିକ ସମସ୍ୟା, ଅସ୍ତିତ୍ୱବାଦ, ବିସ୍ଥାପନ, ଆଧୁନିକ ସମାଜରେ ପାରମ୍ପରିକ



ମୂଲ୍ୟବୋଧର ଅବକ୍ଷୟ ଆଦି ସମସାମୟିକ ପ୍ରସଙ୍ଗ ପ୍ରତିଧ୍ୱନିତ ହୋଇଛି। ଯାହାକୁ ସମୀକ୍ଷକ ଓ ସାହିତ୍ୟ ସମାଲୋଚକମାନେ ପ୍ରଶଂସା କରିଛନ୍ତି। ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ କବିତା, ଗପ, ଉପନ୍ୟାସ, ପ୍ରବନ୍ଧ ଓ ଖବରକାଗଜରେ ସ୍ତମ୍ଭ ରଚନା କରି ଯଥେଷ୍ଟ ପାଠକୀୟ ସ୍ୱୀକୃତି ହାସଲ କରିଥିବା କବି ଗାୟତ୍ରୀବାଳା ପଣ୍ଡା ବର୍ତ୍ତମାନ ସୁଦ୍ଧା ୩୨ଟି ପୁସ୍ତକ ରଚନା କରିଛନ୍ତି ଓ ତାଙ୍କର ପୁସ୍ତକଗୁଡ଼ିକ ଜାତୀୟସ୍ତରରେ ବେଶ୍ ଆଦୃତି ଲାଭ କରିଛି। ସେଥିମଧ୍ୟରୁ ଓଡ଼ିଆ ଭାଷାରେ ପ୍ରାୟ ୧୫ଟି କବିତା ସଂକଳନ, ଦୁଇଟି ଗଳ୍ପ ସଂକଳନ, ଦୁଇଟି ଉପନ୍ୟାସ ଏବଂ ଗୋଟିଏ ପ୍ରବନ୍ଧ ସଂକଳନ ରହିଛି। ଏହାବ୍ୟତୀତ ହିନ୍ଦୀ ଭାଷାରେ ସାତଟି କବିତା ସଂକଳନ ଓ ଇଂରାଜୀ ଭାଷାରେ ଦୁଇଟି କବିତା ସଂକଳନ, ଗୋଟିଏ ଗଳ୍ପ ସଂକଳନ ପ୍ରକାଶ ପାଇଛି। କବିତା ସଙ୍କଳନ 'ଦୟାନଦୀ' ପାଇଁ ୨୦୨୨ରେ ଗାୟତ୍ରୀବାଳା କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର ପାଇବା ସହ କବିତା ସଙ୍କଳନ 'ଗାଁ' ପାଇଁ ୨୦୧୧ରେ କେନ୍ଦ୍ର ସାହିତ୍ୟ ଅକାଦେମୀ ଯୁବ ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି। କେନ୍ଦ୍ର ସାହିତ୍ୟ ଅକାଦେମୀ ଦ୍ୱାରା ଉଭୟ ଯୁବ ଓ ବରିଷ୍ଠ ବର୍ଗରେ ପୁରସ୍କାର ପାଇବାରେ ଗାୟତ୍ରୀବାଳା ଏଯାବତ ଏକମାତ୍ର ଭାରତୀୟ ସାହିତ୍ୟିକ। ଦେଶର ଶ୍ରେଷ୍ଠ୧୦ଜଣ ଯୁବ ଲେଖକଙ୍କ ସୂଚୀରେ ଗାୟତ୍ରୀବାଳାଙ୍କୁ ୨୦୧୨ରେ 'ଇଣ୍ଡିଆନ ଏକ୍ସପ୍ରେସ୍ (ଆଇ ମାଗାଜିନ)' ସ୍ଥାନ ଦେଇଛି। ଅନୁରୂପ ଭାବରେ ୨୦୨୧ ଓ ୨୦୨୩ରେ ଟାଇମ୍ସ ପାୱାର ୱିମେନ୍ - ଓଡ଼ିଶା ତାଲିକାରେ ସ୍ଥାନ ପାଇବା ସହିତ ତାଙ୍କୁ 'ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମାସ୍ କମ୍ୟୁନିକେସନ୍ (ଆଇଆଇଏମସି) 'ଆଲୁମିନି ଅଫ୍ ଦି ଇୟର ପୁରସ୍କାର' ଏବଂ ୨୦୨୩ରେ 'ଦ ନ୍ୟୁ ଇଣ୍ଡିଆ ଏକ୍ସପ୍ରେସ୍ ଦେବୀ ପୁରସ୍କାର'ରେ ସମ୍ମାନିତ କରାଯାଇଛି। ୨୦୧୫ ମସିହାରେ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ 'ରାଇଟର୍ସ-ଇନ୍-ରେସିଡେନ୍ସ' କାର୍ଯ୍ୟକ୍ରମକୁ ସେ ନିମନ୍ତ୍ରିତ ହୋଇଥିଲେ।

■ ଦୁଇଦିନ ହେଲା ଜଲାପୁଟ ଜଳ ଭଣ୍ଡାରରେ ନିଖୋଜ ୨ ଛାତ୍ରଙ୍କ ପତ୍ତା ମିଳୁନି

# ଖୋଜିଖୋଜି ଅଗ୍ନିଶମ ଓ ଓଡ୍ରାଫ ନିରାଶ

**ନନ୍ଦପୁର, ୨।୨(ସମିସ):** ନନ୍ଦପୁର ବ୍ଲକ ଅନ୍ତର୍ଗତ ଜଲାପୁଟ ଜଳ ଭଣ୍ଡାରରେ ବୁଡ଼ି ଦୁଇ ଦଶମ ଶ୍ରେଣୀ ଛାତ୍ର ନିଖୋଜ ହେବା ଘଟଣାକୁ ୨୪ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ସେମାନଙ୍କ ସନ୍ଧାନ ମିଳିପାରିନାହିଁ। ରବିବାର ଉଦ୍ଧାର



କାର୍ଯ୍ୟର ପ୍ରଥମ ଦିନରେ ଅଗ୍ନିଶମ ଓ ଓଡ୍ରାଫ ଟିମ୍‌କୁ ନିରାଶ ହେବାକୁ ପଡ଼ିଛି। ସକାଳୁ ନନ୍ଦପୁର, ଲମତାପୁଟ ଓ ଜୟପୁର ଅଗ୍ନିଶମ କର୍ମଚାରୀମାନେ ଜଳଭଣ୍ଡାରରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ମଧ୍ୟାହ୍ନରେ କୋରାପୁଟ ଓଡ୍ରାଫ୍ ଟିମ୍ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ହେଲେ ସୂର୍ଯ୍ୟାସ୍ତ ସୁଦ୍ଧା ଦୁଇ ନିଖୋଜ ଅମିତ୍ ହନ୍ତାଳ, ଶିବା ହନ୍ତାଳଙ୍କ ପତ୍ତା ମିଳି ନଥିଲା।

ସେପଟେ ଜଲାପୁଟ ଉଚ୍ଚ ବିଦ୍ୟାଳୟରେ ସରସ୍ୱତୀ ପୂଜାମଣ୍ଡପ ଶୋକସଭାରେ ପରିଣତ ହୋଇଥିବା ଦେଖିବାକୁ ମିଳିଥିଲା। ଗତକାଲିର ଏହି ଘଟଣା ଯୋଗୁଁ ଛାତ୍ରଛାତ୍ରୀ ଏବଂ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମଧ୍ୟରେ ପୂଜାକୁ ନେଇ ଉତ୍ସାହ ନଥିବା ଦେଖିବାକୁ ମିଳିଥିଲା। ପିଲାଙ୍କ ହାତରେ ପୂଜା ଥାଳି ନଥିଲା କି ପିଲାମାନେ ନୂଆ ପୋଷାକ ମଧ୍ୟ ପିନ୍ଧିନଥିଲେ। ଦୁଇ ଛାତ୍ରଙ୍କ ନିଖୋଜ ସ୍କୁଲରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା।

ସୂଚନାଯୋଗ୍ୟ, ଶନିବାର ଅମିତ୍, ଶିବା ଓ ଅନ୍ୟ ଜଣେ ସାଙ୍ଗ ଗୌତମ ଖେମୁଣ୍ଡୁ ସ୍କୁଲରେ ପୂଜା ପାଇଁ ସାଜସଜ୍ଜା କାମ ସାରିବା ପରେ ସଂଧ୍ୟାରେ ଜଲାପୁଟ ଜଳଭଣ୍ଡାର ମୁହାଣକୁ ଫଟୋ ଉଠାଇବାକୁ ଯାଇଥିଲେ। ତେବେ ଦୁର୍ଭାଗ୍ୟକୁ ୩ଜଣ ଯାକ ଜଳଭଣ୍ଡାରେ ବୁଡ଼ି ଯାଇଥିଲେ। ସନ୍ଧ୍ୟାରେ ଗୌତମ ପହଁରି ପହଁରି କୂଳକୁ ପଳାଇ ଆସିଥିଲେ। କିନ୍ତୁ ଅମିତ୍ ଓ ଶିବାଙ୍କ ପତ୍ତା ମିଳିନଥିଲା। ସଂଧ୍ୟା ହୋଇଯିବାରୁ ଗତକାଲି ଉଦ୍ଧାର କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇପାରିନଥିଲା।

# ପରଲୋକରେ ପ୍ରଯୋଜକ ରାହାସ ବିହାରୀ

## ଚଳଚ୍ଚିତ୍ର 'ଲକ୍ଷ୍ମୀପ୍ରତିମା' ପାଇଁ ଚର୍ଚ୍ଚାକୁ ଆସିଥିଲେ

**କଟକ,୨।୨(ସମିସ):** ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ତଥା ଶିଳ୍ପୋଦ୍ୟୋଗୀ ରାହାସ ବିହାରୀ ମହାନ୍ତିଙ୍କ ୬୭ ବର୍ଷ ବୟସରେ ଆଜି ସାମନ୍ତସାହିସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ସିନେ ଜଗତ ଓ ଶିଳ୍ପୋଦ୍ୟୋଗୀ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି। ବଡ଼ ପୁଅ ଆଇନଜୀବୀ ଅଭିଳାଷ ମହାନ୍ତି ଓ ସାନ ପୁଅ ଡାକ୍ତର ଅଭିଷେକ ମହାନ୍ତି ମୁଖାଗ୍ନି ଦେଇଥିଲେ।



୧୯୯୯ ମସିହାରେ ନିର୍ମିତ 'ଲକ୍ଷ୍ମୀପ୍ରତିମା' ଚଳଚ୍ଚିତ୍ର ରାଜ୍ୟ ସରକାରଙ୍କ ଦ୍ୱାରା ଉଚ୍ଚପ୍ରଶଂସିତ ହୋଇଥିଲା। ଏହି ସିନେମା ୫ଟି ଚଳଚ୍ଚିତ୍ର ପୁରସ୍କାର ପାଇଥିଲା। ଏହି ଚଳଚ୍ଚିତ୍ର ବଙ୍ଗୀୟ ଭାଷାରେ ପଶ୍ଚିମବଙ୍ଗରେ ମଧ୍ୟ ଆଶାତିତ ସଫଳତା ହାସଲ କରିଥିଲା। ତରଙ୍ଗ ଚ୍ୟାନେଲରେ 'ଟୋପାଏ ସିନ୍ଦୂର' ନାମକ ଏକ ଧାରାବାହିକ ସେ ନିର୍ମାଣ କରିଥିଲେ। ଲକ୍ଷ୍ମୀପ୍ରତିମା ପରେ ସେ ଆଉ ଦୁଇଟି ଚଳଚ୍ଚିତ୍ର ନିର୍ମାଣ କରିଥିଲେ ମଧ୍ୟ କୌଣସି କାରଣରୁ ଏହା ରୁପେଲି ପରଦାକୁ ଆସିପାରି ନଥିଲା।

ତେବେ ଏଥିପୂର୍ବରୁ ସେ ଜଣେ ଶିଳ୍ପପତି ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ୧୯୭୮ ମସିହାରେ ରାହାସ ବିହାରୀ ଜଗତପୁର ନୂତନ ଶିଳ୍ପାଞ୍ଚଳରେ ଗୋ ଖାଦ୍ୟ, କୁକୁଡ଼ା ଖାଦ୍ୟ ପ୍ରସ୍ତୁତି ପାଇଁ ଏକ କ୍ଷୁଦ୍ର ଶିଳ୍ପ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ପଶୁପକ୍ଷୀଙ୍କ ପାଇଁ ଆୟୁର୍ବେଦିକ ଔଷଧ ସହ ଭାରତୀୟ ମାନକବ୍ୟୁରୋ ପ୍ରମାଣ ପତ୍ର ପ୍ରାପ୍ତ ମିନେରାଲ ମିକ୍ସଚର ତିଆରି ଆରମ୍ଭ କରିଥିଲେ। ଓଡ଼ିଶା, ବିହାର, ପଶ୍ଚିମବଙ୍ଗ ଓ ଆସାମ ରାଜ୍ୟରେ ଏହି ମିନେରାଲ ମିକ୍ସଚର ପ୍ରଥମ କରି ଆରମ୍ଭ ହୋଇଥିଲା।

ସୂଚନାଯୋଗ୍ୟ ଯେ, ଗତ କିଛି ବର୍ଷ ହେବ ସ୍ୱର୍ଗତ ମହାନ୍ତି ଅସୁସ୍ଥ ରହୁଥିଲେ। ବିଶେଷ କରି ଡାଇବେଟିସ ଓ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ହୋଇ ସେ ଚିକିତ୍ସାଧୀନ ଥିଲେ। ଆଜି ତାଙ୍କ ପରଲୋକ ଖବର ପାଇ ଜଗତପୁର ନୂତନ ଶିଳ୍ପାଞ୍ଚଳର ଓଡ଼ିଶା ଶିଳ୍ପ ସଂଘଠାରେ ଏକ ଶୋକସଭାର ଆୟୋଜନ କରାଯାଇଥିଲା। ଏଥିରେ ଶିଳ୍ପୋଦ୍ୟୋଗୀ ମାନସ ଦାସ, ରମାଚରଣ ନାୟକ, ସୁଧାକର ସ୍ୱାଇଁ, ରୁଦ୍ର ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଦିନକ ପରେ ଖଣ୍ଡଗିରି କୁମ୍ଭମେଳା

**ଭୁବନେଶ୍ୱର,୨।୨(ସମିସ):** ଦିନକ ପରେ ଆରମ୍ଭ ହେବ ଖଣ୍ଡଗିରିର ପ୍ରସିଦ୍ଧ ମାଘ ସପ୍ତମୀ ମେଳା। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପ୍ରଶାସନ ପକ୍ଷରୁ ମଧ୍ୟ ବନ୍ଦୋବସ୍ତ ହୋଇଛି। ୪ ତାରିଖ ଭୋରରୁ ଧୂନି ସ୍ଥାପନ ପରେ ଆରମ୍ଭ ହେବ ମାଘମେଳା। ଏଥିପାଇଁ ଖଣ୍ଡଗିରି ଉଦୟଗିରି ପାଦଦେଶରେ ବିଭିନ୍ନ ସ୍ଥାନରୁ ସାଧୁସନ୍ଥମାନେ ଆସି ଯଜ୍ଞ ପାଇଁ ପ୍ରସ୍ତୁତି କରିସାରିଛନ୍ତି। ସେମାନଙ୍କୁ ଦେଖିବାକୁ ସ୍ଥାନୀୟ ଲୋକଙ୍କ ଭିଡ଼ ମଧ୍ୟ ଜମିଲାଣି। ଜମିଲାଣି ଖଣ୍ଡଗିରିରେ ଲୋକଙ୍କ ସମାଗମ।

■ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ
■ ଆସିଲେଣି ସାଧୁସନ୍ଥ

କଳିଙ୍ଗ ସମ୍ରାଟ ମହାମେଘନାଦ ଐର ଖାରବେଳଙ୍କ ସମୟରୁ ଜୈନ ସନ୍ଥମାନେ ଖଣ୍ଡଗିରିକୁ ସାଧନା ପାଇଁ ଆସୁଛନ୍ତି। ସାଧୁସନ୍ଥମାନେ ଏଠାକୁ ଆସି ନିଜର ଧନସମ୍ପତ୍ତିକୁ ଜଳାଞ୍ଜଳି ଦେଇ ସାଧନା କରନ୍ତି। ପାରଳାଖେମୁଣ୍ଡି ରାଜାଙ୍କ ପୁତ୍ର ସନ୍ଥ ଅରକ୍ଷିତ ଦାସ ୧୭ବର୍ଷ ଧରି ଲାଞ୍ଛନା, ଯାତନା ଓ ନିର୍ଯାତନା ସବୁକିଛି ସହି ସାଧନା କରିଥିଲେ। ଏଥିପାଇଁ ହଜାର ବର୍ଷ ତଳୁ ଏଠାକୁ ବହୁ ମୁନିମନୀଷିମାନେ ଆସି ତପସ୍ୟା ଓ ସାଧନା କରି ଆସୁଛନ୍ତି। ମା' ବାରଭୂଜାଙ୍କ ସାଧନା ପୀଠ। ନିଜ ନିଜ ଉପାୟରେ ଈଶ୍ୱରପ୍ରାପ୍ତି ପାଇଁ ସାଧନା କରିବେ। ବିଶ୍ୱଶାନ୍ତି ପାଇଁ ସାଧୁସନ୍ଥମାନେ ୯ଦିନ ଧରି ଯଜ୍ଞ କରିବେ। ୯ଦିନ ପର୍ଯ୍ୟନ୍ତ ଅଖଣ୍ଡ ଧ୍ୱନି, ନାମ ଯଜ୍ଞ, ଗୀତାଜ୍ଞାନ ଯଜ୍ଞ ଆହୂତି, ନାମ ସଂକୀର୍ତ୍ତନ, ଆତ୍ମନାରାୟଣ ସେବା, ସାଧୁସନ୍ଥଙ୍କର ମହାମିଳନ ହେବ।

ଉତ୍ତର ଭାରତରୁ ନାଗାନ୍ଦୀ, ବେଦାନ୍ତି, ରାମାନନ୍ଦୀ ଓ କୃଷ୍ଣାନ୍ଦୀ ଆଦି ସନ୍ଥମାନେ ଆସି ଯୋଗ ଦେବେ। କୁଷ୍ଠ କୁମାର ଶାମ୍ବ ଅଭିଶାପ ପାଇ ସୂର୍ଯ୍ୟଙ୍କ ପୂଜା କରି ବ୍ୟାଧିରୁ ମୁକ୍ତିପାଇଥିଲେ। ଚନ୍ଦ୍ରଭାଗାରେ ବୁଡ଼ ପକାଇବାପରେ ସୂର୍ଯ୍ୟଙ୍କୁ ପୂଜା କରିଥିଲେ। ପରମ୍ପରାସ୍ୱରୂପ ସାଧୁସନ୍ଥମାନେ ଅର୍କକ୍ଷେତ୍ର କୋଣାର୍କରେ ଥିବା ଚନ୍ଦ୍ରଭାଗାରେ ବୁଡ଼ ପକାଇ ଖଣ୍ଡଖିରି ଖାଇବେ। ଏହାପରେ ସୂର୍ଯ୍ୟ ଅଗ୍ନି ନେଇ ଆସି ଦୀପ ଜଳାଇବା ଲାଗି ବ୍ୟବସ୍ଥା ସହ ରାମଚରିତ ମାନସ ଓ ହନୁମାନ ଚାଳିଶା କରାଯିବ। ସେହିପରି ୯ଦିନ ଧରି ଯଜ୍ଞ ସହ ଅନ୍ନପ୍ରସାଦ ସେବନ ପାଇଁ ବ୍ୟବସ୍ଥା କରାଉଥିବା ବିଭିନ୍ନ ସେବା ଆଶ୍ରମର ବାବାମାନେ କହିଛନ୍ତି। ଏହି ସ୍ଥାନରେ ରାଧାକୁଣ୍ଡ, ଶ୍ୟାମ କୁଣ୍ଡ ଓ ଲଳିତ କୁଣ୍ଡ ରହିଛି। ଏବେ ବି ରାଧାକୁଣ୍ଡରେ ସନ୍ଥମାନେ ସ୍ନାନ କରୁଛନ୍ତି। ଲଳିତ କୁଣ୍ଡରେ ପ୍ରଭୁ ଅନନ୍ତ କେଶରୀଙ୍କ ଚାପଖେଳ ଅନୁଷ୍ଠିତ



କୁମ୍ଭମେଳା ପାଇଁ ଧୂନି ସ୍ଥାପନ କରିବେ। ଏଥିପାଇଁ ଚଳିତ ବର୍ଷ ୧ହଜାର ସାଧୁସନ୍ଥ ଆସିବାର ଯୋଜନା ରହିଥିବା ବେଳେ ଅନେକ ସାଧୁସନ୍ଥ ପହଞ୍ଚି ସାରିଲେଣି। କିଏ ମା' ବାରଭୁଜାଙ୍କ ସାଧନା ସାଙ୍ଗକୁ ଶିବଶକ୍ତି, ଗାୟତ୍ରୀଙ୍କ ସାଧନା କରିବାପାଇଁ ଯଜ୍ଞକୁଣ୍ଡ ତିଆରି କରିବାରେ ବ୍ୟସ୍ତ ଅଛନ୍ତି। ଏହା ସହିତ ଖଣ୍ଡଗିରିର ଅଧିଷ୍ଠାତ୍ରୀ ମା' ବାରଭୂଜାଙ୍କ ପୂଜା ପାଇଁ ଅଖଣ୍ଡ ଦୀପ ଜଳାଇବା ବ୍ୟବସ୍ଥା, ଶ୍ରୀ ହନୁମାନଜୀଙ୍କ ନିକଟରେ ରାମଚରିତ ମାନସ ଓ ହନୁମାନ ଚାଳିଶା, ଖଣ୍ଡଗିରିର ଅଧିଷ୍ଠାତ୍ରୀ ମା' ବାରଭୂଜାଙ୍କ ପୂଜା ପାଇଁ ଅଖଣ୍ଡ ହେବ। ଏବେସୁଦ୍ଧା ଓଡ଼ିଶା, ହରିଦ୍ୱାର, ଗୁଜୁରାଟ ଏବଂ ଝାନ୍ସିରୁ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ନାଗା ବାବା ଆସି ପହଞ୍ଚିଛନ୍ତି।

ଖଣ୍ଡଗିରିମେଳା ପାଇଁ ମୀନାବଜାର ପ୍ରସ୍ତୁତି ହୋଇଯାଇଛି। ଦୋକାନବଜାର ମଧ୍ୟ ଲାଗିଗଲାଣି। ଖଣ୍ଡଗିରି ଉଦୟଗିରି ପାଦଦେଶରୁ ବିଭିନ୍ନ ଷ୍ଟଲ ପଡିଛି। ଖାଇବାଷ୍ଟଲଠାରୁ ଆରମ୍ଭ କରି ଘରସଜ୍ଜା ସାମଗ୍ରୀ ଓ ଗୃହ ଉପକରଣ ସାମଗ୍ରୀ ପାଇଁ ଷ୍ଟଲ ଲାଗିବା ଆରମ୍ଭ ହୋଇଗଲାଣି। ସେହିପରି କୁଲା ବାଉଁଶିଆଠାରୁ ଆରମ୍ଭ କରି ପଥର ଓ ପିତ୍ତଳ ସାମଗ୍ରୀ ଦୋକାନୀ ଆସି ପସରା ମଧ୍ୟ ମେଲାଇସାରିଲେଣି।

■ ମାଓବାଦୀଙ୍କ ବିସ୍ଫୋରଣ ଉଦ୍ୟମ ପଣ୍ଡ

# ମାଟି ଖୋଳି ୨୫ କେଜି ଆଇଇଡି ନଷ୍ଟ କଲେ ଯବାନ

**ମାଲକାନଗିରି, ୨।୨(ସମିସ):** ପୁଣି ଥରେ ନକ୍ସଲଙ୍କ ଯୋଜନାକୁ ପଣ୍ଡ କରିଛନ୍ତି ଯବାନ। ମାଇନିଂ ବେଳେ ରାସ୍ତା ମଝିରେ ଖଞ୍ଜା ଯାଇଥିବା ଏକ ଶକ୍ତିଶାଳୀ ଆଇଇଡି ବୋମା ଉଦ୍ଧାର କରିଛନ୍ତି ଯବାନ। ଜେସିବି ସାହାଯ୍ୟରେ ଖୋଳି ଏହାକୁ ବାହାର କରାଯାଇ ସୁରକ୍ଷିତ ଭାବରେ ନଷ୍ଟ କରିଛନ୍ତି। ସୂଚନା ଅନୁଯାୟୀ, ଉସୁର ଥାନା ପୁଲିସ ଏବଂ ସିଆର୍‌ପିଏଫ ୧୯୬ ବାଟାଲିୟନର ମିଳିତ ଦଳ ଉସୁର-ଆଭାପାଲି ରାସ୍ତାରେ ମାଇନିଂ ଡ୍ୟୁଟି ପାଇଁ ଯାଇଥିଲେ। ଉସୁରଠାରୁ ୩ କିଲୋମିଟର ଦୂରରେ ଧାନମଣ୍ଡି ନିକଟ ମୁଖ୍ୟରାସ୍ତାରେ ଏକ ଆଇଇଡି ଯବାନଙ୍କ ଦ୍ୱାରା ଚିହ୍ନଟ କରାଯାଇଥିଲା। ମାଓବାଦୀମାନେ ରାସ୍ତା ମଝିରେ ଏକ ପ୍ଲାଷ୍ଟିକ୍ ଡ୍ରମରେ ୨୫ କେଜିର ଆଇଇଡି ପୋତିଥିଲେ। ଏହାକୁ ଉଦ୍ଧାର କରି ସୁରକ୍ଷାବାହିନୀର ବୋମା ନିରୋଧୀ ଦଳ ସୁରକ୍ଷିତ ସ୍ଥାନକୁ ନେଇ ନଷ୍ଟ କରିଛନ୍ତି। ପୁଲିସ ଏବଂ ସୁରକ୍ଷାବାହିନୀର ବଡ଼ ଯାନବାହନକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ମାଓବାଦୀମାନେ କମାଣ୍ଡ ସ୍ୱିଚ୍ ସିଷ୍ଟମ ବ୍ୟବହାର କରି ମୁଖ୍ୟ ରାସ୍ତାରେ ଏକ ପ୍ଲାଷ୍ଟିକ୍ କଣ୍ଟେନର ଭିତରେ ଆଇଇଡି ଖଞ୍ଜିଥିଲେ।

**KIDNEY REQUIRED**

A+ ଓ O+ କିଡନୀ ଆବଶ୍ୟକ
A+ ଓ O+ kidney required.
କେହି ସହୃଦୟ ବ୍ୟକ୍ତି ଦାନ କଲେ ଆମେ ଚିରୋପକୃତ ହେବୁ। ଯୋଗାଯୋଗ:
8455924189

**AFFIDAVIT**

By virtue of an affidavit, CF No. 71, 27.01.2025, sworn before the Executive Magistrate, Bargarh, I, Amarendra Bagha, have changed my daughter's name from Sohani Bag and Ananya Bag to Ananya Bagha, as all three names belongs to one and same person.
Sd/- Amarendra Bagha

**AFFIDAVIT**

By virtue of affidavit sworn before the Executive Magistrate dated 25.06.2024, I Rabindra Nath Sahoo, Address – Vill / post- Karagola, PS- Nandipada, Dist- Keonjhar declare that I have changed my name from Ravindra Nath Shahoo to Rabindra Nath Sahoo. Henceforth, I shall be known as Rabindra Nath Sahoo to all purposes.
Sd/- Rabindra Nath Sahoo

**AFFIDAVIT**

I, Sabitarani Mohanty, wife of Late Sudhanshu Sekhar Mohanty, residing at At/Po. Mankunda, P.S. Bhogarai, District Balasore, do hereby solemnly affirm and declare that my name has been recorded as "Sabita Mohanty" in my family pension documents under P.P.O. No. 69157 and in my Aadhaar card bearing No. 530911437175. I affirm that "Sabita Mohanty" and "Sabitarani Mohanty" refer to one and the same person. Henceforth, I shall be known as "Sabitarani Mohanty" for all official and legal purposes.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହାନଦୀ କୋକେଇ...

ଜଳ ବିବାଦ ମାମଲା ସମ୍ପର୍କରେ ଅନୌପଚାରିକ ଆଲୋଚନା କରିଥିବା କହୁଛନ୍ତି। ମାତ୍ର କଣ ଆଲୋଚନା କଲେ ତାହା କାହାକୁ ଜଣାନାହିଁ। ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ଅନୌପଚାରିକ ଆଲୋଚନାର ନିଷ୍କର୍ଷ ବାହାରୁନାହିଁ କିମ୍ବା ଏହାକୁ ସରକାର ସାର୍ବଜନୀନ କରୁନାହାନ୍ତି। ଯାହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି ।

ଟ୍ରିବ୍ୟୁନାଲରେ ମହାନଦୀ ବିବାଦ ତୁଟିବା ସମ୍ଭାବନା ପ୍ରାୟ କ୍ଷୀଣ ବୋଲି ଆରମ୍ଭରୁ ବିଶେଷଜ୍ଞମାନେ କହି ଆସିଛନ୍ତି। ଏପରିକି କାବେରୀ ଜଳବିବାଦ ପରି ମହାନଦୀ ବିବାଦ ଭୟଙ୍କର ହେବା ଆଶଙ୍କା କରାଯାଉଛି । ଏହି ପରିପ୍ରେକ୍ଷୀରେ ବିବାଦ ଉପରେ ନଜର ରଖିଥିବା ବିଶେଷଜ୍ଞ ମହଲ ଟ୍ରିବ୍ୟୁନାଲର କାର୍ଯ୍ୟକଳାପକୁ ନେଇ ସନ୍ଦେହପ୍ରକଟ କରିଛନ୍ତି। ଡିସେମ୍ବର ୧୩ ତାରିଖରେ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ପଦ ନିଯୁକ୍ତି ପୂର୍ବରୁ ୯ ମାସ ଧରି ଏହି ପଦବୀ ଖାଲି ପଡ଼ିଥିଲା। ବିଭିନ୍ନ ମହଲରେ ଏନେଇ କ୍ଷୋଭ ପ୍ରକାଶ ପାଇବା ପରେ ଶେଷରେ ଜଷ୍ଟିସ୍ ବେଲା ଏମ୍ ତ୍ରିବେଦୀଙ୍କୁ ଏହି ପଦରେ ଆସୀନ କରାଯାଇଛି। ମାତ୍ର ସେବେଠାରୁ ବିବାଦର ସମାଧାନ ଦିଗରେ କୌଣସି ଅଗ୍ରଗତି ନହେବା ବିଶେଷଜ୍ଞ ମହଲକୁ ବିବ୍ରତ କରିଛି। ୨୦୧୮ ମସିହାରେ ଟ୍ରିବ୍ୟୁନାଲ ଗଠନ ହେବା ପରେ ମହାନଦୀ ମାମଲା ଯେପରି ଲମ୍ବିତ ହେବାରେ ଲାଗିଛି, ତାହାକୁ ନେଇ ବିଶେଷଜ୍ଞ ଏବଂ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଇତିମଧ୍ୟରେ ମୋଟ ୩୬ଟୁ ଶୁଣାଣି ସରିଥିବା ବେଳେ ଟ୍ରିବ୍ୟୁନାଲ କୌଣସି ଅନ୍ତରୀଣ ଆଦେଶ ଦେବାକୁ ଇଚ୍ଛା ପ୍ରକାଶ କରିନାହାନ୍ତି। ଏପରିସ୍ଥଳେ ରାଜ୍ୟରେ ନୂଆ ସରକାର ଏବଂ ନୂଆ ଅଧ୍ୟକ୍ଷଙ୍କଠାରୁ ଢେର ଆଶା ରଖାଯାଇଥିଲା। ମାତ୍ର ଉଭୟେ ଏନେଇ ତତ୍ପରତା ପ୍ରକାଶ ନକରିବା ମହାନଦୀର ଭାଗ୍ୟକୁ ଆହୁରି ଅନ୍ଧାରକୁ କ୍ରମଶଃ ଠେଲି ଦେଉଛି। ମହାନଦୀ ବଞ୍ଚାଅ, ଓଡ଼ିଶା ବଞ୍ଚାଅ ଅଭିଯାନର ଆବାହାକ ସୁଦର୍ଶନ ଛୋଟରାୟ କହିଛନ୍ତି ଯେ ମହାନଦୀ ଜଳବିବାଦ ମାମଲାରେ କେନ୍ଦ୍ର ସରକାର ଆରମ୍ଭରୁ ନିଜ ଦାୟିତ୍ୱ ନିର୍ବାହ କରିନାହାନ୍ତି। ଯାହାଫଳରେ ବିଗତ କିଛି ବର୍ଷ ଧରି ଓଡ଼ିଶା ପ୍ରବଳ କ୍ଷତି ସହି ଆସୁଛି। ଟ୍ରିବ୍ୟୁନାଲରେ ତାରିଖ ପରେ ତାରିଖ ଗଡ଼ି ଚାଲିଥିବା ବେଳେ ଗତ ମାସରେ ନୂଆ ଅଧ୍ୟକ୍ଷଙ୍କୁ ନିଯୁକ୍ତି ଦିଆଗଲା। ଉଭୟ ରାଜ୍ୟରେ ପୂର୍ବରୁ ଟ୍ରିବ୍ୟୁନାଲ ସରଜମିନ୍ ତଦନ୍ତ କରିସାରିଛନ୍ତି। ତେଣୁ ନୂଆ ଅଧ୍ୟକ୍ଷ ସମସ୍ତ ରିପୋର୍ଟକୁ ଅନୁଧ୍ୟାନ କରି ତୁରନ୍ତ ରାୟ ପ୍ରଦାନର ଆବଶ୍ୟକତା ରହିଛି। ମାତ୍ର ଏନେଇ ଟ୍ରିବ୍ୟୁନାଲଙ୍କ କ୍ଷରୁ କୌଣସି ଚେଷ୍ଟା ପ୍ରକାଶ ନପାଇବା ଦୁର୍ଭାଗ୍ୟଜନକ। ଆମର ଆଶଙ୍କା ମହାନଦୀର ଦଶା କାବେରୀ ଜଳବିବାଦ ପରି ନହେଉ। ନୂଆ ଅଧ୍ୟକ୍ଷ ପୂର୍ବ ତ୍ରୁଟି ସଂଶୋଧନ କରି ଅନ୍ତତପକ୍ଷେ ତ୍ୱରିତ୍ ଅନ୍ତରୀଣ ରାୟ ପ୍ରଦାନ କରନ୍ତୁ ବୋଲି ସେ ଦାବି କରିଛନ୍ତି। ନିକଟରେ ଓଡ଼ିଶା ଗସ୍ତରେ ଆସି ସମାନ ଧରଣର ଆଶଙ୍କା ପ୍ରକାଶ କରିଥିଲେ ଜଳପୁରୁଷ ରାଜେନ୍ଦ୍ର ସିଂ। ଦେଶର ଇତିହାସକୁ ଦେଖିଲେ କୌଣସି ଜଳ ବିବାଦ ଟ୍ରିବ୍ୟୁନାଲ ନଦୀ ସମସ୍ୟାର ସମାଧାନ ବାସ୍ତବରେ କରି ପାରିନାହିଁ। କାବେରୀ ନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଏହାର ଜ୍ୱଳନ୍ତ ଉଦାହରଣ। କାବେରୀ ରାସ୍ତାରେ ମହାନଦୀ ଜଳ ବିବାଦକୁ ନନେବା ପାଇଁ ଓଡ଼ିଶା ସରକାରଙ୍କ ସର୍ବାଧିକ ଦାୟିତ୍ୱ ରହିଛି ବୋଲି ସେ ମତବ୍ୟକ୍ତ କିରଥିଲେ।

### ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧ...

ଲାଗୁ ହୋଇଛି। ଏହିସବୁ ଦେଶ ସହିତ ଆମେରିକାର ବାଣିଜ୍ୟିକ ନିଅଣ୍ଟ ପରିମାଣ ଅଧିକ ରହୁଥିବାରୁ ସେମାନଙ୍କ ଉପରେ ଶୁଳ୍କ ଲାଗୁ କରିବାକୁ ରାଷ୍ଟ୍ରପତି ଟ୍ରମ୍ପ ନିଷ୍ପତ୍ତି ନେଇଥିବା କୁହାଯାଇଛି। ଏକ ରିପୋର୍ଟ ଅନୁସାରେ ଚୀନ୍ ସହ ଆମେରିକାର ବାଣିଜ୍ୟିକ ନିଅଣ୍ଟ ରାଶି ହାର ସର୍ବାଧିକ ୩୦.୨ ପ୍ରତିଶତ ରହିଥିଲା ବେଳେ ମେକ୍ସିକୋ ୧୯ ପ୍ରତିଶତ (୨୫୦ ବିଲିୟନ ଡଲାର) ଏବଂ କାନାଡା ସହ ଆମେରିକାର ବାଣିଜ୍ୟିକ ନିଅଣ୍ଟ ହାର ୧୪ ପ୍ରତିଶତ(୨୦୦ ବିଲିୟନ ଡଲାର) ରହିଛି। ହେଲେ ସେ ତୁଳନାରେ ଭାରତ ସହିତ ବାଣିଜ୍ୟିକ ନିଅଣ୍ଟ ହାର ମାତ୍ର ୩.୨ ପ୍ରତିଶତ ରହିଛି। ତେଣୁ ଭାରତ ବିରୋଧରେ ଟ୍ରମ୍ପ ପ୍ରଶାସନ ସେଭଳି କୌଣସି ନିଷ୍ପତ୍ତି ନେଇ ନାହିଁ ବୋଲି କୁହାଯାଇଛି। ଚୀନ୍ ଉପରେ ଆମେରିକାର ୧୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଲାଗୁ ହେବା ଦ୍ୱାରା ଆଗାମୀ ୪ ବର୍ଷ ମଧ୍ୟରେ ଚୀନ୍‌କୁ ୧୨୮ ବିଲିୟନ ଡଲାର କ୍ଷତି ସହିବାକୁ ପଡ଼ିବ ବୋଲି କୁହାଯାଇଛି।

ଇତିମଧ୍ୟରେ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ମଧ୍ୟ ଆମେରିକୀୟ ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଘୋଷଣା କରିଛନ୍ତି। ଏହାଦ୍ୱାରା ଆମେରିକା କାନାଡାକୁ ରପ୍ତାନି କରୁଥିବା ୧୦୬ ବିଲିୟନ ଡଲାରର ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ ହେବ। ଟ୍ରମ୍ପଙ୍କୁ ଜବାବ ଦେବା ଲାଗି ଏଭଳି ନିଷ୍ପତ୍ତି ନେବା ବ୍ୟତୀତ ଅନ୍ୟ କିଛି ପନ୍ଥା ନାହିଁ ବୋଲି ଟ୍ରୁଡୋ କହିଛନ୍ତି । ଟ୍ରୁଡୋ ଓଟାୱାରେ ଆମେରିକୀୟ ସଂପ୍ରଦାୟକୁ ସମ୍ବୋଧିତ କରିବା ଅବସରରେ କହିଛନ୍ତି ଯେ, କାନାଡା ଆମେରିକାବାସୀଙ୍କ ସହିତ ପ୍ରତ୍ୟେକ ଘଡ଼ିସନ୍ଧି ମୁହୂର୍ତ୍ତରେ ରହିଆସିଛି। ଇରାନ ବନ୍ଧକ ସମସ୍ୟା ହେଉ କି ଆଫଗାନିସ୍ତାନ ଯୁଦ୍ଧ , କାଟ୍ରିନା ଝଡ଼ ହେଉ କି କାଲିଫର୍ଣ୍ଣିଆ ଜଙ୍ଗଲ ନିଆଁ ସବୁ ପ୍ରାକୃତିକ ବିପଦ କିମ୍ବା ସମସ୍ୟା ବେଳେ କାନାଡା ଆମେରିକାକୁ ସହାୟତା କରିଆସିଛି। ଏହାସତ୍ତ୍ୱେ କାନାଡା ବିରୋଧରେ ଆମେରିକା ଏଭଳି ନିଷ୍ପତ୍ତି ନେବା ଅତ୍ୟନ୍ତ ଦୁଃଖଦାୟକ ବୋଲି ଟ୍ରୁଡୋ କହିଛନ୍ତି। ଚୀନ ମଧ୍ୟ ପାଲଟା ପଦକ୍ଷେପ ନେବ ବୋଲି ଘୋଷଣା କରିଛି। କେବଳ ଏକିତି ନୁହେଁ ଆମେରିକା ବିରୋଧରେ ଚୀନ ବିଶ୍ୱ ବାଣିଜ୍ୟ ସଂଗଠନ ଯିବ ବୋଲି ଧମକ ଦେଇଛି।

### 'କଳିଙ୍ଗ' ଟ୍ରାକ୍‌ରେ...

ଉଦାହରଣ ସୃଷ୍ଟି କରିଥିବା ରାଉରକେଲାରେ ଗତକାଲି ଚରମ ଅବ୍ୟବସ୍ଥାର ସରକାରଙ୍କ ଅପାରଗତା ଜଳ ଜଳ ଦେଖାଯାଉଛି। ହକି ଟର୍ଫ ଉପରେ ବଲିଉଡ୍ ଅଭିନେତ୍ରୀ ଓ ତାଙ୍କର ସହଯୋଗୀମାନଙ୍କୁ ନାଚକୁଦ କରିବାକୁ ଯେପରି ସୁଯୋଗ ଦିଆଗଲା; ତାହା ସବୁସ୍ତରରେ ନିନ୍ଦା କରାଯାଇଛି। କ୍ରୀଡ଼ାର ପେଣ୍ଠସ୍ଥଳୀ ଓଡିଶାରେ କ୍ରୀଡ଼ାର ଅଧୋଗତି ସରକାରଙ୍କ ପାରିବା ପଣିଆ ଉପରେ ଲଗାଇଛି ବିରାଟ ପ୍ରଶ୍ନବାଚୀ। ଏପରିକି ଖେଳ ଦେଖିବାକୁ ଟିକଟ କରିଥିବା ହଜାର ହଜାର ଲୋକ ଷ୍ଟାଡ଼ିୟମ ଭିତରେ ପ୍ରବେଶ କରି ନ ପାରିବା ଏବଂ ସିନେ ତାରକାଙ୍କ ନୃତ୍ୟଗୀତ ଦେଖିବାକୁ ସୃଷ୍ଟି ହୋଇଥିବା ଭିଡ଼ ପରିଚାଳନାରେ ପ୍ରଶାସନ ଓ ପୁଲିସ ବ୍ୟର୍ଥ ହେବାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ରାଉରକେଲା ବିଧାୟକ ସାରଦା ପ୍ରସନ୍ନ ନାୟକ କହିଛନ୍ତି ଯେ ଗତକାଲି ରାଉରକେଲା ଇତିହାସରେ ଥିବା ସବୁଠାରୁ ବଡ଼ କଳା ଦିନ। ଦାୟିତ୍ୱ ଗ୍ରହଣ କରିବା ପରେ ମୁଖ୍ୟମନ୍ତ୍ରୀ ପ୍ରଥମଥର ରାଉରକେଲା ଗସ୍ତ କରିଥିଲେ; କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଯେଉଁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଲା ତାହା ସବୁଠାରୁ ଦୁର୍ଭାଗ୍ୟଜନକ। ଓଡିଶା ଇତିହାସରେ ପୂର୍ବରୁ ଏପରି କେବେ ହୋଇନଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ପାଇଁ ରାଉରକେଲାର କାୟାକଳ୍ପ ହୋଇଛି। କିଛି ମାସ ପୂର୍ବେ ବିଶ୍ୱକପ୍ ହକି ଆୟୋଜନ କରି ରାଉରକେଲା ଚର୍ଚ୍ଚାର ବିଷୟ ପାଲଟିଥିଲା। ଏଠାକାର ସୌନ୍ଦର୍ଯ୍ୟକରଣକୁ ଦେଖିବା, ଖାଦ୍ୟ ମେଳାରେ ଅଂଶଗ୍ରହଣ କରିବା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ସାକ୍ଷୀ ବନିବା ପାଇଁ ପ୍ରତିଦିନ ଲକ୍ଷାଧିକ ଲୋକ ଆସୁଥିଲେ। କେହି କେବେ ଭାବି ନ ଥିଲେ ସେହି ରାଉରକେଲାକୁ ଆଜି ଦୁର୍ନାମ ମୁଣ୍ଡାଇବାକୁ ପଡିବ। ଗତକାଲି ଆୟୋଜିତ ହକି ପ୍ରିମିୟର୍ ଲିଗ୍ ଦେଖିବା ପାଇଁ ବିଧାୟକ ଷ୍ଟାଡିୟମ୍‌ରେ ପ୍ରବେଶ କରିପାରୁ ନାହାନ୍ତି, ସେଠି ସାଧାରଣ ଦର୍ଶକଙ୍କ ଅବସ୍ଥା କ'ଣ ତାହା ସହଜରେ ଅନୁମେୟ। ଟିକଟ କିଣିଥିବା ୧୦ ହଜାର ଲୋକ ଖେଳ ଦେଖିବା ସୁଯୋଗ ପାଇଲେ ନାହିଁ, କିନ୍ତୁ ଟିକଟ ନ ଥିବା ଲୋକେ ଭିତରେ ପଶିଲେ। ଭିଡ଼ ନିୟନ୍ତ୍ରଣ ବିଫଳ ହେବାରୁ ଦଳା ଚକଟାରେ ଲୋକେ ଆହତ ହେଲେ। ସରକାରଙ୍କ ପରିଚାଳନାଗତ ତ୍ରୁଟି ପାଇଁ ହକିର ଏନ୍ତୁଡିଶାଳକୁ ଦୁର୍ନାମ ମୁଣ୍ଡାଇବାକୁ ପଡିଲା। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ନାୟକ କହିଛନ୍ତି।

### ଷ୍ଟାଡିୟମରେ ଦଳାଚକଟା...

ଲଜ୍ଜାଜନକ ଅଧ୍ୟାୟ ସୃଷ୍ଟି କରିଛି। ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲି ଖାଁଙ୍କୁ ଦେଖିବା ପାଇଁ ଦର୍ଶକ ଅପରାହ୍ନ ୪ଟାରୁ ଧାଡ଼ି ଲଗାଇଥିଲେ। ମାତ୍ର ଟିକଟ କରିଥିବା ଲୋକଙ୍କ ପରିବର୍ତ୍ତେ ପ୍ରଥମେ ମାଗଣା ଦର୍ଶକଙ୍କୁ ଭିତରକୁ ଛଡ଼ାଯିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଟିକଟ କରି ନ ଥିବା ଦର୍ଶକମାନେ ଭିତରେ ପ୍ରବେଶ କରି ସବୁ ଆସନ ଦଖଲ କରିନେବା ପରେ ଟିକଟ କାଟିଥିବା ଲୋକଙ୍କୁ ଛଡ଼ାଗଲା। ଏହାକୁ ନେଇ ଷ୍ଟାଡ଼ିଅମ ଭିତରେ ବ୍ୟାପକ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଦୁଇ, ପାଞ୍ଚ ଓ ଛଅ ନମ୍ବର ଗେଟ ସମ୍ମୁଖରେ ଦର୍ଶକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଆମ ପାଖରେ ଟିକେଟ ଅଛି ତେବେ ଆମକୁ କାହିଁକି ଭିତରକୁ ପ୍ରବେଶ କରିବାକୁ ଦିଆଯାଉ ନାହିଁ ବୋଲି କହି ପାଟିତୁଣ୍ଡ ଆରମ୍ଭ କରି ଦେଇଥିଲେ। ଫଳରେ ଏହି ୩ଟି ଗେଟ୍ ସମ୍ମୁଖରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଉତ୍ୟକ୍ତ ଦର୍ଶକ ୬ ନମ୍ବର୍ ଗେଟ ଠାରେ ଲଗାଯାଇ ଥିବା ବ୍ୟାରିକେଡ ଓ ୨ ନମ୍ବର୍ ଠାରେ ଗୋଟିଏ ଗେଟ ଭାଙ୍ଗି ଦେଇଥିଲେ। ଅନ୍ୟ ଗାଡି ଭିଡ଼ରେ ଫସି ରହିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏପରି ବିଶୃଙ୍ଖଳା ଲାଗି ରହିଥିଲା। ପୁଲିସ ନିରବଦର୍ଶୀ ସାଜିବାରୁ ପରିସ୍ଥିତି ଆହୁରି ସଙ୍ଗୀନ ହୋଇଥିଲା। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ, ଏସ୍‌ପି ନିତେଶ ୱାଧୱାନୀଙ୍କ ସମେତ ଅନ୍ୟ ପୁଲିସ ଅଧିକାରୀ ଓ ଫୋର୍ସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା।

### ୮ରେ ମିଳିବ...

ଯାଜପୁରରେ ଚତୁର୍ଥ ପର୍ଯ୍ୟାୟ ଟଙ୍କା ସରକାର ପ୍ରଦାନ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେବା ସହ ଏହା ପୂର୍ବରୁ ଏନପିସିଆଇ ସମସ୍ୟା ଥିବା ହିତାଧିକାରୀଙ୍କୁ ବ୍ୟାଙ୍କ ଯାଇ କ୍ଲିୟର କରିବାକୁ ପରାମର୍ଶ ଦେଇଛନ୍ତି। ଏବେ ବି ଅଢ଼େଇ ଲକ୍ଷ ହିତାଧିକାରୀଙ୍କ ଏନପିସିଆଇ ସମସ୍ୟା ରହିଥିବା ବେଳେ ୧ଲକ୍ଷରୁ ଅଧିକ ମହିଳାଙ୍କର କେୱାଇସି ସମସ୍ୟା ରହିଛି। ୮ ତାରିଖ ପୂର୍ବରୁ ଏହାର ସମାଧାନ କଲେ ଚତୁର୍ଥ ପର୍ଯ୍ୟାୟ 'ସୁଭଦ୍ରା'ରେ ସେମାନେ ସାମିଲ ହୋଇପାରିବେ। ଚତୁର୍ଥ ପର୍ଯ୍ୟାୟ ପରେ ମଧ୍ୟ ଯୋଗ୍ୟ ମହିଳାଙ୍କୁ ପ୍ରଥମ କିସ୍ତି ଟଙ୍କା ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି।

### ଜଙ୍ଗଲରେ ଲୁଚାଇଥିଲେ...

ତାଙ୍କ ଗଳିତ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସେହିପରି, ଗିରଫ ଅଭିଯୁକ୍ତଦ୍ୱୟ ହେଲେ, ଭଞ୍ଜପୁର ଥାନା ଅଧୀନ ଦାମୋଦରପୁର ଗାଁର ଦର୍ଶନ କୁମାର ଭୂୟାଁ ଓ ଝାଡ଼ଖଣ୍ଡ ରାଜ୍ୟ ବହଡ଼ାଗୋଡ଼ାର ଅମରନାଥ ପଣ୍ଡା। ଦର୍ଶନ ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ବୋଲି କୁହାଯାଉଛି। ସାଲଖୁ ଏକ ଜମି ବିକ୍ରି ବାବଦକୁ ଅଢ଼େଇ କୋଟି ଟଙ୍କା ମାଗିବାରୁ ଦର୍ଶନ ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ଷଡ଼ଯନ୍ତ୍ର କରିଥିଲା ବୋଲି ପୁଲିସ୍ ଜାଣିବାକୁ ପାଇଛି। ଅପରପକ୍ଷେ, ଅଭିଯୁକ୍ତମାନେ ଏକ କାର୍ ଭିତରେ ସାଲଖୁଙ୍କ ବେକକୁ ରଶି ସାହାଯ୍ୟରେ ଭିଡ଼ି ଶ୍ୱାସରୁଦ୍ଧ କରି ହତ୍ୟା କରିବାର ଏକ ଭିଡିଓ ମଧ୍ୟ ପୁଲିସ୍ ହାତରେ ଲାଗିଛି। ହତ୍ୟାକାରୀମାନେ ଏହି ଭିଡିଓକୁ ନିଜ ମୋବାଇଲ୍‌ରେ ରେକର୍ଡ କରିଥଲେ। ଅଭିଯୁକ୍ତଦ୍ୱୟଙ୍କୁ ଧରି ପୁଲିସ୍ ଆଜି ଘଟଣାସ୍ଥଳରେ ସିନ୍-ରିକ୍ରିଏସନ୍ କରାଇଛି। ଅଭିଯୁକ୍ତମାନେ କିପରି ସାଲୁଖୁଙ୍କୁ ହତ୍ୟା କରିବା ସହ ଜଙ୍ଗଲରେ ଫିଙ୍ଗିଥିଲେ, ତାହା ପୁଲିସ୍‌କୁ ଦେଖାଇଥିଲେ। ଏହି ଘଟଣାରେ ପୁଲିସ୍ ଅନ୍ୟ ୫ଜଣଙ୍କୁ ମଧ୍ୟ ଅଟକ ରଖି ପଚରାଉଚରା କରୁଛି। ଆସନ୍ତାକାଲି ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ତଥ୍ୟ ରଖାଯିବ ବୋଲି ପୁଲିସ୍ କହିଛି।

ସୂଚନା ଅନୁସାରେ, ସାଲଖୁ ସପରିବାରେ ବାରିପଦା ସହରର ୧୯ ନଂ. ୱାର୍ଡ ବଢ଼େଇସାହି ଅଞ୍ଚଳରେ ଭଡ଼ାରେ ରହୁଥିଲେ। ସେ ଦର୍ଶନ, ଅମରନାଥ ଓ ଅନ୍ୟମାନଙ୍କ ସହିତ ମିଶି ଜମି କିଣାବିକା ବ୍ୟବସାୟ କରୁଥିଲେ। ତେବେ ଆଦିବାସୀଙ୍କ ଜମି କିଣାବିକା କରିବାରେ ଏହି ଦୁଇଜଣ ସାଲଖୁଙ୍କୁ ମୋହରା କରୁଥିଲେ। ତେବେ ଏକ ଜମି ବିକ୍ରି ଟଙ୍କା ଲାଭ ବାବଦକୁ ସାଲଖୁ ଅଢ଼େଇ କୋଟି ଟଙ୍କା ଦାବି କରିବାରୁ ଦର୍ଶନଙ୍କର ଏହା ହଜମ ହୋଇନଥିଲା। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଗଣ୍ଡଗୋଳ ମଧ୍ୟ ହୋଇଥିଲା। ତେଣୁ ସାଲଖୁଙ୍କୁ ରାସ୍ତାରୁ ହଟାଇବା ପାଇଁ ଦର୍ଶନ ଷଡ଼ଯନ୍ତ୍ର କରିଥିଲେ। ଗତ ଜାନୁଆରୀ ୨୯ ତାରିଖରେ ସାଲଖୁଙ୍କୁ ଟଙ୍କା ଦେବାକୁ କହି ଦର୍ଶନ ତାଙ୍କୁ ଏକ କାର୍‌ରେ ଚାନ୍ଦୁଆ ଅଞ୍ଚଳକୁ ନେଇଥିଲେ। ଅନ୍ୟ ସହଯୋଗୀଙ୍କ ସହ ମିଶି ଦର୍ଶନ ସେଠାରେ ଏକ ଘରୋଇ ହସ୍ପିଟାଲ ତିଆରି କରୁଛନ୍ତି। ତାଙ୍କ ସହ ବହଡ଼ାଗୋଡ଼ାର କିଛି ବ୍ୟବସାୟୀ ମଧ୍ୟ ସାମିଲ ଅଛନ୍ତି। ସେଠାରେ ସେମାନେ ସାଲଖୁଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରିଥିଲେ। ତେବେ ଧରାପଡ଼ିଯିବା ଭୟରେ ସେମାନେ ତାଙ୍କ ଶବକୁ ଜାମଶୋଳ ଜଙ୍ଗଲରେ ପକାଇ ଦେଇଥିଲେ। ସେଠାରେ ଏକ ଗାତରେ ତାଙ୍କ ଶବକୁ ପକାଇ ଉପରେ ଶୁଖିଲା ପତ୍ର ଢାଙ୍କି ଦେଇଥିଲେ। ଏପରିକି, ପଚାଗନ୍ଧକୁ ଏଡ଼ାଇବା ପାଇଁ କିଛି ଦୂରରେ ୩ଟି କୁକୁଡ଼ା ମଧ୍ୟ ମାରି ପକାଇଥିଲେ।

ଏପଟେ ସ୍ୱାମୀଙ୍କୁ ଅପହରଣ କରାଯାଇଛି ବୋଲି ସାଲଖୁଙ୍କ ପତ୍ନୀ ଝାନସୀରାଣୀ ଭଞ୍ଜପୁର ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ତଦନ୍ତ ଆରମ୍ଭ କରିଥିଲା। ପରିବାରଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଦର୍ଶନ ଓ ତା'ର ସହଯୋଗୀଙ୍କୁ ଅଟକ ରଖି ତଦନ୍ତ କରିଥିଲା।

# ସମ୍ପାଦକୀୟ



କୌଣସି ବାହ୍ୟ ତତ୍ତ୍ୱ ଆମ ଆନ୍ତରାତ୍ମାକୁ ଶାସନ କରିପାରିବ ନାହିଁ।
ଏହି ସତ୍ୟ ଜାଣିଯିବା ପରେ ଯାଇ ଆମେ ପୂର୍ଣ୍ଣ ସ୍ୱାଧୀନ ବୋଲି ଘୋଷଣା କରିପାରିବା।
-ଗୌତମ ବୁଦ୍ଧ

ସକାଳ
THE SAKALA

## ମାଖନାନୋମିକ୍ସ

ଆସନ୍ତା ଆର୍ଥିକ ବର୍ଷ ପାଇଁ ଉପସ୍ଥାପିତ କେନ୍ଦ୍ର ସାଧାରଣ ବଜେଟ୍‌ରେ 'ବିହାର' ଓ 'ମାଖନା' ଅକସ୍ମାତ ଓ ଆଶାତୀତ ଗୁରୁତ୍ୱଲାଭ କରିବା ବିଷୟାସକ୍ତମାନଙ୍କୁ ଆଶ୍ଚର୍ଯ୍ୟ କରିବା ସ୍ୱାଭାବିକ। ମାଖନା(ଏକପ୍ରକାର ଖାଇବା ତେଲର ଉତ୍ସ - କଇଁଫୁଲର ମଞ୍ଜି) ଉତ୍ପାଦନରେ ବିହାରର ଅବଦାନ ୯୦%। ସ୍ୱତନ୍ତ୍ରତା, ପୌଷ୍ଟିକତା, ସ୍ୱାସ୍ଥ୍ୟଅନୁକୂଳ ଓ ବିଶ୍ୱବଜାରରେ ଆଦୃତି ଦୃଷ୍ଟିରୁ ସୁପରଫୁଡ୍ ତାଲିକାଭୁକ୍ତ ମାଖନା ଜିଆଇ ମାନ୍ୟତା ପାଇଛି। ଗତ ଆର୍ଥିକ ବର୍ଷରେ ମାଖନାର ବିଶ୍ୱବଜାର ମୂଲ୍ୟ ଥିଲା ପ୍ରାୟ ୪ କୋଟି ୩୫ ଲକ୍ଷ ୬୦ ହଜାର ଡଲାର। ଆଗାମୀ ଦଶବର୍ଷରେ ମାଖନା ବଜାରକୁ ୧୦ କୋଟି ଡଲାରରେ ପହଞ୍ଚାଇବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ଦୃଷ୍ଟିରୁ ମାଖନାର ବିକାଶ, ଉତ୍ପାଦନ ବୃଦ୍ଧି ଓ ବଜାରୀକରଣ ପାଇଁ କେନ୍ଦ୍ର ସରକାର ସମସ୍ତ ପ୍ରକାର ସୁବିଧାସୁଯୋଗ ଯୋଗାଇ ଦେବା ସହିତ 'ମାଖନା ବୋର୍ଡ' ଗଠନ କରିବା ପାଇଁ ବଜେଟ୍‌ରେ ଘୋଷଣା କରିବା ସହିତ ୧୦୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି, ଯାହା ଚାଷୀଙ୍କୁ ତାଲିମ୍, ପ୍ରୋତ୍ସାହନ, ବଜାରୀକରଣ ଓ ଉନ୍ନତକରଣରେ ସହାୟତା କରିବ। ଏହାଦ୍ୱାରା ବିହାରର ରାଜସ୍ୱ ବୃଦ୍ଧି ସହିତ ଏହି ଚାଷ ଉପରେ ନିର୍ଭରଶୀଳ ବର୍ଗଙ୍କ ଉନ୍ନତି ଘଟିବ।

ଆଞ୍ଚଳିକ କୃଷି ଓ ଗ୍ରାମୀଣ ଅର୍ଥନୀତିର ଉନ୍ନତି ପାଇଁ ଅର୍ଥମନ୍ତ୍ରୀଙ୍କ ଚିନ୍ତନ, ବଜେଟ୍ ବ୍ୟବସ୍ଥା ଓ ଦୃଷ୍ଟିକୋଣ ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ ନିଶ୍ଚୟ। କିନ୍ତୁ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ହଠାତ୍ ସନ୍ଦେହଘେରକୁ ଆସିନଥା'ନ୍ତା, ଯଦି ଏହାପଛରେ ଆଞ୍ଚଳିକ ବିକାଶ ଆଳରେ କ୍ଷମତା ରାଜନୀତିର ଗନ୍ଧ ବାରି ହେଉ ନ ଥା'ନ୍ତା। ସ୍ୱତନ୍ତ୍ରତା ଓ ଆଦୃତି ଆଧାରରେ ଓଡ଼ିଶାର ଖଜୁରି ଗୁଡ଼, କିଆ ଫୁଲ ଓ କନ୍ଧମାଳ ହଳଦି ମଧ୍ୟ କୌଣସି ଗୁଣରେ କମ୍ ନୁହେଁ। ବିଭିନ୍ନ ରାଜ୍ୟରେ ଜିଆଇ ମାନ୍ୟତାପ୍ରାପ୍ତ ଏଭଳି ଅନେକ ଉତ୍ପାଦ ତୁଳନାରେ ମାଖନା ମଧ୍ୟ ସେତେ ମହତ୍ତ୍ୱପୂର୍ଣ୍ଣ ନୁହେଁ। ତେଣୁ ହଠାତ୍ ଏକ ଆଞ୍ଚଳିକ ସାମଗ୍ରୀ କେନ୍ଦ୍ର ବଜେଟ୍‌ରେ ଏତେ ଗୁରୁତ୍ୱ ପାଇବା କିଛିଟା ଅସ୍ୱାଭାବିକ ଲାଗୁଛି। ଏହାପଛରେ କେନ୍ଦ୍ର ସରକାରଙ୍କ ମହତ୍ ଉଦ୍ଦେଶ୍ୟ ଯେତିକି ଅଭିନନ୍ଦନୀୟ, ରାଜନୈତିକ ଚୋଟିଚାଳନା ତା'ଠାରୁ ଆହୁରି କୌତୁହଳପ୍ରଦ।

ଆଉ ମାତ୍ର ନଅମାସ ପରେ ଅନୁଷ୍ଠିତ ହେବାକୁ ଯାଉଥିବା ବିହାର ବିଧାନସଭା ନିର୍ବାଚନ ପରେ ଆଞ୍ଚଳିକ ରାଜନୀତି ଓ ମେଣ୍ଟ ସମୀକରଣରେ ଅନେକ କିଛି ଓଲଟପାଲଟ ହେବାର ସମ୍ଭାବନା ରାଜନୈତିକ ବିଶାରଦମାନେ ଅନୁମାନ କରୁଛନ୍ତି। ମହାରାଷ୍ଟ୍ର ନିର୍ବାଚନ ପରେ ସେଠାକାର ସରକାର ଗଠନ ଯେଉଁ ଢଙ୍ଗରେ ହେଲା ଏବଂ ସେଥିରୁ ଯେଉଁ ସନ୍ଦେଶ ମିଳିଲା ସେହି ଆଧାରରେ ବିହାରରେ ନିଜ ସ୍ଥିତିକୁ ନେଇ ନୀତୀଶ ଅସ୍ଥିର ଓ ଅନିଶ୍ଚିତ ହୋଇପଡ଼ିଛନ୍ତି। ଇତିମଧ୍ୟରେ ମଣିପୁର ବିଧାନସଭାରୁ ଜେଡିୟୁର ସମର୍ଥନ ପ୍ରତ୍ୟାହାର(ପୁଣି ସମର୍ଥନ) ଘୋଷଣା କରି ନୀତୀଶ ବିଜେପିର କେନ୍ଦ୍ରୀୟ ନେତୃତ୍ୱକୁ ପରୋକ୍ଷ ଆହ୍ୱାନ ଦେଇଥିବା ବେଳେ ବିହାରରେ ମେଣ୍ଟ ରାଜନୀତିରେ ବଡ଼ଧରଣର ପରିବର୍ତ୍ତନର ଆଭାସ ମିଳୁଛି। ବିଶେଷକରି ଆଞ୍ଚଳିକ ଦଳମାନଙ୍କ ପ୍ରଭାବ ଓ କର୍ତ୍ତୃତ୍ୱ ଜାତୀୟ ଦଳ ଆଗରେ ଗୌଣ ହେଉଥିବାରୁ ନୀତୀଶ ନିଜ ଭବିଷ୍ୟତକୁ ନେଇ ସନ୍ଦିହାନ ଅଛନ୍ତି। ଅପରପକ୍ଷରେ ଏହାକୁ ଏକ ସୁଯୋଗ ଭାବେ ନିର୍ବାଚନ ରଣନୀତିରେ ଅସ୍ତ୍ର କରିବାକୁ ବିଜେପି ପ୍ରସ୍ତୁତ ହୋଇସାରିଥିବା ଜଣାପଡୁଛି। ଏହି ରଣନୀତିର କିଞ୍ଚିତ ଝଲକ ଏବେ କେନ୍ଦ୍ରୀୟ ବଜେଟ୍‌ରେ ଦେଖିବାକୁ ମିଳିଛି, ଯାହାକୁ ରାଜନୈତିକ-ଅର୍ଥନୀତିଜ୍ଞମାନେ 'ମାଖନାନୋମିକ୍ସ' ଭାବେ ଅଭିହିତ କରିଛନ୍ତି। ତେଣୁ କେନ୍ଦ୍ରୀୟ ବଜେଟ୍‌ରେ 'ବିହାର' ଶବ୍ଦର ବାରମ୍ବାର ଉଚ୍ଚାରଣ, ମାଖନା ବୋର୍ଡ ଗଠନ ଘୋଷଣା, ମାଖନା ଚାଷବହୁଳ ଅଞ୍ଚଳର ପ୍ରତିନିଧିତ୍ୱ କରୁଥିବା ମଧୁବନୀ ପ୍ରିଣ୍ଟ ଶାଢ଼ି ପିନ୍ଧି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍ ଉପସ୍ଥାପନା କରିବା ଆଦୌ ଯେ କାକତାଳିକ ନୁହେଁ ତାହା ପ୍ରମାଣିତ ହେବାକୁ ବେଶୀ ବିଳମ୍ବ ହୋଇନାହିଁ।

ମାଖନା ବୋର୍ଡ ଗଠନ ଘୋଷଣା ପଛରେ ଥିବା ରାଜନୀତି ଏହିଭଳି - ଭାରତର ମୋଟ ମାଖନା ଉତ୍ପାଦନରେ ୯୦% ଅବଦାନ ରଖୁଥିବା ବିହାର ଚାଷୀଙ୍କ ବଜାର ଉପସ୍ଥିତି କିନ୍ତୁ ଅତି ନୈରାଶ୍ୟଜନକ। ଅଥଚ ମାଖନ ଉତ୍ପାଦନ କରୁ ନଥିବା ପଞ୍ଜାବ ସର୍ବାଧିକ ରପ୍ତାନୀକାରୀ ଭାବେ ଲାଭବାନ ହେଉଛି। ନିର୍ଦ୍ଦିଷ୍ଟ କୃଷି-ବାଣିଜ୍ୟ ନୀତି ଓ ପ୍ରୋତ୍ସାହନ ଅଭାବରୁ ବିହାର ମାଖନା ଚାଷୀମାନେ ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେବା ସହିତ ରାଜ୍ୟ ମଧ୍ୟ ରପ୍ତାନୀ ବାବଦ ବିପୁଳ ରାଜସ୍ୱ ହରାଉଛି। କେନ୍ଦ୍ର ବଜେଟ୍‌ରେ ମାଖନା ବୋର୍ଡ ଘୋଷଣା ଦ୍ୱାରା କେନ୍ଦ୍ର ସରକାର ପରୋକ୍ଷରେ ନୀତୀଶ କୁମାରଙ୍କ ଅପରାଗପଣିଆକୁ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟରଙ୍କ ସାମ୍ନାକୁ ଆଣିବାକୁ ପ୍ରୟାସ କରିଥିବା ତଥ୍ୟାଭିଜ୍ଞ ମହଲରେ ଆଲୋଚନା ହେଉଛି। ମାଖନା ଚାଷ କରୁଥିବା ବିହାରର ନିର୍ଦ୍ଦିଷ୍ଟ ମଲ୍ଲା ଗୋଷ୍ଠୀ ରାଜ୍ୟ ଜନସଂଖ୍ୟାର ମାତ୍ର ୨.୬ ପ୍ରତିଶତ ହୋଇଥିଲେ ମଧ୍ୟ ସେମାନେ ଗୋଷ୍ଠୀବଦ୍ଧ ଏବଂ ଭୋଟ ରାଜନୀତିରେ ସେମାନଙ୍କ ଅଂଶ ୬%। ଦୀର୍ଘକାଳ ଧରି ସାମାଜିକ ନ୍ୟାୟରୁ ବଞ୍ଚିତ ଓ ଅବହେଳିତ ଏହି ଗୋଷ୍ଠୀର ଭୋଟଅଂଶ ନିଜ ସପକ୍ଷରେ ଆଣିବା ପାଇଁ କେନ୍ଦ୍ର ସରକାର ବଜେଟ୍‌ରେ ଯଥାସାଧ୍ୟ ଉଦ୍ୟମ କରିଥିବା ଚର୍ଚ୍ଚା ହେଉଛି। ବିହାରରେ ୧୦ ଲକ୍ଷ ପରିବାର ମାଖନା ଚାଷ କରୁଥିବାରୁ ସେମାନଙ୍କ ସାମାଜିକ-ଆର୍ଥିକ ବିକାଶର ପ୍ରତିଶ୍ରୁତି ଯେ ଭୋଟରେ ରୂପାନ୍ତରିତ ହେବ ଏହା ନିଃସନ୍ଦେହ। ମଲ୍ଲା ବର୍ଗର ପ୍ରତିନିଧିତ୍ୱ କରୁଥିବା ମୁକେଶ ସାହାଣୀଙ୍କ ନେତୃତ୍ୱାଧୀନ 'ବିକାଶଶୀଳ ଇନ୍‌ସାନ୍ ପାର୍ଟି(ଭିଆଇପି)'କୁ ୨୦୨୦ ବିହାର ବିଧାନସଭା ନିର୍ବାଚନରେ ବିଜେପି ୧୧ଟି ଆସନ ଛାଡ଼ିଥିଲା। ସେଥିରୁ ଭିଆଇପି ମାତ୍ର ତିନିଟିରେ ଜିତିଥିଲେ ମଧ୍ୟ ୬% ଭୋଟ ଅଂଶକୁ ବିଜେପି ସପକ୍ଷରେ ରୂପାନ୍ତରିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହାଫଳରେ ବିଜେପି ୭୪ଟି ଆସନରେ ଜିତିଥିବା ବେଳେ ଜେଡିୟୁକୁ ମାତ୍ର ୪୩ରେ ଆସନରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା।

ସାମ୍ପ୍ରତିକ ସ୍ଥିତିରେ ଭାରତର ନିର୍ବାଚନ ରାଜନୀତି ଆଉ ଜନକଲ୍ୟାଣ ଓ ରାଷ୍ଟ୍ରମଙ୍ଗଳରେ ସୀମିତ ହୋଇ ରହିନାହିଁ। ସାମ୍ପ୍ରତିକ ଗଣତନ୍ତ୍ରରେ ଏକମାତ୍ର ଲକ୍ଷ୍ୟ 'କ୍ଷମତା' ହାସଲ ପାଇଁ ନିର୍ବାଚନ ରଣନୀତି ତୁଷ୍ଟୀ-କୈନ୍ଦ୍ରିକ ହେବାରେ ଲାଗିଛି। ସେହିପରି ବହୁଦଳୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଭୋଟ ଧ୍ରୁବୀକରଣ ଜରିଆରେ ମାତ୍ର କିଛିଅଂଶ ସରକାର ବଦଳାଇବାର କ୍ଷମତା ରଖୁଥିବାରୁ କୌଣସି ଗୋଷ୍ଠୀ, ଯେତେ ଗୌଣ ହୁଅନ୍ତୁ ନା କାହିଁକି, ସେମାନଙ୍କୁ ଅଣଦେଖା କରିବା ବୁଦ୍ଧିମାନ ଓ ଚତୁର ରାଜନୀତିର ପରିପନ୍ଥୀ। ଏହି ପୃଷ୍ଠଭୂମିରେ ସଦ୍ୟ ଉପସ୍ଥାପିତ ବଜେଟ୍‌ରେ 'ମାଖନାନୋମିକ୍ସ' ଏକ ବ୍ୟତିକ୍ରମ ନୁହେଁ। ଏହାର ଅନେକ ପରିବର୍ଦ୍ଧିତ ଓ ପରିମାର୍ଜିତ ସଂସ୍କରଣ ଆଗାମୀ ଦିନରେ ବଜେଟ୍‌ରେ ପ୍ରତିଫଳିତ ହେବା ମଧ୍ୟ ଅସମ୍ଭବ ନୁହେଁ।

# ଅର୍ଥମନ୍ତ୍ରୀଙ୍କ ଚାରି ଇଞ୍ଜିନ୍‌ର ଗତି କୁଆଡ଼େ?

**ଗୌରୀ ପ୍ରସାଦ ମହାପାତ୍ର**

ବ୍ୟବସ୍ଥିତ ଉପସ୍ଥାପନା, ବର୍ଗୀକରଣ ଚାତୁର୍ଯ୍ୟ, ଆକର୍ଷଣୀୟ ଶବ୍ଦସମ୍ଭାର ଓ ରୋଚକ ବର୍ଣ୍ଣନା ଆଧାରରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଉପସ୍ଥାପିତ ଆସନ୍ତା ଆର୍ଥିକ ବର୍ଷର ସାଧାରଣ ବଜେଟ୍‌କୁ ସର୍ବୋତ୍କୃଷ୍ଟ କହିବାରେ ଆପତ୍ତି ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଈପ୍ସିତ ବିକଶିତ-ଭାରତ ଯାତ୍ରା ପାଇଁ ଶ୍ରୀମତୀ ସୀତାରମଣ ସଂସ୍କାର-ଇନ୍ଧନ ଚାଳିତ ଚାରିଇଞ୍ଜିନ୍ - କୃଷି, ଏମ୍ଏସ୍ଏମ୍ଇ(ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ), ନିବେଶ ଓ ରପ୍ତାନିର ପରିକଳ୍ପନା କରିଛନ୍ତି। ଏହି ଇଞ୍ଜିନ୍‌ର ଗତିକୁ ତ୍ୱରାନ୍ୱିତ (ବୁଷ୍ଟର) କରିବା ପାଇଁ ଅନ୍ତର୍ଭୁକ୍ତୀକରଣର ସାହାରା ନିଆଯାଇଥିବା ବଜେଟ୍ ଅଭିଭାଷଣରେ ଉଲ୍ଲେଖ ରହିଛି। କିନ୍ତୁ ନିର୍ମଳାଙ୍କ ଚାରି ଇଞ୍ଜିନ୍‌ର ପରିବେଗ ବିକଶିତ ଭାରତ ନୁହେଁ, ବରଂ ଗୈରିକ ଭାରତ ମୁହାଁ ହେଉଥିବାର ଧାରଣା ସୃଷ୍ଟି ହୋଇସାରିଛି। 'ପୂର୍ବୋଦୟ ମିଶନ୍' ମାଧ୍ୟମରେ ପୂର୍ବଭାରତରେ କ୍ଷମତା ହାସଲ ପାଇଁ ଏହି ଚାରିଇଞ୍ଜିନକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ବିକଶିତ ଭାରତ ଯାତ୍ରାରୁ ସାମୟିକ ଅବ୍ୟାହତି ଦେଇ ବିହାର ମୁହାଁ କରାଯାଇଥିବା ଆଲୋଚନା ହେଉଛି। ତେଣୁ ଚଳିତ ବଜେଟ୍‌କୁ ଭାରତର ସାଧାରଣ ବଜେଟ୍ ନ କହି ବରଂ 'ବିହାର ବଜେଟ୍' କହିବା ଅଧିକ ଯଥାର୍ଥ ହେବ।

ଏନ୍‌ଡିଏ ସରକାରରେ ମଧ୍ୟବିତ୍ତ ଅଧିକ ଉପେକ୍ଷିତ ବୋଲି ଅଭିଯୋଗ ହୋଇଆସୁଛି। କ୍ଷମତା ପରିବର୍ତ୍ତନ କରିବାରେ ମଧ୍ୟବିତ୍ତ ବର୍ଗର ଭୂମିକା ମଧ୍ୟ ଅତୀତରେ ପ୍ରମାଣିତ ହୋଇସାରିଛି। ଆଉ ମାତ୍ର ଦୁଇଦିନ ପରେ ଅନୁଷ୍ଠିତ ହେବାକୁ ଯାଉଥିବା ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆମ୍ ଆଦ୍‌ମୀ ପାର୍ଟି ମଧ୍ୟବିତ୍ତଙ୍କ ପାଇଁ ଇସ୍ତାହାର ଜାରି କରିଛି। ତେଣୁ ମଧ୍ୟବିତ୍ତଙ୍କୁ ଖୁସି କରିବାକୁ କେନ୍ଦ୍ରର ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ବଜେଟ୍‌ରେ ଯଥାସମ୍ଭବ ପ୍ରୟାସ କରିବାର ସୁଯୋଗକୁ ହାତଛଡ଼ା କରିନାହାନ୍ତି। ସରକାରଙ୍କ ଏହି ଆଭିମୁଖ୍ୟ ବଜେଟ୍ ପରବର୍ତ୍ତୀ ତତ୍କାଳ ଦିଲ୍ଲୀ ବିଧାନସଭା ନିର୍ବାଚନ ପ୍ରଚାରରେ ପ୍ରତିଧ୍ୱନିତ ହୋଇଛି। ସେହିପରି ବିହାରରେ ଜନସଂଖ୍ୟାର ମାତ୍ର୨.୫ ପ୍ରତିଶତ ମଲ୍ଲା ବର୍ଗଙ୍କୁ ଖୁସି କରିବା ପାଇଁ ମାଖନା ବୋର୍ଡ ଗଠନ ସହିତ ୧୦୦ କୋଟି ଟଙ୍କାର ପାଣ୍ଠି ଗଠନ ଘୋଷଣା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଆଗାମୀ ନଭେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବିଚାର କଲେ ଏହାର ଔଚିତ୍ୟ ପ୍ରଶ୍ନଘେରକୁ ଆସିବ ନାହିଁ।

କାକତାଳିକ ବିଡ଼ମ୍ବନା ହେଲା କୌଣସି ରାଜ୍ୟର ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହେବା ପରେ ହିଁ କେନ୍ଦ୍ର ସରକାରଙ୍କ ଲୋକହିତକର ଯୋଜନା କଥା ମନେ ପଡ଼େ ଏବଂ ଘୋଷଣା ହୁଏ। ଉଦାହରଣ ସ୍ୱରୂପ ଗତ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ ଦେଶର ୮୦ କୋଟି ଲୋକଙ୍କୁ ଆଉ ପାଞ୍ଚ ବର୍ଷ ମାଗଣା ରାସନ ଯୋଗାଇଦେବାର ଘୋଷଣା କରିଥିଲେ। ସେହିପରି ହରିଆଣା ଓ ଜାମ୍ମୁକାଶ୍ମୀର ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହୋଇସାରିବା ପରେ 'ୟୁନିଫାଇଡ୍ ପେନ୍‌ସନ୍ ସ୍କିମ୍' ଘୋଷଣା ହେଲା ଏବଂ ଏହାର ଅପ୍ରତ୍ୟାଶିତ ଫାଇଦା ମଧ୍ୟ ବିଜେପିକୁ ହରିଆଣା ଓ ମହାରାଷ୍ଟ୍ରରେ ମିଳିଲା। ସେହିକ୍ରମରେ ଦିଲ୍ଲୀ ଓ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଅଷ୍ଟମ ବେତନ ଆୟୋଗ ଗଠନ ଘୋଷଣା ହୋଇଛି। ଏହି ଗତାନୁଗତିକ ଧାରାରେ ଯଦି ସଦ୍ୟ ଉପସ୍ଥାପିତ ସାଧାରଣ ବଜେଟ୍‌ରେ ମଧ୍ୟବିତ୍ତ ବର୍ଗଙ୍କୁ ଖୁସି କରିବାକୁ ଆୟକର ଛାଡ଼ ସୀମା ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବଢ଼ିଛି ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।

୨୦୨୫-୨୬ ସାଧାରଣ ବଜେଟ୍‌ରେ ଘୋଷିତ ଆୟକର ରିହାତି ସୀମାକୁ ଐତିହାସିକ ଆଖ୍ୟା ଦିଆଯାଇ ନେହେରୁ କାର୍ଯ୍ୟକାଳ ସହିତ ତୁଳନା କରାଯାଇଛି। ଏହି ତୁଳନାତ୍ମକ ବିବରଣୀ ପ୍ରଦାନ କରିବା ବେଳେ ବରଂ ଏତିକି ମନେ ପକାଇଥିଲେ ଉଚିତ ହୋଇଥା'ନ୍ତା ଯେ ସଦ୍ୟ ସ୍ୱାଧୀନତାପ୍ରାପ୍ତ-ବିଭାଜିତ-ଯୁଦ୍ଧ ବିଧ୍ୱସ୍ତ ୧୯୫୦-୬୦ ଦଶକର ଭାରତର ଅର୍ଥନୀତି ସ୍ୱାଧୀନୋତ୍ତର ୭୭ ବର୍ଷର ଭାରତର ଜଗତୀକରଣ ଅର୍ଥନୀତି ସହିତ ତୁଳନୀୟ ନୁହେଁ। ସେତେବେଳେ ବର୍ଷକୁ ୧୨ ଲକ୍ଷ ରୋଜଗାର କରୁଥିବା ବ୍ୟକ୍ତି ଧନାଢ଼୍ୟ ବର୍ଗରେ ପରିଗଣିତ ହେଉଥିଲେ। ତତ୍କାଳୀନ ଅର୍ଥବ୍ୟବସ୍ଥାରେ ଉଚ୍ଚ, ଉଚ୍ଚମଧ୍ୟବିତ୍ତ, ମଧ୍ୟବିତ୍ତ, ନିମ୍ନମଧ୍ୟବିତ୍ତ, ଗରିବୀ ସମୀରେଖା, ଗରିବ ଆଦି ବର୍ଗୀକରଣର ଅବକାଶ ସୃଷ୍ଟି ହୋଇ ନ ଥିଲା। ଯଦି ବା ତୁଳନା କରିବା ନିହାତି ଆବଶ୍ୟକ ଥିଲା ତେବେ ତତ୍କାଳୀନ ପେଟ୍ରୋଲ୍, ଡିଜେଲ୍, ଚିନି, ଚାଉଳ, ଡାଲି, ଔଷଧ, ପନିପରିବା ଆଦି ନିତ୍ୟବ୍ୟବହାର୍ଯ୍ୟ ଦରଦାମ ସହିତ ଆଜିର ଦରଦାମକୁ ଚିତ୍ରପଟରେ ସ୍ଥାନିତ କରିଥିଲେ ତୁଳନାତ୍ମକ ଅନୁଶୀଳନ ଓ ତର୍କ ଅଧିକ ବାସ୍ତବବାଦୀ ହୋଇପାରିଥା'ନ୍ତା।

ଭାରତର ସାମ୍ପ୍ରତିକ ଅର୍ଥନୀତିର ବାସ୍ତବତା ହେଲା ବିଗତ ୧୦ ବର୍ଷ ମଧ୍ୟରେ ମେକ୍ ଇନ୍ ଇଣ୍ଡିଆର ଗତିକୁ ଶକ୍ତି ଦେବା ପାଇଁ ବ୍ୟବସାୟିକ ସୁଗମତା, ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍‌ଟସି କୋଡ, ଶିଳ୍ପ ଉଦ୍ୟୋଗଙ୍କୁ ରେକର୍ଡ ପରିମାଣର ଟିକସ ରିହାତି, ଜିଏସ୍‌ଟି ପ୍ରଚଳନ ଆଦି ସମସ୍ତ ସରକାରୀ କସରତ ସତ୍ତ୍ୱେ ଅର୍ଥନୈତିକ ଅଭିବୃଦ୍ଧି ହାର ନୈରାଶ୍ୟଜନକ ହୋଇଚାଲିଥିବା ସଦ୍ୟ ଉପସ୍ଥାପିତ ଅର୍ଥନୈତିକ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଅପରପକ୍ଷରେ ନିଯୁକ୍ତି ସୁଯୋଗରେ ସଂକୋଚନ ଏବଂ ଖାଉଟିଙ୍କ କ୍ରୟଶକ୍ତି ହ୍ରାସ ଅର୍ଥନୀତିକୁ ଆହୁରି ଦୁର୍ବଳ କରିବାରେ ଲାଗିଛି। ସ୍ୱାବଲମ୍ବନ ରୋଜଗାର ସୁଯୋଗ ସଂକୁଚିତ ହୋଇ ୨୦୧୭-୧୮ ସ୍ତରକୁ ଖସି ଆସିଛି। ବିଶେଷକରି ବୃହତ୍ ଏମଏସ୍ଏମ୍ଇକୁ ଅଗ୍ରାଧିକାର ଦେବାକୁ ଯାଇ କ୍ଷୁଦ୍ର ଓ କୁଟୀର ଶିଳ୍ପକୁ କେନ୍ଦ୍ର ସରକାର ବିଗତ ଦଶବର୍ଷ ଭିତରେ ଯେପରି ଅଣଦେଖା କରି ଆସୁଛନ୍ତି ତାହାର ପ୍ରଭାବ ଅର୍ଥନୀତିରେ ପ୍ରତିଫଳିତ ହୋଇଛି। ଅର୍ଥନୈତିକ ଅଭିବୃଦ୍ଧି ହାର ବଢ଼ାଚଢ଼ା କରି ଦେଖାଯାଉଥିଲେ ମଧ୍ୟ ବିଗତ ଦଶନ୍ଧିରେ ଏହା ହାରାହରାରି ମାତ୍ର ୫%ରୁ କମ୍ ହାରରେ ବଢ଼ିଛି। ଗତ ଦଶନ୍ଧିରେ ଖାଦ୍ୟ ମୁଦ୍ରାସ୍ଫୀତି ହାରହାରି ୬.୧୮ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ସ୍ୱାସ୍ଥ୍ୟ ସେବା ଓ ଚିକିତ୍ସା ଖର୍ଚ୍ଚ ବାର୍ଷିକ ୧୪ ପ୍ରତିଶତ ହାରରେ ବଢ଼ିଛି। ଶିକ୍ଷା ଲାଭ ବା ପାଠପଢ଼ା ୧୧% ମହଙ୍ଗା ହୋଇଛି। ୨୦୨୪ ଡିସେମ୍ବର ସୁଦ୍ଧା ବେରୋଜଗାରୀ ହାର ୮.୧% (ସିଏମ୍ଆଇଇ ତଥ୍ୟ)କୁ ବୃଦ୍ଧି ପାଇଛି।

ତେଣୁ ଆୟକର ରିହାତି ମାଧ୍ୟମରେ ଅର୍ଥନୀତିକୁ ଚଳଚଞ୍ଚଳ କରିବା ପାଇଁ କେନ୍ଦ୍ର ସରକାର ଯେଉଁ ଅତ୍ୟାଶା ରଖିଛନ୍ତି ତାହାର ବିଶେଷ ପ୍ରଭାବ ବଜାର ଅର୍ଥନୀତିରେ ଅନୁଭୂତ ହେଲା ଭଳି ଲାଗୁନାହିଁ। କାରଣ ଖାଉଟି ବଜାର ଆୟକରଦାତାଙ୍କ ଜରିଆରେ ନୁହେଁ, ବରଂ ନିମ୍ନମଧ୍ୟବିତ୍ତ ଓ ନିମ୍ନବିତ୍ତଙ୍କ ବଳରେ ଚଳଚଞ୍ଚଳ ହୁଏ, ଯେଉଁମାନଙ୍କର ଅଂଶ ଜନସଂଖ୍ୟାରେ ବିକ୍ଷିପ୍ତ। ଅପରପକ୍ଷରେ ଆୟକରଦାତାଙ୍କ ସଂଖ୍ୟା ଅତି ନଗଣ୍ୟ। ଉଦାହରଣ ସ୍ୱରୂପ ଗତ ଆର୍ଥିକ ବର୍ଷରେ ଭାରତର ୧୪୦ କୋଟିରୁ ଊର୍ଦ୍ଧ୍ୱ ଜନସଂଖ୍ୟାର ମାତ୍ର ୬.୬୮% ଅର୍ଥାତ୍ ୮ କୋଟି ୯ ଲକ୍ଷ ଆୟକର ରିଟର୍ଣ୍ଣ ଆବେଦନ କରିଥିଲେ। ପୁଣି ସେମାନଙ୍କ ମଧ୍ୟରୁ ୪ କୋଟି ୯୦ ଲକ୍ଷ ଶୂନ କର(ଜିରୋ ଟ୍ୟାକ୍ସ) ଦେଇଛନ୍ତି। ଯଦିବା ଏହି ରିହାତି ମିଳିନଥା'ନ୍ତା ତେବେ ବର୍ଷକୁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକାରୀମାନେ ପ୍ରାୟ ୬୦ ହଜାର ଟଙ୍କା ଅର୍ଥାତ୍ ମାସିକ ୫ ହଜାର ଟଙ୍କା ଆୟକର ବାବଦକୁ ପୈଠ କରିଥା'ନ୍ତେ। ଯିଏ ମାସକୁ ୧ ଲକ୍ଷ ଟଙ୍କା ରୋଜଗାର କରୁଛି ତା' ହାତଖର୍ଚ୍ଚରେ ମାତ୍ର ୫ ହଜାର ଟଙ୍କା ବୃଦ୍ଧି ସେତେ ଗୁରୁତ୍ୱ ରଖେନାହିଁ କି ହାତଗଣତି ସେଭଳି ଟିକସଦାତାଙ୍କ ୫ ହଜାର ଟଙ୍କାର ସଞ୍ଚୟ ଖାଉଟି ବଜାରରେ ସେତେବଡ଼ ଧରଣର ପରିବର୍ତ୍ତନ କରିବାର ଆଶା କରାଯାଇପାରିବ ନାହିଁ।

ଖାଉଟି ବଜାର ମାନ୍ଦା ହେବା ପଛର ମୁଖ୍ୟ ଦୁଇକାରଣ ବେରୋଜଗାରୀ ଓ ଜିଏସ୍‌ଟି। ଉଭୟ ଗରିବ ଓ ଧନୀ ସମାନ ପରିମାଣର ଜିଏସ୍‌ଟି ଦେଉଛନ୍ତି। ତେଣୁ ପ୍ରଶ୍ନ ଉଠିପାରେ ଆୟକର ରିହାତି ଦ୍ୱାରା ଗରିବଙ୍କୁ କ'ଣ ଲାଭ ମିଳିଲା? ଜିଏସ୍‌ଟି ଟିକସ ସ୍ଲାବ୍ କୋହଳ ନ ହେବା ପର୍ଯ୍ୟନ୍ତ ଏବଂ ନିଯୁକ୍ତି ବଜାର ସମ୍ପ୍ରସାରିତ ନ ହେବା ପର୍ଯ୍ୟନ୍ତ ଖାଉଟି ବଜାର ଚଳଚଞ୍ଚଳ ହେବ ନାହିଁ - ଏହି ବାସ୍ତବତାକୁ ସ୍ୱୀକାର କରିବାକୁ ପଡ଼ିବ। ଭାରତରେ ସରକାରୀ ବ୍ୟୟର ୮୦% ଟିକସ ରାଜସ୍ୱ ଉପରେ ନିର୍ଭରଶୀଳ। ତେଣୁ କେନ୍ଦ୍ର ସରକାର ଆୟକର ରିହାତି ବାବଦରେ ଯେତିକି ରାଜସ୍ୱ ହରାଇବେ ତାହାର କଡ଼ାଗଣ୍ଡା ଜିଏସ୍‌ଟିରୁ ଆଦାୟ କରିନେବା ବିଚିତ୍ର ନୁହେଁ, ଯାହାର ସିଧାସଳଖ ପ୍ରଭାବ ଦେଶର ଗରିବ ଖାଉଟିଙ୍କ ଉପରେ ପଡ଼ିବ। ବର୍ତ୍ତମାନ ଦରଦାମ ବୃଦ୍ଧି କେବଳ ବଜେଟ୍ ବ୍ୟବସ୍ଥାରେ ସୀମିତ ନଥିବାରୁ ବର୍ଷର ଯେକୌଣସି ସମୟରେ ସରକାର ବିଭିନ୍ନ ଶୁଳ୍କ ବୃଦ୍ଧି ଜରିଆରେ ରାଜସ୍ୱ ଆଦାୟ କରି ରାଜକୋଷ ଭରଣା କରିପାରିବେ। ଏହି ନିଷ୍ପତ୍ତିକୁ କେହି ପ୍ରଶ୍ନ ମଧ୍ୟ କରିପାରିବେ ନାହିଁ।

ତେଣୁ ନିର୍ମଳାଙ୍କ ଚାରି ଇଞ୍ଜିନ୍ ନା ତ ମଧ୍ୟବିତ୍ତଙ୍କ ମନରେ ସେଭଳି ଚମତ୍‌ପ୍ରଦ ଉତ୍ସାହ ଆଣବାରେ ସକ୍ଷମ ହୋଇଛି ନା ଗରିବଙ୍କ କଲ୍ୟାଣ ଦିଗକୁ ଦୃଷ୍ଟି ଦେଇଛି। ସେହିଭଳି ଆଇନରେ ସଂଶୋଧନ ନ ହେବା ପର୍ଯ୍ୟନ୍ତ ଭାଗଚାଷୀଙ୍କ ଭାଗ୍ୟ ଫିଟିବ ନାହିଁ। ଏମ୍ଏସ୍ଏମ୍ଇ ପାଇଁ ଅତୀତ ବଜେଟ୍ ଘୋଷଣା ଓ ବାସ୍ତବତା ମଧ୍ୟରେ ତଫାତ୍ ଆଜି ମଧ୍ୟ ବାରି ହୋଇପଡୁଛି। ଖାଉଟି ବଜାର ଚଳଚଞ୍ଚଳ ନ ହେବା ପର୍ଯ୍ୟନ୍ତ ନିବେଶକମାନେ ପୁଞ୍ଜି ନିବେଶ ପାଇଁ ଦୁଃସାହସ କରିବେ ନାହିଁ। ଆମେରିକାର ବାଣିଜ୍ୟ ନୀତି ଅଧିକ ରାଷ୍ଟ୍ରବାଦୀ ହେବାକୁ ଯାଉଥିବାରୁ ବିଶ୍ୱ ରପ୍ତାନି ବାଣିଜ୍ୟ ପ୍ରତିଯୋଗିତା ଆହୁରି ତୀବ୍ର ହେବ। ଏସବୁ ପ୍ରତିବନ୍ଧକକୁ ନିର୍ମଳାଙ୍କ ଚାରି ଇଞ୍ଜିନ କିଭଳି ଅତିକ୍ରମ କରି ବିକଶିତ ଭାରତର ଲକ୍ଷ୍ୟ ପୂରଣ କରିବ ତାହା ସନ୍ଦେହ ସୃଷ୍ଟି କରୁଛି।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ଜଙ୍ଗଲ ନିଆଁ ଓ ଆମର କର୍ତ୍ତବ୍ୟ

**ଡ ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ**

ଗତ ଜାନୁଆରୀ ମାସ ୧୯ତାରିଖରେ ଆମେରିକାର ଆକାଶରେ କମଳା ରଙ୍ଗର ଜହ୍ନ ଦେଖିବାକୁ ମିଳିଥିଲା। ଏହା ପୂର୍ଣ୍ଣମୀ ଦିନର ସାଧାରଣ ପ୍ରକ୍ରିୟା ପାଇଁ ନୁହେଁ, ବରଂ ଲସ ଆଞ୍ଜେଲେସ ଜାତୀୟ ପାର୍ବତ୍ୟ ଅରଣ୍ୟର ନିଆଁରୁ ଉଠୁଥିବା ଭୟଙ୍କର ଉତ୍ତାପ ଓ ଧୂଆଁ ପାଇଁ ହୋଇଥିଲା। ଜାନୁଆରୀ ୭ ରୁ ଲାଗିଥିବା ଏହି ନିଆଁରେ ହଜାର ହଜାର ବନ୍ୟଜନ୍ତୁ ପ୍ରାଣ ହରାଇଥିବା ବେଳେ ୨୮ ରୁ ଊର୍ଦ୍ଧ୍ୱ ମାନବ ଜୀବନ ଯାଇଥିଲା। ୧୦, ୦୦୦ ଘର ନଷ୍ଟ ହୋଇଥିବା ବେଳେ ୧୭, ୦୦୦ ରୁ ଅଧିକ ପ୍ରଭାବିତ ହୋଇଛି। ୨ଲକ୍ଷ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି। ଉଭୟ ଚାଷ ଜମି ଓ ଜଙ୍ଗଲ ଜମି ନଷ୍ଟ ହୋଇଛି। ଏହାର ଉତ୍ପତ୍ତିର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସଠିକ୍ ଭାବେ ଜଣା ନ ପଡ଼ିଲେ ମଧ୍ୟ ଜଳବାୟୁରେ ପରିବର୍ତ୍ତନକୁ ହିଁ ଦାୟୀ କରା ଯାଉଛି। ଲାଗିଥିବା ନିଆଁ ଶୁଖିଲା ପବନ ଓ ଅଙ୍ଗାର କଣିକା ପାଇଁ ତୀବ୍ର ରୂପ ଧାରଣ କରିଥିବାରୁ ନିଆଁ ଲିଭାଳୀ ଏହାକୁ ଆୟତ୍ତ କରି ପାରି ନଥିଲେ।

ଗତବର୍ଷ ମଧ୍ୟ ବ୍ରାଜିଲର ଅମାଜନ ଜଙ୍ଗଲରେ ନିଆଁ ଲାଗି ୪୪.୨ ନିୟୁତ ଏକର ଜମି ନଷ୍ଟ ହୋଇ ଯାଇଥିଲା। ବନ୍ୟପ୍ରାଣୀମାନେ ବିକଳ ହୋଇ ମଣିଷମାନଙ୍କ ପାଖରେ ଶରଣ ନେବା ପରି ଛାତିଥରା ଦୃଶ୍ୟ ଦେଖିବାକୁ ମିଳିଥିଲା। ୨୦୨୩ରେ କାନାଡ଼ାର ଅଗ୍ନି ମଧ୍ୟ ୧୫ନିୟୁତ ଜଙ୍ଗଲ ଜମି ନଷ୍ଟ କରି ଦେଇଥିଲା। ମେରିଲାଣ୍ଡ ବିଶ୍ୱବିଦ୍ୟାଳୟର ରିପୋର୍ଟ ଅନୁସାରେ ୨୦୦୧ରୁ ୨୦୨୩ ଯାଏଁ ଜଙ୍ଗଲ ନିଆଁରେ ୫.୪% ବୃଦ୍ଧି ପାଇଛି। ନଷ୍ଟ ହେଉଥିବା ଜଙ୍ଗଲ ୬ନିୟୁତରୁ ୩୭ ନିୟୁତ ହେକ୍ଟରକୁ ବୃଦ୍ଧି ପାଇଛି। ୨୦୧୭ରେ କାଲିଫର୍ଣ୍ଣିଆର ଜଙ୍ଗଲ ନିଆଁରୁ ସୃଷ୍ଟ ଅଙ୍ଗାର କଣିକାରେ ଗୋଟିଏ ଛ'ଥାକିଆ ରାଜରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିଲା।

ଏବେ ଖରା ଦିନ ଆସୁଛି। ଭାରତୀୟ ଜଙ୍ଗଲରେ ମଧ୍ୟ ନିଆଁ ଲାଗିପାରେ ବୋଲି ଆଶଙ୍କା କରାଯାଉଛି। ୩୬% ଭାରତୀୟ ଜଙ୍ଗଲ ଅଗ୍ନିପ୍ରବଣ। ପରିବେଶ ଦିନକୁଦିନ ନଷ୍ଟ ହୋଇ ଚାଲିଥିବା ବେଳେ ଆମମାନଙ୍କର ସେଥିପ୍ରତି ଧ୍ୟାନ ନାହିଁ। ବିଗତ କିଛି ବର୍ଷ ହେଲା ବିଜୁଳି କାଟ ସତ୍ତ୍ୱେ ଖରାଦିନେ ବିଜୁଳି ବିଲ ବହୁତ୍ ଅଧିକ ଆସୁଛି। କାରଣ ଦିନ-ରାତି ଏସିର ବ୍ୟବହାର। ସବୁ ଅନୁଷ୍ଠାନରେ ଏସି ଲାଗିବା ଦ୍ୱାରା ପରିବେଶରେ ତାପମାତ୍ରା ଅହେତୁକ ଭାବରେ ବୃଦ୍ଧି ପାଉଛି। ଆଖପାଖର ପବନ ଅତିରିକ୍ତ ଗରମ ରହୁଛି। ଏହି ତାପମାନ ବୃଦ୍ଧି ସହ ଆମେ ବେଶ୍ ପରିଚିତ। ମାତ୍ର ନିର୍ବିକାର। ପ୍ରତିବର୍ଷ ବର୍ଷାର ପରିମାଣ ମଧ୍ୟ କମି କମି ଯାଉଛି। ଛ ଋତୁ ଜାଗାରେ ତିନି ଋତୁ ଅନୁଭୂତ ହେଉଛି। କାହିଁ ସେଇ ଶରତଚନ୍ଦ୍ରର ଆଭା! କାହିଁ ସେଇ ହେମନ୍ତର ବଗିଚାରେ ଶେଫାଳି ଫୁଲର ଶେଯ! କାହିଁ ବସନ୍ତରେ କୋଇଲିର ସ୍ୱନ। ଲାଗୁଚି ସବୁ ଯେପରି କୁଆଡ଼େ ହଜି ଯାଉଛି ଧୀରେ ଧୀରେ। ଆମ ଚାରିପାଖରେ ଯେପରି କଂକ୍ରିଟ ଜଙ୍ଗଲ ବଢୁଛି ସେତେ ବେଶି ଗରମ ବଢୁଛି।

ଆମେ ସମସ୍ତେ ଗଛ ଲଗାଇବା କଥା କହୁଛନ୍ତି। ମାତ୍ର ତା'ର ସୁରକ୍ଷା କଥା କେହି କହୁନାହାନ୍ତି। ସରକାରୀ ଓ ବେସରକାରୀ ଭାବେ ଲଗା ଯାଉଥିବା ଗଛ ବଞ୍ଚିଲା କି ମଲା ତା'ର ହିସାବ କେହି ରଖନ୍ତି ନାହିଁ। ଅଧିକାଂଶ ସାମାଜିକ ଅନୁଷ୍ଠାନ ବୃକ୍ଷରୋପଣକୁ ଏକ ବିଳାସ ମନେ କରନ୍ତି। ମୁଁ କେତୋଟି ସାହିତ୍ୟ ଓ ସାମାଜିକ ଅନୁଷ୍ଠାନର ବୃକ୍ଷରୋପଣରେ ଦେଖେ, ଛୋଟବଡ଼ ଗଛ ପୂର୍ବରୁ ଖୋଳା ଯାଇଥିବା ଗାତରେ ଭର୍ତ୍ତି କରି ସମସ୍ତେ ଟିକେ ଟିକେ ଜଳ ଢାଳି ଫଟୋ ଉଠା ପର୍ବଟି ସାରି ଦିଅନ୍ତି। ମୁଁ ପ୍ରାୟତଃ ଭ୍ରମଣରେ ଯାଉଥିବା ବେଳେ କିଛି ପାର୍କ କ୍ରମଶଃ ଶୁଖିଲା ପଡ଼ିଯିବାର କାରଣ ପଚାରିବାରୁ ବୁଝାଗଲା କି ସରକାର ବଦଳିବା ସହ କର୍ମଚାରୀ ଛଟେଇ କରି ଦିଆଯାଇଛି। ତେଣୁ ରକ୍ଷଣାବେକ୍ଷଣ କରିବାକୁ କେହି ନାହାନ୍ତି। ସତରେ, ଗଛଗୁଡ଼ିକ କ'ଣ ଦୋଷ କଲେ? ଅନେକ କହିବେ ମଣିଷର ଯତ୍ନ ନେବାକୁ ତ କେହି ନାହାନ୍ତି, ଗଛ କଥା କିଏ ପଚାରେ? ମାତ୍ର ଏହି ଚିନ୍ତା ଉଦ୍ରେକକାରୀ ପରିସ୍ଥିତିରେ ଆମ ସମସ୍ତଙ୍କୁ ସଜାଗ ରହିବାକୁ ପଡ଼ିବ। ଗଛ ଲଗାଇବାକୁ ଏବଂ ତା'ର ଯତ୍ନ ନେବାକୁ ପଡ଼ିବ।

ବଗିଚାରେ କେବଳ ଫୁଲ ନୁହେଁ ଫଳ ଗଛ ମଧ୍ୟ ଲଗାଇବା ଉଚିତ୍। ସହରର ଅନେକ ଲୋକ ଏବେ ଛାତ ଉପରେ କିଚେନ୍ ଗାର୍ଡେନ କରି ପ୍ରାକୃତିକ ପରିବା ଖାଇବାକୁ ପସନ୍ଦ କରୁଛନ୍ତି। ମାତ୍ର ଗାଆଁର ଲୋକ ଜାଗା ଥାଇ ମଧ୍ୟ ଫଳ ପରିବା ଚାଷ କରୁ ନାହାନ୍ତି। ଅଧିକାଂଶ ଚାଷ ଜମିରେ କେବଳ ଧାନ ହେଉଥିବାରୁ ଧାନ କଟା ପରେ ପଡ଼ିଆ ପଡ଼ିଥିବା ଜମିରେ ନିଆଁ ବ୍ୟାପିବାର ଆଶଙ୍କା ଥାଏ। ଗଛ ଥିବା ମାଟି ଆର୍ଦ୍ର ରହିଥିବା ବେଳେ ଶୁଖିଲା ମାଟି ଶୀଘ୍ର ଗରମ ହୁଏ ଓ ଜଙ୍ଗଲ ଅଗ୍ନିର ଉତ୍ତାପକୁ ଗ୍ରହଣ କରି ନେଇ ଥାଏ। ଏହି ସାଧାରଣ ତଥ୍ୟଗୁଡ଼ିକ ବିଷୟରେ ଆମେ ସମସ୍ତେ ଅବଗତ ହୋଇ ମଧ୍ୟ ଅଣଦେଖା କରି ଦେଇଥାଉ। ଏହି ସାମାଜିକ ଦାୟିତ୍ୱବୋଧକୁ ନେଇ ଅନେକ ବେସରକାରୀ ସଂସ୍ଥା ବୃକ୍ଷରୋପଣକୁ ବ୍ୟାପକ କରିବାକୁ ଆଗେଇ ଆସିଛନ୍ତି। କିଛିଟା ସତର୍କତା ଓ ଉପଯୁକ୍ତ ପ୍ରଚେଷ୍ଟାରେ ଆମେ ସମସ୍ତେ ଆମର ପୃଥିବୀକୁ ଆହୁରି ସବୁଜ ସୁନ୍ଦର କରି ପାରିବା, ଏଥିରେ ସନ୍ଦେହ ନାହିଁ।

ଯାଜପୁର ରୋଡ, ମୋ: ୯୪୩୮୦୬୪୪୬୪

# ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

## ନିମ

**ସୌଭାଗ୍ୟସୁନ୍ଦର**

ବେଦରେ ନିମକୁ 'ସର୍ବରୋଗ ନିବାରିଣୀ' ଭାବେ ବର୍ଣ୍ଣନା କରାଯାଇଛି। ମଣିଷ ଏବଂ ପଶୁଙ୍କ ପାଇଁ ଖାଦ୍ୟ, ଔଷଧ, ଜୈବିକ ସାର, ପରିବେଶୀୟ ସନ୍ତୁଳନ ଇତ୍ୟାଦି ଅନେକ କ୍ଷେତ୍ରରେ ଏହାର ଉପକାରିତା ଅତୁଳନୀୟ। ନିମ ଫଳ ଓ ମଞ୍ଜିରେ ଆଜାଦିରାଚଟିନ ସମେତ ଅନେକ ଜୈବ ରାସାୟନିକ ଉପାଦାନ ଗଚ୍ଛିତ ଥିବାରୁ ଏହା ଉଇ-କୀଟନାଶକ ରୂପେ ବ୍ୟବହୃତ ହୋଇଥାଏ।

ପୁରାଣ ବର୍ଣ୍ଣନା ଅନୁଯାୟୀ, ସମୁଦ୍ର-ମନ୍ଥନ ପରେ ଦେବତାମାନେ ସ୍ୱର୍ଗପୁରକୁ ଅମୃତକଳସ ନେଇ ଯାଉଥିବା ସମୟରେ ସେଥିରୁ କିଛି ବିନ୍ଦୁ ନିମ ବୃକ୍ଷ ଉପରେ ପଡ଼ିଥିଲା। ଅମୃତ ସ୍ପର୍ଶ ହେତୁ ନିମ ଅନେକ ଔଷଧୀୟ ଗୁଣର ଅଧିକାରୀ ହୋଇପାରିଛି। ମ୍ୟାଲେରିଆ ରୋଗ ଚିକିତ୍ସା ପାଇଁ ନିମର ବ୍ୟବହାର ବିଷୟରେ ଖ୍ରୀଷ୍ଟପୂର୍ବ ପ୍ରାୟ ଦୁଇ ହଜାରରେ ଲିଖିତ ଆୟୁର୍ବେଦ ଶାସ୍ତ୍ର ଚରକ ସଂହିତା ଓ ସୁଶ୍ରୁତ ସଂହିତାରେ ବର୍ଣ୍ଣନା ଅଛି। ରକ୍ତସର୍କରା, ରକ୍ତଚାପ, କୁଷ୍ଠରୋଗ, କର୍କଟ ଭଳି ବହୁ ଦୁରାରୋଗ୍ୟ ବ୍ୟାଧି ସମେତ ପ୍ରଜନନ ନିୟନ୍ତ୍ରଣ, ଡେଙ୍ଗୁ, ମାଢ଼ି ଓ ଦାନ୍ତ ରୋଗ, ହାଡପୁଟି, ବସନ୍ତ, ମିଳିମିଳା, ଭୂତାଣୁ ଓ କୀଟାଣୁ ବାହିତ ରୋଗ ଆଦିର ଚିକିତ୍ସା ନିମନ୍ତେ ନିମ ଅତି ଉପାଦେୟ। ନିମ ଡାଳକୁ ଦାନ୍ତକାଠି ରୂପେ ଏବଂ ଏହାର ଗଣ୍ଡିରୁ ନିର୍ଗତ ତରଳ ପଦାର୍ଥ ଅଠା ଭାବରେ ବ୍ୟବହାର କରାଯାଏ। ଏହା ମଧ୍ୟ ବନ୍ୟା ବାତ୍ୟା ପ୍ରତିରୋଧୀ, ଛାୟାପ୍ରଦାନକାରୀ, ପରିସଂସ୍ଥୀୟ ସନ୍ତୁଳନ ରକ୍ଷାକାରୀ।

ଉତ୍ତର ଭାରତରେ ନିମ ବୃକ୍ଷକୁ ଶୀତଳା ମାଁଙ୍କ ବାସସ୍ଥାନ ଭାବରେ ଏବଂ ଦକ୍ଷିଣ ଭାରତରେ ମାରିଆମ୍ମା ଦେବୀ ରୂପେ ପୂଜା କରାଯାଏ। କେତେକ ସ୍ଥାନରେ ନିମ ବୃକ୍ଷ ମା' ଦୁର୍ଗା, ପାର୍ବତୀ, ନିମାରୀ ଦେବୀ ନାମରେ ପୂଜା ପାଆନ୍ତି। ବାସ୍ତୁ ଶାସ୍ତ୍ର ଅନୁସାରେ ଉତ୍ତର-ପଶ୍ଚିମ କୋଣରେ ନିମ ବୃକ୍ଷ ଲଗାଇବା ଅତ୍ୟନ୍ତ ଶୁଭ। ହିନ୍ଦୁ ଶାସ୍ତ୍ର ଅନୁସାରେ ନିମ ଚାରା ରୋପଣ କଲେ ସ୍ୱର୍ଗ ପ୍ରାପ୍ତି ହୁଏ ଏବଂ ପ୍ରଭୁ ହନୁମାନଙ୍କ ଆଶୀର୍ବାଦ ମଧ୍ୟ ମିଳିଥାଏ। ଜ୍ୟୋତିଶ ଶାସ୍ତ୍ର ଅନୁସାରେ ଶନି ଓ କେତୁ ଗ୍ରହଙ୍କୁ ଶାନ୍ତ କରିବା ପାଇଁ ନିମ କାଠରେ ହୋମ କରାଯାଏ ଏବଂ ନିମ ପତ୍ର ଶିଝା ଜଳରେ ସ୍ନାନ କରାଯାଏ।

ବରାହମିହିରଙ୍କ 'ବୃହତ ସଂହିତା', କାଶ୍ୟପ ମୁନିଙ୍କ 'ଶିଳ୍ପ ଶାସ୍ତ୍ର' ଓ 'ଭବିଷ୍ୟ ପୁରାଣ'ରେ ଦିଅଁ ଗଢ଼ିବା ପାଇଁ ନିମ ଗଛର କାଠ ବା ଦାରୁ ସର୍ବଶ୍ରେଷ୍ଠ ବୋଲି ଉଲ୍ଲେଖ ଅଛି। ପ୍ରଭୁ ଶ୍ରୀଜଗନ୍ନାଥ, ଅଗ୍ରଜ ବଳଭଦ୍ର, ଭଗିନୀ ସୁଭଦ୍ରା ଏବଂ ସୁଦର୍ଶନଙ୍କ ବିଗ୍ରହ ଆବାହମାନ କାଳରୁ ନିମ ଦାରୁରେ ହିଁ ଗଢ଼ା ଯାଉଛି।

ନିମ ଭାରତବର୍ଷର ଦେଶଜ ବୃକ୍ଷ। ଭାରତ ସମେତ ମ୍ୟାଁମାର, ଚୀନ୍, ଥାଇଲାଣ୍ଡ, ଇଣ୍ଡୋନେସିଆ ପ୍ରଭୃତି ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡ଼ିକରେ ନିମ ଗଛ ପ୍ରାକୃତିକ ଭାବରେ ଦେଖାଯାଏ। ଏହା ଏକ ଚିରସବୁଜ ଯୌଗିକ ପତ୍ରଧାରୀ ମଧ୍ୟମରୁ ଉଚ୍ଚ ବର୍ଗର ବୃକ୍ଷ। ନିମ ବୃକ୍ଷ ପ୍ରାୟ ୨୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହେ। ସମୁଦ୍ର ପତ୍ତନଠାରୁ ୧୫୦୦ ମିଟର ଉଚ୍ଚତା ବିଶିଷ୍ଟ ଭୂଅଞ୍ଚଳରେ ଯେକୌଣସି ସ୍ଥାନରେ ସ୍ୱଚ୍ଛନ୍ଦରେ ନିମ ବୃକ୍ଷ ବଢ଼ିଥାଏ। ୪୦୦ ରୁ ୧୨୦୦ ମିଲିମିଟର ବୃଷ୍ଟିପାତ, ବାୟୁ ମଣ୍ଡଳର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ହେଉଥିବା ଯେ କୌଣସି ଜଳବାୟୁରେ ନିମ ବୃକ୍ଷ ତିଷ୍ଠି ରହିପାରେ। ସେହିପରି ଅମ୍ଳଠାରୁ ଆରମ୍ଭ କରି କ୍ଷାରୀୟ ମୃତ୍ତିକାରେ ଯେଉଁଠି ପ୍ରଚୁର ସୂର୍ଯ୍ୟାଲୋକ ଉପଲବ୍ଧ ଥାଏ ସେହିଠାରେ ନିମ ବୃକ୍ଷ ସାଧାରଣତଃ ଉପସ୍ଥିତ ଥାଏ। ଆପେ ମଞ୍ଜି ପଡ଼ି ନିମ ଗଛ ଯେ କୌଣସି ସ୍ଥାନରେ ବଢ଼ିଥାଏ ଏବଂ ଏହାର ବିକାଶ ପାଇଁ ବିଶେଷକିଛି ଯତ୍ନର ଆବଶ୍ୟକ ପଡ଼େ ନାହିଁ।

ଏହାର ଲମ୍ବା ପୁଷ୍ପୋଦ୍‌ଗମ ଅନେକ ଛୋଟ ଛୋଟ ଧଳା ଏବଂ ସୁଗନ୍ଧିତ ଫୁଲ ଧାରଣ କରିଥାଏ। ଏହାର ଫଳଟି ଆକାରରେ ଛୋଟ, ଚିକ୍କଣ ପତଳା ଚର୍ମ ବିଶିଷ୍ଟ ଏବଂ ଏକରୁ ତିନୋଟି ମଞ୍ଜି ଧାରଣ କରିଥାଏ। ନିମ ଏକ ଅଲୌକିକ, ଦିବ୍ୟସମ୍ମାନ ଯୋଗ୍ୟ ଭକ୍ତିପୂତ ଅସାଧାରଣ ବୃକ୍ଷ ଭାବରେ ପୁରାଣ ଯୁଗରୁ ସ୍ୱୀକୃତି ପାଇ ଆସୁଛି। ଏହାକୁ ପବିତ୍ର କଳ୍ପବୃକ୍ଷ ସହିତ ସମଭାବରେ ଭକ୍ତି ପ୍ରଦର୍ଶନ କରାଯାଏ।

ମୋ: ୯୪୩୭୧୯୦୪୨୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

● ବାବୁଲି କାକ୍ ହତ୍ୟାକାଣ୍ଡରେ ଭିନ୍ନ ମୋଡ଼

# ଆତ୍ମଗୋପନ କରିଥିବା ମହିଳା ଏସ୍‌ପିଙ୍କ ଦ୍ୱାରସ୍ଥ

● ମୃତକଙ୍କ ସହଯୋଗୀଙ୍କ ବିରୋଧରେ ଆଣିଲେ ସଙ୍ଗିନ ଅଭିଯୋଗ

ସୁନ୍ଦରଗଡ଼, ୨।୨(ସମିସ): ଗତ ମାସ ୪ ତାରିଖରେ ସୁନ୍ଦରଗଡ଼ ଟାଉନ ଥାନା ଅଞ୍ଚଳରେ ବାବୁଲି କାକ୍ ହତ୍ୟାକାଣ୍ଡ ଭିନ୍ନ ମୋଡ଼ ନେଇଛି। ଘଟଣା ପରେ ଫେରାର ରହିଥିବା ଜଣେ ଅଭିଯୁକ୍ତର ମା' ପୁଲିସ ପ୍ରଶାସନର ଦ୍ୱାରସ୍ଥ ହୋଇ ମୃତ ବାବୁଲିଙ୍କ ୯ ଜଣ ସମ୍ପର୍କୀୟ ତଥା ସହଯୋଗୀଙ୍କ ବିରୋଧରେ ଡକାୟତି, ହତ୍ୟା ଉଦ୍ୟମ, ଘର ପୋଡ଼ି ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ପୁଲିସ ଦ୍ୱାରା ଗିରଫ ହୋଇ ବିଚାର ବିଭାଗୀୟ ଜେଲ ହାଜତରେ ରହିଥିବା ସ୍ଥାନୀୟ ଘାଷି ପଡ଼ାର ପ୍ରଦ୍ୟୁମ୍ନ ଘାଷିଙ୍କ ମା ସୁକାନ୍ତି ଘାଷିଙ୍କ ଅଭିଯୋଗ ଅନୁଯାୟୀ, ବାବୁଲି କାକ୍ ହତ୍ୟା ଘଟଣା ଦିନ ତାଙ୍କ ପୁଅ ପ୍ରଦ୍ୟୁମ୍ନ ଦିନସାରା ତାଙ୍କ ଘରେ ପରିବାର ସହିତ ଥିଲେ। ପୁଲିସ ତାଙ୍କୁ ଗିରଫ କରି ନେବାପରେ ତାଙ୍କ ପଡ଼ାର ବିକି କାକ୍, ତ୍ରିଲୋଚନ କାକ, ଶୁଭମ୍ ବାଘ, କରନ ଘାସି, ଦେବେନ୍ ଘାସି, ରାଜୀବ ଘାସି, କ୍ରିଷ୍ଣା କାକ୍, କିସାନ ଘାସି, ଜେବେଲ୍ ଘାସି, ସୁକାନ୍ତିଙ୍କ ସମେତ ତାଙ୍କ ପରିବାର ଲୋକଙ୍କୁ ପ୍ରବଳ ମାଡ଼ ମାରି ହତ୍ୟା ଉଦ୍ୟମ କରିଥିଲେ। ସେହିପରି ଘରଦ୍ୱାର ଭାଙ୍ଗି ଜଳାପୋଡ଼ା କରିବାସହ ୬୦ ହଜାର ଟଙ୍କା, ସୁନା କାନ ଫୁଲ ଦୁଇ ହଳ, ପାଉଁଜି ଦୁଇ ହଳ, ନାକ ଫୁଲ ୪ ଟା, ସୁନା ଚେନ୍, ସୁନା ଚୁଡ଼ି ୨ ହଳ, ଝୁଂଟିଆ ଦୁଇ ହଳ ନେଇ ଯାଇଥଲେ। ଗୋଟିଏ ନୂଆ ବୁଲେଟ୍ ଗାଡ଼ି, ଗୋଟିଏ ସ୍କେଲଣ୍ଡରସହ ଗୋଟିଏ ପୋଷା କୁକୁରକୁ ମଧ୍ୟ ଜାଳି ଦେଇଥିବା ଲିଖିତ ଅଭିଯୋଗ କରିଛନ୍ତି। ଏ ସ୍ଥିତିରେ ସେମାନେ ଜୀବନ ବିକଳରେ ଘର ଛାଡ଼ି ଚାଲି ଯାଇଥିବା ଦର୍ଶାଇଛନ୍ତି।

## ଗୋରୁ ବେପାରୀଙ୍କ ଗୁଳି ଚାଳନା

ସୁନ୍ଦରଗଡ଼, ୨।୨(ସମିସ): ସୁନ୍ଦରଗଡ଼ ସଦର ଥାନା ଅଞ୍ଚଳରେ ଗୋରୁ ବେପାରୀମାନେ ହିନ୍ଦୁ ସଂଗଠନ କର୍ମୀଙ୍କ ଉପରକୁ ଗୁଳି ଚାଳନା କରିଥିବା ଚର୍ଚ୍ଚା ହେଉଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଶନିବାର ରାତିରେ ଗୋରୁ ବୋଝେଇ ଏକ ଗାଡ଼ିକୁ କେତେକ ହିନ୍ଦୁ ସଙ୍ଗଠନର କର୍ମୀ ପିଛା କରିଥିଲେ। ତେବେ ଗୋରୁ ବେପାରୀମାନେ ଗାଡ଼ି ନ ଅଟକାଇ ତାଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ଏଥିରେ ଜଣେ ସାମାନ୍ୟ ଆହତ ହୋଇଥିବା କୁହାଯାଉଛି। ଏ ନେଇ ଥାନାରେ ବିଧିବଦ୍ଧ ଭାବେ ରିପୋର୍ଟ ହୋଇ ନ ଥିବାରୁ ସବିଶେଷ ତଥ୍ୟ ମିଳିପାରି ନାହିଁ।

ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀରେ ଜନସମାଗମ

# ଦର୍ଶକଙ୍କୁ ମୋହିତ କଲା ସାଂସ୍କୃତିକ କାର୍ଯ୍ୟକ୍ରମ





ରାଉରକେଲା, ୨।୨(ସମିସ)

ରାଜ୍ୟ ହସ୍ତଶିଳ୍ପ, ଓର୍‌ମାସ, ରାଉରକେଲା ମହାନଗର ନିଗମ ଏବଂ ଜିଲ୍ଲା ପ୍ରଶାସନ, ସୁନ୍ଦରଗଡ଼ ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ପଲ୍ଲୀଶ୍ରୀ ଓ ଖାଦ୍ୟମେଳା ଉଦ୍‌ଘାଟିତ ହୋଇଯାଇଛି। ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଓ ବିରମିତ୍ରପୁର ବିଧାୟକ ରୋଶନ ଯୋସେଫ ତିର୍କି ଏହି ମେଳାକୁ ଉଦ୍‌ଘାଟନ କରିବା ସହିତ ମେଳାର ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ତନ୍ତୀ ବକ୍ତବ୍ୟରେ ଏହିପରି ହସ୍ତତନ୍ତ ମେଳା ପ୍ରଦର୍ଶନରେ ଉପାନ୍ତ ଅଞ୍ଚଳର କାରିଗରମାନଙ୍କ କଳାରପ୍ରଚାର କରିବାରେ ସହାୟକ ହୋଇପାରିବ ଓ ଏହା କାରିଗରମାନଙ୍କୁ ଉତ୍ସାହିତ କରିବ ବୋଲି କହିଥିଲେ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ତାଙ୍କ ବକ୍ତବ୍ୟରେ ଗାଁର ମହିଳାମାନଙ୍କୁ ମଜଭୁତ କରିବା ପାଇଁ ଆହ୍ୱାନ କରିଥିଲେ। ବିରମିତ୍ରପୁର ବିଧାୟକ ରୋହିତ ଯୋଶଫ ତିର୍କି କହିଲେ ଗାଁ ଜନିଷ ଆଣି ସହରରେ ବିକ୍ରି କରିବା ଦ୍ୱାରା ସହର ଲୋକ ଗାଁ ଜନିଷ ପାଇ ପାରୁଛନ୍ତି ଓ ଗ୍ରାମୀଣ ଲୋକ ଆର୍ଥିକ ସ୍ୱାବଲମ୍ବୀ ହୋଇ ପାରୁଛନ୍ତି। ଏହିପରି ଭାବରେ ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ। ଜିଲ୍ଲାପାଳ ମନୋଜ ମହାଜନ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣି, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ପାନପୋଷ ଉପଜିଲ୍ଲାପାଳ ବିଜୟ ନାୟକ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁନ୍ଦରଗଡ଼ ନନ୍ଦିନୀ ମୁଣ୍ଡାରୀ ମଞ୍ଚ ପରିଚାଳନା କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଆଜି ନୃତ୍ୟମଲହାର ପକ୍ଷରୁ ଓଡ଼ିଶୀ, ନୃତ୍ୟ ଶାନ୍ତି ପକ୍ଷରୁ କଳ୍ପିକାଲ ଫ୍ୟୁଜନ, ପାୟଲ ଡ୍ୟାନସ ଅକାଡେମୀ କଥକ ଓ ବିହୁ, ମ୍ୟୁଜିକ ସର୍କଲ ରଜ ପର୍ବ ଡ୍ୟାନ୍ସ ଡ୍ରାମା, ନୃତ୍ୟ ଶାନ୍ତି ପକ୍ଷରୁ ଶିବ ତାଣ୍ଡବ ପ୍ରଦର୍ଶନ କରାଯାଇଥିଲା। ଏହି ପ୍ରଦର୍ଶନୀ ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ, ଓରମାସ, ରାଉରକେଲା ମହାନଗର ନିଗମ ଏବଂ ଜିଲ୍ଲା ପ୍ରଶାସନ, ସୁନ୍ଦରଗଡ଼ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ମେଳା ଆସନ୍ତା ୭ ତାରିଖ ଯାଏ ଚାଲିବ ବୋଲି ଜଣାପଡ଼ିଛି।

## ଅରଣ୍ୟ ନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଦ୍‌ଘାଟିତ



ସୁନ୍ଦରଗଡ଼, ୨।୨(ସମିସ): ସୁନ୍ଦରଗଡ଼ ଅରଣ୍ୟ ନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ଉକ୍ତ ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ବିଧାନସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ତନୟା ମିଶ୍ର ଯୋଗ ଦେଇଥିଲେ। ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆସନ୍ତା ଶିକ୍ଷା ବର୍ଷ ଠାରୁ ୧୨୮ ଟି ସିଟରେ ବିଜ୍ଞାନ ବିଭାଗ ପାଇଁ ଛାତ୍ର ଛାତ୍ରୀମାନେ ଆବେଦନ କରି ପାରିବେ। ଏହି ଅନୁଷ୍ଠାନରେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ସ୍ୱୀକୃତ ପାଠ୍ୟକ୍ରମ ଅନୁଯାୟୀ ଶିକ୍ଷା ଦାନ କରା ଯିବ। ଏହା ସହିତ ମେଡିକାଲ ଓ ଇଞ୍ଜିନିୟରିଂ ପ୍ରସ୍ତୁତି ପାଇଁ ଅଭିଜ୍ଞ ଶିକ୍ଷକ ମାନଙ୍କ ଦ୍ୱାରା ଶିକ୍ଷାଦାନର ବ୍ୟବସ୍ଥା ରହିଥିବା ବେଳେ ଛାତ୍ର ଛାତ୍ରୀ ନିବାସ ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ରହିଛି ବୋଲି ବିଦ୍ୟାଳୟର ସମ୍ପାଦକ ସୂଚନା ଦେଇଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ, ଅଧ୍ୟାପକ ତଥା ସମାଜସେବୀମାନେ ଯୋଗ ଦେଇଥିଲେ।

## ୨ ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ; ୭ ଆହତ

ରାଉରକେଲା, ୨।୨(ସମିସ): ସ୍ଥାନୀୟଟାଙ୍ଗରପାଲ୍ଲୀ ଥାନା ଅଧୀନ ବ୍ରିଟାନିଆ କଲୋନୀରେ ୨ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ ହୋଇ ରକ୍ତାକ୍ତ ସଂଘର୍ଷ ଘଟଣାରେ ୭ ଜଣ ଆହତ ହୋଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ଉଭୟ ଗୋଷ୍ଠୀ ପକ୍ଷରୁ ଦିଆଯାଇଥିବା ୨ଟି ଏତାଲା ଉପରେ ପୁଲିସ ୨ଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ ବ୍ରିଟାନିଆ କଲୋନୀରେ ବାସକରୁଥିବା ଶିବ ଚରଣ ବିନ୍ଧାଣୀ ଓରଫ ଭୀମ (୨୮) ଓ ମଡର୍ଣ୍ଣଇଣ୍ଡିଆରେ ବାସ କରୁଥିବା ରଞ୍ଜିତ ଦୁହେଁ ଭୀମ ଘରେ ବସି କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ଗୌରବ ବିଶ୍ୱାଳ, ବାସୁ, ବଟ, କାଳିଆ, ଦେବା, ସମାଧାନ, ବିଟୁ ରିତିକ୍, ସତ୍ୟମ୍, ସାହିଲ, ମହମ୍ମଦ ସାହିଲ ଏବଂ ଅନ୍ୟମାନେ ଭୀମ ଘରେ ପହଞ୍ଚିଥିଲେ। ସେମାନେ ଭୀମକୁ ୧୦୦୦ ଟଙ୍କା ମାଗିଥିଲେ। ମାତ୍ର ଟଙ୍କା ଦେବାକୁ ମନା କରି ଦେବାରୁ ସେମାନେ ଭୀମ ଓ ରଞ୍ଜିତକୁ ଖଣ୍ଡା, ଭୁଝାଲି, ଏବଂ ବିୟର ବୋତଲ ଦ୍ୱାରା ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ସେମାନେ ତାର ତଣ୍ଟିଚିପି ଥିଲେ। ପାଟିତୁଣ୍ଡ ଓ ଚିତ୍କାର ଶୁଣି ଭୀମଙ୍କ ପତ୍ନୀ, ଭାଇ ସଚିନ ଓ ଅର୍ଜୁନ ସେଠାରେ ପହଞ୍ଚି ଭୀମକୁ ରକ୍ଷା କରିବାକୁ ଉଦ୍ୟମ କରିବାରୁ ଉକ୍ତ ଗୋଷ୍ଠୀ ସେମାନଙ୍କୁ ଆକ୍ରମଣ କରିଥିଲେ। ଅପରପକ୍ଷେ ଗୌରବ ବିଶ୍ୱାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ ସେ ଏବଂ ତାର ସାଙ୍ଗ ସମାଧାନ ମହାନ୍ତି ଦୁହେଁ ଗଞ୍ଜୁ ମାର୍କେଟ ଠାରେ ଛିଡା ହୋଇଥିବାବେଳେ ଭୀମ ଓ ସଚିନ ପହଞ୍ଚି ଯୁକ୍ତିତର୍କ କରିବା ସହ ସେମାନଙ୍କୁ ପଥର ଓ ଭୁଜାଲିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏହି ଘଟଣାରେ ଗୌରବ ଆହତ ହୋଇଥିବା ଜଣାପଡ଼ିଛି। ଏହି ଘଟଣାରେ ଭୀମ ବିନ୍ଧାଣୀ ଗୁରୁତର ଭାବେ ଆହତ ହୋଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ନିରଞ୍ଜନ ସେଠୀ ଉଭୟଙ୍କ ରିପୋର୍ଟ ଉପରେ ୨ଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଜୋନାଲ ଡିଏସ୍‌ପି ନିର୍ମଳ କୁମାର ମହାପାତ୍ର ଥାନାକୁ ଯାଇ ଘଟଣାର ତଦନ୍ତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଉଭୟ ଗୋଷ୍ଠୀ ହେଉଛନ୍ତି ଅସାମାଜିକ ଏବଂ ସେମାନଙ୍କ ମଧ୍ୟରୁ କିଛିଙ୍କ ନାମରେ ଥାନାରେ ପୂର୍ବରୁ ମାମଲା ରହିଛି। ଏହି ଗୋଷ୍ଠୀ ସାରନଗରୀ ଅଞ୍ଚଳରେ ଆତଙ୍କରାଜ ଚଳାଇଥିଲେ।

## କମ୍ପାନୀ ଗୋଦାମରୁ ଚୋରି ଉଦ୍ୟମ

ସୁନ୍ଦରଗଡ଼, ୨।୨(ସମିସ): ଷ୍ଟାର୍ ଲାଇଟ କମ୍ପାନୀର କୁତ୍ରା ଥାନା ନିକଟରେ ଥିବା ଗୋଦାମରୁ ଚୋରି ଉଦ୍ୟମ ହୋଇଛି। ଗତ ୩୧ ତାରିଖ ରାତିରେ କେତେକ ଦୁର୍ବୃତ୍ତ ଉକ୍ତ ଗୋଦାମକୁ ଆସି ଚୋରି ଉଦ୍ୟମ କରିଥିଲେ। ତେବେ ସୁରକ୍ଷା କର୍ମୀଙ୍କ କଡ଼ା ପ୍ରହରା ଯୋଗୁଁ ତାଙ୍କ ଚୋରି ଉଦ୍ୟମ ବିଫଳ ହୋଇଥିଲା। ସୁରକ୍ଷା ସଂସ୍ଥାର ନସିବ ସିଂଙ୍କ ଏତଲା କ୍ରମେ ଏ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଷ୍ଟ୍ରିଟ୍ ଲାଇଟ୍ ଅଚଳ: ଅନ୍ଧାରରେ କଣ୍ଟିଆମୁରା ଛକ



ବଡ଼ଗାଁ, ୨।୨(ସମିସ): ବଡ଼ଗାଁ କଲେଜ ଫ୍ଲାଏଓଭରରୁ କଣ୍ଟିଆମୁରା ଛକକୁ ସଂଯୋଗ ସ୍ଥାନରେ ସମ୍ବଲପୁର ରାଉରକେଲା ଟୋଲ ରାସ୍ତାରେ ଥିବା ଷ୍ଟ୍ରିଟ୍ ଲାଇଟ ଅଚଳ ହୋଇପଡ଼ିଛି। ଫଳରେ ଏହି ଛକରେ ଅନ୍ଧାର ରାଜୁତି କରୁଛି। ଏହି ଛକରୁ କଣ୍ଟିଆମୁରା, ମକୁନ୍ଦପୁର, ଚାରପାଲି, ବରପାଲି ଯିବାକୁ ରାସ୍ତା ରହିଥିବା ସହିତ ପେଟ୍ରୋଲ ପମ୍ପ ଆଦିକୁ ଯିବାପାଇଁ ସବୁବେଳେ ଗହଳି ଲାଗିଥାଏ। ବିଭାଗୀୟ ଅଧିକାରୀ ଏଥିପାଇଁ ଦୃଷ୍ଟିଦେଇ ଯଥାଶୀଘ୍ର ଏହାକୁ ସଚଳ କରିବାକୁ ଦାବି ହେଉଛି।

## ରାସ୍ତା ଅବରୋଧକାରୀଙ୍କ ବିରୋଧରେ ପୁଲିସର କଡ଼ା ଆଭିମୁଖ୍ୟ

ସୁନ୍ଦରଗଡ଼, ୨।୨(ସମିସ): ସୁନ୍ଦରଗଡ଼ ଟାଉନ ଥାନ ପୁଲିସ ରାସ୍ତା ଅବରୋଧକାରୀଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ବିଗତ ୧୦ ଦିନ ମଧ୍ୟରେ ହୋଇଥିବା ୨ ରାସ୍ତାରୋକ ଘଟଣାରେ ପୁଲିସ ପ୍ରାୟ ୬୫ରୁ ଅଧିକ ରାସ୍ତା ଅବରୋଧକାରୀଙ୍କ ବିରୋଧରେ ୨ଟି ପୃଥକ୍ ମାମଲା ରୁଜୁ କରିଛି। ଗତ ମାସ ୨୨ ତାରିଖରେ ତାମିଲନାଡୁର ପୋଷାକ ତିଆରି କାରଖାନାରେ ଲେଫ୍ରିପଡ଼ା ଝିଅ ଫସି ରହିବା ଘଟଣାକୁ ନେଇ ଅଭିଭାବକ ଏବଂ କୋଶଳ ସମାଜ ପକ୍ଷରୁ ୧୨ ଘଣ୍ଟିଆ ସୁନ୍ଦରଗଡ଼ ବନ୍ଦ ଡାକରା ଦିଆ ଯାଇଥିଲା। ଏହି ଅବସରରେ ବନ୍ଦ ପାଳନକାରୀଙ୍କ ପକ୍ଷରୁ ୧୦ ନମ୍ବର ରାଜ୍ୟ ରାଜପଥର ପତ୍ରାପାଲି ଛକରେ ସକାଳ ୬ଟାରୁ ୧୨ଟା ପର୍ଯ୍ୟନ୍ତ ରାସ୍ତାରୋକ କରା ଯାଇଥିଲା। ଉକ୍ତ ଘଟଣାରେ ପୁଲିସ କୋଶଳ ସମାଜ ମହା ସଚିବ ଦିଲୀପ ପଣ୍ଡାଙ୍କ ସମେତ ୧୫ରୁ ଅଧିକ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିଛି। ସେହିପରି ୧୦ ନମ୍ବର ରାଜ୍ୟ ରାଜପଥର ଓଡ଼ି-୧୬ ଢାବା ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟଣାକୁ ନେଇ ରାସ୍ତାରୋକ କରିଥିବା ପ୍ରାୟ ୫୦ରୁ ଅଧିକ ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ ପୁଲିସ ମାମଲା ରୁଜୁ କରିଛି। ତେବେ ଉଭୟ ମାମଲାରେ କେହି ଗିରଫ ହୋଇ ନ ଥିବା ଜଣାପଡ଼ିଛି।

## ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ



ସୁନ୍ଦରଗଡ଼, ୨।୨(ସମିସ): ୧୦ନମ୍ବର ରାଜ୍ୟ ରାଜପଥର ସୁନ୍ଦରଗଡ଼ ଟାଉନ ଥାନା ଅଧୀନ ଓଡ଼ି-୧୬ ଢାବା ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସୁନ୍ଦରଗଡ଼ ସଦର ଥାନା ଅଧୀନ ସୁବଳୟା ଗ୍ରାମର ଜହିଦ ଖାନ୍ (୨୭) ତାଙ୍କ ବାଇକ୍‌ରେ ଘରକୁ ଫେରୁଥିବାବେଳେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କାଦେଇ ଫେରାର ହୋଇଯାଇ ଥିଲା। ଏଥିରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପ୍ରଚାରିତ ହେବାପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ବିଭିନ୍ନ ଦାବିରେ ରାସ୍ତା ଅବରୋଧ କରିଥିଲେ। ଟାଉନଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ ହେଁ ସେମାନେ ନିଜ ଜିଦରେ ଅଟଳ ରହିଥିଲେ। ପରେ ସଦର ତହସିଲଦାର ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ଜିଲ୍ଲା ରେଡକ୍ରସରୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବାପରେ ସେମାନେ ରାସ୍ତା ଅବରୋଧରୁ ନିବୃତ୍ତ ରହିଥିଲେ। ପୁଲିସ ମୃତଦେହ ଜବତକରି ରବିବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଇବା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ମାମଲା ରୁଜୁ ହୋଇଛି।

## ଦୁର୍ଘଟଣାରେ ଜଣେ ମୃତ, ଦୁଇ ଗୁରୁତର

ସୁବଳୟା, ୨।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀସ୍ଥିତ ମେଟାକାନୀ ଛକ ନିକଟରେ ବିଦ୍ୟୁତ୍ ଖୁଣ୍ଟରେ ଧକ୍କା ହୋଇ ବାଇକ୍ ଦୁର୍ଘଟଣା ଘଟିଥିଲା। ଏଥିରେ ସ୍ଥାନୀୟ ରଘୁନାଥ ଉଚ୍ଚ ବିଦ୍ୟାଳୟ ତିନି ଜଣ ଛାତ୍ର ମଧ୍ୟରୁ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ ରବିବାର ସକାଳୁ ନିଜ ଘରୁ ବାଇକ ଯୋଗେ ମୁର୍ଷୁଣ୍ଡୀ ହାଇସ୍କୁଲକୁ ସରସ୍ୱତୀ ପୂଜା ପାଇଁ ଚୌକା ଗାଁର ନବମ ଶ୍ରେଣୀର ଛାତ୍ର କ୍ରିସ୍ ମହାକୁର ଓ ତନ୍ମୟ ମହାକୁର ଆଉ ଜଣେ ଯୁଧିଷ୍ଠିରପୁର ଗାଁର ଛାତ୍ର ଦେବାଶିଷ ମଲ୍ଲିକ ଉଭୟ ବାଇକ୍ ଯୋଗେ ସରସ୍ୱତୀ ପୂଜାକୁ ଯୋଗଦେବା ପାଇଁ ଆସୁଥିଲେ। ମେଟାକାନୀ ଛକରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ବାଇକ୍ ପିଟି ହୋଇ ଗୁରୁତର ଅବସ୍ଥାରେ ପଡ଼ି ରହିଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ସନ୍ତୋଷ କୁମାର ଭୋଇ ଗୁରୁତର ତିନି ଛାତ୍ରଙ୍କୁ ଉଦ୍ଧାର କରି ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତନ୍ମୟ ମହାକୁରଙ୍କୁ ମୃତ ଘୋଷଣା କରିଥିଲେ।

## ସୁନ୍ଦରଗଡ଼ ଜର୍ଣ୍ଣାଲିଷ୍ଟ ଆସୋସିଏସନ କାର୍ଯ୍ୟାଳୟ ଉଦ୍‌ଘାଟିତ

ସୁନ୍ଦରଗଡ଼, ୨।୨(ସମିସ)




ସୁନ୍ଦରଗଡ଼ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍‌ର ଅସ୍ଥାୟୀ କାର୍ଯ୍ୟାଳୟ ରବିବାର ସ୍ଥାନୀୟ ସାଇବିହାର ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀଶଙ୍କର ଭୋଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆସୋସିଏସନର ସଭାପତି ଦେବବ୍ରତ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଉପବାଚସ୍ପତି ଶ୍ରୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଂଘର ନିଜସ୍ୱ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ଦିଗରେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବାରୁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂହ ସଂଘର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ପୌରାଧକ୍ଷା ତନୟା ମିଶ୍ର, ପୂର୍ବତନ ନଗରପାଳ ରାଜକିଶୋର ଷଡ଼ଙ୍ଗୀ, ବରିଷ୍ଠ ଆଇନଜୀବୀ ଅଶୋକ ଦାଶ, ନିମାଇଁ ଚରଣ ନାଏକ, ପୂର୍ବତନ ଡିସିସି ସଭାପତି ବେଣୁମାଧବ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ସାମ୍ବାଦିକ ଜଗମୋହନ ରାଉତ, ଜୟନାରାୟଣ ମେଣ୍ଡୁଲି, ଡମ୍ବରୁଧର ନାୟକ, ଜୟକୃଷ୍ଣ ସେଠ, ହରିହରଦାଶ ମହାପାତ୍ର, ମୀନାକ୍ଷୀ ନାଏକ, ଅଶୋକ ଷଡ଼ଙ୍ଗୀ, ଲବଣୀଧର ପୃଷେଠ, ସାଗର ପଟ୍ଟନାୟକ, ସରୋଜ ନାଗ, ସରୋଜ ସିଂ, ସୁଶାନ୍ତ କୁମାର ଷଡ଼ଙ୍ଗୀ, ସଞ୍ଜୀବ କୁମାର ପତି, ମନୋରଞ୍ଜନ ପୃଷେଠ, ସୁରେନ୍ଦ୍ର ରୋହିଦାଶ, ହୋରାଚାନ୍ଦ ଦେହୁରିଆ, ସୁବାସ ଚନ୍ଦ୍ର ରଣା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ପପୁ ପ୍ରସାଦ ସିଂ ସଭା ପରିଚାଳନା କରିଥିବାବେଳେ ଉପସଭାପତି ଅଶୋକ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀପଞ୍ଚମୀରେ କେନ୍ଦୁ ବୁଦା କଟା ଶୁଭାରମ୍ଭ



ବାଲିଶଙ୍କରା, ୨।୨(ସମିସ): ବାଲିଶଙ୍କରା ବ୍ଲକ କେନ୍ଦୁପତ୍ର ରେଞ୍ଜ ପକ୍ଷରୁ ରେଞ୍ଜର ଝରାଶ୍ରୀ ପ୍ରିୟଦର୍ଶନୀଙ୍କ ନେତୃତ୍ୱରେ କେନ୍ଦୁବୁଦା କଟା ଶୁଭାରମ୍ଭ ହୋଇଯାଇଛି। ପୂଜାଉତ୍ସବରେ ଝରାଶ୍ରୀ ପ୍ରିୟଦର୍ଶନୀ କର୍ତ୍ତାଭାବେ ପୂଜାର୍ଚ୍ଚନା କରି କେନ୍ଦୁବୁଦା କଟା ଆରମ୍ଭ କରିଥିଲେ। ପ୍ରଦୀପ ନନ୍ଦ ପୂଜା ଦାୟିତ୍ୱ ତୁଲାଇଥିଲେ। ଉକ୍ତ ଉତ୍ସବରେ ହେଡ୍ ଚେକର ଗିରିଧାରୀ ବାଡ଼ା, ଫରେଷ୍ଟର ପୂଜାରାଣୀ ଜ୍ୟୋତିଷ, ଫରେଷ୍ଟର ଦିଲୀପ ନାଏକ, ବିଶେଶ୍ୱର ମାଝୀ, ରାଜେଶ ମହାକୁଳ, ଗୋପବନ୍ଧୁ ମହାକୁଳ, ଅଶୋକ ଲାକଡ଼ା, ଦୈତାରୀ ସିଂହ, ଇସଦୋର ଡେଗିଆ, କଳୀନ୍ଦ୍ର ସାଏ, ସାନି ଓରାମ, ଫଗୁ ମିଞ୍ଜ, ଜଗ ବେହେରା, ଜଗତ ରାମ, ପ୍ରଶାନ୍ତ ଓରାମ ପ୍ରମୁଖ ଯୋଗଦେଇ ଥିଲେ। କେନ୍ଦୁପତ୍ରକୁ ପଶ୍ଚିମ ଓଡ଼ିଶାରେ ସବୁଜ ହୀରା (ଗ୍ରୀନ୍ ଡାଇମଣ୍ଡ) ବୋଲି କୁହାଯାଏ। କାରଣ ଏହି ଅଞ୍ଚଳରେ ଘରେଘରେ କେନ୍ଦୁପତ୍ର ତୋଳି ୪ମାସର ଖର୍ଚ୍ଚ ନିଭାଇଥାନ୍ତି। କେନ୍ଦୁପତ୍ରରୁ ସରକାର ଅନେକ ରାଜସ୍ୱ ପାଇଥାନ୍ତି ସେଥିପାଇଁ ଶ୍ରୀପଞ୍ଚମୀ ତିଥିରେ ପ୍ରତିବର୍ଷ କେନ୍ଦୁ ବୁଦା ପୂଜାକରି କାଟିବା ଶୁଭାରମ୍ଭ କରାଯାଇଥାଏ। ସେହିପରି ବାଲିଶଙ୍କରା ବ୍ଲକର ବିଭିନ୍ନ ସ୍କୁଲ, କଲେଜ, ଶିଶୁମନ୍ଦିର, ଗ୍ରାମ ଓ ପଡ଼ାରେ ବିଦ୍ୟାଦାତ୍ରୀ ବୀଣାପାଣି ମା' ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଛି।

### ଅନ୍‌ଲାଇନ ବେଟିଂ ଗେମ୍‌ରେ ଚଢ଼ଉ ; ୫ ଗିରଫ

# ୨୦ ମୋବାଇଲ, ୩ ଲାପ୍‌ଟପ୍ ସହ ବହୁ ସାମଗ୍ରୀ ଜବତ





କଣ୍ଟାବାଞ୍ଜି, ୨।୨(ସମିସ)

ଅନଲାଇନ୍ ଗେମ ମାଫିଆଙ୍କ କବ୍ଜାରେ ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହର। ଅନଲାଇନ ବେଟିଂରେ ୮୦ ପ୍ରତିଶତ ଟଙ୍କା ପାଇବାର ପ୍ରଲୋଭନ ଦେଖାଇ ଠକାମୀ କରୁଥିବା ୫ ଜଣଙ୍କୁ ପୁଲିସ ଗିରଫ କରିଛି। କଣ୍ଟାବାଞ୍ଜି ସହରର ଗୁଡିଘାଟ ଯିବା ରାସ୍ତା ଏକ ଭଡ଼ା ଘରେ ଚାଲିଥିବା ଅନଲାଇନ ବେଟିଂ ଗେମ୍ ଆଡ୍ଡାରେ ପୁଲିସ ଚଢ଼ଉ କରି ୫ଜଣଙ୍କୁ ଗିରଫ କରି ସେମାନଙ୍କ ଠାରୁ ୨୦ଟି ମୋବାଇଲ, ୩ ଲାପ୍‌ଟପ ସହ ବିଭିନ୍ନ ସାମଗ୍ରୀ ଜବତ କରିଛି। ଗିରଫ ହୋଇଥିବା ଯୁବକଙ୍କ ମଧ୍ୟରେ ବିହାର ରାଜ୍ୟର ସନ୍ତୋଷ କୁମାର ଯାଦବ, ସୋନୁ କୁମାର ଯାଦବ, ସନ୍ତୋଷ କୁମାର ଏବଂ କଣ୍ଟାବାଞ୍ଜିର କ୍ଷୀର ସାଗର ନାଏକ, ବେଲପଡ଼ା ଥାନା ଲଥାକେନ୍ଦ ଗାଁର ଜିତେନ୍ଦ୍ର ପୁଞ୍ଜି ବୋଲି ରବିବାର ପୁଲିସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।ଏହି ଘଟଣାରେ ଯେଉଁମାନେ ସମ୍ପୃକ୍ତ ଥିବେ ତାଙ୍କୁ ତଦନ୍ତ ପରିସରକୁ ଅଣାଯିବା ସହ ଗିରଫ କରାଯିବ ବୋଲି ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୂଝାରୀ ପ୍ରକାଶ କରିଛନ୍ତି। ବର୍ଷ ବର୍ଷ ଧରି କଣ୍ଟାବାଞ୍ଜି ସହରରେ ଅନଲାଇନ ବେଟିଂ ଗେମ୍ ଓ କ୍ରିକେଟ ସଟ୍ଟା କାରବାର ଚାଲି ଆସୁଛି ଶନିବାର କୌଣସି ସୂତ୍ରରୁ ପୁଲିସ ଖବର ପାଇ ବଲାଙ୍ଗିର ଅତିରିକ୍ତ ଏସ୍‌ପି ହିମାଂଶୁ ବେହେରାଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍‌ରେ କଣ୍ଟାବାଞ୍ଜି ଏସ୍‌ଡିପିଓ ଗୌରାଙ୍ଗ ଚରଣ ସାହୁ, ଥାନା ଅଧିକାରିଣୀ ରଶ୍ମିତା ବେହେରା, ଏସଆଇ ଅଭିନାଷ ନାଏକ, ଏଏସ.ଆଇ ଅଶୋକ କୁମାର ପ୍ରଧାନ, ତୁରେକେଲା ଥାନା ଅଧିକାରୀ ରମାକାନ୍ତ ସାହୁ ଚଢ଼ଉ କରିଥିଲେ। ପୁଲିସ ଅନଲାଇନ ବେଟିଂ ଗେମ୍ ଆଡ୍ଡାରେ ଚଢ଼ଉ କରିଥିବା ବେଳେ ଏହା କାରବାର ମାଷ୍ଟରମାଇଣ୍ଡକୁ ଗିରଫ କରିବାରେ ବିଫଳ ହୋଇଛି। କଣ୍ଟାବାଞ୍ଜି ଅଞ୍ଚଳ ଶହଶହ ଯୁବକ ଗୋଷ୍ଠୀ ଏହି ଅନ୍‌ଲାଇନ ବେଟିଂ ଗେମ୍ ଖେଳି ଲକ୍ଷ ଲକ୍ଷ ଟଙ୍କା ହାରି ଜୀବନ ହାରୁଥିବା ଅଭିଯୋଗ ହେଉଛି। କଣ୍ଟାବାଞ୍ଜି ସହରରେ ଅନେକ ସ୍ଥାନରେ ଅନଲାଇନ ଓ ଅଫଲାଇନ୍ ସଟ୍ଟା କାରବାର ଚାଲୁଥିବା ବେଳେ ପୁଲିସ କେବଳ ଗୋଟିଏ ସ୍ଥାନରେ ଚଢ଼ଉ କରିଛି। ପୁଲିସ ଦୃଢ଼ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

### ପୁତୁରା ବରଯାତ୍ରୀରେ ଆସି କକାର ଜୀବନ ଗଲା

**କଣ୍ଟାବାଞ୍ଜି, ୨।୨(ସମିସ):** ପୁତୁରା ବାହାଘରରେ କକା ବରଯାତ୍ରୀରେ ଆସିଥିଲେ। କିନ୍ତୁ ବାଇକ ଧକ୍କା ଦେବାରୁ କକାଙ୍କ ମୃତ୍ୟୁ ଘଟିବା ଘଟଣା ଆଲୋଡନ ସୃଷ୍ଟି କରିଛି।ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ଗୋହିରିଆପଦର ଛକରେ ସରପଞ୍ଚଙ୍କ ସ୍ୱାମୀଙ୍କ ବାଇକ୍ ଧକ୍କାରେ ମୃତ୍ୟୁବରଣ କରିଛନ୍ତି। ଖବର ଅନୁସାରେ ଛତିଶଗଡ଼ ରାୟପୁରରେ ବସବାସ କରୁଥିବା ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ଡୁମେରପଡ଼ା ଗାଁର ବିଷମ ଦୀପ ତାଙ୍କ ପୁତୁରର ବାହାଘରକୁ ଆସିଥିଲେ। ଗହରିଆ ପଦର ଗାଁକୁ ବରଯାତ୍ରୀ ପହଞ୍ଚିଥିବା ବେଳେ ରାସ୍ତା କଡ଼ରେ ବିଶିମ ଦୀପ ଛିଡା ହୋଇଥିଲେ। ସେହି ସମୟରେ ବଙ୍ଗୋମୁଣ୍ଡା ବ୍ଲକ କସିଲ ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ବୈଷ ବର୍ଗେ ବାଇକ୍ ଯୋଗେ ଆସି ବିଷମକୁ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ବିଷମକୁ ପରିବାର ଲୋକେ କଣ୍ଟାବାଞ୍ଜି ଡାକ୍ତରଖାନ ଆଣିଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ମୃତ ଘୋଷଣା କରିଥିଲେ। କଣ୍ଟାବାଞ୍ଜି ଡାକ୍ତରଖାନରେ ପୁଲିସ ପହଞ୍ଚି ଅଧିକ ତଦନ୍ତ କରୁଥିବା ବେଳେ କସିଲ ସରପଞ୍ଚଙ୍କ ସ୍ୱାମୀ ବୈଷ ବର୍ଗେଙ୍କୁ ପୁଲିସ ଅଟକ ରଖିଛି।

### କାଳିଆର ଡାକ

## ୭୩ ବର୍ଷୀୟ ବୃଦ୍ଧଙ୍କ ଅନନ୍ୟ ଭକ୍ତି



**ରାଜସ୍ଥାନରୁ ଚାଲିଚାଲି ଶ୍ରୀକ୍ଷେତ୍ର ଯାତ୍ରା**

**ସୋନପୁର, ୨।୨ (ସମିସ):** ଅନନ୍ୟ ଭକ୍ତି ଏବଂ ଅଦମ୍ୟ ଇଚ୍ଛା ଆଗରେ ସବୁ ବାଧାବିଘ୍ନ ଫିକା ପଡ଼ିଥାଏ। କାଳିଆର ଡୋରି କାହାକୁ କେଉଁଭଳି ଲାଗେ କେହି କହି ପାରିବ ନାହିଁ। କାଳିଆର ଡାକ ଶୁଣି ଜଣେ ୭୩ ବର୍ଷୀୟ ବୃଦ୍ଧ ରାଜସ୍ଥାନରୁ ଚାଲି ଚାଲି କାଳିଆ ଦର୍ଶନ ପାଇଁ ବାହାରିଛନ୍ତି। ଗତ ଜାନୁଆରୀ ୧୦ ତାରିଖରେ ହଂସରାଜ ଗୁଜ୍ଜର ରାଜସ୍ଥାନ ଗଙ୍ଗାପୁର ସିଟିରୁ ପାଦରେ ଚାଲି ଶ୍ରୀକ୍ଷେତ୍ର ଯାତ୍ରା ଆରମ୍ଭ କରିଛନ୍ତି। ସାଙ୍ଗରେ ଖାଦ୍ୟପେୟ ଆଦି ଦ୍ରବ୍ୟ ଧରି ଅବସରପ୍ରାପ୍ତ ଯବାନ ସାନଭାଇ ଜୟରାମ ଗୁଜ୍ଜର(୬୩) ଏବଂ ପଡୋଶୀ ନରେନ୍ଦ୍ର ରାଜପୁତ(୩୨) କାର୍ ଯୋଗେ ସାଥିରେ ଯାଉଛନ୍ତି। ତେବେ ୧୭୦୦ କିମିରୁ ଅଧିକ ରାସ୍ତା ଚାଲି କାଳିଆକୁ ଦର୍ଶନ କରିବେ ବୋଲି ଦୃଢ ମନୋବଳ ନେଇ ହଂସରାଜ ଯାତ୍ରା କରୁଛନ୍ତି। ହଂସରାଜଙ୍କୁ କାଳିଆ ଦର୍ଶନର ନିଶା ପୁରା ଯୁବକ କରି ଦେଇଛି।ହଂସରାଜ ଅଞ୍ଚଳର ଜଣେ ଭଲ ଚାଷୀ, ଚାଷ କରି ଭଲ ରୋଜଗାର କରୁଛନ୍ତି। ଘରେ ଟଙ୍କା ପଇସାର କୌଣସି ଅଭାବ ନାହିଁ।ଚାହିଁଥିଲେ ଗାଡିରେ କାଳିଆକୁ ଦର୍ଶନ ପାଇଁ ଆସି ପାରିଥାନ୍ତେ।ହେଲେ ଜୀବନରେ ଥରେ ପାଦରେ ଚାଲି କାଳିଆକୁ ଦର୍ଶନ ପାଇଁ ମନ ବଳାଇଲେ ବୋଲି କହିଛନ୍ତି। ପାଦରେ ଚାଲି ପୁରୀ ଯାତ୍ରା କରି ଶ୍ରୀଜିଉଙ୍କ ଦର୍ଶନ କଲେ ମୁକ୍ତି ମିଳିଥାଏ ବୋଲି ରାଜସ୍ଥାନରେ ବିଶ୍ୱାସ ରହିଛି। ରବିବା ସୋନପୁରରେ ସନ୍ଧ୍ୟା ହୋଇଯିବାରୁ ସ୍ଥାନୀୟ ବ୍ଲକ ଛକଠାରେ ବିଶ୍ରାମ ନେଇଛନ୍ତି। ସୋମବାର ପୁଣି ପୁରୀ ଅଭିମୁଖେ ବାହାରିବେ। ଆଉ ଛଅ ଦିନରେ ପୁରୀ ପହଞ୍ଚିବାର ଲକ୍ଷ୍ୟ ରଖିଛନ୍ତି।

### ଭାରୀଯାନ ଉପରେ କଟକଣା କେବେ

## ଭାରସାମ୍ୟ ହରାଇ ଫସିଲା ଟ୍ରକ୍ ; ଘଣ୍ଟା ଘଣ୍ଟା ରାସ୍ତା ଜାମ୍

**କଣ୍ଟାବାଞ୍ଜି, ୨।୨(ସମିସ):** ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜି ସହରରେ ଚିନ୍ତା ବଢ଼ାଉଛି ଟ୍ରାଫିକ ସମସ୍ୟା। ପ୍ରତୋକ ଦିନ ଟ୍ରାଫିକ୍ ସମସ୍ୟାର ଯୋଗୁଁ ସାଧାରଣଲୋକେ



ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି।ଗତ କିଛି ଦିନ ତଳେ କଣ୍ଟାବାଞ୍ଜି ସଚେତନ ନାଗରୀକ ମଞ୍ଚ ପକ୍ଷରୁ କଣ୍ଟାବାଞ୍ଜି ତହସିଲଦାର ଅଞ୍ଜଳି ମାଝିଙ୍କୁ ସାକ୍ଷାତ କରି କଣ୍ଟାବାଞ୍ଜି ସହରରେ ଭାରିଯାନ ଚଳାଚଳ ଉପରେ କଟକଣା ଜାରି କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ କରିବା ଏକ ସପ୍ତାହ ବିତି ଯାଇଥିଲେ ମଧ୍ୟ କଣ୍ଟାବାଞ୍ଜି ସହରରେ ଭାରିଯାନ ଉପରେ କଟକଣା ଜାରି କରାଯାଇନାହିଁ। ଯାହାଫଳରେ କଣ୍ଟାବାଞ୍ଜି ସଚେତନ ନାଗରୀକ ମଞ୍ଚ କାର୍ଯ୍ୟକର୍ତ୍ତା ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷ ଭାରିଯାନ ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ରହିଛି। ଶନିବାର କଣ୍ଟାବାଞ୍ଜି ଝାଙ୍କରପଡ଼ା ଛକ ନିକଟରେ ଏକ ମାଲ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଏକ ଘର ଦେବାଲରେ ପିଟି ହୋଇଥିଲା। ଟ୍ରକ୍ ଟି ରାସ୍ତା ମଝିରେ ଅନେକ ସମୟ ଧରି ଅଟକି ରହିଥିବା ବେଳେ ସେହି ରାସ୍ତାଦେଇ ଯାତାୟତ ଠପ ରହିଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ କଣ୍ଟାବାଞ୍ଜି ସହରର କିଶୋର ଶର୍ମା ନାମକ ଜଣେ ଟାକ୍ସପୋଟ ବ୍ୟବସାୟୀ ଝାଙ୍କରପଡ ସ୍କୁଲ ସମ୍ମୁଖୀନରେ ତାଙ୍କ ଗୋଦାମ ଗୃହ କରିଛନ୍ତି। ଯାହାଫଳରେ ସେଠାକୁ ପ୍ରତ୍ୟେକ ଦିନ ବହୁ ବୋଝେଇ ଟ୍ରକ୍ ଆସୁଛି। ସେଥିପାଇଁ ସ୍କୁଲ ଆସୁଥିବା ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ରହିଛି।ଭାରିଯାନ ଗୁଡିକ ଭାରସାମ୍ୟ ହରାଇ ଛାତ୍ର ଛାତ୍ରୀଙ୍କ ଉପରୁ ଚଢିନଯାଉ ବୋଲି ଅବିଭାବକମାନେ ଭୟଭୀତ ରହିଛନ୍ତି। ଅନ୍ୟ ସହରମାନଙ୍କରେ ଭାରିଯାନ ଚଳାଚଳ ପାଇଁ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ କଟକଣା ଜାରି କରୁଥିବା ବେଳେ କଣ୍ଟାବାଞ୍ଜି ସହରରେ କାହା ସ୍ୱାର୍ଥରେ ପ୍ରଶାସନ ଭାରିଯାନ ଚଳାଚଳ ଉପରେ କଟକଣା ଜାରୀ କରୁନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

### ତୋଷାଳୀ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟା



**ତୁଷୁରା, ୨।୨(ସମିସ):** ବଲାଙ୍ଗିର ଜିଲ୍ଲା ତୁଷୁରା ବାଳକ ହାଇସ୍କୁଲ ଖେଳପଡ଼ିଆରେ ୟୁଥ୍ ଏକ୍ସନ କମିଟି ତୁଷୁରା ଆନୁକୂଲ୍ୟରେରେ ହେଉଥିବା ଚତୁର୍ଥ ତୋଷାଳୀ ମହେତ୍ସେବ ଶେଷ ସନ୍ଧ୍ୟାର ସାଂସ୍କୃତିକ ସଭାକୁ ଉପସଭାପତି ଦେବବ୍ରତ ପାଣିଗ୍ରାହୀ ପରିଚାଳନା କରିଥିଲେ।ଉପଦେଷ୍ଟା କମିଟି ସଭାପତି ସୁରେଶ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହଲିଙ୍ଗ ଯୋଗଦେଇ ତୋଷାଳି ମହୋତ୍ସବର ଇତିହାସ କଥା କହିଥିଲେ।ସମ୍ମାନିତ ଅତିଥି ଭାବରେ ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଓ ଗୁଡ଼ଭେଲା ବ୍ଲକ ପୂର୍ବତନ ଅଧକ୍ଷ ଅଶୋକ ଦୋରା ଯୋଗ ଦେଇଥିଲେ ଓ ସଭାପତି ବ୍ରହ୍ମାନନ୍ଦ ପାଣ୍ଡିଆ, ସମ୍ପାଦକ ଜିତେନ୍ଦ୍ର ମହାପାତ୍ର ମଞ୍ଚାସିନ ହେଇଥିଲେ। ଉଦ୍‌ଘୋଷକ ସୁଧୀର ନାଏକ, ପ୍ରତିଚି ପଟ୍ଟନାୟକ, ଆନନ୍ଦିତା ସାମଲ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ୱାଇସିଟି ପ୍ରେସିଡେଣ୍ଟ ସଭାପତି ଲିସନ୍ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟରାଜ ସଙ୍ଗୀତ ବିଦ୍ୟାଳୟ, ବେନାର ମୁହୁରିଆ କଳାପରିଷଦ, ସିଦ୍ଧ କାମେଶ୍ୱର ପାଇକ ଆଖଡ଼ା, ମାଁ ସମଲେଶ୍ୱରୀ ଧୁଲିଆ ଖୁସା କଳା ପରିଷଦ ବରଗଡ଼ ଓ ସମ୍ବଲପୁରୀ ଗାୟିକା ଅର୍ଚ୍ଚନା ପାଢ଼ି ସଙ୍ଗୀତ ପରିବେଷଣ କରିଥିଲେ।

### ମୁରବିଶୂନ୍ୟ କଲମପୁର ଥାନା

**କଲମପୁର, ୨।୨(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁରରେ ୩ ବର୍ଷ ହେଲା ଥାନା ଖୋଲିଛି। ୩ ବର୍ଷ ମଧ୍ୟରେ ୩ ଜଣ ଥାନାଧିକାରୀ ବଦଳି ହେଲେଣି। ପ୍ରଦୀପ୍ତ କାନୁନଗୋଙ୍କ ବଦଳି ପରେ ଥାନା ଏବେ ମୁରବି ଶୂନ୍ୟ। ବଡକୁଟ୍ରୁ ଫାଣ୍ଡି ଅଧିକାରୀ ଶିବ ମହାନ୍ତି ଏବେ ନିଜ ଦାୟିତ୍ୱ ସହ କଲମପୁର ଥାନା ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏଣୁ ତାଙ୍କ ଉପରେ ଚାପ ପଡୁଛି। ଏହାଦ୍ୱାରା ସେ ନା ଫାଣ୍ଡି ଦାୟିତ୍ୱ ତୁଲାଇ ପାରୁଛନ୍ତି ନା ଥାନା ଦାୟିତ୍ୱ ସମ୍ଭାଳି ପାରୁଛନ୍ତି। ନିକଟରେ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ଥାନାରେ ମାନବ ସମ୍ବଳ ଯୋଗାଇ ଦେବାକୁ କିଛି ସ୍ଥାନୀୟ ଅଞ୍ଚଳବାସୀ ଜଣାଇଥିଲେ। ଅଭିଯୋଗର ମାସେ ନ ପୂରୁଣୁ ଥାନା ଅଧିକାରୀଙ୍କ ବଦଳି ହୋଇଗଲା। ସୂଚନାଯୋଗ୍ୟ, କଲମପୁର ଅଞ୍ଚଳରେ ଥାନା, ତହସିଲ କି ବିଦ୍ୟୁତ ଷ୍ଟ୍ରକଚର ନ ଥିଲା। ଏପରିକି ବ୍ଲକର ମଧ ସ୍ଥଳରେ ପ୍ରବାହିତ ହାତୀନଦୀ ଗମନାଗମନରେ ମୁଖ୍ୟ ପ୍ରତିବନ୍ଧକ ସାଜିଥିଲା। ଏଥିପାଇଁ ଅଞ୍ଚଳବାସୀ ଆନ୍ଦୋଳନ କଲେ। ଏହାକୁ ହୃଦୟଙ୍ଗମ କରି ପୂର୍ବତନ ସରକାର କଲମପୁରରେ ତହସିଲ, ଥାନା ବିଦ୍ୟୁତ ଷ୍ଟ୍ରକଚର ସମେତ ଗମନାଗମନ ନିମନ୍ତେ ସେତୁ ନିର୍ମାଣ କରିଛନ୍ତି।

**ଫାଣ୍ଡି ଅଧିକାରୀଙ୍କ ଉପରେ ଅତିରିକ୍ତ ଦାୟିତ୍ୱ**

**୩ ବର୍ଷରେ ୩ ଜଣ ଥାନା ଅଧିକାରୀଙ୍କ ବଦଳି**

## ସିଂଘିଯୁବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବିନିକା, ୨।୨(ସମିସ):** ବିନିକା ବ୍ଲକ ସିଂଘିଯୁବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ରାଜ କୁମାର ମହାକୁରଙ୍କ ଅଧକ୍ଷତାରେ ବୀରମହାରାଜାପୁର ବିଧାୟକ ରଘୁନାଥ ଜଗଦଲା ଯୋଗଦେଇ ସ୍କୁଲରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମହାକୁର ଓ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ ପୁଷ୍ଟୀ, ମୁଖ୍ୟବକ୍ତା ଭାବେ ଶିକ୍ଷକ ନିରଞ୍ଜନ ପଣ୍ଡା, ଅତିଥି ଭାବେ ପୁରାତନ ଛାତ୍ର ନିରାକାର କର୍ଣ୍ଣ, ସ୍କୁଲ



କମିଟି ସଭାପତି ତଥା ସାମ୍ବାଦିକ ଅଶୋକ କୁମାର ପଣ୍ଡା ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। କ୍ରିଷ୍ଣାମଇ ମହନ୍ତମ ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ହୃଦାନନ୍ଦ ପଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ। ଛାତ୍ରୀ ଶିବାନୀ ପଣ୍ଡାଙ୍କ ପରିଚାଳନାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।ଏହି ଅବସରରେ ବିଭିନ୍ନ ବର୍ଗର କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।ବାର୍ଷିକ ଉତ୍ସବ ପରିଚାଳନାରେ ଉମାକାନ୍ତ ରଣା, ରଞ୍ଜୁ ଦାସ, ବିନୋଦ କୁମାର ବେହେରା, ବିକାଶ କୁମାର ବାରିକ, ଦୟାନନ୍ଦ ପଧାନ ସହଯୋଗ କରିଥିଲେ।

## କୋଶଲିଆମାଳି ସମାଜର ନୂତନ କମିଟି ଗଠିତ



**ବିନିକା, ୨।୨(ସମିସ):** ବିନିକା ଅଞ୍ଚଳ କୋଶଲିଆମାଲି ସମାଜର ବୈଠକ ଫୁଲମୁଠି ସ୍ଥିତ ମହୁଲଟିକ୍ରା ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି।ଏଥିରେ ଅଞ୍ଚଳ ଅଧୀନ ସମସ୍ତ ଗ୍ରାମର ଲୋକେ ଯୋଗଦେଇଥିଲେ। ସମାଜର ଏକତା, ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ବିଭିନ୍ନ ସମସ୍ୟା ଉପରେ ବିଶଦ ଆଲୋଚନା ହୋଇଥିଲା।ପରେ ସୁବର୍ଣ୍ଣପୁର ଜିଲ୍ଲା କୋଶଲିଆମାଲି ସମାଜ ସାଧାରଣ ସମ୍ପାଦକ ନିରଞ୍ଜନ ପୁଟେଲଙ୍କ ସଭାପତିତ୍ୱରେ ନୂତନ କମିଟି ଗଠିତ ହୋଇଥିଲା।ସଭାପତି ଭାବେ ବାମଦେବ ବରିହା, ଉପ ସଭାପତି ସୁଶାନ୍ତ ପୁଟେଲ, ସମ୍ପାଦକ ବାସୁଦେବ ମଣ୍ଡା, ସହ ସମ୍ପାଦକ ଗଦାଧର ନାଏକ, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ପୁଟେଲ, ପତ୍ର ବାହାକ ଲକ୍ଷିନ୍ଦ୍ର ବାଘ ପ୍ରମୁଖ ମନୋନୀତ ହୋଇଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ଜେହେରୁ ପୁଟେଲ, ଧ୍ରୁବଚରଣ ନାଏକ, ସନାତନ ପୁଟେଲ, ରଘୁନାଥ ପୁଟେଲ, ଗୌରୀ ଶଙ୍କର ପୁଟେଲ, ଗଜାନନ ପୁଟେଲ, ସୀତାରାମ ବାଘ ପ୍ରମୁଖ ରହିଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲା ଉପଦେଷ୍ଟା ଶ୍ରୀଧର ପୁଟେଲ, ଜିଲ୍ଲା ଉପ ସଭାପତି ହିମାଂଶୁ ଶେଖର ପୁଟେଲ, କୋଷାଧକ୍ଷ ମକରଧ୍ୱଜ ଚୌଧୁରୀ, ବୀରମହାରାଜପୁର ଅଞ୍ଚଳ ସଭାପତି ମୃତ୍ୟୁଞ୍ଜୟ ପାଣ୍ଡେ, ସମ୍ପାଦକ ସପନେଶ୍ୱର ବାଘ, ଘଣ୍ଟାପାଲି ଅଞ୍ଚଳ ସଭାପତି ହରିଶ୍ଚନ୍ଦ୍ର ପୁଟେଲ, ସମ୍ପାଦକ ବୃନ୍ଦାବନ ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ।ଶେଷରେ ନୂତନ କମିଟି କର୍ମକର୍ତ୍ତାଙ୍କୁ ବାବା କୋଶଳେଶ୍ୱରଙ୍କ ସମ୍ମୁଖରେ ଶପଥ ପାଠ କରାଯାଇଥିଲା।

### ■ ସମୃଦ୍ଧ ଇତିହାସର ମୂକସାକ୍ଷୀ ସୋନପୁର ରାଜାଘର

# ମରାମତି ସହ ସଂରକ୍ଷଣ ପାଇଁ ଦାବି

ସୋନପୁର, ୨।୨(ସମିସ)



ଏକଦା ସୋନପୁର ଗଡ଼ଜାତର ଶାସନଗତ ପ୍ରଭାବ, ପ୍ରତିଷ୍ଠା ଏବଂ ପ୍ରତିପତ୍ତି ପାଇଁ ବେଶ ପ୍ରଭାବଶାଳୀ ଥିଲା। ସାହିତ୍ୟ, ସଂସ୍କୃତି ଏବଂ ଶିକ୍ଷାନୁଷ୍ଠାନ ଗୁଡିକର ବିକାଶରେ ସୋନପୁର ମହାରାଜାଙ୍କ ସ୍ୱତନ୍ତ୍ର ସ୍ଥାନ ରହିଥିଲା। ସମ୍ବଲପୁରର ଚତୁର୍ଥ ଚୌହାନ ରାଜା ମଧୁକର ଦେବଙ୍କ ଦ୍ୱିତୀୟ ପୁତ୍ର ମଦନ ଗୋପାଳ୧୬୫୦ ମସିହାରେ ସୋନପୁର ରାଜ୍ୟ ପ୍ରତିଷ୍ଠା କରିଥିଲେ। ୧୬୫୦ରୁ ୧୬୮୦ ଯାଏଁ ରାଜ୍ୟଶାସନ କରିଥିଲେ ମଦନ ଗୋପାଳ। ସେହିପରି ଲାଲ ସାଏ ଦେଓ, ପୁରୁଷୋତ୍ତମ ଦେଓ, ରାଜ ସିଂହ ଦେଓଙ୍କ ଭଳି ସୁଧାଂଶୁ ଶେଖର ସିଂଦେଓଙ୍କ ଶାସନ ଯାଏଁ ସୋନପୁର ଏକ ସ୍ୱତନ୍ତ୍ର ରାଜ୍ୟ ହୋଇ ରହିଥିଲା। ତେବେ ବୀରମତ୍ରୋଦୟ ସିଂହଦେଓଙ୍କ ଶାସନକାଳକୁ ସୋନପୁର ରାଜତନ୍ତ୍ରର ସୁବର୍ଣ୍ଣଯୁଗ କୁହାଯାଏ। ୮ ଅଗଷ୍ଟ ୧୯୦୨ରୁ ୨୯ ଏପ୍ରିଲ ୧୯୩୭ ଯାଏଁ ସୋନପୁର ଗଡ଼ଜାତର ମହାରାଜା ଭାବରେ ସେ ରାଜ୍ୟ ଶାସନ କରିଥଲେ। ସୁବର୍ଣ୍ଣପୁରର କଳା, ସଂସ୍କୃତି ଏବଂ ଭାସ୍କର୍ଯ୍ୟର ମୂକସାକ୍ଷୀ ହେଉଛି ସୋନପୁର ରାଜପ୍ରାସାଦ। ଅର୍ଦ୍ଧଭଗ୍ନ ଅବସ୍ଥାରେ ଥିବା ସୋନପୁର ମହାରାଜାଙ୍କ ଏହି ଘରରେ ହିଁ ତତ୍କାଳୀନ ସୋନପୁର ଗଡ଼ଜାତର ବହୁ ସ୍ମୃତି ଲିପିବଦ୍ଧ ହୋଇରହିଛି। ମହାନଦୀ କୂଳରେ ପଥର ବନ୍ଧବାନ୍ଧି ରାଜପ୍ରାସାଦ ଅତି ଶକ୍ତ ଭାବରେ ଏବଂ ସୁନ୍ଦର ଢଙ୍ଗରେ ନିର୍ମାଣ ହୋଇଥିଲା। ରାଜବାଟିର ଛାତ ଉପରେ ରାଜ ପରିବାରର ସଦସ୍ୟ ଗଣ ଛିଡା ହୋଇ ମହାନଦୀର ଦୃଶ୍ୟ ଅବଲୋକନ କରୁଥିଲେ। ସୋନପୁର ରାଜପ୍ରାସାଦ ଭିତରେ ବାଦଲ ମହଲ, ଅସ୍ତ୍ରାଗାର, କୋଷାଗାର, କଚେରୀ, ରାଜସ୍ୱ କାର୍ଯ୍ୟାଳୟ ରହିଥିଲା। ଏଠାରେ ଥିବା ରାଣୀ ଅନନ୍ତପୁର ଏବଂ ରାଣୀଉଆସ ଖୁବ୍ କାରୁକାର୍ଯ୍ୟପୂର୍ଣ୍ଣ ଥିଲା। ସେହିପରି ଭିତିରି ଗୋପାଳଜୀ ମନ୍ଦିର, ଦୁର୍ଗାଦେବୀ ମନ୍ଦିର ଆଦି ରାଜବାଟି ପରିସରରେ ରହିଥିଲା।ପ୍ରଥମ ଚୌହାନ ରାଜା ମଦନ ଗୋପାଳ ସିଂହଦେଓଙ୍କ ଶାସନ ସମୟରେ ଏହି ସୁନ୍ଦର ରାଜପ୍ରାସାଦ ନିର୍ମାଣ ହୋଇଥିଲା। ସୁବର୍ଣ୍ଣପୁରର ଶେଷ ରାଜା ସୁଧାଂଶୁ ଭୂଷଣ ସିଂହଦେଓଙ୍କ ଶାସନ କାଳ ୧୯୪୮ ଯାଏଁ ଏକ ବିସ୍ତିର୍ଣ୍ଣ ଭୂଖଣ୍ଡର ଶାସନକେନ୍ଦ୍ର ଥିଲା ଏହି ରାଜବାଟୀ। ତେବେ ରକ୍ଷଣାବେକ୍ଷଣ ଅଭାବରୁ ରାଜପ୍ରାସାଦ ଏବେ ଧ୍ୱଂସାଭିମୁଖି। ପ୍ରାସାଦ ଭିତରେ ଥିବା ଖୁବ୍ ସୁନ୍ଦର ଗମ୍ବୁଜ ଓ କାନ୍ଥ ସବୁ ଭାଙ୍ଗିରୁଜି ଗଲାଣି।ଏଭଳି ଅବସ୍ଥା ହେଲାଣି ଏହି ରାଜାଘର ଦିନେ ସମ୍ପୂର୍ଣ୍ଣ ମାଟିରେ ମିଶିଯିବ। ଇତିହାସ ପୃଷ୍ଠାରେ ସୋନପୁର ରାଜପ୍ରାସାଦ ଦିନେ କେବଳ ସ୍ମୃତି ହୋଇ ରହିଯିବ। ରାଜପ୍ରାସାଦର ରକ୍ଷଣାବେକ୍ଷଣ କରାଗଲେ ପର୍ଯ୍ୟଟନର ବିକାଶ ହେବ।ସୋନପୁର ରାଜବାଟୀର ମରାମତି ତଥା ସଂରକ୍ଷଣ ପାଇଁ ସାଧାରଣରେ ଦାବି ହେଉଛି।

### ମାନିଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ

# ୭ବର୍ଷ ପରେ ପଞ୍ଚାୟତ ଗୃହ ପାଇଁ ପୁଣି ଭୂମିପୂଜା



**ନୂଆପଡ଼ା/କୋମନା, ୨।୨ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅଧୀନ ମାନିଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାୟୀ ଗୃହ ନିର୍ମାଣ କାର୍ଯ୍ୟ ରବିବାର ପୁଣି ଆରମ୍ଭ ହୋଇଛି। ଦୀର୍ଘ ୭ବର୍ଷ ପରେ ହାଇକୋର୍ଟର ରହିତା ଦେଶ ଉଠିବା ପରେ ପଞ୍ଚାୟତବାସୀଙ୍କ ଆଶା ଉଦ୍‌ଜୀବିତ ହୋଇଛି। ଦୀର୍ଘ ଦିନ ପରେ ଜାଗା ବିବାଦର ଅନ୍ତ ଘଟିଥିବାବେଳେ ଅଟକି ରହିଥିବା କାର୍ଯ୍ୟସ୍ଥଳୀରେ ପୁଣିଥରେ ଭୂମିପୂଜନ କାର୍ଯ୍ୟକ୍ରମ ହୋଇଛି। ମାନିଗୁଡ଼ା ସିହିନାମୁଣ୍ଡା ଗାଁ ମଧ୍ୟସ୍ଥଳରେ ସ୍ଥାନୀୟ ସରପଞ୍ଚ ଯୋଗେନ୍ଦ୍ର ବାଗଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ସଭ୍ୟ କ୍ରିଷ୍ଣା ବେମାଲ, ୱାର୍ଡ ମେମ୍ବର କେଶବ ହଂସ, ଖଗନାମଣୀ ହଂସ, ଧ୍ରୁବ ମାଝୀ, ଆଶାରାମ ମାଝୀ, ସୁଦର ବିଶି, ନାଏବ ସରପଞ୍ଚଙ୍କ ପ୍ରତିନିଧି ଭୋଗିନ୍ଦ୍ର ଜଗତ, ଦୟାସାଗର ପଧାନ, ପିତାମ୍ବର ଅଦା, ଗିରିଧାରୀ ଧରୁଆ, ଜଙ୍କରକାନ୍ତ ମାଝୀ, ତୁଳା ମାଝୀ, ହଳଧର ଜାଲ ଓ ବରୁଣ ମାଝୀ ପ୍ରମୁଖ ଯୋଗଦେଇଥିଲେ। ଅବସରରେ ପୂଜାର୍ଚ୍ଚନା କରି କାର୍ଯ୍ୟାରମ୍ଭ କରାଯାଇଥିଲା। ସୂଚନାନୁଯାୟୀ, ଗତ ୨୦୧୭ ମସିହାରେ ଅଞ୍ଚଳବାସୀଙ୍କ ଦାବିକୁ ତତ୍କାଳୀନ ସରକାର ଗୁରୁତ୍ୱ ଦେଇ ମାନିଗୁଡ଼ାକୁ ଏକ ନୂତନ ପଞ୍ଚାୟତ ଭାବେ ଘୋଷଣା କରିଥିଲେ। ଏଥି ପାଇଁ ନୂତନ ଗୃହ ନିର୍ମାଣ ପାଇଁ ଜାଗା ଚିହ୍ନଟ କରାଯାଇ ଅନୁନ୍ୟ ୩୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାମ ଆରମ୍ଭ କରାଗଲା। ହେଲେ ଠିକ ସମୟରେ ଏହାର ନିର୍ମାଣ ଉପରେ ହାଇକୋର୍ଟ ତରଫରୁ ଜାଗା ବିବାଦକୁ ନେଇ ରହିତାଦେଶ ହୋଇଥିଲା। ପରବର୍ତ୍ତୀ ସମୟରେ ବର୍ତ୍ତମାନର ସରପଞ୍ଚଙ୍କ ହସ୍ତକ୍ଷେପ ପରେ ଏବେ କୋର୍ଟ ପୁଣି ଥରେ ନିର୍ମାଣ କରାଯିବାକୁ ଆଦେଶ କରିବା ପରେ ପଞ୍ଚାୟତବାସୀ ଆଶ୍ୱସ୍ତ ହୋଇଥିବା ଦେଖାଯାଇଛି। ସୂଚନାଯୋଗ୍ୟ ଯେ ପଞ୍ଚାୟତ ଘୋଷଣା ପରେ ପରେ ସ୍ଥାୟୀ କାର୍ଯ୍ୟାଳୟ ଟିକକ ନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଥମେ ଏକ ଜାତି ସମାଜ ଭବନ, କେନ୍ଦୁପତ୍ର ଗୋଦାମ ପରେ ବର୍ତ୍ତମାନ ବିଦ୍ୟାଳୟ ଗୃହରେ ଅଫିସ କାମ ଚାଲିଛି। ଆଗକୁ ଏହି ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷହେଲେ ପଞ୍ଚାୟତର ଉନ୍ନୟନ କାର୍ଯ୍ୟକ୍ରମ ଗତିଶୀଳ ହେବ ବୋଲି ମତପ୍ରକାଶ ପାଇଛି।

**ହାଇକୋର୍ଟର ରହିତାଦେଶ ଉଠିଲା**

### ■ ଧର୍ମଗଡ଼ ଦେଶୀ ମଦଭାଟିରେ ଡକାୟତି ଘଟଣା

# ୧୫ଦିନ ଆଗରୁ ଯୋଜନା କରିଥିଲା ପୂର୍ବତନ କର୍ମଚାରୀ





**ଧର୍ମଗଡ଼, ୨।୨(ସମିସ)**

କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଭୀମଖୋଜପଡ଼ା ଦେଶୀ ମଦଭାଟିରୁ ଡକାୟତି ଘଟଣାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ପୁଲିସ ଏହି ଘଟଣାର ପର୍ଦ୍ଦାଫାସ କରିଛି। ଅନୁଜ କୁମାର ନାମକ ଜଣେ ପୂର୍ବତନ କର୍ମଚାରୀ ହିଁ ଏହି ଘଟଣାର ମାଷ୍ଟର ବୋଲି ପୁଲିସ କହିଛି। ତା' ଘର ଝାଡ଼ଖଣ୍ଡ ରାଜ୍ୟ ରାଞ୍ଚି ଜିଲ୍ଲା ଚାନହୋ ଅଞ୍ଚଳରେ। ସମୁଦାୟ ୯ ଜଣ ଏଥିରେ ଜଡିତ ଥିବାବେଳେ ୮ ଜଣ ଗିରଫ ହୋଇଛନ୍ତି। ଏମାନେ ହେଲେ ଝାଡଖଣ୍ଡ ରାଜ୍ୟ ରାଞ୍ଚି ଜିଲ୍ଲାର ତାହିର ଅନସାରୀ, ଜୈସମ ଖାନ୍, ସାମିମ୍ ଅନସାରୀ, ବାସୁଦେବ ଗୋପେ(ଡ୍ରାଇଭର), ପିଣ୍ଟୁ ଉର୍ଫ ଆଲିମ୍, ସେରାଜ ଅନସାରୀ, କାମେଶ୍ୱର ଯାଦବ ଓ ମାଷ୍ଟର ମାଇଣ୍ଡ ଅନୁଜ କୁମାର। ଅନ୍ୟ ଜଣେ ଫେରାର ଅଛି। ଖୁବ୍ ଶୀର୍ଘ୍ର ତାକୁ ଧରିବାକୁ ପୁଲିସ ଉଦ୍ୟମ ଚଳାଇଛି। ରବିବାର ଦକ୍ଷିଣ ପଶ୍ଚିମାଞ୍ଚଳ ଆଇଜି ନୀତି ଶେଖର ସାମ୍ବାଦିକ ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି।

ମାଷ୍ଟରମାଇଣ୍ଡ ଝାଡ଼ଖଣ୍ଡ ଅନୁଜ ଏହି ଦେଶୀ ମଦଭାଟିରେ ପୂର୍ବରୁ କାମ କରୁଥିଲା। ୬ମାସ ହେବ କିନ୍ତୁ କୌଣସି କାରଣରୁ ବିଦା ହୋଇଥିଲା। ସେ ୧୫ଦିନ ଆଗରୁ ମଦଭାଟିରେ ଡକାୟତି କରିବା ପାଇଁ ଯୋଜନା କରି ଧର୍ମଗଡ଼ ଆସିଥିଲା। ଏଥିଲାଗି ସେ ତା ନିଜ ଅଞ୍ଚଳର ଅନେକ ଅପରାଧିକ କାର୍ଯ୍ୟରେ ଲିପ୍ତ କିଛି ଯୁବକଙ୍କୁ ସାମିଲ କରିଥିଲା। ୨୯ ତାରିଖ ମଧ୍ୟ ରାତିରେ ଝାଡ଼ଖଣ୍ଡର ଏକ ବୋଲେରୋ (ନଂ-ଜେଏଚ୧୦ଏପି ୪୮୧୭)ରେ ଦଳବଦ୍ଧ ହୋଇ ଏମାନେ ଧର୍ମଗଡ଼ରେ ପହଞ୍ଚିଥିଲେ। ମଦଭାଟି ପଛକୁ ଥିବା ବିଜୁ ଏକ୍ସପ୍ରେସ ରାସ୍ତାରେ ଗାଡି ରଖିଥିଲେ। ରାତି ପ୍ରାୟ ୧୧ରୁ ୧୧ଟା ୩୦ ଭିତରେ ମଦଭାଟି ପଛ ପଟ ପାଚେରୀ ଡେଇଁ ଭିତରକୁ ପ୍ରବେଶ କରିଥିଲେ। ମଦଭାଟିରେ ଲାଗିଥିବା ସିସିଟିଭି କ୍ୟାମେରାସବୁକୁ ପ୍ରଥମେ ଉପରମୁହାଁ କରିଦେଇଥିଲେ। କେହି ଜାଣିବା ଶୁଣିବା ପୂର୍ବରୁ ସମସ୍ତଙ୍କୁ ବନ୍ଧୁକ, ଧାରୁଆ ଅସ୍ତ୍ର ଓ ଛୁରା ଦେଖାଇ ଡରାଇ ଧମକାଇ ରଶି ସାହାଯ୍ୟରେ ସମସ୍ତଙ୍କୁ ଗୋଟି ଗୋଟି କରି ହାତକୁ ବାନ୍ଧିଦେଇଥିଲେ। ଯେହେତୁ ମାଷ୍ଟରମାଇଣ୍ଡ ଏହି ମଦଭାଟିର ପୂର୍ବ କର୍ମଚାରୀ; ତେଣୁ କେଉଁଠି ଟଙ୍କା ଥାଏ ସବୁ ତାକୁ ଜଣା ଥିଲା। ଏହା ତା ପାଇଁ ଡକାୟତି କରିବାରେ ଆହୁରି ସାହାଯ୍ୟ ହୋଇଥିଲା। ଭାଟିରେ ଥିବା ସବୁ ଟଙ୍କାକୁ ଧରି ଘଟଣାସ୍ଥଳରୁ ନିଜ ବୋଲେରୋରେ ଚମ୍ପଟ ମାରିଥିଲେ। କୌଣସି କାରଣ ବଶତଃ ଦୁଇ ଜଣ ଅପରାଧୀଙ୍କୁ ସେମାନେ ରାସ୍ତାରେ ଛାଡି ଚାଲିଯାଇଥିଲେ। ଏହି ଘଟଣା ପରେ ଭାଟି କର୍ମଚାରୀ ତୁରନ୍ତ ଧର୍ମଗଡ଼ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ଦୁଇ ଜଣ ପୁଲିସକୁ ଲିଫ୍ଟ ମାଗି ଫସିଯାଇଥିଲେ। ତେବେ ପୁଲିସ ଗାଡି ବୋଲି ଜାଣିବା ପରେ ଭୟରେ ଦୌଡ଼ି ପଳାଇଥିଲେ। ଏହାକୁ ନେଇ ପୁଲିସ ମନରେ ସନ୍ଦେହ ଉପୁଜିଥିଲା। ଗୋଡ଼ାଇ ଗୋଡ଼ାଇ ପୁଲିସ ଦୁହିଁଙ୍କୁ ଧରିଥିଲା। ଦୁଇ ଜଣକୁ ପଚରାଉଚରା ପରେ ଘଟଣା ଜଣାପଡ଼ିଥିଲା। ଏହାପରେ ଅନ୍ୟମାନଙ୍କୁ ଧରିବାକୁ ପୁଲିସ ଲାଗି ସହସ ହୋଇଥିଲା ବୋଲି ଆଇଜି କହିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ଅଭିଳାଷ ଜି, ସଦର ଏସଡିପିଓ ଆଦିନ୍ତ୍ୟ ମାନେ ବାବୁ ରାଓ, ଧର୍ମଗଡ଼ ଏସଡିପିଓ ମନୋଜ ବେହେରା, ଧର୍ମଗଡ଼ ଥାନା ଅଧିକାରୀ ଦାମୋଦର ବିହାରୀ ପ୍ରମୁଖ ଉପସ୍ଥିତ ଥିଲେ।



**ପୁଲିସକୁ ଲିଫ୍ଟ ମାଗି ଫସିଲେ**

# କଦଳୀ ଚାଷ ନେଇ ତାଲିମ ଶିବିର

**ଭବାନୀପାଟଣା, ୨।୨ (ସମିସ):** କଳାହାଣ୍ଡି ଜିଲ୍ଲାରକଲମପୁରରେ ଆଧୁନିକ ପ୍ରଣାଳି ଦ୍ୱାରା କଦଳୀ ଚାଷ ନେଇ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାଶକ୍ତି ଫାଉଣ୍ଡେସନ, ତ୍ରିଲୋକେଶ୍ୱର କୃଷକ ଉତ୍ପାଦକ କମ୍ପାନୀ ଓ ନାବାର୍ଡର ସହାୟତାରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ କିଷାନ ସ୍ମାର୍ଟ ଫାର୍ମିର ସଂସ୍ଥାପକ ବଳରାମ କିସାନ ତାଲିମଦାତା ଭାବରେ ଯୋଗଦେଇ ଆଧୁନିକ ପ୍ରଣାଳୀରେ କଦଳୀ ଚାଷ ବିଷୟରେ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ସ୍ଥାନୀୟ କୃଷକ ଅଂଶଗ୍ରହଣ କରିଥିଲେ।




ତ୍ରିଲୋକେଶ୍ୱର ଏଫପିଓର ପରିଚାଳନା ନିର୍ଦ୍ଦେଶକ ଶରତ ଚନ୍ଦ୍ର ମୁଣ୍ଡ ଯୋଗ ଦେଇଥିଲେ। ପ୍ରବୀଣ ସେନାପତି ଓ ତ୍ରିଲୋକେଶ୍ୱର କମ୍ପାନୀର ସିଇଓ ଅମିତ ନାଗ ପରିଚାଳନାରେ ସହଯୋଗ କରିଥିଲେ।

# କଳାହାଣ୍ଡି ଜିଲ୍ଲା ଷୋହୋଳ ଖଣ୍ଡ ଗୋପାଳ ସମାଜର ବାର୍ଷିକ ବୈଠକ

**ଭବାନୀପାଟଣା, ୨।୨ (ସମିସ):** ସ୍ଥାନୀୟ ଶିକ୍ଷକ ଭବନରେ କଳାହାଣ୍ଡି ଜିଲ୍ଲା ଷୋହଳ ଖଣ୍ଡ ଗୋପାଳ ସମାଜର ବାର୍ଷିକ ବୈଠକ ଅନୁଷ୍ଠିତ ହୋଯାଇଛି। ଜିଲ୍ଲା ସଭାପତି ଲୋକନାଥ ମହାଖୁଡ ସଭାପତିତ୍ୱ କରିଥିଲେ। ବୈଠକରେ ସମାଜ କିପରି ଶୃଙ୍ଖଳିତ, ଶିକ୍ଷିତ ଏବଂ ସାଂଗଠନିକ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। ହାସହ କିପରି ଯୁବପିଢି ଏବଂ ନାରୀମାନେ ଏକତ୍ରିତ ହୋଇ ସାମାଜିକ କାର୍ଯ୍ୟକ୍ରମରେ ଆଗେଇ ଆସି ନିଜ ସମାଜର ମଙ୍ଗ ଧରିବେ ସଭାପତି ତାଙ୍କ ମତ ପ୍ରକାଶ କରିଥିଲେ। ଏହି ସଭାରେ ଜିଲ୍ଲା ସମ୍ପାଦକ ମନୋଜ ମହାଖୁଡ଼ ସମାଜର ବିଭିନ୍ନ ସମସ୍ୟା ଏବଂ ତାର ପ୍ରସ୍ତାବ ରଖିଥିଲେ। ବୈଠକରେ ଜିଲ୍ଲା ଉପସଭାପତି ଦେବେନ୍ଦ୍ର ନାୟକ, କୋଷାଧ୍ୟକ୍ଷ ମଧୁସୂଦନ ମହାଖୁଡ, ଆଇନଜୀବୀ ରଘୁନାଥ ମହାଖୁଡ, ଲବକାନ୍ତ ମହାଖୁଡ, ବାବୁଲା ମାହାଖୁଡ, ଗଣେଶ ମହଖୁଡ, ଘାସିରାମ ମହାଖୁଡ, ସଡକିଆ ମହାଖୁଡ, ସୁରେଶ ମହାଖୁଡ଼, ନିରଞ୍ଜନ ମହାଖୁଡ, ପ୍ରଫୁଲ୍ଲ ମହାକଖୁଡ଼, ସମାଜର ନାରୀ ସଂଗଠନ ଏବଂ କଳାହାଣ୍ଡି ଜିଲ୍ଲାରୁ ଲାଞ୍ଜିଗଡ଼, ଗୋପାଳପୁର, ଗୋପିନାଥପୁର, ଦାମୋଦରପୁର, ଗଣନାଥପୁର, ଦୁଆରସୁନୀ ଗ୍ରାମ ସଭାପତି ଏବଂ ସମାଜର ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବଜେଟକୁ ନେଇ କମ୍ୟୁନିଷ୍ଟ ପାର୍ଟିର କ୍ଷୋଭ

**ଭବାନୀପାଟଣା, ୨।୨(ସମିସ):** ଭାରତୀୟ ସଂସଦରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀଥାରମଣ ଉପସ୍ଥାପନ କରିଥିବା କେନ୍ଦ୍ର ବଜେଟ ଉପରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓଡ଼ିଶା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ ଏକ ପ୍ରେସ ବିଜ୍ଞାପ୍ତି ମଧ୍ୟମରେ ପାର୍ଟି ପକ୍ଷରୁ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ଏହି ବଜେଟ ଭାରତୀୟ ଅର୍ଥ ବ୍ୟସ୍ଥା ମଧ୍ୟରେ କ୍ରମ ବର୍ଦ୍ଧିଷ୍ଣୁ ବେରୋଜଗାରୀ, ମୂଦ୍ରାସ୍ଫିତି, ମୂଲ୍ୟ ବୃଦ୍ଧି, ଆଞ୍ଚଳିକ ବୈଷମ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଅଣଦେଖା କରାଯାଇଛି। ଭାରତୀୟ ମୂଦ୍ରାର ମୂଲ୍ୟ ଡଲାର ତୁଳନାରେ କ୍ରମାଗତ ହ୍ରାସ ହୋଇ ଚାଲିବା, କ୍ରମ ବର୍ଦ୍ଧିଷ୍ଣୁ ବୈଦେଶିକ ଋଣ ଭାରରେ ଦେଶକୁ ବୁଡାଇ ଦେବାକୁ ମୋଦି ସରକାର ପଛାଇ ନାହିଁ। ସାମାଜିକ ସ୍ତରରେ ଅବହେଳିତ ବର୍ଗଙ୍କୁ ବଞ୍ଚିବାର ରାହା ଦେଖାଇଥିବା ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ ଅଣଦେଖା କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଦାରିଦ୍ର୍ୟ ଦୂରୀକରଣ ଆବଶ୍ୟକୀୟ ବ୍ୟୟବରାଦରେ ସରକାର ବିଫଳ ହୋଇଛନ୍ତି। ଦେଶର ଅର୍ଥନୀତିର ପ୍ରତ୍ୟେକ କ୍ଷେତ୍ରରେ ଘରୋଇକରଣ ଦେଶର ଅର୍ଥନୀତିକୁ ଧ୍ୱଂସ ମୁଖକୁ ଠେଲି ଦେବା ଭଳି ବ୍ୟବସ୍ଥା କରାଯାଇଛି। ବୀମା କ୍ଷେତ୍ର ବିଦେଶୀ କମ୍ପାନୀଙ୍କୁ ଶତକଡା ୧୦୦ ମାଲିକାନା ଦେଇ ଦେଶର ଜନଗଣଙ୍କୁ ଲୁଣ୍ଠନ ଓ ବୀମା ପ୍ରାପ୍ତି ବେଳେ ବିଦେଶୀ କମ୍ପାନୀ ପଳାୟନ ଭଳି ବିପଜ୍ଜନକ ଅବସ୍ଥା ସୃଷ୍ଟି କରିବ। ସାମାଜିକ ସୁରକ୍ଷା, ପେନସନ, କୃଷକଙ୍କୁ ଏମ୍‌ଏସପି ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବଜେଟରେ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନାହିଁ। ଏହି ବଜେଟ କେତେକ ବିଦେଶୀ ଓ ଦେଶୀ ରାହୁ ପୁଞ୍ଜିପତିଙ୍କ ଲୁଣ୍ଠନର ସାହାଣ ମେଲା କଲାବେଳେ ସାଧାରଣ ମଣିଷ ପାଇଁ ବୋଝ ଉପରେ ନଳିତା ବିଡା ଲଦି ଦିଆଯାଇଛି। ତେଣୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଏହି ବଜେଟ ବିରୋଧରେ ଶାଣିତ ପ୍ରତିବାଦ ଓ ପ୍ରତିରୋଧ କରିବା। ଜନଗଣଙ୍କ ସ୍ୱାର୍ଥ ରକ୍ଷା ପାଇଁଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତରରେ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନରେ ଜନଗଣ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି।

# ତପସ୍ୱିନୀ ପରିବାରର ପ୍ରତିଷ୍ଠା ଦିବସ




**ବୌଦ୍ଧ, ୨।୨(ସମିସ):** ନାରୀ ଶକ୍ତିର ଜାଗରଣ ପାଇଁ ଗଠନ ହୋଇଥିବା ତପସ୍ୱିନୀ ପରିବାରର ପ୍ରତିଷ୍ଠା ଦିବସ ସମାରୋହ ରିବାର ସନ୍ଧ୍ୟାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷୟତ୍ରୀ ନମ୍ରତା ସାହୁ, ଏଏନଏମ ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଜ୍ଞକ୍ଷ ପରିମିତକ୍ଷ ରଥ ଓ ମୁଖ୍ୟ ବକ୍ତା ଭାବେ ପ୍ରାଣୀ ଚିକିତ୍ସକ ଡ. ସଂଘମିତ୍ରା ପ୍ରମାଣିକ ପ୍ରମୁଖ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ନାରୀର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମାରୋହରେ ଜିଲ୍ଲା ସଂଯୋଜିକା ଗୀତାରାଣୀ ରାୟଚୌଧୁରୀ ଅଧ୍ୟକ୍ଷତା କରିଥିବାବେଳେ ସର୍ବବ୍ୟବସ୍ଥା ପ୍ରମୁଖ ରଶ୍ମିତା ହୋତା ସଂଯୋଜନା କରିଥିଲେ। ସହ ସଂଯୋଜିକା ସରିତା ମେହେର ଅତିଥି ପରିଚୟ ଓ ପ୍ରଣତି ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ବ୍ୟକ୍ତିଗତ ସଙ୍ଗୀତ ପୁଷ୍ପାଞ୍ଜଳି ସାହୁ ଓ ସାମୂହିକ ସଙ୍ଗୀତ ଆଶାରାଣୀ ମହାନ୍ତି, ସନ୍ତୋଷିନୀ ନାୟକ, ସୁନିତା ସାହୁ ପ୍ରମୁଖ ଗାନ କରିଥିଲେ।

### କୋକସରା ବ୍ଲକ୍ ପଛୁଆ ବର୍ଗର ମିଳିତ ବୈଠକ

# ଓବିସିଙ୍କ ହକ୍ ପାଇଁ ଦିଲ୍ଲୀରେ ଉଠିବ ସ୍ୱର



**କୋକସରା, ୨।୨(ସମିସ):** ଦେଶରେ ପଛୁଆବର୍ଗ ୫୨ ପ୍ରତିଶତରୁ ଅଧିକ। ଏମାନେ ଶିକ୍ଷା, ନିଯୁକ୍ତି, ଅର୍ଥନୈତିକ, ରାଜନୈତିକ ଭଳି ସବୁ କ୍ଷେତ୍ରରେ ଉପେକ୍ଷିତ। ସାମ୍ବିଧାନିକ ଅଧିକାର ହିସାବରେ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତଙ୍କୁ ସମଭାଗିଦାର ଭାବରେ ପଥ ସୁଗମ ହୋଇଛି; ହେଲେ ଜନ ସଂଖ୍ୟାର ୫୦ ପ୍ରତିଶତରୁ ଅଧିକ ପଛୁଆ ଜାତି ଏହି ଧାରାରୁ କେବଳ ୫ ପ୍ରତିଶତ ଉପକୃତ ହେଉଛନ୍ତି। ତେଣୁ ଯାହାର ଯେତେ ସଂଖ୍ୟା ତାହାର ସେତିକି ଭାଗ ରହିବା ଜରୁରୀ ରହିଛି। ପଛୁଆ ବର୍ଗର ହକ୍ ଏବଂ ଅଧିକାର ପାଇଁ ରଣନୀତି ପ୍ରସ୍ତୁତ ହେବ। କୋକସରା ମାଟିରୁ ଦିଲ୍ଲୀ ଦରବାରରେ ସ୍ୱର ଉଠିବ। ରବିବାର କୋକସରା ବ୍ଲକ ସଦର ମହକୁମା ଧାନ ମଣ୍ଡିଠାରେ ବ୍ଲକ ପଛୁଆ ବର୍ଗର (ଓବିସି) ମିଳିତ ବୈଠକରେ ଏହି ମତ ପ୍ରକାଶ ପାଇଛି। କୋକସରା ସଚେତନ କୃଷକ ମଞ୍ଚର ସଭାପତି ଚାଷୀ ନେତା ଶିବ ପ୍ରସାଦ ପ୍ରଧାନୀଙ୍କ ଆହ୍ୱାନ କ୍ରମେ ପଛୁଆ ବର୍ଗରେ ଆସୁଥିବା ୧୫ଟି ସମାଜର ସଭାପତି, ସମ୍ପାଦକ ସମେତ ଶତାଧିକ କର୍ମକର୍ତ୍ତା ବୈଠକରେ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ମୀନ କେତନ ପ୍ରଧାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ପୂର୍ବତନ ଧର୍ମଗଡ଼ ବିଧାୟକ ମୌଷଧି ବାଗ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, କୋଶଲିଆ ଗଉଡ଼ ସଭା ଜିଲ୍ଲା ସଭାପତି ମନୋଜ ନାଏକ, ପୂର୍ବତନ ସୁନାରୀ ସମାଜ ଜିଲ୍ଲା ସଭାପତି ବୁଟୁନାଥ ସରାବୁ, ଅବସର ପ୍ରାପ୍ତ ଶିକ୍ଷକ ଅଶୋକ ଦାସ, କଳାହାଣ୍ଡି କୋଶଲା ମାଲି ସମାଜର ଯୁଗ୍ମ ସମ୍ପାଦକ ଜୟହରୀ ପଟେଲ, ଭୁବନେଶ୍ୱର ପଟେଲ, ପଞ୍ଚକ ପୋଡ଼, ଧନସିଂ ବାଗ, କୋକସରା ଶୌଣ୍ଡିକ ସମାଜର ସଭାପତି ଅଶୋକ ସାହୁ, ବ୍ଲକ ଯାଦବ ସମାଜର ସଭାପତି ବିନୋଦ ରାଉତ, ପ୍ରକାଶ ଚନ୍ଦ୍ର ଚୈଧୁରୀ, ମନୀଜର ପୋଡ଼, ନିଳାମ୍ବର ବାରିକ, ଅଖିଳ ଚନ୍ଦ୍ର ସାହୁ, ଗଣେଶ ରାମ ସାହୁ, ପଣ୍ଡରା ମାଳି ସମାଜରୁ ନକୁଳ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ୧୬ ତାରିଖରେ ବଡ଼ ଧରଣର ସମାବେଶ ହେବା ନେଇ ବୈଠକରେ ଆଲୋଚନା କରାଯାଇଛି। ଏହି ବୈଠକରେ କୋକସରା ବ୍ଲକର ଓବିସି ବର୍ଗରେ ଆସୁଥିବା ବିଭିନ୍ନ ସମାଜର ଶତାଧିକ ଲୋକେ ଯୋଗ ଦେଇଥିଲେ।

### ବାଲି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି କଲମପୁର ଅଞ୍ଚଳ

# ବାଲିଶୂନ୍ୟ ହୋଇଯିବ ହାତୀନଦୀ



**କଲମପୁର, ୨।୨(ସମିସ)**

କଳାହାଣ୍ଡି ଜିଲ୍ଲା କଲମପୁର ଅଞ୍ଚଳ ବାଲି ମାଫିଆଙ୍କ ଚରାଭୂଇଁ ପାଲଟିଛି। ଏହା ଫଳରେ ଦୈନିକ ଶହ ଶହ ଟ୍ରିପ୍ ବାଲି ଦିନ ଦ୍ୱିପହରରେ ଚୋରା ଚାଲାଣ ହେବାରେ ଲାଗିଛି। ହାତୀନଦୀର ଦେପୁର, ମଣ୍ଡଳ, ସାନକୁଟ୍ଟ, ବଡକୁଟ୍ଟ, ପାତ୍ରବସା, ତେନ୍ତୁଳିଖୁଣ୍ଟି, ବଙ୍କାପଲା, ଟେମରା ଭଳି ଅନେକ ଘାଟୁ ବେଆଇନ ଭାବେ ବାଲି ଉତ୍ତୋଳନ ହେବାରେ ଲାଗିଛି। ଏହି ଅଞ୍ଚଳରୁ ଥୁଆମୂଳ ରାମପୁର, କାଶିପୁର, ଜୟପାଟଣା ନବରଙ୍ଗପୁର ଅଞ୍ଚଳକୁ ବାଲି ମାଫିଆ ଚୋରା ଚାଲାଣ କରି ବିପୁଳ ଅର୍ଥ ରୋଜଗାର କରୁଛନ୍ତି। ଏହାଦ୍ୱାରା ସରକାର ବିପୁଳ ପରିମାଣର ରାଜସ୍ୱ ହରାଇବାରେ ଲାଗିଛନ୍ତି। ହାତୀନଦୀ ଉପରେ ନବ ନିର୍ମିତ ହୋଇଥିବା ପାତ୍ରବସା ସେତୁ, ବିରିପୁର ସେତୁ, ଟେମରା ସେତୁ ନିକଟରୁ ବାଲି ଉଠାଣ ହେବା ଫଳରେ ସେତୁଗୁଡିକ ଅସୁରକ୍ଷିତ ହୋଇ ପଡୁଛି। ଅନେକ ସ୍ଥାନରେ ବାଲି ମାଫିଆ ନଦୀରୁ ବାଲି ଉଠାଇ ବିଭିନ୍ନ ସ୍ଥାନରେ ଗଚ୍ଛିତ ରଖି ପରବର୍ତ୍ତୀ ସମୟରେ ଚାଲାଣ କରୁଛନ୍ତି। ଧର୍ମକୁ ଆଖିଠାର ସଦୃଶ୍ୟ ଜିଲ୍ଲା ଖଣି ବିଭାଗ କାଁ ଭାଁ ଚଢାଉ କରୁଛି। ଏହା କିନ୍ତୁ ପର୍ଯ୍ୟାପ୍ତ ହେଉନାହିଁ। ଏହାଫଳରେ ଅନାୟାସରେ ଏହି ବ୍ୟବସାୟ ଚାଲୁ ରହିଛି। ହାତୀନଦୀର ବାଲି ଉତ୍କୃଷ୍ଟ ମାନର ହୋଇଥିବାରୁ ନିକଟବର୍ତ୍ତୀ ସମେତ ଦୂରଦୂରାନ୍ତରରେ ଏହି ବାଲିର ଚାହିଦା ଅଧିକ ରହିଛି। ବାଲିଘାଟଗୁଡିକ ରାଜସ୍ୱ ବିଭାଗ ଅଧୀନରେ ରହିଥିବା ବେଳେ ଘାଟ ଗୁଡିକ ନିଲାମ କରାଯାଇଥିଲା। ଦେପୁର ଘାଟ, ଖଣ୍ଡିଡଙ୍ଗରିଗୁଡା ଘାଟ, ମଣ୍ଡଳ ଘାଟ, ବଡକୁଟ୍ଟ ଘାଟ, କର୍ମେଲ ଡଙ୍ଗରିଗୁଡା ଘାଟ, ବିରିପୁର ଓ ତେନ୍ତୁଳିଖୁଣ୍ଟି ଘାଟ ନିଲାମ ହୋଇଥିଲା। ଏଗୁଡ଼ିକମଧ୍ୟରୁ କର୍ମେଲ ଡଙ୍ଗରିଗୁଡା ଘାଟର ଚୁକ୍ତି ଅବଧି ଅଛି। ଏହା ବ୍ୟତୀତ ପ୍ରାୟ ସମସ୍ତ ଘାଟ ବାଦବିବାଦରେ ରହିଛି। ଚୁକ୍ତି ନ କରି ଲିଜ୍ ନେଇଥିବା ଦର୍ଶାଇ ମାଫିଆ ବ୍ୟବସାୟ କରୁଛନ୍ତି। ଦେପୁର ଘାଟରେ ମେସିନ ଯୋଗେ ବାଲି ଉଠାଣ ହେଉଥିବା ବେଳେ ପାତ୍ରବସା ଘାଟରେ ଏକାଧିକ ଟ୍ରାକ୍ଟର ଦୈନିକ ବାଲି ବୋହିବାରେ ଲାଗିଛି। ତେବେ ଏ ନେଇ ଜିଲ୍ଲା ସହକାରୀ ଖଣି ଅଧିକାରୀ ମୁରଲୀଧର ନାଏକଙ୍କ ମତାମତ ଜାଣିବାକୁ ତାଙ୍କୁ ଫୋନ୍ କରାଯାଇଥିଲା। ସେ କିନ୍ତୁ ପୋନ୍ ରିସିଭ୍ କରି ନ ଥିଲେ। ଅନ୍ୟପକ୍ଷେ ଚାରା ଚାଲାଣ ସମ୍ପର୍କରେ ସୂଚନା ଦେବାକୁ ମଧ୍ୟ ଫୋନ କଲେ ଫୋନ ଉଠାଉ ନ ଥିବା ଅଭିଯୋଗ ହେଉଛି। ଏଣୁ ଖଣି ବିଭାଗର ପାରଦର୍ଶିତା ପଦାରେ ପଡ଼ିଛି।

**କୁମ୍ଭକର୍ଣ୍ଣ ନିଦ୍ରାରେ ଖଣି ବିଭାଗ**

**ସେତୁ ନିକଟରୁ ବାଲି ଉଠୁଥିବାରୁ ସୁରକ୍ଷାରେ ପ୍ରଶ୍ନ**

## ଗୀତାବାଣୀ

**ଶୁଚୌ ଦେଶେ ପ୍ରତିଷ୍ଠାପ୍ୟ ସ୍ଥିରମାସନମାତ୍ମନଃ ।**
**ନାତ୍ୟୁଚ୍ଛ୍ରିତଂ ନାତିନୀଚଂ ଚୈଳାଜିନକୁଶୋତ୍ତରମ୍ ॥**



ପବିତ୍ର ସ୍ଥାନରେ, ତଳଆଡୁ କ୍ରମଶଃ କୁଶାସନ, ମୃଗଚର୍ମ ଓ ବସ୍ତ୍ର ବିଛା ହୋଇଥିବା ଏବଂ ଅତି ଉଚ୍ଚ ଓ ଅତିନୀଚ ହୋଇ ନ ଥିବା ନିଜ ଆସନକୁ ସ୍ଥିର ଭାବେ ସ୍ଥାପନ କରିବା ।

ଷଷ୍ଠୋଽଧ୍ୟାୟ- ଶ୍ଲୋକ-୧୧

## ପ୍ରଶ୍ନୋତ୍ତର



୧. ମହର୍ଷି ବ୍ୟାସଦେବଙ୍କ ପୁତ୍ର କିଏ?
୨. ଦେବୀ ସରସ୍ୱତୀଙ୍କ ବାହନ କିଏ?
୩. ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁନାବେଶ ବର୍ଷକୁ କେତେଥର ହୁଏ ?
୪. ପୂର୍ଣ୍ଣକୁମ୍ଭ ମେଳା କେତେ ବର୍ଷରେ ଥରେ ଅନୁଷ୍ଠିତ ହୁଏ?
୫. ପାତାଳପୁରରେ ଭୀମ କାହାକୁ ବିବାହ କରିଥିଲେ?

**ଉତ୍ତର** (୧) ଶୁକମୁନି (୨) ହଂସ (୩) ୫ ଥର (୪) ୧୨ ବର୍ଷ (୫) ନାଗକନ୍ୟା

## ରୋଷେଇ ସ୍ଲାବ୍‌ରେ ରୁଟି ବେଲୁଥିଲେ...

ଆଜିକାଲି ମଡ୍ୟୁଲାର କିଚେନର ସ୍ଲାବ୍‌କୁ ହିଁ ଲୋକେ ରୁଟି ବେଲିବା ପାଇଁ ବ୍ୟବହାର କରୁଛନ୍ତି । ତେବେ ବେଲଣା ପେଡ଼ିର ସ୍ଥାନ ଏବେ ରୋଷେଇ ଘର ସ୍ଲାବ୍ ନେଇଛି । ବାସ୍ତୁଶାସ୍ତ୍ର ଅନୁସାରେ, ଏହି ସ୍ଥାନରେ ରୁଟି ବେଲିବା ଶୁଭ ନା ଅଶୁଭ, ସେ ସମ୍ପର୍କରେ ଜାଣିବା ।

ବାସ୍ତୁଶାସ୍ତ୍ର ଅନୁସାରେ, ରୋଷେଇରେ ବ୍ୟବହାର ହେଉଥିବା ବେଲଣା କାଠି ଓ ପେଡ଼ି ସୁଖ ଓ ସମୃଦ୍ଧି ଆଣିଥାଏ । ଏହାର ସମ୍ବନ୍ଧ ରାହୁ ଓ କେତୁଙ୍କ ସହିତ ବି ରହିଛି । ତେବେ ବେଲଣା ପେଡ଼ି ପରିବର୍ତ୍ତେ ସ୍ଲାବ୍ ଉପରେ ରୁଟି ବେଲିବା ଦ୍ୱାରା ଏହାର ପ୍ରଭାବ ଘରର ସୁଖ ଓ ସମୃଦ୍ଧି ଉପରେ ପଡ଼ିଥାଏ । ଏଣୁ ରୁଟି ଲାଗି ବେଲଣା ପେଡ଼ିକୁ ହିଁ ସର୍ବଦା ବ୍ୟବହାର କରିବା ଉଚିତ ।

## ମାଘ ସପ୍ତମୀ

**ସନାତନ ଧର୍ମୀୟ ଆଚରଣରେ ବୁଡ଼ର ଖୁବ୍ ମହତ୍ତ୍ୱ ରହିଛି । ଏଥିପାଇଁ ଗ୍ରହ ଓ ନକ୍ଷତ୍ରର ସ୍ଥିତି ବିଚାରରେ ତଥା ନିର୍ଦ୍ଦିଷ୍ଟ ତିଥିରେ ପବିତ୍ର ନଦୀରେ ଶ୍ରଦ୍ଧାଳୁମାନେ ସ୍ନାନ କରିଥାନ୍ତି । ବୁଡ଼ର ମାହାତ୍ମ୍ୟ ସମ୍ପର୍କରେ ପୁରାଣ ଶାସ୍ତ୍ରରେ ଅନେକ କଥା ବର୍ଣ୍ଣନା ରହିଛି । ବୁଡ଼ ଦ୍ୱାରା ପୁଣ୍ୟ ଅର୍ଜନ ହେଉଥିବା ବିଶ୍ୱାସରେ କାହିଁ କେଉଁ କାଳରୁ ଏହି ପରମ୍ପରା ଚାଲି ଆସିଛି । କୁମ୍ଭମେଳା ହେଉଛି ବୁଡ଼ ପରମ୍ପରାର ଏକ ଉଜ୍ଜ୍ୱଳତମ ନିଦର୍ଶନ । ଏହି ପରିପ୍ରେକ୍ଷୀରେ ଆମ ରାଜ୍ୟର ଚନ୍ଦ୍ରଭାଗା ତୀର୍ଥରେ ଅନୁଷ୍ଠିତ ହେଉଥିବା ମାଘ ସପ୍ତମୀ ବୁଡ଼କୁ ନେଇ ଏହି ଆଲେଖ୍ୟ ।**

ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର ଦେଖିବା ପାଇଁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ଗହଳି ଲାଗି ରହିଥାଏ । ଏହାର ଅନତି ଦୂରରେ ଅବସ୍ଥିତ ଚନ୍ଦ୍ରଭାଗା ତୀର୍ଥ ଦିନକ ପାଇଁ ମହିମାନ୍ୱିତ ହୋଇ ଉଠିଥାଏ । ସେହି ଦିନଟି ହେଉଛି ମାଘ ଶୁକ୍ଳ ସପ୍ତମୀ । ପ୍ରତିବର୍ଷ ଏହି ତିଥିରେ ହଜାର ହଜାର ଶ୍ରଦ୍ଧାଳୁ ହାଡ଼ଭଙ୍ଗା ଶୀତକୁ ଖାତିର ନ କରି ବୁଡ଼ ପକାଇଥାନ୍ତି । କିମ୍ବଦନ୍ତୀ ଅନୁସାରେ, ଗ୍ରହରାଜ ସୂର୍ଯ୍ୟଦେବ ଏହି ଦିନ ଜନ୍ମଗ୍ରହଣ କରିଥିବାରୁ ସ୍ନାନ ଓ ସୂର୍ଯ୍ୟ ଦର୍ଶନର ମହତ୍ତ୍ୱ ରହିଛି । ଏହିଦିନ ବୁଡ଼ ପକାଇଲେ ବିଭିନ୍ନ ରୋଗରୁ ଉପଶମ ଏବଂ ମାନସିକ ଶାନ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି ।

ସେଥିପାଇଁ ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲକ୍ଷ ଲକ୍ଷ ଭକ୍ତଙ୍କର ଏଠାରେ ସମାଗମ ହୋଇଥାଏ । ସ୍ଥାନୀୟ ଅଞ୍ଚଳର ଆରାଧ୍ୟ ଠାକୁର ତ୍ରିବେଣୀଶ୍ୱର, ଐଶାନେଶ୍ୱର ଓ ଦକ୍ଷିଣେଶ୍ୱରଙ୍କ ମହାସ୍ନାନ ପରେ ଶ୍ରଦ୍ଧାଳୁମାନେ ଚନ୍ଦ୍ରାଭାଗାରେ ବୁଡ଼ ପକାନ୍ତି । ଏହା ଚନ୍ଦ୍ରଭାଗା ମେଳା ନାମରେ ପ୍ରସିଦ୍ଧ । କୁହାଯାଏ, ଏହିମେଳା ଉପଲକ୍ଷେ ପୂର୍ବେ କୋଣାର୍କ ସୂର୍ଯ୍ୟ ମନ୍ଦିରରେ ପ୍ରତିଷ୍ଠିତ ସୂର୍ଯ୍ୟ ଏବଂ ଚନ୍ଦ୍ର ଗୋଟିଏ ବିମାନରେ ଚନ୍ଦ୍ରଭାଗା ତୀର୍ଥକୁ ଯାତ୍ରା କରୁଥିଲେ । ଏହି ପ୍ରତିମାଙ୍କ ସହ କୋଣାର୍କର ଅଷ୍ଟଶମ୍ଭୁ ଓ ଅଷ୍ଟଚଣ୍ଡୀ ମଧ୍ୟ ଯାଇଥାନ୍ତି । ବ୍ରହ୍ମପୁରାଣରେ ଏହା 'ସୌର ଗୁଣ୍ଡିଚା' ନାଁରେ ଖ୍ୟାତି ଲାଭ କରିଛି । ପରମ୍ପରା ଅନୁସାରେ, ଚନ୍ଦ୍ରଭାଗା ମେଳା ପଡ଼ିଆରେ ଷଷ୍ଠୀ ତିଥିରୁ ଶ୍ରଦ୍ଧାଳୁମାନେ ଶିବିର ପକାଇ ଥାନ୍ତି । ରାତିରେ ମାଟିହାଣ୍ଡିରେ ଶୁଖୁଆ ଡାଲମା, ଭାତ ରାନ୍ଧି ଏହାର କିଛି ଅଂଶକୁ ଅର୍କାସୁର ଉଦ୍ଦେଶ୍ୟରେ ସମର୍ପଣ କରିଥାନ୍ତି । ବଳକା ଅଂଶକୁ ନିଜେ ସେବନ କରନ୍ତି । ଏହାପରେ ମାଟିହାଣ୍ଡିକୁ ହାଣ୍ଡିଭଙ୍ଗା ପଡ଼ିଆରେ ଭାଙ୍ଗି ତୀର୍ଥ ପୁଷ୍କରିଣୀରେ ଭୋର ସମୟରେ ବୁଡ଼ ପକାଇ ଉଦୀତ ସୂର୍ଯ୍ୟଙ୍କୁ ପୂଜା କରିଥାନ୍ତି ।



ପୂର୍ବରୁ ଚନ୍ଦ୍ରଭାଗାକୁ ଗମନାଗମନର ଏତେଟା ସୁବିଧା ନ ଥିଲା । ଲୋକମାନେ ବହୁ ଦୂରଦୂରାନ୍ତରୁ ନିଜ ପରିବାର ସହ ଚନ୍ଦ୍ରଭାଗାରେ ବୁଡ଼ ଦେବାକୁ ଆସୁଥିଲେ । ବାଟସାରା ଥକ୍କା ମେଣ୍ଟାଇ ନିର୍ଦ୍ଦିଷ୍ଟ ଦିନ ଚନ୍ଦ୍ରଭାଗା ତୀର୍ଥରେ ପହଞ୍ଚୁଥିଲେ ଓ ବୁଡ଼ ପକାଇ ଫେରୁଥିଲେ । ଯା'ଆସରେ ସେମାନଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡୁଥିଲା । ଏହାକୁ ଲକ୍ଷ୍ୟ କରି ଓଡ଼ିଆରେ ଏକ ଲୋକପ୍ରିୟ ଢଗ ରହିଛି । ତାହା ହେଲା – "ସାତଥର ଯିବୁ ଗଙ୍ଗା । ଥରେ ଯାଇଥିବୁ ଚନ୍ଦରଭାଗା, ମୁହଁ ପଡ଼ିଯିବ ରଙ୍ଗା ।" ଅନ୍ୟପକ୍ଷରେ ଏକାମ୍ରକ୍ଷେତ୍ରରେ ଏହି ଅବସରରେ ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା ବି ଆରମ୍ଭ ହୋଇଥାଏ । ସାଧୁସନ୍ଥମାନଙ୍କ ଉପସ୍ଥିତି ଏବଂ ଶ୍ରଦ୍ଧାଳୁଙ୍କ ଆଗମନରେ ଖଣ୍ଡଗିରି ଚଳଚଞ୍ଚଳ ହୋଇଉଠେ ।

## କୁମ୍ଭମେଳାରୁ ଘରକୁ କ'ଣ ଆଣିବେ

ଉତ୍ତର ପ୍ରଦେଶର ତର୍ଥରାଜ ପ୍ରୟାଗରାଜରେ ଆରମ୍ଭ ହୋଇଛି ପ୍ରସିଦ୍ଧ କୁମ୍ଭମେଳା । ଗଙ୍ଗା ଯମୁନା ଓ ଅଦୃଶ୍ୟ ସରସ୍ୱତୀ ନଦୀର ମିଳନସ୍ଥଳ ତ୍ରିବେଣୀ ସଙ୍ଗମରେ ପବିତ୍ର ବୁଡ଼ ପକାଇବା ଲାଗି ବିଶ୍ୱର ବିଭିନ୍ନ ସ୍ଥାନରୁ ସନାତନ ଧର୍ମ ଉପରେ ଆସ୍ଥା ରଖୁଥିବା କୋଟି କୋଟି ଶ୍ରଦ୍ଧାଳୁଙ୍କ ଆଗମନ ଓ ପ୍ରତ୍ୟାଗମନ ଲାଗି ରହିଛି । ଚଳିତବର୍ଷ ୧୪୪ ବର୍ଷ ପରେ ଏପରି ବିରଳ ସଂଯୋଗ ପଡୁଥିବାରୁ ଏହି ଧାର୍ମିକ ମେଳାକୁ ଏଥର ମହାକୁମ୍ଭ କୁହାଯାଉଛି । ସେହି ହେତୁ କୁମ୍ଭମେଳାର ଗୁରୁତ୍ୱ ତଥା ମହତ୍ତ୍ୱ ବଢ଼ିଯାଇଛି । ସାଧାରଣତଃ ଶ୍ରଦ୍ଧାଳୁମାନେ ନିର୍ଦ୍ଦିଷ୍ଟ ତିଥିରେ ଅମୃତ ସ୍ନାନ ସାରି ଘରକୁ ଫେରିଥାନ୍ତି । ତେବେ କୁମ୍ଭମେଳାରୁ ଘରକୁ ଫେରିବା ବେଳେ ନିଜ ସହ କ'ଣ ଆଣିବେ, ସେକଥା ଅନେକ ଜାଣି ନାହାନ୍ତି ।

- ଗଙ୍ଗାକୂଳରୁ ପବିତ୍ର ମାଟି ଘରକୁ ଆଣନ୍ତୁ । ଏହି ମାଟିକୁ ତୁଳସୀ ଗଛ କିମ୍ବା ନାଲି କପଡ଼ାରେ ବାନ୍ଧି ଠାକୁର ଘରେ ରଖିପାରିବେ ।
- କୁମ୍ଭମେଳାରୁ ରୁଦ୍ରାକ୍ଷ କିମ୍ବା ତୁଳସୀ ମାଳା ଆଣିପାରିବେ । ଏହା ଦ୍ୱାରା ଘରୁ ନକାରାତ୍ମକ ଶକ୍ତି ଦୂର ଏବଂ ମନ ଶାନ୍ତ ରହେ ।
- ତ୍ରିବେଣୀରେ ସ୍ନାନ ପରେ ହନୁମାନ ମନ୍ଦିର ଯାଉଥିଲେ ତୁଳସୀ ଆଣନ୍ତୁ । ଏହି ତୁଳସୀକୁ ନାଲି କପଡ଼ାରେ ବାନ୍ଧି ଘରେ ରଖିଲେ ଶୁଭ ଫଳ ମିଳେ ।
- ତ୍ରିବେଣୀ କୂଳରୁ ପବିତ୍ର ଜଳକୁ ବୋତଲରେ ଭର୍ତ୍ତି କରି ଆଣନ୍ତୁ । ଏହାକୁ ପୂରା ଘରେ ସିଞ୍ଚନ କରନ୍ତୁ । ଏହାଦ୍ୱାରା ଘରକୁ ସୁଖ ଓ ସମୃଦ୍ଧି ଆସେ ।







## କାହିଁକି ଅଙ୍କନ କରାଯାଏ ଓଲଟା ସ୍ୱସ୍ତିକ

**କୌଣସି ଶୁଭ ତଥା ମାଙ୍ଗଳିକ କାର୍ଯ୍ୟରେ ସ୍ୱସ୍ତିକ ଚିହ୍ନ ଅଙ୍କନ କରିବା ଶୁଭ । ଏହା ସୁଖ, ଶାନ୍ତି ଏବଂ ସମୃଦ୍ଧିର ପ୍ରତୀକ । ତେବେ କିଛି ସ୍ଥାନରେ ଓଲଟା ସ୍ୱସ୍ତିକ ଅଙ୍କନ କରାଯାଏ । ଅବଶ୍ୟ ଏପରି ଓଲଟା ସ୍ୱସ୍ତିକ ପଛର କାରଣ ମଧ୍ୟ ରହିଛି ।**



ଜ୍ୟୋତିଷ ଶାସ୍ତ୍ର ଅନୁସାରେ, କେହି ଯଦି କଠିନ ପରିସ୍ଥିତି ଦେଇ ଗତି କରୁଥାନ୍ତି, ସେତେବେଳେ ଓଲଟା ସ୍ୱସ୍ତିକ ଅଙ୍କନ କରାଯାଏ । ଏହାଦ୍ୱାରା ମନୋବାଞ୍ଛା ପୂର୍ଣ୍ଣ ହେଉଥିବା ବିଶ୍ୱାସ ଅଛି । ତେବେ ମାନସିକ ପୂରଣ ହେଲେ ସିଧା ସ୍ୱସ୍ତିକ ଅଙ୍କନ କରାଯାଏ ।

ସେହିପରି ଧାର୍ମିକ ବିଦ୍ୱାନଙ୍କ ମତ ଅନୁସାରେ, ଓଲଟା ସ୍ୱସ୍ତିକ ଅଙ୍କନ କରିବା ଦ୍ୱାରା ଘର ତଥା ପରିବାରରୁ ନକାରାତ୍ମକ ଶକ୍ତି ଦୂର ହୋଇଥାଏ । ଓଲଟା ସ୍ୱସ୍ତିକକୁ ଘରେ ଅଙ୍କନ କରାଯାଏ ନାହିଁ । ଏହାକୁ କୌଣସି ତୀର୍ଥସ୍ଥାନ, ପବିତ୍ର ସ୍ଥାନ କିମ୍ବା ମନ୍ଦିରରେ କରାଯାଏ । ଏଥିପାଇଁ ପରିଷ୍କାର ଓ ସୁନ୍ଦର ଭାବେ ଅଙ୍କନ କରିବା ଉଚିତ । ଅନ୍ୟପକ୍ଷରେ ଇଚ୍ଛାପୂରଣ ପରେ ସେହି ସ୍ଥାନରେ ସିଧା ସ୍ୱସ୍ତିକ ଅଙ୍କନ କରିବା ଦରକାର ।

## ପାଦସ୍ପର୍ଶର ମହତ୍ତ୍ୱ

**ହିନ୍ଦୁ ଧର୍ମରେ ଜଣେ ବ୍ୟକ୍ତିର ଆଚରଣ ତଥା ଜୀବନଚର୍ଯ୍ୟାକୁ ନେଇ ଅନେକ ନୀତିନିୟମ ରହିଛି । ସେଥିରୁ ଅନ୍ୟତମ ପାଦସ୍ପର୍ଶ । ପାଦ ଛୁଇଁବା ସମ୍ମାନ ଦେବାର ପ୍ରତୀକ ଭାବେ ବିବେଚନା କରାଯାଏ । ଏଥିରେ ବଡ଼ଙ୍କଠାରୁ ଆଶୀର୍ବାଦ ମିଳିଥାଏ । ଅନ୍ୟପକ୍ଷରେ ପାଦ ବା ଚରଣ ସ୍ପର୍ଶରୁ ଗ୍ରହ ଦୋଷ ମଧ୍ୟ ଦୂର ହୋଇଥାଏ ବୋଲି କୁହାଯାଏ । ତେବେ କେଉଁ ଗ୍ରହର ଅଶୁଭ ଫଳରୁ ରକ୍ଷା ପାଇବା ପାଇଁ କାହାର ପାଦ ଛୁଇଁବା ଦରକାର, ସେ ସମ୍ପର୍କରେ ନିମ୍ନ ପ୍ରଦତ୍ତ ବିଷୟରୁ ଜାଣିବା ।**

- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, କୌଣସି ବ୍ୟକ୍ତିଙ୍କ ଜାତକରେ ସୂର୍ଯ୍ୟଙ୍କ ସ୍ଥିତି ଠିକ୍ ନ ଥିଲେ, ନିତିଦିନ ସେ ବାପାଙ୍କ ପାଦ ସ୍ପର୍ଶ କରିବା ଉଚିତ । ଏଭଳି କରିବା ଦ୍ୱାରା ସୂର୍ଯ୍ୟ ସମ୍ବନ୍ଧିତ ଶୁଭ ଫଳ ପ୍ରାପ୍ତି ହୁଏ ।
- ଜାତକରେ ଶୁକ୍ର ଗ୍ରହ ଅଶୁଭ ସ୍ଥିତିରେ ଥିଲେ, ଜୀବନରେ କୌଣସି ପ୍ରକାର ସୁଖ ମିଳି ନ ଥାଏ । ଏହାକୁ ଶୁଭ ସ୍ଥିତିକୁ ଆଣିବା ପାଇଁ ଭାଉଜଙ୍କ ପାଦଛୁଇଁ ପ୍ରଣାମ କରିବା ଉଚିତ ।
- ମଙ୍ଗଳ ଗ୍ରହର ସ୍ଥିତିକୁ ଠିକ୍ କରିବା ପାଇଁ ବଡ଼ ଭାଇଙ୍କ ପାଦ ଛୁଇଁବା ଭଲ ।
- ସେହିପରି ଭଉଣୀ ଓ ପିଉସୀଙ୍କ ପାଦଛୁଇଁ ପ୍ରଣାମ କରିବା ଦ୍ୱାରା ବୁଧ ଗ୍ରହ ସ୍ଥିତି ମଜଭୁତ ହୁଏ ।
- ବୃହସ୍ପତିଙ୍କ ଶୁଭ ଫଳ ପାଇବା ପାଇଁ ଗୁରୁ ଓ ବ୍ରାହ୍ମଣଙ୍କ ପାଦ ନିହାତି ସ୍ପର୍ଶ କରିବା ଉଚିତ । ଏଭଳି କରିବା ଦ୍ୱାରା ମନ ଧର୍ମ ଓ ଆଧ୍ୟାତ୍ମିକତାରେ ଲାଗେ ।
- ମା'ଙ୍କ ପାଦ ନିତିଦିନ ସ୍ପର୍ଶ କରିବା ହେଉଛି ହିନ୍ଦୁ ଧର୍ମର ପରମ୍ପରା । ପ୍ରତ୍ୟେକ ଦିନ ମା'ଙ୍କ ଚରଣ ସ୍ପର୍ଶ କରି ପ୍ରଣାମ କରିବା ଦ୍ୱାରା ଚନ୍ଦ୍ରଙ୍କ ସ୍ଥିତି ମଜଭୁତ ରହେ । ଫଳରେ ମାନସିକ ସ୍ଥିତି ଠିକ୍ ରହିଥାଏ ।



## ଜୀବନ ଦୌଡ଼ (ବୁଦ୍ଧ କଥା)

**ଗୌତମ ବୁଦ୍ଧଙ୍କ ମୂଲ୍ୟବାନ ବିଚାର, ଜ୍ଞାନ, ଉପଦେଶ ତଥା ନୀତିବାଣୀ ଦ୍ୱାରା ଲୋକଙ୍କ ଜୀବନ ବଦଳିଯାଏ । ସେଥିପାଇଁ ଜ୍ଞାନାଲୋକକୁ ଅଧିକ ଉଦ୍‌ଭାସିତ କରିବା ପାଇଁ ବୁଦ୍ଧଙ୍କ ବିଚାରଧାରାକୁ ଅବଶ୍ୟ ଆପଣାଇବା ଉଚିତ । ଏହି ପରିପ୍ରେକ୍ଷୀରେ ଜୀବନ ଦୌଡ଼କୁ ନେଇ ବୁଦ୍ଧଙ୍କର ଏକ ସୁନ୍ଦର ତଥା ଶିକ୍ଷଣୀୟ କଥା ନିମ୍ନରେ ପ୍ରଦତ୍ତ କରାଗଲା ।**

ଘଟଣାଟିଏ ଏମିତି- ଦିନେ ଗୌତମ ବୁଦ୍ଧ ନିଜ ଗୁରୁକୁଳରେ କିଛି ବାଳକଙ୍କୁ ଶିକ୍ଷା ପ୍ରଦାନ କରୁଥିଲେ । ତାଙ୍କ ଗୁରୁକୁଳରେ ଅନେକ ରାଜ୍ୟର ରାଜକୁମାରଙ୍କ ସହ ସାଧାରଣ ପରିବାରର ପିଲା ବି ସାମିଲ ଥିଲେ । ତେବେ ସେଦିନ ବର୍ଷ ବର୍ଷ ଧରି ଶିକ୍ଷା ଗ୍ରହଣ କରି ଆସୁଥିବା ବାଳକମାନଙ୍କର ଅନ୍ତିମ ଦିନ ଥିଲା । ସମସ୍ତେ ବଡ଼ ଉତ୍ସାହରେ ଘରକୁ ଫେରିବା ଲାଗି ପ୍ରସ୍ତୁତ ହେଉଥିଲେ ।

ତେବେ ଏହା ପୂର୍ବରୁ ବୁଦ୍ଧ ସମସ୍ତ ଶିଷ୍ୟଙ୍କୁ ନିଜ ପାଖକୁ ଡାକିଲେ । ସମସ୍ତ ଶିଷ୍ୟ ମଧ୍ୟ ତାଙ୍କ ସାମ୍ନାରେ ଆସି ଦଣ୍ଡାୟମାନ ହେଲେ । ବୁଦ୍ଧ ସେମାନଙ୍କୁ କହିଲେ, "ଆଜି ଏହି ଆଶ୍ରମରେ ତୁମ ସମସ୍ତଙ୍କର ଶେଷ ଦିନ । ମୋର ଇଚ୍ଛା, ଏହି ସ୍ଥାନ ଛାଡ଼ି ଯିବା ପୂର୍ବରୁ ସମସ୍ତେ ଗୋଟିଏ ଦୌଡ଼ରେ ସାମିଲ ହୁଅନ୍ତନି ! ଏହା ହେଉଛି ଏକ ବାଧା ଦୌଡ଼ । ଏଥିରେ କେଉଁଠି ଖାଲଢିପରେ ଦୌଡ଼ିବାକୁ ହେବ ତ ଆଉ କେଉଁଠି ପାଣିରେ ଦୌଡ଼ିବାକୁ ପଡ଼ିବ । ଏହିପରି ସମସ୍ତ ବାଧାକୁ ଅତିକ୍ରମ କରି ଶେଷରେ ଏକ ଅନ୍ଧାରୁଆ ସୁଡ଼ଙ୍ଗ ଦେଖାଯିବ । ଏହା ହିଁ ହେବ ଶେଷ ବାଧା । ଏହି ସୁଡ଼ଙ୍ଗ ପାର୍ କରିବା ପରେ ଦୌଡ଼ ପୂରା ହେବ । ଏବେ କ'ଣ ସେହି ଦୌଡ଼ରେ ଭାଗ ନେବାକୁ ତୁମେମାନେ ପ୍ରସ୍ତୁତ ଅଛ ତ?"

ସମସ୍ତ ଶିଷ୍ୟ ଏକସ୍ୱରରେ କହିଲେ, 'ହଁ', 'ଆମେ ସବୁ ପ୍ରସ୍ତୁତ ।' ଦୌଡ଼ ଆରମ୍ଭ ହେଲା । ସମସ୍ତେ ଜୋର୍‌ରେ ଦୌଡ଼ିଲେ । ସମସ୍ତ ବାଧାକୁ ଅତିକ୍ରମ କରି ଯେତେବେଳେ ସେମାନେ ଲକ୍ଷ୍ୟସ୍ଥଳ ସୁଡ଼ଙ୍ଗ ଭିତରକୁ ପ୍ରବେଶ କଲେ ବାଟରେ କିଛି ପଥର ପାଦରେ ବାଜିଲା । ଯଦିଓ ଅସହୀନୟ କଷ୍ଟ ସହିବାକୁ ପଡ଼ିଲା ସେମାନଙ୍କୁ, ତଥାପି ସେମାନେ ଯେନତେନ ଭାବେ ଦୌଡ଼ ପୂରା କରି ବୁଦ୍ଧଙ୍କ ପାଖରେ ଶେଷରେ ପହଞ୍ଚି ଗଲେ ।

ସେଇଠୁ ବୁଦ୍ଧ କହିଲେ, 'ତମମାନଙ୍କ ମଧ୍ୟରୁ କାହାକୁ ଦୌଡ଼ ପୂରା କରିବାକୁ ଅଧିକ ସମୟ ତ ଆଉ କାହାକୁ କମ୍ ସମୟ ଲାଗିଲା । ଏମିତି ହେଲା କାହିଁକି?' ବୁଦ୍ଧଙ୍କ ପ୍ରଶ୍ନର ଉତ୍ତର ଦେଇ ଜଣେ ଶିଷ୍ୟ ଚଟାପଟ କହିଲେ, 'ଆମେ ସମସ୍ତେ ଏକାଠି ଦୌଡୁଥିଲୁ । କିନ୍ତୁ ସୁଡ଼ଙ୍ଗରେ ପହଞ୍ଚିବା ପରେ ସ୍ଥିତି ବଦଳି ଗଲା । କିଛି ପିଲା ଅନ୍ୟକୁ ଧକ୍କା ଦେଇ ଆଗକୁ ଗଲେ ତ ଆଉ କିଛି ଧୀରେ ଧୀରେ ଆଗକୁ ବଢୁଥିଲେ । ଆଉ କିଛି ଜଣ ସୁଡ଼ଙ୍ଗ ବାଟରେ ପଡ଼ିଥିବା ପଥରକୁ ଉଠାଇ ପକେଟ୍‌ରେ ରଖୁଥାନ୍ତି । ଯେମିତି ସେମାନଙ୍କ ପରେ ଆସୁଥିବା ପିଲାକୁ ପଥର କଷ୍ଟ ସହିବାକୁ ପଡ଼ିବ ନାହିଁ! ତେଣୁ ଆମ ସମସ୍ତଙ୍କର ଦୌଡ଼ ଅଲଗା ଅଲଗା ସମୟରେ ପୂରା ହେଲା ।"

ଏହାପରେ ପଥର ଉଠାଇଥିବା ପିଲାଙ୍କୁ ବୁଦ୍ଧ ପଥର ଦେଖାଇବାକୁ କହିଲେ । ବୁଦ୍ଧ କହିଲେ, "ଏହା ସାଧାରଣ ପଥର ନୁହେଁ; ଏହା ହେଉଛି ଏକ ହୀରା ପଥର । ଏହାକୁ ଦେଖି ତମେମାନେ ଦ୍ୱନ୍ଦ୍ୱରେ ପଡ଼ିଯାଇଥିବ । ଏହି ହୀରାକୁ ମୁଁ ହିଁ ସୁଡ଼ଙ୍ଗରେ ପକାଇଥିଲି । ଏହି ହୀରା ମୋର ସେହି ଶିଷ୍ୟମାନଙ୍କ ପାଇଁ ପୁରସ୍କାର, ଯେଉଁମାନେ ଅନ୍ୟର କଥା ଚିନ୍ତା କରିଛନ୍ତି । ତେବେ ଏହି ଦୌଡ଼ ଜୀବନ ଦୌଡ଼କୁ ଦର୍ଶାଇଛି । କାରଣ ଜୀବନରେ କିଛି ନା କିଛି ପାଇବା ପାଇଁ ଏଠାରେ ପ୍ରତ୍ୟେକ ନିତିଦିନ ଦୌଡୁଛନ୍ତି । କିନ୍ତୁ ଜୀବନ ଦୌଡ଼ରେ ସେହିମାନେ ଆଗକୁ ବଢ଼ନ୍ତି, ଯେଉଁମାନେ ଅନ୍ୟ କଥା ଭାବନ୍ତି ଓ ଅନ୍ୟର ଭଲ ଚିନ୍ତା କରନ୍ତି ।'



## ପାଣି ଅପଚୟରୁ ବାସ୍ତୁଦୋଷ

**ଅନେକଙ୍କ ଘରେ ପାଣି ପାଇପ୍‌ରୁ ବୁନ୍ଦା ବୁନ୍ଦା ପାଣି ପଡୁଥାଏ । ଏହାଦ୍ୱାରା ଘରେ ବାସ୍ତୁଦୋଷ ବୃଦ୍ଧି ପାଏ ବୋଲି କୁହାଯାଏ । ଫଳରେ ଧନହାନି ହୋଇଥାଏ ।**

- ଧର୍ମ ଗ୍ରନ୍ଥରେ ପାଣିର ଅପବ୍ୟବହାର ବାବଦରେ ବି ଅନେକ କିଛି କୁହାଯାଇଛି । ଯେଉଁ ଘରେ ଜଳ ଅଯଥାରେ ନଷ୍ଟ ହୁଏ, ମା' ଲକ୍ଷ୍ମୀ ସେହି ଘରକୁ ଛାଡ଼ି ଚାଲି ଯାଆନ୍ତି । ଫଳରେ ଧନର ଅଭାବ ଦେଖାଦିଏ ।
- ପାଣି ହେଉଛି ଚନ୍ଦ୍ରର କାରକ । ଏହା ମନକୁ ନିୟନ୍ତ୍ରିତ କରିଥାଏ । ଯେଉଁ ଘରେ ପାଣିର ଅପଚୟ ହୁଏ, ସେଠାରେ ଚନ୍ଦ୍ରଦୋଷ ଯୋଗୁଁ ପରିବାର ଚିନ୍ତା ଓ ଅବସାଦରେ ରହନ୍ତି ।
- ଅଯଥାରେ ପାଇପ୍‌ରୁ ପାଣି ପଡ଼ିବା ପରିବାର ସଦସ୍ୟଙ୍କଠାରେ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦିଏ ।
- ସ୍କନ୍ଦପୁରାଣ ଅନୁସାରେ, ଯେଉଁମାନେ ପାଣିର ଅପଚୟ କରନ୍ତି, ସେମାନଙ୍କୁ ବ୍ରହ୍ମହତ୍ୟା ପାପ ଲାଗେ । ଏହାସହ ଏଭଳି ଲୋକ କେବେ ବି ସଂପନ୍ନ ହୋଇ ନ ଥାନ୍ତି । ସମ୍ପତ୍ତିର ଅଭାବ ତଥା ନିର୍ଦ୍ଧନତା ଦେଖାଦିଏ ।



## ରଣଜୀ ଟ୍ରଫିରେ ଓଡ଼ିଶାର ଲଜ୍ଜାଜନକ ପରାଜୟ

# ବିଶ୍ୱରେକର୍ଡ ସହ ସର୍ଭିସେସ୍‌ର ବିଜୟ




**କଟକ,୨।୨(ସମିସ):** ଟାଙ୍ଗୀ ସ୍ଥିତ ଡ୍ରିମସ ଗ୍ରାଉଣ୍ଡରେ ଖେଳାଯାଇଥିବା ଓଡ଼ିଶା ବିପକ୍ଷ ରଣଜୀ ଟ୍ରଫିର ଅନ୍ତିମ ଲିଗ୍‌ରେ ସର୍ଭିସେସ୍ ବିଶ୍ୱରେକର୍ଡ ସହ ବିଜୟ ହାସଲ କରିଛି। ଏଠାରେ ଓଡ଼ିଶା ପ୍ରଦତ୍ତ ୩୭୬ ରନ୍‌ର ଲକ୍ଷ୍ୟକୁ ପିଛା କରି ସର୍ଭିସେସ ମ୍ୟାଚ୍‌ର ଚତୁର୍ଥ ତଥା ଶେଷ ଦିନରେ କୌଣସି ୱିକେଟ ନ ହରାଇ ବିଜୟୀ ହୋଇଥିଲା। ଏହା ଫଳରେ ବିନା ୱିକେଟରେ ସର୍ଭିସେସ୍ ୱିକେଟ ନ ହରାଇ ପ୍ରଥମ ଶ୍ରେଣୀ କ୍ରିକେଟରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଥିଲା। ଅନ୍ୟ ପକ୍ଷରେ ୮୩.୫ ଓଭର ବୋଲିଂ କରି ମଧ୍ୟ ଓଡ଼ିଶା ଦଳ ଗୋଟିଏ ହେଲେ ୱିକେଟ ଅକ୍ତିଆର କରି ନ ପାରି ଲଜ୍ଜାଜନକ ପରାଜୟ ବରଣ କରିଛି। ଏହି ପରାଜୟ ସହ ଚଳିତ ସିଜନରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ୭ଟି ଲିଗ୍‌ରୁ ୨ଟି ବିଜୟ, ୩ଟି ପରାଜୟ, ଗୋଟିଏ ଡ୍ର ଏବଂ ଏକ ମ୍ୟାଚ ବାତିଲ ବଳରେ ଓଡ଼ିଶା ୧୭ ପଏଣ୍ଟ ହାସଲ କରି ଗ୍ରୁପ-ଏ ଟେବଲର ୫ମ ସ୍ଥାନରେ ରହିଛି।

ଏହି ମ୍ୟାଚ୍‌ର ତୃତୀୟ ଦିନରେ ଓଡ଼ିଶା ଦ୍ୱିତୀୟ ପାଳିରେ ୩୯୪ରନ କରିବା ଯୋଗୁଁ ସର୍ଭିସେସ ସମ୍ମୁଖରେ ୩୭୬ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଅସମାପ୍ତ ଦ୍ୱିତୀୟ ପାଳି ୪୬/୦ରୁ ଆଜି ବା ରବିବାର ସର୍ଭିସେସ ଖେଳ ଆରମ୍ଭ କରିଥିଲା। ଦୁଇ ଓପନର ସୂରଜ ବଶିଷ୍ଠ ଏବଂ ଶୁଭମ ରୋହିଲା ଓଡ଼ିଶା ହାତକୁ କୌଣସି ୱିକେଟ ଟେକି ନଦେଇ ସର୍ଭିସେସକୁ ବିଜୟୀ କରାଇଥିଲେ। ଶୁଭମ ଏଠାରେ କ୍ୟାରିୟରର ଶ୍ରେଷ୍ଠ ଇନିଂସ ଖେଳିଥିଲେ। ୨୭୦ବଲରୁ ୩୦ଟି ଚୌକା ବଳରେ ୨୦୯ରନ କରିଥିଲେ। ପ୍ରଥମଶ୍ରେଣୀ କ୍ରିକେଟରେ ଏହା ତାଙ୍କର ସର୍ବାଧିକ ସ୍କୋର। ପଦାର୍ପଣ ରଣଜୀ ସିଜନ ଖେଳୁଥିବା ସୂରଜ ବଶିଷ୍ଠ ମଧ୍ୟ ପ୍ରଥମ ଶତକୀୟ ଇନିଂସ ଖେଳିଥିଲେ। ସେ ୨୪୬ବଲରୁ ୧୫ଟି ଚୌକା ଏବଂ ଗୋଟିଏ ଛକା ବଳରେ ଅପରାଜିତ ୧୫୪ରନ କରିଥିଲେ। ତେବେ ଆଜି ଖେଳର ଅନ୍ତିମ ଦିବସରେ ତାପସ ଦାସ ଆହତ ଜନିତ ସମସ୍ୟାରୁ ବୋଲିଂ କରି ପାରିନଥିବା ଜଣାପଡ଼ିଛି। ଏହା ସତ୍ତ୍ୱେ ଓଡ଼ିଶା ଗୋଟିଏ ହେଲେ ୱିକେଟ ଅକ୍ତିଆର କରି ନ ପାରିବା ଦଳର ବୋଲିଂ ଦୁର୍ବଳତାକୁ ପଦାରେ ପକାଇଦେଇଛି। ରାଜେଶ ମହାନ୍ତି, ସୁନୀଲ ରାଉଳ, ସୁମିତ ଶର୍ମାଙ୍କ ବୋଲିଂ ଏଠାରେ କାମ ଦେଇ ନ ଥିଲା। ଗୋବିନ୍ଦ ପୋଦ୍ଦାର ଓ ସ୍ୱସ୍ତିକ ସାମଲ କାମଚଳା ବୋଲର ଭାବେ ପ୍ରଭାବ ପକାଇଥିଲେ ମଧ୍ୟ ଏଠାରେ କାହାରିକୁ ଆଉଟ କରିବାରେ ସମର୍ଥ ହୋଇ ନ ଥିଲେ।

# କିଟ୍, କିସ୍ ବିଶ୍ୱବିଦ୍ୟାଳୟକୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସଂଘର ପ୍ରଶଂସା

**ଭୁବନେଶ୍ୱର,୨।୨(ସମିସ):** ଏକ ଉଲ୍ଲେଖନୀୟ ଘଟଣା କ୍ରମରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସଂଘ(ସିଜିଏଫ୍)ର ପଦାଧିକାରୀମାନେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟକୁ ଭୂୟସୀ ପ୍ରଶଂସା କରିଛନ୍ତି। ସିଜିଏଫ୍ ସଭାପତି କ୍ରିସ ଜେନକିନ୍ସ ଓବେ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୋଟି ସାଡଲେର ଓ କେନ୍ଦ୍ର କ୍ରୀଡ଼ା ଓ ଯୁବବ୍ୟାପାର ଯୁଗ୍ମ ସଚିବ ଶ୍ରୀ କୁନାଲ ଓଡ଼ିଶା ଗସ୍ତରେ ଆସି କିଟ୍ ଓ କିସ୍‌ରେ ଥିବା ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମୀକୁ ପ୍ରଶଂସା କରିଛନ୍ତି। କିଟ୍ ଓ କିସ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଏହି ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସ୍ୱାଗତ କରିଥିଲେ ଓ କ୍ୟାମ୍ପସ୍‌ରେ ଥିବା ସବୁ କ୍ରୀଡ଼ା କମ୍ପ୍ଲେକ୍ସକୁ ବୁଲି ଦେଖାଇଥିଲେ। ଏହି କ୍ରମରେ କ୍ୟାମ୍ପସ-୧୨ରେ ଥିବା ବ୍ୟାଡ୍‌ମିଣ୍ଟନ ଏକାଡେମୀ, କ୍ୟାମ୍ପସ-୮ରେ ଥିବା ଲନ୍ ଟେନିସ ଏକାଡେମୀ, ବିଶ୍ୱନାଥନ ଆନନ୍ଦ ଅନ୍ତର୍ଜାତୀୟ ଚେସ୍ ହଲ, ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ, ମୀନତି ମହାପାତ୍ର ଭେଲୋଡ୍ରମ ଓ ଦୂତୀ ଚାନ୍ଦ ଆଥଲେଟିକ ଷ୍ଟାଡିୟମ ଅଧିକାରୀମାନେ ବୁଲି ଦେଖିଥିଲେ।

## ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍

# ଟାଇଟଲ୍ ବଜାୟ ରଖିଲା ଭାରତ



**କ୍ୱାଲାଲମ୍ପୁର,୨।୨(ଏଜେନ୍ସି):** ମାଲେସିଆରେ ଖେଳାଯାଇଥିବା ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣରେ ଭାରତ ଟାଇଟଲ ହାସଲ କରିଛି। ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଭାରତ ୫୨ ବଲ ବାକିଥାଇ ୯ ୱିକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି କ୍ରମାଗତ ଦ୍ୱିତୀୟଥର ପାଇଁ ଚାମ୍ପିଅନ ହୋଇଛି। ପୂର୍ବରୁ ୨୦୨୩ରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ଭାରତ ୭ ୱିକେଟରେ ଇଂଲଣ୍ଡକୁ ପରାସ୍ତ

### ଦକ୍ଷିଣ ଆଫ୍ରିକାକୁ ୯ ୱିକେଟରେ ହରାଇଲା

କରି ବିଶ୍ୱକପ୍‌ର ପ୍ରଥମ ଟାଇଟଲ ଅର୍ଜନ କରିଥିଲା। ଟୁର୍ଣ୍ଣାମେଣ୍ଟର ସମସ୍ତ ୭ଟି ଯାକ ମ୍ୟାଚ୍ ଜିତି ଭାରତ ଅପରାଜେୟ ରହିଛି ନିଜର ପ୍ରଭୁତ୍ୱ ଜାହିର କରିଛି। ନିକ୍କି ପ୍ରସାଦଙ୍କ ନେତୃତ୍ୱାଧୀନ ଭାରତ ୱେଷ୍ଟଇଣ୍ଡିଜକୁ ୯ ୱିକେଟରେ, ମାଲେସିଆକୁ ୧୦ ୱିକେଟରେ, ଶ୍ରୀଲଙ୍କାକୁ ୬୦ ରନରେ, ବାଂଲାଦେଶକୁ ୮ ୱିକେଟରେ, ସ୍କଟଲାଣ୍ଡକୁ ୧୫୦ ରନରେ ଓ ଶେଷରେ ସେମିଫାଇନାଲରେ ଇଂଲଣ୍ଡକୁ ୯ ୱିକେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଭାରତୀୟ ଓପନର ତ୍ରିଶା ଗଙ୍ଗାଡି ଫାଇନାଲରେ ୩୩ ବଲ ଖେଳି ଅପରାଜିତ ୪୪ ରନ ଓ ୧୫ ରନ ଦେଇ ୩ ୱିକେଟ ଅକ୍ତିଆର କରିବା ସହ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ସେ ସାରା ବିଶ୍ୱକପ୍‌ରେ ୩୦୯ ରନ ସଂଗ୍ରହ କରିବା ସହ ୭ ୱିକେଟ ନେଇ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।




ତ୍ରିଶା ଗଙ୍ଗାଡି ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ସିରିଜ୍

ସ୍ଥାନୀୟ ବେୟୁମାସ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮୨ ରନକରି ଅଲଆଉଟ୍ ହୋଇଥିଲା। ଜବାବରେ ଭାରତ ୧୧.୨ ଓଭରରେ ଗୋଟିଏ ୱିକେଟ ହରାଇ ୮୪ ରନକରି ବିଜୟୀ ହୋଇଥିଲା। ଜି କମଲିନୀ ୮ ରନକରି ଏକମାତ୍ର ବ୍ୟାଟର ଭାବେ କେଲା ରେନେକେ ଦ୍ୱାରା ଆଉଟ ହୋଇଥିଲେ। ତ୍ରିଶା ୪୪ ଓ ସନିକା ଚଲ୍‌କେ ୨୬ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ତରଫରୁ ଓପନର ଜେମା ବୋଥା ସର୍ବାଧିକ ୧୬ ରନ ସଂଗ୍ରହ କରିଥିବା ବେଳେ ବାକି ୭ ବ୍ୟାଟର ଦୁଇଅଙ୍କ ଛୁଇଁ ପାରି ନଥିଲେ। ବୋଲିଂରେ ଭାରତ ପାଇଁ ତ୍ରିଶା ୩, ପାରୁଣିକା ସିସୋଦିଆ, ଆୟୁଷୀ ଶୁକ୍ଳା ଓ ବୈଷ୍ଣବୀ ଶର୍ମା ୨ଟି ଲେଖାଏ ୱିକେଟ ନେଇଥିଲେ। ବିସିସିଆଇ ଚାମ୍ପିଅନ ଭାରତୀୟ ଦଳକୁ ୫ କୋଟି ପୁରସ୍କାର ରାଶି ଘୋଷଣା କରିଛି।

# ରାଜ୍ୟ ଓପନ ଚେସ୍ ଜିତିଲେ ପ୍ରାଂଶୁ

**ଭୁବନେଶ୍ୱର,୨।୨(ସମିସ):** ଭୁବନେଶ୍ୱର ଏପିଜେ ପବ୍ଲିକ୍ ସ୍କୁଲର ପ୍ରାଂଶୁ ଦାସ ସପ୍ତମ ବନବିହାରୀ ପଟ୍ଟନାୟକ ରାଜ୍ୟ ଓପନ ଚେସ୍ ଚାମ୍ପିଅନ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପ୍ରାଂଶୁ ଏକାକୀ ସର୍ବାଧିକ ୫ ପଏଣ୍ଟ ପାଇ ଟାଇଟଲ କବ୍‌ଜା କରିଥିଲେ। ସାଲେପୁର ରାଘବପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଆଦିତ୍ୟ ଲାହା ରନର୍ସ ଅପ୍, ଏପିଜେର ନିଶାଦ ସେନାପତି ତୃତୀୟସ୍ଥାନ ଅଧିକାର କରିଛନ୍ତି। କଳିଙ୍ଗ ନଗର ଡିଏଭିର ଆୟାଂଶ ଯୋଶି ଚତୁର୍ଥ ଓ ଓମ୍ ସ୍ୱରୂପ ପତି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ କମଳା ଏଣ୍ଟରପ୍ରାଇଜର୍ସର ଏମ୍‌ଡି ମାନସ ମହାନ୍ତି ଓ ରୟାଲ ପବ୍ଲିକ୍ ସ୍କୁଲର ଉପାଧ୍ୟକ୍ଷା ପ୍ରଜ୍ଞାପାରମିତା ସାହୁ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲାବେଳେ ଆନନ୍ଦ ପଟ୍ଟନାୟକ, ନିବେଦିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



# ଟିଲୋ କପ୍‌ର ବିଜେତାଙ୍କୁ ମିଳିବ ୫ ଲକ୍ଷ ଟଙ୍କା




**ଭୁବନେଶ୍ୱର, ୨।୨ (ସମିସ):** ରାଜ୍ୟର ଅନ୍ୟତମ ସର୍ବପୁରାତନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଟିଲୋ କପ୍‌ର ୨୯ତମ ସଂସ୍କରଣ ଚଳିତଥର ନିଆରା ଢଙ୍ଗରେ ଆରମ୍ଭ ହେବାକୁ ଯାଉଛି। ଭଦ୍ରକ ଟିଲୋସ୍ଥିତ ହନୁମାନଜୀଉ ମିନି ଷ୍ଟାଡିୟମରେ ୩୫ ବର୍ଷ ତଳୁ ଆରମ୍ଭ ହୋଇଥିବା ଏହି କ୍ରିକେଟ୍ ପ୍ରତିଯୋଗିତାରେ ଏଥର ରଣଜୀ ଟ୍ରଫି, ଭାରତ-ଏ ଓ ଆଇପିଏଲ୍ ଖେଳିଥିବା ଏକାଧିକ ଖେଳାଳିଙ୍କୁ ଦେଖିବାକୁ ମିଳିବ। ଫେବୃଆରୀ ୭ରୁ ଚଳିତ ସଂସ୍କରଣ ଆରମ୍ଭ ହୋଇ ୧୬ରେ ଉଦ୍‌ଯାପିତ ହେବ। ଲିଗ୍ ଓ ନକ୍‌ଆଉଟ୍ ଭିତ୍ତିରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ଦେଶର ୮ଟି ଗୋଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳଗୁଡ଼ିକ ହେଲା ଦୁଇଥରର ବିଜେତା କାନାରା ବ୍ୟାଙ୍କ (ବେଙ୍ଗାଲୁରୁ), ଇଣ୍ଡିଆନ ଅଏଲ୍ (ମୁମ୍ବାଇ), ୱଣ୍ଡର ସିମେଣ୍ଟ (ରାଜସ୍ଥାନ), ଏସ୍‌ପିଜେ କାର୍ଗୋ (ଦିଲ୍ଲୀ), ସାପିଏନ୍ସ (ଗୁରଗାଁଓ), ଜେମି ସ୍ପୋର୍ଟ୍ସ (ଉତ୍ତରପ୍ରଦେଶ), ଲାଇଟିଂ ଲିଜେଣ୍ଡସ (ଚଣ୍ଡିଗଡ଼)। ଓଡ଼ିଶାରୁ ଏକମାତ୍ର ଦଳ ଭାବେ କଟକର ୟୁନିୟନ ସ୍ପୋର୍ଟିଂ ଏଥିରେ ଭାଗନେବ। ଚାମ୍ପିଅନ ଦଳକୁ ଟ୍ରଫି ସହ ୫ ଲକ୍ଷ ଟଙ୍କା ଏବଂ ରନର୍ସଅପ୍ ଦଳକୁ ୨.୫ ଲକ୍ଷଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ଟିଲୋ ଆଥ୍‌ଲେଟିକ ସଂଘର ସଭାପତି ଲକି ସ୍ୱାଇଁ ରବିବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏହି ଅବସରରେ ଚଳିତ ସଂସ୍କରଣର ଟ୍ରଫି ଓ ସଙ୍ଗୀତ ଉନ୍ମୋଚିତ ହୋଇଥିଲା। ୨୦୦୨ ସଂସ୍କରଣରେ ଖଡ଼ଗପୁର ସେରସା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ମହେନ୍ଦ୍ର ସିଂହ ଧୋନିଙ୍କ ନାମରେ ଟ୍ରଫିକୁ ରଙ୍ଗ କରାଯାଇଛି। ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓଏସ୍‌ଜା)ର ସମ୍ପାଦକ ସୁରେଶ ସ୍ୱାଇଁ ଅତିଥିଭାବେ ଯୋଗଦେଇ ଟ୍ରଫି ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ମଥ ରାଉଳ, ସଂଗ୍ରାମ ଜେନା, ଅଭିମନ୍ୟୁ ଲେଙ୍କା, ପ୍ରବୀଣ ଚୌଧୁରୀ, ଧରଣୀଧର ବିଶ୍ୱାଳ, ଇଂ ପ୍ରଶାନ୍ତ ପୃଷ୍ଟି ପ୍ରମୁଖ ଆୟୋଜକ ସଂଘର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## କୋଲ୍ ଇଣ୍ଡିଆର ୫୦ ବର୍ଷ ପୂର୍ତ୍ତି

# କୋଲ୍ ଇଣ୍ଡିଆ ଭୁବନେଶ୍ୱର ହାଫ୍ ମାରାଥନ୍ ମାର୍ଚ୍ଚ ୨ରେ

**ଭୁବନେଶ୍ୱର,୨।୨(ସମିସ):** ଆସନ୍ତା ମାସ ୨ ତାରିଖରେ ମହାନଦୀ କୋଲ୍ ଫିଲ୍ଡ (ଏମ୍‌ସିଏଲ୍) ଆନୁକୂଲ୍ୟରେ ଆୟୋଜନ ହେବା କୋଲ୍ ଇଣ୍ଡିଆ ଭୁବନେଶ୍ୱର ହାଫ୍ ମାରାଥନର ପ୍ରଥମ ସଂସ୍କରଣ। କୋଲ୍ ଇଣ୍ଡିଆର ୫୦ ବର୍ଷ ପୂର୍ତ୍ତି ପାଳନ ପାଇଁ ଏହି ହାଫ୍ ମାରାଥନ ଆୟୋଜନ ହେବା ବୋଲି ଏମ୍‌ସିଏଲ୍ ତରଫରୁ ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଏହି ଅବସରର ଏମ୍‌ସିଏଲ୍ ନିର୍ଦ୍ଦେଶକ (ବ୍ୟକ୍ତିଗତ) କେଶବ ରାଓ ଯୋଗଦେଇ ମାରାଥନର ଲୋଗୋ ଓ ଜର୍ସି ଉନ୍ମୋଚିନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ରାଓଙ୍କ ସମେତ କମ୍ପାନୀ ଜିଏମ୍ ୱେଲଫେୟାର ସନ୍ଦୀପ କୁମାର ଶାହା, ଜିଏମ୍ ଭୁବନେଶ୍ୱର ସମୀର କୁମାର ଦାଶ, ଡିଜିଏମ୍ ଫାଇନାନ୍ସ ପ୍ରଶନଜିତ ଘୋଷ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଉପ ସଚିବ ପଦ୍ମଚରଣ ସାହୁ ଉପସ୍ଥିତ ଥିଲେ।




ଲୋଗୋ, ଜର୍ସି ଉନ୍ମୋଚିତ

### ମୋଟ ୪୫.୩୪ ଲକ୍ଷ ଟଙ୍କାର ପୁରସ୍କାର ରାଶି

ଏହି ମାରାଥାନର ମୋଟ୍ ପୁରସ୍କାର ରାଶି ୪୫.୩୪ ଲକ୍ଷ ଟଙ୍କା ରଖାଯାଇଛି। ଏଥିରେ ଛୋଟ ପିଲା ଓ ପରିବାର ଓ ବରିଷ୍ଠ ନାଗରିକଙ୍କ ପାଇଁ ୧.୫ କିମିର ଫନ୍ ରନ୍ ଆୟୋଜନ ହେବ। ଉଭୟ ପୁରୁଷ ଓ ମହିଳା ବର୍ଗରେ ମାରାଥନ ଆୟୋଜନ ହେବ। ପୁରୁଷ ଓ ମହିଳା ରେସ୍ ପାଇଁ ସମାନ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ୫, ୧୦ କିମି ବିଶିଷ୍ଟ ଟାଇମ ରନ ସହ ୨୧ କିମି ଦୂରତା ବିଶିଷ୍ଟ ହାଫ୍ ମାରାଥନ ମଧ୍ୟ ଆୟୋଜନ ହେବ। କଳିଙ୍ଗ ଷ୍ଟାଡୟମରୁ ଆରମ୍ଭ ହୋଇ ଏଠାରେ ହିଁ ଶେଷ ହେବ। ୧୮ରୁ ୨୯ ବର୍ଷ ବୟସ ବର୍ଗ, ୩୦ରୁ ୪୫ ବର୍ଷ ବୟସ ବର୍ଗ, ୪୬ରୁ ୫୯ ଏବଂ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ ବର୍ଗରେ ମାରାଥନ ଆୟୋଜନ ହେବ। ସବୁ ବୟସ ବର୍ଗ ରେସ୍‌ର ପ୍ରଥମ ସ୍ଥାନ ଅଧିକାର କରିବାକୁ ଥିବା ପ୍ରତିଯୋଗୀଙ୍କୁ ୩ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ ୨ ଲକ୍ଷ ୫୦ ହଜାର, ତୃତୀୟ ସ୍ଥାନ ପାଇଁ ୨ ଲକ୍ଷ, ଚତୁର୍ଥ ସ୍ଥାନ ପାଇଁ ୧ ଲକ୍ଷ ୫୦ ହଜାର ଓ ୫ମ ସ୍ଥାନ ଅଧିକାର କରିବାକୁ ଥିବା ଖେଳାଳିଙ୍କୁ ଏକ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ମାରଥାନରେ ଅଂଶଗ୍ରହଣ କରିବା ପାଇଁ ରେଜିଷ୍ଟ୍ରେସନ ଆରମ୍ଭ ହୋଇ ସାରିଛି।. www.coalindiabhubasnewarhalfmarathon.inରେ ରେଜିଷ୍ଟ୍ରେସନ କରିହେବ। ଏହି ରେସ୍‌ର ପ୍ରମୋସନ ପାଇଁ ସମ୍ବଲପୁର, କୋଲକାତା, ରାଉରକେଲା ଓ ପୁରୀରେ ଆକ୍ଟିଭେସନ ରନ୍‌ର ଆୟୋଜନ କରାଯିବ ବୋଲି କୁହାଯାଇଥିଲା।

# ସୁଖରାମଙ୍କ ନେତୃତ୍ୱରେ ଖେଳିବ ଓଡ଼ିଶା



ନାଗେଶ ଟ୍ରଫି ସୁପର୍-୮

**ଭୁବନେଶ୍ୱର, ୨।୨ (ସମିସ):** ଜାତୀୟ ଦୃଷ୍ଟିହୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ନାଗେଶ ଟ୍ରଫିର ସୁପର୍-୮ ପର୍ଯ୍ୟାୟ ସୋମବାରଠାରୁ ବାଙ୍ଗାଲୋରଠାରେ ଆରମ୍ଭ ହେବ। ଏଥିଲାଗି ସୁଖରାମ ମାଝୀଙ୍କ ନେତୃତ୍ୱରେ ୧୬ ଜଣିଆ ଓଡ଼ିଶା ଦଳ ରବିବାର ବାଙ୍ଗାଲୋରରେ ପହଞ୍ଚିଛି। ପୂର୍ବରୁ ଲିଗ୍ ପର୍ଯ୍ୟାୟରେ ଶ୍ରେଷ୍ଠ ପ୍ରଦର୍ଶନ କରି ଓଡ଼ିଶା ସୁପର୍-୮ରେ ସ୍ଥାନ ପକ୍କା କରିସାରିଥିଲା। ରାଜ୍ୟ ଦୃଷ୍ଟିହୀନ କ୍ରିକେଟ୍ ସଂଘ 'କାଭି' ଓ କ୍ରୀଡ଼ା ବିଭାଗର ସହଯୋଗରେ ଓଡ଼ିଶା ଦଳ ଗତ ୧୨ ଦିନ ଧରି ହାଇଟେକ୍ ମେଡିକାଲ ଗ୍ରାଉଣ୍ଡରେ ଅଭ୍ୟାସ ଜାରି ରଖିଥିଲା। ସୁପର୍-୮ରେ ଓଡ଼ିଶା ଭଲ ପ୍ରଦର୍ଶନ କରିବା ନେଇ କାଭିର ସାଧାରଣ ସମ୍ପାଦକ ସନ୍ନ୍ୟାସ ବେହେରା ଆଶାବାଦୀ ରହିଛନ୍ତି।

**ଓଡ଼ିଶା ଦଳ :** ମହମ୍ମଦ ଜାଫର ଇକବାଲ, କାଳିଆ ପ୍ରଧାନ, ତପନ ଗୌଡ଼, ଅନିଲ ମଲ୍ଲିକ, ଦେବରାଜ ବେହେରା, ଅଞ୍ଜନ ସିଂ, ଲାବଣ୍ୟ ପାତ୍ର, ପଙ୍କଜ ଭୁଏ, ଲାଲପ୍ରସାଦ ସୋରେନ, ନକୁଳ ବଡ଼ନାୟକ, ସୁଖରାମ ମାଝୀ (ଅଧିନାୟକ), ଲିଙ୍ଗରାଜ ରାଉତରା (ଉପ-ଅଧିନାୟକ), ଦଣ୍ଡପତି ଗୌଡ଼ (ୱିକେଟ୍‌ରକ୍ଷକ), ସୁଖଦେବ ସୋରେନ, ରଘୁରାମ ନାଏକ। କୋଚ୍- ଚନ୍ଦ୍ରଶେଖର ପଟ୍ଟନାୟକ।

# ହକି ଇଣ୍ଡିଆ ଲିଗ୍ ପୁରସ୍କାର

**ଚାମ୍ପିଅନ** : ୩ କୋଟି ଟଙ୍କା ■ **ରନର୍ସଅପ୍** : ୨ ଗୋଟି ଟଙ୍କା ■ **ତୃତୀୟ ସ୍ଥାନ** : ୧ କୋଟି ଟଙ୍କା ■ **ପ୍ଲେୟର ଅଫ୍ ଦି ମ୍ୟାଚ୍** : ଯୁଗରାଜ ସିଂହ(ବେଙ୍ଗଲ) ■ **ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ** : ସୁଖଜିତ ସିଂହ (ବେଙ୍ଗଲ) ■ **ଟୁର୍ଣ୍ଣାମେଣ୍ଟର ଟପ୍ ସ୍କୋରର** : ଯୁଗରାଜ ସିଂହ (ବେଙ୍ଗଲ) ■ **ଶ୍ରେଷ୍ଠ ଉଦୀୟମାନ ଖେଳାଳି** : ଅର୍ଶଦୀପ ସିଂହ (ତୁଫାନ୍ସ) ■ **ଶ୍ରେଷ୍ଠ ଗୋଲରକ୍ଷକ** : ବିକ୍ରମଜିତ ସିଂହ (ତୁଫାନ୍ସ) ■ **ଫେୟାର ପ୍ଲେ ଟ୍ରଫି** : ୟୁପି ରୁଦ୍ରସ



ଚାମ୍ପିଅନ୍ ଟ୍ରଫି ସହ ରୂପିନ୍ଦର ପାଲ ସିଂହ ଅତିଥିଙ୍କ ସହ




ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ପୁରସ୍କାର ସହ ସୁଖଜିତ ସିଂହ




ଶ୍ରେଷ୍ଠ ଗୋଲରକ୍ଷକ ବିକ୍ରମଜିତ ସିଂହ



ଟୁର୍ଣ୍ଣାମେଣ୍ଟର ଟପ୍ ସ୍କୋରର ଯୁଗରାଜ ସିଂହ

# କ୍ରୀଡ଼ା

ସକାଳ THE SAKALA
www.sakalaepaper.com

## ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଶତକ

# ଭାରତର ରେକର୍ଡ ବିଜୟ



୫ମ ଟି-୨୦

**ମୁମ୍ବଇ,୨।୨(ଏଜେନ୍ସି):** ଇଂଲଣ୍ଡକୁ ରେକର୍ଡ ୧୫୦ ରନ୍ ବ୍ୟବଧାନରେ ହରାଇ ଭାରତ ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମ୍‌ରେ ରବିବାର ଅନୁଷ୍ଠିତ ୫ମ ତଥା ଶେଷ ଟି-୨୦ ମ୍ୟାଚ୍‌ରେ ବିଜୟୀ ହୋଇଛି। ଏହା ଫଳରେ ଭାରତ ଏହି ସିରିଜ୍‌କୁ ୪-୧ରେ କବ୍‌ଜା କରିଛି। ଏହି ମ୍ୟାଚ୍‌ରେ ଅଭିଷେକ ଶର୍ମାଙ୍କ ୧୩୫ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୨୪୭ ରନ୍ କରିଥିଲା। ଜବାବରେ ୨୪୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ୧୦.୩ ଓଭରରେ ମାତ୍ର ୯୭ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହି ମ୍ୟାଚ୍‌ରେ ମାତ୍ର ୫୪ ବଲ୍‌ରୁ ୧୩୫ ରନ୍ କରିବା ସହ ଗୋଟିଏ ଓଭର ବୋଲିଂ କରି ୨ଟି ୱିକେଟ ନେଇଥିବା ଅଭିଷେକ ଶର୍ମାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେହିପରି ମୋଟ ୧୪ଟି ୱିକେଟ ନେଇଥିବା ବରୁଣ ଚକ୍ରବର୍ତ୍ତୀ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଟି-୨୦ ସିରିଜ୍ ପରେ ଦୁଇ ଦେଶ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ। ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍ ନାଗପୁରରେ ଫେବୃଆରୀ ୬, ଦ୍ୱିତୀୟ ମ୍ୟାଚ୍ କଟକରେ ଫେବୃଆରୀ ୯ ଓ ତୃତୀୟ ତଥା ଶେଷ ମ୍ୟାଚ୍ ଅହମ୍ମଦାବାଦ୍‌ରେ ଫେବୃଆରୀ ୧୨ରେ ଖେଳାଯିବ।

ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଆରମ୍ଭରୁ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲା। ଯାହା ଫଳରେ ଇଂଲଣ୍ଡର ବୋଲିଂ ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା। ସଞ୍ଜୁ ସାମସନ ପ୍ରଥମ ବଲ୍‌ରେ ଛକା ମାରି ଏହାର ଶୁଭାରମ୍ଭ କରିଥିଲେ ମଧ୍ୟ ଅଭିଷେକ ଏକାକୀ ଇଂଲଣ୍ଡ ବୋଲରଙ୍କ ଆକ୍ରମଣକୁ ଧୂଳିସାତ କରିଦେଇଥିଲେ। ସେ ୧୭ ବଲ୍‌ରେ ୫୦, ୩୭ ବଲ୍‌ରେ ଶତକ ପୂରଣ କରିଥିଲାବେଳେ ମୋଟ ୫୪ ବଲ୍ ଖେଳି ୭ ଚୌକା ଓ ୧୩ ଛକା ସହ ୧୩୫ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବମ ଦୁବେ ୧୩ ବଲ୍‌ରୁ ୩୦, ତିଲକ ବର୍ମା ୧୫ ବଲ୍‌ରୁ ୨୪, ସାମସନ ୭ ବଲ୍‌ରୁ ୧୬ ଓ ଅକ୍ଷର ପଟେଲ ୧୧ ବଲ୍‌ରୁ ୧୫ ରନ୍ କରି ଦୁଇ ଅଙ୍କ ଛୁଇଁଥିଲେ। ଏହା ଫଳରେ ଭାରତ ଏଠାରେ ୯ ୱିକେଟ ହରାଇ ୨୪୭ ରନ୍ କରିବା ସହ ଟି-୨୦ କ୍ରିକେଟରେ ନିଜ ଲାଗି ଚତୁର୍ଥ ସର୍ବାଧିକ ସ୍କୋର ସଂଗ୍ରହ କରିଥିଲେ। ଇଂଲଣ୍ଡ ଲାଗି ମାର୍କ ଉଡ୍ ୪ ଓଭରରେ ସବୁଠାରୁ କମ୍ ୩୨ ରନ୍ ଦେଇ ୨ଟି ଓ ବ୍ରାଇଡନ କାର୍ସ ୩୮ ରନ୍‌ରେ ସର୍ବାଧିକ ୩ଟି ୱିକେଟ ପାଇଥିଲେ।

ଜବାବରେ ଇଂଲଣ୍ଡ ଆଗରେ ୨୪୮ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା। କିନ୍ତୁ ଦ୍ରୁତ ରନ୍ ସଂଗ୍ରହ ଲକ୍ଷ୍ୟରେ ଦଳ କ୍ରମାଗତ ୱିକେଟ ହରାଇଥିଲା। ଦଳ ପକ୍ଷରୁ କେବଳ ୱିକେଟ ରକ୍ଷକ ଫିଲିପ୍ ସଲ୍ଟ ୨୧ ବଲ୍‌ରେ ଅର୍ଦ୍ଧଶତକ ସହ ୨୩ ବଲ୍‌ରୁ ୭ ଚୌକା ଓ ୩ ଛକା ସହ ସର୍ବାଧିକ ୫୫ ରନ୍ କରିଥିଲେ। ଜ୍ୟାକବ ବେଥେଲଙ୍କ ୧୦ ରନ୍‌କୁ ଛାଡ଼ିଦେଲେ ଅନ୍ୟ କେହି ଦୁଇଅଙ୍କରେ ପହଞ୍ଚିପାରି ନ ଥିଲେ। ଭାରତ ପକ୍ଷରୁ ଏହି ସିରିଜ୍‌ରେ ଦ୍ୱିତୀୟ ମ୍ୟାଚ୍ ଖେଳିଥିବା ମହମ୍ମଦ୍ ସାମି ସର୍ବାଧିକ ୩ଟି, ବରୁଣ ଚକ୍ରବର୍ତ୍ତୀ, ଶିବମ ଦୁବେ ଓ ଅଭିଷେକ ଶର୍ମା ୨ଟି ଲେଖାଏଁ ୱିକେଟ ପାଇଥିଲେ।



## ଘରୋଇ ଦଳର ଏକାଧିକ କୀର୍ତ୍ତିମାନ

ମୁମ୍ବଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ରବିବାର ଖେଳାଯାଇଥିବା ଟି-୨୦ ସିରିଜ୍‌ର ପଞ୍ଚମ ମ୍ୟାଚ୍‌ରେ ଘରୋଇ ଭାରତୀୟ ଦଳ ଏକାଧିକ ରେକର୍ଡ କରିଛି। ଏହା ମଧ୍ୟରୁ ପାୱାର ପ୍ଲେ'ରେ ସର୍ବାଧିକ, ବ୍ୟକ୍ତିଗତ ସ୍କୋରରେ ସର୍ବାଧିକ, ଗୋଟିଏ ମ୍ୟାଚ୍‌ରେ ସର୍ବାଧିକ ଛକାର ରେକର୍ଡ ହୋଇଛି। ଏ ସବୁ ରେକର୍ଡ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଶତକ ଯୋଗୁଁ ସମ୍ଭବ ହୋଇଛି। ଏହି ମ୍ୟାଚ୍‌ରେ ଅଭିଷେକ ଶର୍ମା ୫୪ ବଲରେ ୭ ଚୌକା ଓ ୧୩ ଛକା ସହ ୧୩୫ ରନ୍ କରିଛନ୍ତି। ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ଜଣେ ଭାରତୀୟ ଭାବେ ଏହା ହେଉଛି ସର୍ବାଧିକ ସ୍କୋର। ପୂର୍ବରୁ ଗିଲ ୧୨୬* ରନ୍ କରିଥିଲେ। ସେହିପରି ସେ ମାରିଥିବା ଛକା ମଧ୍ୟ ଜଣେ ଭାରତୀୟ ଭାବେ ଗୋଟିଏ ମ୍ୟାଚ୍‌ରେ ସର୍ବାଧିକ। ପୂର୍ବରୁ ରୋହିତ ଶର୍ମା, ସଞ୍ଜୁ ସାମସନ ଓ ତିଲକ ବର୍ମା ୧୦ଟି ଲେଖାଏଁ ଛକା ମାରିଥିଲେ। ଏଠାରେ ସେ ୩୭ଟି ବଲ୍‌ରେ ଶତକ ହାସଲ କରିଥିଲେ। ବିଶ୍ୱରେ ଦ୍ରୁତତମ ଶତକ ହାସଲ କରିବାରେ ଡେଭିଡ ମିଲର (୩୫ବଲ୍) ଓ ରୋହିତ ଶର୍ମା (୩୫ବଲ୍)ଙ୍କ ପରେ ସେ ତୃତୀୟ ବ୍ୟାଟର। ଜଣେ ଭାରତୀୟ ଭାବେ ଅଭିଷେକ ୧୭ଟି ବଲ୍‌ରୁ ୫୦ ରନ୍ କରି ଯୁବରାଜ ସିଂହ (୧୨ଟି ବଲ୍)ଙ୍କ ପରେ ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବାରେ ସମର୍ଥ ହୋଇଛନ୍ତି।

ଏହି ମ୍ୟାଚ୍‌ର ପାୱାର ପ୍ଲେ'ରେ ଭାରତ ୯୫ ରନ୍ କରିଛି। ଭାରତ ଲାଗି ଏହା ସର୍ବାଧିକ। ସେହିପରି ଦଳ ମଧ୍ୟ ସବୁଠାରୁ କମ୍ ୬.୩ ଓଭରରେ ଶତକ ହାସଲ କରି ନିଜ ରେକର୍ଡ ଭାଙ୍ଗିଛି। ପାୱାର ପ୍ଲେ'ରେ ଅଭିଷେକ ଶର୍ମା ୫୮ ରନ୍ କରିଛନ୍ତି, ଯାହାକି ଜଣେ ଭାରତୀୟ ଭାବେ ସର୍ବାଧିକ ରନ୍ ସଂଗ୍ରହ କରିଛନ୍ତି। ସେ ମଧ୍ୟ ୧୦.୧ ଓଭର ମଧ୍ୟରେ ଶତକ ହାସଲ କରି ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି। ଏହି ରେକର୍ଡ ପୂର୍ବରୁ କ୍ୱିଣ୍ଟନ ଡି କକ୍ ନାମରେ ଥିଲା। ସେ ୧୦.୨ ଓଭରରେ ଶତକ ହାସଲ କରିଥିଲେ। ଏହି ସିରିଜ୍‌ରେ ଇଂଲଣ୍ଡ ଫାଷ୍ଟ ବୋଲର ଜୋଫ୍ରା ଆର୍ଚର ୧୪ଟି ଛକା ଦେଇଛନ୍ତି। ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଦକ୍ଷିଣ ଆଫ୍ରିକାର ଲୁଙ୍ଗି ଏନ୍‌ଗିଡି ସର୍ବାଧିକ ୧୬ଟି ଛକା ଦେବାର ରେକର୍ଡ କରିଛନ୍ତି।

# ଜାତୀୟ କ୍ରୀଡ଼ାରେ ପ୍ରତ୍ୟାଶାଙ୍କୁ ୩ୟ ପଦକ

**ଭୁବନେଶ୍ୱର, ୨।୨ (ସମିସ):** ଓଡ଼ିଶାର ଜଣାଶୁଣା ମହିଳା ସନ୍ତରଣକାରୀ ପ୍ରତ୍ୟାଶା ରାୟ ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ କ୍ରୀଡ଼ାର ୩୮ତମ ସଂସ୍କରଣରେ ୩ୟ ପଦକ ଜିତିଛନ୍ତି। ରବିବାର ଅନୁଷ୍ଠିତ ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟକୁ ପ୍ରତ୍ୟାଶା ୧ ମିନିଟ୍ ୦୮.୦୮ ସେକେଣ୍ଡରେ ଫିନିଶ କରି ପୋଡିୟମର ୩ୟ ସ୍ଥାନରେ ରହିଥିଲେ। ଚଳିତ ଜାତୀୟ କ୍ରୀଡ଼ାରେ ଏହି ପ୍ରତିଭାବାନ୍ ସନ୍ତରଣକାରୀଙ୍କ ଏହା ୨ୟ କାଂସ୍ୟ ପଦକ। ଏଥିପୂର୍ବରୁ ସେ ଦୁଇଦିନ ତଳେ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ମଧ୍ୟ କାଂସ୍ୟ ପଦକ ହାସଲ କରିଥିଲେ। ସେହିଭଳି ଏଠାରେ ୪ ଗୁଣା ୧୦୦ ମିଟର ମିଡ୍‌ଲେ ରିଲେରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିବା ଓଡ଼ିଶା ମହିଳା ମଧ୍ୟ ପ୍ରତ୍ୟାଶା ସଦସ୍ୟା ରହିଥିଲେ।

### ସେମିରେ ଓଡ଼ିଶା ମହିଳା ଫୁଟ୍‌ବଲ



ଅପରପକ୍ଷରେ ଓଡ଼ିଶା ମହିଳା ଫୁଟ୍‌ବଲ ଦଳ ହ୍ୟାଟ୍ରିକ ବିଜୟ ସହ ଜାତୀୟ କ୍ରୀଡ଼ାର ସେମିଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ମହିଳା ଦଳ ପ୍ରତିଯୋଗିତାରେ ଏହାର ୩ୟ ମ୍ୟାଚରେ ରବିବାର ସିକ୍କିମକୁ ଭେଟିଥିଲା। ଏହି ମ୍ୟାଚକୁ ଓଡ଼ିଶା ଦଳ ୫-୧ ଗୋଲରେ ଏକପାଖିଆ ଭାବେ ଜିତିଥିଲା। ପୂର୍ବରୁ ତାମିଲନାଡୁ ଓ ହରିୟାଣାକୁ ହରାଇଥିବା ଓଡ଼ିଶା ଏଥିସହ ୩ ମ୍ୟାଚକୁ ୩ ବିଜୟ ସହ ୬ ପଏଣ୍ଟ ପାଇ ଗ୍ରୁପ୍-ଏ ଶୀର୍ଷରେ ରହି ସେମିଫାଇନାଲରେ ପହଞ୍ଚିଛି। ଓଡ଼ିଶା ମଙ୍ଗଳବାର ସେମିଫାଇନାଲରେ ଦିଲ୍ଲୀକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।



## ରଣଜୀ ଟ୍ରଫି
# ତୃତୀୟଥର କ୍ୱାର୍ଟରରେ ଜମ୍ମୁ-କଶ୍ମୀର, କେରଳ

**ନୂଆଦିଲ୍ଲୀ, ୨।୨ (ଏଜେନ୍ସି):** ରଣଜୀ ଟ୍ରଫିର ଚଳିତ ସଂସ୍କରଣର ଲିଗ୍ ପର୍ଯ୍ୟାୟ ଶେଷ ହେବା ସହ କ୍ୱାର୍ଟର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ-୨ଟି ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏଲିଟ୍ ଗ୍ରୁପ୍-ବି'ରୁ ବିଦର୍ଭ (୪୦ ପଏଣ୍ଟ) ଓ ଗୁଜରାଟ (୩୧), ଗ୍ରୁପ୍-ସି'ରୁ ହରିୟାଣା (୨୯) ଓ କେରଳ (୨୮), ଗ୍ରୁପ୍-ଡି'ରୁ ତାମିଲନାଡୁ (୨୫) ଓ ଚଣ୍ଡିଗଡ଼ (୨୫) ପ୍ରଥମ ଦୁଇଟି ସ୍ଥାନରେ ରହି କ୍ୱାର୍ଟର ଫାଇନାଲ ଟିକଟ୍ ହାସଲ କରିଛନ୍ତି। ଗ୍ରୁପ୍-ଡି'ରେ ସୌରାଷ୍ଟ୍ର (-୦.୦୨୯) ସମାନ ୨୫ ପଏଣ୍ଟ ରଖିଥିଲେ ମଧ୍ୟ ନେଟ୍‌ରନ ରେଟ୍‌ରେ ତାମିଲନାଡୁ (+୧.୬୭୦) ଓ ଚଣ୍ଡିଗଡ଼ (+୦.୯୮୩)ଠାରୁ ପଛରେ ପଡ଼ିଯାଇଥିଲା। ଅପରପକ୍ଷରେ ଗ୍ରୁପ୍-ଏ'ରୁ ଜମ୍ମୁ-କଶ୍ମୀର (୩୫) ଓ ମୁମ୍ବାଇ (୨୯) ପ୍ରଥମ ଦୁଇ ସ୍ଥାନରେ ରହି ନକ୍‌ଆଉଟ୍‌ରେ ପହଞ୍ଚିଛନ୍ତି। ରଣଜୀ ଟ୍ରଫି ଇତିହାସରେ ଜମ୍ମୁ କଶ୍ମୀର ୩ୟଥର ଲାଗି ଓ ଗତ ୫ ବର୍ଷ ମଧ୍ୟରେ ପ୍ରଥମଥର ଲାଗି କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛି। କେରଳ ମଧ୍ୟ ୩ୟଥର ଲାଗି କ୍ୱାର୍ଟର ଫାଇନାଲ ଖେଳିବ। ଫେବୃଆରୀ ୮ରୁ କ୍ୱାର୍ଟର ଫାଇନାଲ ଖେଳାଯିବ। ବିଦର୍ଭ, ହରିୟାଣା ଓ ସୌରାଷ୍ଟ୍ର ନିଜ ଗ୍ରୁପ୍‌ରେ ପ୍ରଥମ ସ୍ଥାନରେ ରହି ଘରୋଇ ମାଟିରେ କ୍ୱାର୍ଟର ଫାଇନାଲ ଖେଳିବାର ସୁଯୋଗ ଲାଭ କରିଛନ୍ତି। ତେବେ ଜମ୍ମୁ-କଶ୍ମୀର ନିଜ ଗ୍ରୁପ୍‌ରେ ଶୀର୍ଷରେ ରହିଥିଲେ ମଧ୍ୟ ଖରାପ ପାଣିପାଗ ଲାଗି ପୁଣେରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ କେରଳ ସହ ଖେଳିବ। ଅନ୍ୟ ୩ଟି କ୍ୱାର୍ଟର ଫାଇନାଲ ଯଥାକ୍ରମେ ବିଦର୍ଭ-ତାମିଲନାଡୁ, ହରିୟାଣା-ମୁମ୍ବାଇ ଏବଂ ସୌରାଷ୍ଟ୍ର-ଗୁଜରାଟ ମଧ୍ୟରେ ଅନୁଷ୍ଠିତ ହେବ।

**କ୍ୱାର୍ଟର କାର୍ଯ୍ୟସୂଚୀ**

ପ୍ରଥମ: ଜମ୍ମୁ କଶ୍ମୀର-କେରଳ, ପୁଣେ
ଦ୍ୱିତୀୟ: ବିଦର୍ଭ-ତାମିଲନାଡୁ, ନାଗପୁର
ତୃତୀୟ: ହରିୟାଣା-ମୁମ୍ବାଇ, ଲାହଲି
ଚତୁର୍ଥ: ଗୁଜରାଟ-ସୌରାଷ୍ଟ୍ର, ରାଜକୋଟ

## ● ସିକେ ନାଇଡୁ ଟ୍ରଫି
# ଓଡ଼ିଶାର ପ୍ରଥମ ଇନିଂସ ଅଗ୍ରଣୀ

**ସମ୍ବଲପୁର, ୨।୨ (ସମିସ):** ବିସିସିଆଇ ଆନୁକୂଲ୍ୟରେ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଭ୍ରମଣକାରୀ ଚଣ୍ଡିଗଡ଼ ବିପକ୍ଷରେ ଚାଲିଥିବା ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ଓଡ଼ିଶା ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଛି। ଚଣ୍ଡିଗଡ଼ର ପ୍ରଥମ ଇନିଂସ ସ୍କୋର ୧୩୭ ରନ ଜବାବରେ ଓଡ଼ିଶା ରବିବାର ୨ୟ ଦିବସରେ ୨୬୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଘରୋଇ ଓଡ଼ିଶା ପକ୍ଷରୁ ପାନକଳ ଶଶାଙ୍କ ସର୍ବାଧିକ ୯୩ ରନ କରିଥିଲେ। ସେହିଭଳି ଓମ୍ ଟି ମୁଣ୍ଡେ ମଧ୍ୟ ୬୮ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଜବାବରେ ୧୨୪ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଚଣ୍ଡିଗଡ଼ ରବିବାର ୨ୟ ଦିବସ ଷ୍ଟମ୍ପ ସୁଦ୍ଧା ୨୯ ଓଭରରେ ୩ ୱିକେଟ ହରାଇ ୭୭ ରନ ସଂଗ୍ରହ କରିଛି। ଓଡ଼ିଶାର ଆଶୁତୋଷ ଛୁରିଆ ୩ଟି ଯାକ ୱିକେଟ ନେଇଛନ୍ତି। ୭ ୱିକେଟ୍ ବଳକା ଥାଇ ଚଣ୍ଡିଗଡ଼ ପାଳି ପରାଜୟ ଏଡ଼ାଇବାକୁ ଆହୁରି ୪୭ ରନ ଆବଶ୍ୟକ କରୁଛି।

# ୧୭ ମାସ ପରେ ଟାଇଟଲ ଜିତିଲେ ମେର୍ଟେନ୍ସ

**ସିଙ୍ଗାପୁର, ୨।୨ (ଏଜେନ୍ସି):** ସିଙ୍ଗାପୁର ଡବ୍ଲ୍ୟୁଟିଏ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଏଥର ବେଲଜିୟମରେ ଦ୍ୱିତୀୟ ସିଡ୍ ଖେଳାଳି ଏଲିସ ମେର୍ଟେନ୍ସ ଚାମ୍ପିଅନ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ମେର୍ଟେନ୍ସ ୬-୧, ୬-୪ ସିଧାସଳଖ ସେଟ୍‌ରେ ଆମେରିକାର ଅନ୍ନ ଲିଙ୍କୁ ପରାସ୍ତ କରି ଦୀର୍ଘ ୧୭ ମାସ ପରେ କୌଣସି ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ମେର୍ଟେନ୍ସ ସେମିଫାଇନାଲରେ ଚତୁର୍ଥ ସିଡ୍ ଚୀନ୍‌ର ୱାଙ୍ଗ ଜିନୟୁଙ୍କୁ ହରାଇ ଫାଇନାଲ ଟିକଟ ହାସଲ କରିଥିଲେ।

## ■ ଡେଭିସ୍ କପ୍ ଟାଇ
# ଭାରତ ବିଶ୍ୱ ଗ୍ରୁପ୍ ୧କୁ ଉନ୍ନୀତ

**ନୂଆଦିଲ୍ଲୀ, ୨।୨ (ଏଜେନ୍ସି):** ସ୍ଥାନୀୟ ଡିଏଲ୍‌ଟିଏ କମ୍ପ୍ଲେକ୍ସରେ ଅନୁଷ୍ଠିତ ପୂର୍ବ ଆଫ୍ରିକୀୟ ଦେଶ ଟୋଗୋ ବିପକ୍ଷ ଡେଭିସ କପ୍ ମ୍ୟାଚ୍‌ରେ ଘରୋଇ ଭାରତ ୪-୦ରେ ଅଗ୍ରଣୀ ହୋଇ ବିଜୟୀ ହୋଇଛି। ଏଥିସହ ଭାରତ ଡେଭିସ୍ କପ୍ ବିଶ୍ୱ ଗ୍ରୁପ୍-୧ରେ ସ୍ଥାନ ପକ୍କା କରିଛି। ଶନିବାର ପ୍ରଥମ ଦୁଇଟି ଏକକ ମ୍ୟାଚ୍‌ରେ ବିଜୟୀ ହୋଇ ଭାରତ ୨-୦ରେ ଅଗ୍ରଣୀ ଥିଲା। ତେଣୁ ଭାରତ ଯୁଗଳ ମ୍ୟାଚ୍‌ରେ ବିଜୟୀ ହେବା ଆବଶ୍ୟକ ଥିଲା। ଏନ୍ ଶ୍ରୀରାମ ବାଲାଜୀ ଓ ରିଥଭିକ୍ ଚୌଧୁରୀ ବୋଲିପାଲି ଭାରତର ଏହି ଆଶାକୁ ପୂରଣ କରିଥିଲେ। ଏହି ଯୋଡି ଡବଲ୍ସ ମୁକାବିଲାରେ ଏମ'ଲାପା ଟିଙ୍ଗୋଉ ଅକୋମୋଲୋ ଓ ହୋଡ'ଆମାଲୋ ପଡିଓଙ୍କୁ ମାତ୍ର ୫୭ ମିନିଟ୍‌ରେ ୬-୨, ୬-୧ ସିଧାସଳଖ ସେଟ୍‌ରେ ପରାସ୍ତ କରିଥିଲେ। ଏହାପରେ ରିଭର୍ସ ସିଙ୍ଗଲ ମ୍ୟାଚ୍‌ରେ ଭାରତର କରଣ ସିଂ ପଦାର୍ପଣରେ ୬-୨, ୬-୩ ସେଟ୍‌ରେ ହୋଡ'ଆମାଲୋ ପଡିଓଙ୍କୁ ପରାସ୍ତ କରି ଭାରତର ଅଗ୍ରଣୀକୁ ୪-୦ରେ ପହଞ୍ଚାଇଥିଲେଣ। ପୂର୍ବରୁ ଶନିବାର ପ୍ରଥମ ଏକକ ମ୍ୟାଚ୍‌ରେ ଶଶିକୁମାର ମୁକୁନ୍ଦ ୬-୨, ୬-୧ ସିଧାସଳଖ ସେଟ୍‌ରେ ଲିଓଭା ଅଇତେ ଆଜାଭୋନ୍‌ଙ୍କୁ ଓ ଦ୍ୱିତୀୟରେ ରାମକୁମାର ରାମନାଥନ ୬-୦, ୬-୨ ସିଧାସଳଖ ସେଟ୍‌ରେ ଥାମାସ ସେତୋଜିଙ୍କୁ ପରାସ୍ତ କରିଥିଲେ। ପଞ୍ଚମ ତଥା ଅନ୍ତିମ ରିଭର୍ସ ସିଙ୍ଗଲ୍ସ ମ୍ୟାଚ୍ ଖେଳାଯାଇ ନଥିଲା।

## ■ ଆଇଏସ୍‌ଏଲ୍-୧୧
# ଆଜି କଳିଙ୍ଗରେ ଓଏଫ୍‌ସି-ନର୍ଥଇଷ୍ଟ ଲଢ଼େଇ

**ଭୁବନେଶ୍ୱର, ୨।୨ (ସମିସ):** ଚଳିତ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍) ଏକାଦଶ ସଂସ୍କରଣରେ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ଘରୋଇ କଳିଙ୍ଗ ଷ୍ଟାଡିୟମରେ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସିକୁ ଭେଟିବାକୁ ଯାଉଛି। ରାତି ୭.୩୦ରେ ଏହି ମ୍ୟାଚ୍ ଆରମ୍ଭ ହେବ। ପ୍ଲେ-ଅଫ୍‌ରେ ପ୍ରବେଶ କରିବା ଦୃଷ୍ଟିରୁ ଏହି ମ୍ୟାଚ୍ ଘରୋଇ ଓଏଫ୍‌ସି ପାଇଁ ଗୁରୁତ୍ୱବହନ କରୁଛି। ସର୍ଗିଓ ଲୋବେରାଙ୍କ ପ୍ରଶିକ୍ଷଣପ୍ରାପ୍ତ ଓଡ଼ିଶା ଏଫ୍‌ସି ବର୍ତ୍ତମାନ ସୁଦ୍ଧା ୧୭ ମ୍ୟାଚ୍ ଖେଳି ୬ଟି ଲେଖାଏ ବିଜୟ, ଡ୍ର ଓ ୫ ପରାଜୟ ସହିତ ୨୪ ପଏଣ୍ଟ ପାଇ ଟେବଲର ୭ମ ସ୍ଥାନରେ ରହିଛି। କଳିଙ୍ଗ ଷ୍ଟାଡିୟମରେ ରବିବାର ବିଜୟ ପଏଣ୍ଟ ହାସଲ କରି ଓଡ଼ିଶା ଏଫ୍‌ସି ଟେବଲର ଟପ୍-୬ରେ ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ନର୍ଥଇଷ୍ଟ ବିପକ୍ଷରେ ଖେଳିଥିବା ଶେଷ ୩ଟି ମୁକାବିଲାରେ ବିଜୟୀ ହୋଇଥିବାରୁ ଓଡ଼ିଶାର ପଲା ଭାରି ରହିଛି। ଦଳ ଏହି ଅପରାଜେୟ ରେକର୍ଡକୁ ବଜାୟ ରଖିବାକୁ ଗ୍ରାଉଣ୍ଡକୁ ଓହ୍ଲାଇବ। ଅପରପକ୍ଷରେ ସିଜନରେ ପ୍ରଦର୍ଶନ ଦୃଷ୍ଟିରୁ ଓଡ଼ିଶା ଅପେକ୍ଷା ନର୍ଥଇଷ୍ଟ ସାମାନ୍ୟ ଆଗରେ ରହିଛି। ନର୍ଥଇଷ୍ଟ ୧୮ ମ୍ୟାଚ୍ ଖେଳି ୭ଟି ଲେଖାଏ ବିଜୟ ଓ ଡ୍ର ଏବଂ ୪ଟି ପରାଜୟ ସହିତ ୨୮ ପଏଣ୍ଟ ପାଇ ୪ର୍ଥ ସ୍ଥାନ ହାସଲ କରିଛି। ଯଦି ଆଇଏସ୍‌ଏଲ୍ ରେକର୍ଡ ଉପରେ ନଜର ପକାଇବା ତେବେ ଦୁଇ ଦଳ ୧୧ଥର ପରସ୍ପର ସାମ୍ନାସାମ୍ନି ହୋଇଛନ୍ତି। ଯେଉଁଥିରେ ଓଡ଼ିଶା ଏଫ୍‌ସି ୬ଥର ଜିତି ଆଗରେ ରହିଛି। ନର୍ଥଇଷ୍ଟ ୪ଟି ମ୍ୟାଚ୍ ଜିତିଥିବାବେଳେ ଗୋଟିଏ ଡ୍ର ରହିଛି।

## ବାରବାଟୀ ଏକଦିବସୀୟ: ଆଉ ୭ ଦିନ
# ଆଖି ପିଛୁଳାକେ ଗ୍ୟାଲେରୀ ଟିକଟ ଶେଷ

**କଟକ,୨।୨(ସମିସ):** ଠିକ୍ ଅପରାହ୍ନ ୪ଟାରେ ଟିକଟ୍ ବୁକିଂ ସାଇଟ୍ ଓପନ୍ ହୋଇଥିଲା। ମାତ୍ର ହାତଗଣତି କିଛି ସେକେଣ୍ଡରେ ହିଁ ବୁକିଂ ଶେଷ ହୋଇଯାଇଥିଲା। ଦର୍ଶକଙ୍କ ଉତ୍ସାହ ଏଭଳି ଥିଲା କି, ଟିକଟ ବୁକିଂ ସାଇଟ୍‌ରେ ୩୦ ସେକେଣ୍ଡ ଭିତରେ ୫୦ହଜାରରୁ ଅଧିକ ହିଟ୍ ହୋଇଥିଲା। ଅନଲାଇନ୍‌ରେ ପ୍ରଥମେ ସରିଥିଲା ଗ୍ୟାଲେରୀ ନଂ-୨ ଏବଂ ୪ର ଟିକଟ। ପରେ ୭ ନଂ ଗ୍ୟାଲେରୀ ଟିକଟ ଶେଷ ହୋଇଥିଲା। ସ୍ପେଶିଆଲ ଏନକ୍ଲୋଜର ଓ ଏସି ବକ୍ସ ଭଳି ଦାମୀ ଟିକଟ ମଧ୍ୟ ଅନଲାଇନ୍‌ରେ ସରିଯାଇଛି। ଖବର ଲେଖାଯିବା ସୁଦ୍ଧା ନ୍ୟୁ ପ୍ୟାଭିଲିୟନର ଟିକଟ ଉପଲବ୍ଧ ରହିଛି। ମୋବାଇଲ ଆପ୍ଲିକେସନ district by zomato ସମେତ zomato.in ୱେବସାଇଟ୍‌ରେ ଅନଲାଇନ୍ ଟିକଟ ବିକ୍ରି ହୋଇଥିଲା। ଗ୍ୟାଲେରୀ ନଂ-୨ ଏବଂ ଗ୍ୟାଲେରୀ ନଂ-୪ର ଯଥାକ୍ରମେ ୧୦୭୦ ଏବଂ ୧୦୮୦ ଖଣ୍ଡ ଟିକଟ ବିକ୍ରି ପାଇଁ ଉପଲବ୍ଧ ଥିଲା। ଉଭୟ ଗ୍ୟାଲେରୀର ଟିକଟ ମୂଲ୍ୟ ୯୦୦ ଟଙ୍କା। ଦର୍ଶକ ପ୍ରଥମେ ଏହି ଦୁଇ ଗ୍ୟାଲେରୀର ଟିକଟ କିଣି ନେଇଥିଲେ।







ଗ୍ୟାଲେରୀ ନଂ-୭ର ୧୫୦୦ ଟିକଟ ଅନଲାଇନରେ ଉପଲବ୍ଧ ଥିଲା। ପ୍ରତ୍ୟେକ ଟିକଟର ମୂଲ୍ୟ ୭୦୦ଟଙ୍କା। ଏହା ମଧ୍ୟ କ୍ଷଣକରେ ଗାଏବ ହୋଇ ଯାଇଥିଲା। ୬ହଜାର ଟଙ୍କା ବିଶିଷ୍ଟ ସ୍ପେଶିଆଲ ଏନକ୍ଲୋଜର ଟିକଟ ୨୦୦ ଖଣ୍ଡ ଏବଂ ୮ହଜାର ଟଙ୍କା ବିଶିଷ୍ଟ ଏସି ବକ୍ସ ଟିକଟ ୫୦ ଖଣ୍ଡ ବି ବିକ୍ରି ହୋଇଯାଇଛି। ନ୍ୟୁପ୍ୟାଭିଲିୟନର ୧୦୦ଟି ଟିକଟ ଅନଲାଇନ୍‌ରେ ବିକ୍ରି ପାଇଁ ରଖାଯାଇଥିଲା। ପ୍ରତ୍ୟେକ ଟିକଟର ମୂଲ୍ୟ ୧୦ହଜାର ଟଙ୍କା। ଏହା ଶେଷ ହୋଇନାହିଁ। ଅନ୍ୟପକ୍ଷରେ ଗ୍ୟାଲେରୀ ନଂ-୧ ଏବଂ ଗ୍ୟାଲେରୀ ନଂ-୩ର ଟିକଟ ଅନଲାଇନ୍‌ରେ ଉପଲବ୍ଧ ନଥିବାରୁ କ୍ରିକେଟପ୍ରେମୀଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷରେ ସୋମବାରଠାରୁ ଦୁଇ ଦିନ ଧରି ଓସିଏ ସହ ଅନୁବନ୍ଧିତ ୟୁନିଟ ସମେତ କର୍ମକର୍ତ୍ତା, କାଉନସିଲ ସଦସ୍ୟଙ୍କୁ ଟିକଟ ବିକ୍ରି କରାଯିବ।

ସକାଳ THE SAKALA
www.thesakala.com

**WANTED**

The Sakala (A unit of Nandighosha Network Pvt. Ltd.) invites application for the following position

| Name of the Post | Qualification/ Experience |
|---|---|
| 1. Layout Designer | 2-5 years of working experience in Layout Designing (work experience in Adobe InDesign software is preferable). |

Please send your CV with recent passport size photo to hr@thesakala.com on or before 8th February 2025.

9437016499 Sd/- HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS